ପୃଷ୍ଠା-୮+୮

# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ଅଗଷ୍ଟ ୧୭/୨୦୨୨ (୮+୮=୧୬ ପୃଷ୍ଠା) | Bhubaneswar, Wednesday, August 17/2022 Page 16 | ₹ 7.00 | ★★★★

୪୮ଶ ଭାଗ ୨୬୨ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ₹୭/-




## ସରକାର ଚାଲୁନାହିଁ, ଆମେ ଚଳାଇ ନେଉଛୁ

କର୍ଣ୍ଣାଟକରେ ବାସବରାଜ ବୋମାଇଙ୍କ ନେତୃତ୍ୱାଧୀନ ସରକାର ଚାଲୁନାହିଁ, ଆମେ ତାହା ଚଳାଇ ନେଉଛୁ ବୋଲି ଆଇନ ମନ୍ତ୍ରୀ ଜେ.ସି. ମଧୁସ୍ୱାମୀ କହିଥିବା ଏକ ଅଡିଓ କ୍ଲିପ୍‌ରୁ ଜଣାପଡ଼ିଛି।

୦୫

୦୮

## ଭାରତକୁ ବାସନ୍ଦ କଲା ଫିଫା

ବିଶ୍ୱ ଫୁଟ୍‌ବଲ ପରିଚାଳନା ପରିଷଦ ଫିଫା ତୃତୀୟ ପକ୍ଷର ଅଯଥା ହସ୍ତକ୍ଷେପ କାରଣ ଦର୍ଶାଇ ମଙ୍ଗଳବାର ଭାରତକୁ ବାସନ୍ଦ କରିଛି।




# ବୁଡ଼ିଛି ମହାନଦୀ ତଳ ଅଞ୍ଚଳ

## ଜଗତ୍‌ସିଂହପୁର, ପୁରୀ, ଯାଜପୁର ଜିଲ୍ଲାରେ ଘାଇ

- ବହୁ ଗ୍ରାମ ଜଳବନ୍ଦୀ, ଚାଷଜମି ଜଳମଗ୍ନ
- ୩ ଜିଲ୍ଲାର ପ୍ରଭାବିତ ଅଞ୍ଚଳ ସ୍କୁଲ ୨ ଦିନ ଛୁଟି
- ୧୮ରେ ଆଉ ଏକ ଲଘୁଚାପ
- ହୀରାକୁଦର ୪୦ ଗେଟ୍ ଖୋଲିଲା
- ଆହୁରି ଭୟଙ୍କର ହେବ ମହାନଦୀ ବନ୍ୟା

ଭୁବନେଶ୍ୱର,୧୬।୮(ବ୍ୟୁରୋ)

ରାଜ୍ୟରେ ବନ୍ୟା ସ୍ଥିତି ଅସମ୍ଭାଳ ହେବାରେ ଲାଗିଛି। ଜଗତ୍‌ସିଂହପୁର, ଯାଜପୁର, ପୁରୀ, କଟକ, ନୟାଗଡ଼ ଜିଲ୍ଲାରେ ବନ୍ୟା ବିପ୍ରାତ ଦେଖାଦେଇଛି। ନଦୀ ପାଖ ଗାଁଗଣ୍ଡାରେ ବନ୍ୟା ପାଣି ମାଡ଼ିଯାଇଛି। ଯାଜପୁର, ପୁରୀ, ଜଗତ୍‌ସିଂହପୁର ଜିଲ୍ଲାର କେତେକ ସ୍ଥାନରେ ଘାଇ ସୃଷ୍ଟି ହୋଇଛି। ବୈତରଣୀ ନଦୀର ଉପର ମୁଣ୍ଡରେ ଲଗାଣ ବର୍ଷା ଯୋଗୁ ଏହାର ଶାଖା ନଦୀ କାଣୀରେ ୧୦୦ ଫୁଟ ଲମ୍ବର ଏକ ଘାଇ ସୃଷ୍ଟି ହୋଇଛି। ଏଥିରେ ଯାଜପୁର ଜିଲ୍ଲା ଦଶରଥପୁର ବ୍ଲକର ୧୦ ପଞ୍ଚାୟତର ୨୪ ଗ୍ରାମର ପ୍ରାୟ ୧୨ ହଜାର ଲୋକ ଜଳବନ୍ଦୀ ଅବସ୍ଥାରେ ଅଛନ୍ତି। ପ୍ରଭାବିତ ଅଞ୍ଚଳକୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ପ୍ରମିଳା ମଲ୍ଲିକ ଓ ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ ପରିଦର୍ଶନ କରି ପରିସ୍ଥିତି ଅନୁଧ୍ୟାନ କରିଛନ୍ତି।

ସେହିପରି ପୁରୀ ଜିଲ୍ଲା କଣାସ ବ୍ଲକରେ ବନ୍ୟା ଜଳ ପ୍ରବେଶ କରିଛି। ମକରା ନଦୀରେ ଘାଇ ସୃଷ୍ଟି ହେବାରୁ ଦୋକନ୍ଦା, କଦଳୀଦଣ୍ଡା, ବାଲିପାଟଣା, ତରପଡ଼ା, ବଡ଼ାସ, ବୈଦ୍ୟନାଥ ପାଟଣା, କଖାରୁବସ୍ତ ଗ୍ରାମ ବନ୍ୟା ଘେରରେ ରହିଛି। ଏଥିସହିତ ଦୟାନଦୀ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି। ଦୟା ଓ ରାଜୁଆ ନଦୀର ମଧ୍ୟବର୍ତ୍ତୀ ଅଞ୍ଚଳ ଦୋକନ୍ଦା, ଗଡ଼ବଳଭଦ୍ରପୁର, ବଡ଼ାସ ପଞ୍ଚାୟତର ଧାନ ଜମି ବୁଡ଼ିଯାଇଛି।

ଜଗତ୍‌ସିଂହପୁର ଜିଲ୍ଲା କୁଜଙ୍ଗ ବ୍ଲକର ବଡ଼ବାଲିକଣିଠାରେ ମହାନଦୀରେ ୧୦ଫୁଟର ଘାଇ ହୋଇଛି। ଜିଲାନାସୀ ପଞ୍ଚାୟତର ତେନ୍ତୁଳିଆଖମାର ଓ ସାହାରାଡିଆରେ ମଧ୍ୟ ଘାଇ ସୃଷ୍ଟି ହୋଇଛି। ବନ୍ୟା ଯୋଗୁ ବିଭିନ୍ନ ଗ୍ରାମ ଓ ଚାଷ ଜମି ଜଳମଗ୍ନ ହୋଇଛି। ଜିଲ୍ଲାର ୮୦୯ ଗ୍ରାମର ପ୍ରାୟ ୫ ହଜାର ଲୋକ ପ୍ରଭାବିତ ହୋଇଥିବା ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟପକ୍ଷରେ ହୀରାକୁଦ ଡ୍ୟାମ୍‌ର ଆଉ ୧୪ଟି ଗେଟ୍ ଖୋଲାହେବା ପରେ ପରିସ୍ଥିତି ଆହୁରି ସଙ୍ଗିନ ହୋଇ ପଡ଼ିଛି। ସୋମବାର ୨୬ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ ହେଉଥିବା ବେଳେ ମଙ୍ଗଳବାର ☞ପୃଷ୍ଠା-୪

ଜୀବନ ହାନି ନ ହେବା ସୁନିଶ୍ଚିତ କର: ମୁଖ୍ୟମନ୍ତ୍ରୀ (ପୃଷ୍ଠା-୪)



ମହାନଦୀ ବନ୍ୟାଜଳ ଘେରରେ ରହିଥିବା କଟକ ଗତିରାଉତପାଟଣା ଅଞ୍ଚଳ

## ପରିବା ଦର ଆକାଶଛୁଆଁ

### ଅନେକ ସ୍ଥାନରେ ୮୦ ଟଙ୍କା ଉପରେ

ଭୁବନେଶ୍ୱର, ୧୬।୮(ବ୍ୟୁରୋ)

ମହଙ୍ଗା ଦରଦାମ୍‌ରେ ଖାଉଟି ହନ୍ତସନ୍ତ ହେଉଥିବାବେଳେ ଦାଉ ସାଧିଛି ସାମ୍ଭାବ୍ୟ ବନ୍ୟା। ଲଗାଣ ବର୍ଷାରେ ଚାଷଜମି ଜଳମଗ୍ନ ହୋଇଥିବାରୁ ଫସଲ ନଷ୍ଟ ହେବାରେ ଲାଗିଛି। ଫଳରେ ପରିବା ଦର ଆକାଶଛୁଆଁ ହୋଇଛି। ବଜାରକୁ ଗଲେ ପକେଟ ଖାଲି ହେଉଛି, ମାତ୍ର ବ୍ୟାଗ୍ ଭର୍ତ୍ତି ହେଉନାହିଁ। ଆଳୁ ବ୍ୟତୀତ କୌଣସି ପରିବାର ଦର ୪୦ ଟଙ୍କା ତଳକୁ ନାହିଁ। ରାଜଧାନୀର ପ୍ରମୁଖ ବଜାର କୁହାଯାଉଥିବା ୟୁନିଟ-୧ ପରିବା ମାର୍କେଟରେ ଆଳୁ ଦର କିଲୋ ପିଛା ୩୦ ଟଙ୍କା ଥିବାବେଳେ ଛୋଟ ଆଳୁ ପିଛା ୨୫ଟଙ୍କା ରହିଛି। ସେହିପରି ପିଆଜ ୩୫ ଟଙ୍କା, ବାଇଗଣ କିଲୋପିଛା ୬୦, ବନ୍ଧାକୋବି ୪୫, ପୋଟଳ ୪୦ରୁ ୬୦, ଟମାଟୋ ୫୦, ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

ଶ୍ରୀଲଙ୍କାର ବେଖାତିର


DSPL-141

ଓଡ଼ିଶା ସରକାର | ସୁସ୍ଥ ଓଡ଼ିଶା, ସୁଖୀ ଓଡ଼ିଶା

"ପ୍ରତିଟି ଜୀବନ ଆମ ପାଇଁ ମୂଲ୍ୟବାନ।"
ନବୀନ ପଟ୍ଟନାୟକ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା




ହିତାଧିକାରୀଙ୍କ ଚିକିତ୍ସା ନିମନ୍ତେ ଚିକିତ୍ସାଳୟରେ ଖର୍ଚ୍ଚ ହେଉଥିବା ଅର୍ଥରାଶି
ମାସିକ ୧୦୦ କୋଟି ରୁ ଊର୍ଦ୍ଧ୍ୱ

ଚିକିତ୍ସିତ ହେଉଥିବା ହିତାଧିକାରୀଙ୍କ ସଂଖ୍ୟା
ମାସିକ ୫୦,୦୦୦ ରୁ ଊର୍ଦ୍ଧ୍ୱ

ପରିବାର ପିଛା ବାର୍ଷିକ ୫ ଲକ୍ଷ ଓ ମହିଳା ସଦସ୍ୟଙ୍କ ପାଇଁ ୧୦ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟ ଭରସା

୩୫୭ ଚିକିତ୍ସାଳୟ ରାଜ୍ୟ ଭିତରେ ଏବଂ ୯୦ ଚିକିତ୍ସାଳୟ ରାଜ୍ୟ ବାହାରେ ପଞ୍ଜିକୃତ

ହିତାଧିକାରୀମାନଙ୍କ ଠାରୁ ସଂଗ୍ରହ କରାଯାଉଥିବା ମତାମତ ୯୮% ସନ୍ତୋଷଜନକ

ପ୍ରତି ପଞ୍ଜିକୃତ ଚିକିତ୍ସାଳୟରେ ସ୍ୱାସ୍ଥ୍ୟ ମିତ୍ର ନିୟୋଜିତ



OIPR-10001/13/0029/2223

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ | କଲ୍ ୧୦୪ ହେଲ୍ଥ ହେଲ୍ପଲାଇନ୍



କଟକ ଗଡିରାଉତ ପାଟଣାଠାରେ ବନ୍ୟାଜଳରେ ଫସିଥିବା ଲୋକଙ୍କୁ ଉଦ୍ଧାର କରାଯାଉଛି।



କଟକ ଖାନନଗର ଅଞ୍ଚଳରେ ବନ୍ୟାଜଳରେ ଭିଜିଯାଇଥିବା ବହିଖାତାକୁ ଜଣେ ଶିଶୁ ଖରାରେ ଶୁଖାଉଛନ୍ତି।

# ମୁଣ୍ଡଳୀରେ ୧୨ଲକ୍ଷ କ୍ୟୁସେକ ଜଳ ପ୍ରବାହିତ

- ମହାନଦୀ ଅବବାହିକାରେ ସ୍ଥିତି ସଙ୍ଗିନ
- ୭୦ ପଞ୍ଚାୟତର ୧.୧୩ଲକ୍ଷ ଲୋକ ପ୍ରଭାବିତ
- ପ୍ରଶାସନ ସଜାଗ, ୨ହଜାର ଲୋକ ସ୍ଥାନାନ୍ତର

**କଟକ ଅଫିସ, ୧୬।୮**

ଲଘୁଚାପ ଜନିତ ବର୍ଷା ଓ ହୀରାକୁଦ ଜଳ ଭଣ୍ଡାରର ୩୪ଟି ଗେଟ୍ ଦେଇ ଜଳ ନିଷ୍କାସନ ପରେ ତଳମୁଣ୍ଡରେ ବନ୍ୟାସ୍ଥିତି ଦେଖାଦେଇଛି। ମଙ୍ଗଳବାର ମଧ୍ୟାହ୍ନରୁ ମୁଣ୍ଡଳୀଠାରେ ୧୨ ଲକ୍ଷ କ୍ୟୁସେକ୍ ବନ୍ୟାଜଳ ପ୍ରବାହିତ ହେଉଛି। ମୁଣ୍ଡଳୀ ଠାରେ ବିପଦ ସଙ୍କେତ ୯୭.୨୫ ଫୁଟ ରହିଥିବାବେଳେ ଏଠାରେ ୯୭.୮୦ ଫୁଟରେ ଜଳ ପ୍ରବାହିତ ହେଉଛି। ସୋମବାର ମଧ୍ୟ ରାତିରେ ଏହା ୧୧ ଲକ୍ଷ କ୍ୟୁସେକ୍ ଥିଲା। ମୁଣ୍ଡଳୀ ବ୍ୟାରେଜରୁ ନିଷ୍କାସିତ ପାଣିକୁ ମହାନଦୀର ଯୋବ୍ରା ବ୍ୟାରେଜ ଓ କାଠଯୋଡ଼ି ନଦୀର ନରାଜ ବ୍ୟାରେଜ ଦେଇ ନିଷ୍କାସନ କରାଯାଉଛି। ନରାଜ ବ୍ୟାରେଜ ଦେଇ ୫ଲକ୍ଷ ୯୨ହଜାର ୪୨୬ କ୍ୟୁସେକ ଜଳ ନିଷ୍କାସିତ ହେଉଥିବାବେଳେ ଯୋବ୍ରା ବ୍ୟାରେଜ ଦେଇ ୫ ଲକ୍ଷ ୭୩ ହଜାର ୩୩ କ୍ୟୁସେକ ଜଳ ନିଷ୍କାସିତ ହେଉଛି। ଅପରପକ୍ଷରେ ବନ୍ୟାଜଳ ପ୍ରବାହକୁ ଦେଖି ହୀରାକୁଦ ଜଳଭଣ୍ଡାରର ଖୋଲାଯାଇଥିବା ୩୪ ଗେଟ ମଧ୍ୟରୁ ସୋମବାର ୮ଟି ଗେଟ ବନ୍ଦ କରାଯାଇଥିଲା। ହେଲେ ମଙ୍ଗଳବାର ହୀରାକୁଦ ଡ୍ୟାମ୍‌ରେ ଜଳସ୍ତର ୬୨୬ ଫୁଟ ଉପରେ ରହିଥିବାରୁ ରାତି ୮ଟାରେ ୪୦ଟି ଗେଟ ଦେଇ ଜଳ ପ୍ରବାହିତ ହେଉଛି। ଏହି ଜଳ ନରାଜ ମଧ୍ୟ ଦେଇ ଗୁରୁବାର ସକାଳେ ପ୍ରବାହିତ ହେବ।

ମଙ୍ଗଳବାର ମହାନଦୀରେ ୧୨ଲକ୍ଷ କ୍ୟୁସେକ୍ ଜଳ ପ୍ରବାହିତ ଜାରି ରହିଥିବାରୁ ଏହାର ଅବବାହିକାରେ ଥିବା କଟକ ଜିଲାର ୭ ବ୍ଲକ ଯଥା ବାଙ୍କୀ, ଡମପଡ଼ା, ନରସିଂହପୁର, ଟିଗିରିଆ, ଆଠଗଡ଼, କଟକ ସଦର ଏବଂ ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳର ୭୦ ପଞ୍ଚାୟତ ୨୫୪ ଗ୍ରାମର ୧,୧୩,୭୫୨ ଲୋକ ଜଳବନ୍ଦୀ ଅବସ୍ଥାରେ ରହିଛି। ସେଥିମଧ୍ୟରୁ ୯୫ଗ୍ରାମର ୮୫ହଜାର ୯୯୮ଜଣ ଲୋକ ଫଶି ରହିଛନ୍ତି। ବନ୍ୟାପ୍ରଭାବିତ ଲୋକଙ୍କୁ ଜିଲା ପ୍ରଶାସନ ପକ୍ଷରୁ ଉଦ୍ଧାର କରାଯିବା ସହ ସେମାନଙ୍କୁ ରନ୍ଧାଖାଦ୍ୟ ଦିଆଯାଉଛି। ମଙ୍ଗଳବାର ସନ୍ଧ୍ୟାସୁଦ୍ଧା ୧୯ହଜାର ୨୦୭ ଜଣଙ୍କୁ ଉଦ୍ଧାର କରାଯାଇ ୩୭ଟି ଆଶ୍ରୟସ୍ଥଳିରେ ରଖାଯାଇଛି। ମିଳିଥିବା ଖବର ଅନୁଯାୟୀ, କଟକ-ବାଙ୍କୀ ମୁଖ୍ୟ ରାସ୍ତାର କଇମୁଣ୍ଡି, ଚାରିଘରିଆ ଏବଂ ପାଥପୁରଠାରେ ବନ୍ୟା ଜଳ ରାସ୍ତାରେ ଉପରେ ପ୍ରବାହିତ ହେଉଛି। ଟିଗିରିଆର ଗଦାଧରପୁର, ହାଟମାଳ, ବଡ଼ନାଉପୁଟ ପ୍ରମୁଖ ୩ଟି ଗ୍ରାମପଞ୍ଚାୟତର ଲୋକମାନେ ଦୁଇଦିନ ହେଲା ଜଳବନ୍ଦୀ ହୋଇ ରହିଛନ୍ତି। ପୁରୁଣା ଟିଗିରିଆର ଚଷାଆଁରା ୫୦ ଏକରରୁ ଊର୍ଦ୍ଧ୍ୱ ଜମି ବନ୍ୟାଜଳରେ ବୁଡ଼ି ରହିଛି। ସେହିପରି ଖୁଣ୍ଟୁଣୀଠାରେ ପୁରୁଣା କଟକ-ସମ୍ବଲପୁର ଜାତୀୟ ରାଜପଥ ଉପରେ ୬ଫୁଟ ପାଣି ପ୍ରବାହିତ ହେଉଥିବାବେଳେ ନିଧିପୁର ଗଡ଼ାଠାରେ ସୋମବାର ବିଳମ୍ବିତ ରାତିରେ ଅନୁଗୋଳ ଅଭିମୁଖେ ଯାଉଥିବା ଏକ କାର ଭାସି ଯାଇଥିଲା। ଦୀର୍ଘ ୪ଘଣ୍ଟା ପରେ ସ୍ଥାନୀୟ ଲୋକଙ୍କ ସହାୟତାରେ କାରରେ ଥିବା ୪ଜଣଙ୍କୁ ଦମକଳ ବାହିନୀ କର୍ମଚାରୀମାନେ ଉଦ୍ଧାର କରିଥିଲେ। ପରେ ମଙ୍ଗଳବାର ପୂର୍ବାହ୍ନରେ ସ୍ଥାନୀୟ ଲୋକମାନେ ପାଣିରେ ସମ୍ପୂର୍ଣ୍ଣ ବୁଡ଼ିଯାଇଥିବା କାର୍‌କୁ ରାସ୍ତା ଉପରକୁ ଆଣିଥିଲେ। ସେହିପରି ଡାଉରଙ୍ଗ ଗଡ଼ାଠାରେ ୫ଫୁଟ ଉଚ୍ଚର ବନ୍ୟାଜଳ ପ୍ରବାହିତ ଯୋଗୁ ସୋମବାର ସନ୍ଧ୍ୟାରୁ ଆଠଗଡ଼ କଟକ ଯାତାୟାତ ବନ୍ଦ ହୋଇଯାଇଛି। ବଡ଼ମ୍ବାର ଗଙ୍ଗାମେରୀ ରିଙ୍ଗବନ୍ଧରେ ବଡ଼ଘାଇ ଯୋଗୁ ବାଙ୍ଗେରିସିଂଗା ଜଳବନ୍ଦୀ ହୋଇ ରହିଛି। ବଡ଼ମ୍ବା ଅଧିଷ୍ଠାତ୍ରୀ ଦେବୀ ଭଟ୍ଟାରିକା ମନ୍ଦିର ବେଢ଼ାରେ ବନ୍ୟାଜଳ ପ୍ରବେଶ ଯୋଗୁଁ ମନ୍ଦିରରୁ ମୃଣ୍ମୟୀ ବିଗ୍ରହଙ୍କୁ ସ୍ଥାନାନ୍ତର କରାଯାଇ ଅନ୍ୟ ସ୍ଥାନରେ ନୀତିକାନ୍ତି ଚାଲୁ ରହିଛି। ଏପରି କି ସେଠାରେ ଜଳସ୍ତର ବହୁ ଅଧିକ ଥିବାରୁ କୌଣସି ଅଘଟଣ ଆଶଙ୍କା କରି ସ୍ଥାନୀୟ ପ୍ରଶାସନ ପକ୍ଷରୁ ଉକ୍ତ ଅଞ୍ଚଳରେ ୧୪୪ ଧାରା ଲାଗୁ କରାଯାଇଛି। ସେହିପରି ବଡ଼ମ୍ବା ସିଂହନାଥ ଶିବମନ୍ଦିର ଜଳମଗ୍ନ ହୋଇଥିବାରୁ ୨ଦିନ ହେଲା ସେଠାରେ ଠାକୁର ଅପୂଜା ରହିଛନ୍ତି। କଟକ ଜିଲାର ବନ୍ୟା ପ୍ରପୀଡ଼ିତଙ୍କୁ ଉଦ୍ଧାର ଲାଗି ଗୋଟିଏ ଓଡ୍ରାଫ ଟିମ୍, ଗୋଟିଏ ଏନ୍‌ଡିଆରଏଫ୍ ଟିମ୍, ୨ଟି ଫାୟାର ବ୍ରିଗେଡିୟର ଟିମ୍, ୨୫ଟି ପାୱାର ବୋଟ ପ୍ରସ୍ତୁତ ହୋଇ ରହିଥିବାବେଳେ ୫୩୬ ବନ୍ୟା ଆଶ୍ରୟସ୍ଥଳୀ ଅସ୍ଥାୟୀ ଭାବେ ପ୍ରସ୍ତୁତ କରି ରଖାଯାଇଛି। ବନ୍ୟାଜଳରେ ଫସିଥିବା ଲୋକଙ୍କୁ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ସେମାନଙ୍କୁ ଆଶ୍ରୟସ୍ଥଳୀରେ କିପରି ସୁରକ୍ଷିତ ଭାବେ ରଖାଯାଇପାରିବ ସେଦିଗରେ ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଉଛି ବୋଲି ଜିଲାପାଳ ଭବାନୀ ଶଙ୍କର ଚୟନୀ ପ୍ରକାଶ କରିଛନ୍ତି। ହୀରାକୁଦ ଜଳଭଣ୍ଡାରର ୮ଟି ଗେଟ ବନ୍ଦ କରାଯିବା ଦ୍ୱାରା କଟକ ପାଇଁ ବଡ଼ ବନ୍ୟାର ଆଶଙ୍କା ନାହିଁ ବୋଲି ଜିଲାପାଳ ସୂଚନା ଦେବା ସହ ସମସ୍ତ ପରିସ୍ଥିତିର ମୁକାବିଲା ପାଇଁ ପ୍ରଶାସନ ସଜାଗ ରହିଥିବା କହିଛନ୍ତି।



ମୁଣ୍ଡଳୀଠାରେ ବିପଦ ସଙ୍କେତ ଉପରେ ଜଳ ପ୍ରବାହିତ ହେଉଥିବା ବେଳେ ଲୋକମାନେ ଦେଖୁଛନ୍ତି।

# ବଙ୍ଗଳାଗୁଡ଼ା ପୋଲ ଭୁଶୁଡ଼ିଲା



ଭୁଶୁଡିପଡିଥିବା ବଙ୍ଗଳାଗୁଡା ପୋଲ।

**କୋରାପୁଟ,୧୬।୮(ସ୍ୱ.ପ୍ର.)**

କୋରାପୁଟ ଜିଲାରେ ଲଗାଣ ବର୍ଷା ଯୋଗୁ ମଙ୍ଗଳବାର ଅପରାହ୍ନରେ କୋରାପୁଟ-ରାୟଗଡ଼ା ୩୨୬ ନଂ. ଜାତୀୟ ରାଜପଥର ବଙ୍ଗଳାଗୁଡ଼ା-ଲେନ୍ଦିରିମାଳିଗୁଡା ମଧ୍ୟରେ ଥିବା ଏକ ପୁରୁଣା ପୋଲ ଭୁଶୁଡିପଡିଛି। ଏଥିଯୋଗୁ କୋରାପୁଟ ଓ ପୋଡାଗଡ଼ ମଧ୍ୟରେ ଯାତାୟାତ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। କାକିରିଗୁମ୍ମା-ଲକ୍ଷ୍ମୀପୁର-ରାୟଗଡା ରାସ୍ତାରେ ଗାଡି ମୋଟର ଚଳାଚଳ ବ୍ୟାହତ ହୋଇଛି।

ମିଳିଥିବା ଖବରରୁ ଜଣାପଡିଛି, କୋରାପୁଟଠାରୁ ୧୪ କିମି ଦୂର ବଙ୍ଗଳଗୁଡା ନିକଟରେ ଥିବା ଏହି ପୋଲର କୋରାପୁଟ ଆଡକୁ ଥିବା ଭାଗ ହଠାତ୍ ଭୁଶୁଡି ପଡିଥିଲା। ବର୍ତ୍ତମାନ ରାୟଗଡାରୁ ଆସୁଥିବା କେବଳ ହାଲୁକା ଯାନଗୁଡିକ ପୋଡାଗଡଠାରୁ ଆଡମଣ୍ଡା ମାଲକାନାଗିରି, ମହାଦେଇପୁଟ ପଞ୍ଚାୟତ ଦେଇ କୋରାପୁଟ ସଦର ମହକୁମାକୁ ଆସୁଥିବା ଜଣାପଡିଛି। ସେହିପରି ରାୟଗଡା ଆଡୁ ଆସୁଥିବା ସମସ୍ତ ଭାରିଯାନ କାକିରିଗୁମ୍ମାଠାରୁ ଭାୟା ଦାମନଯୋଡି-ମାଥାଲପୁଟ-ସେମିଳିଗୁଡା ହୋଇ କୋରାପୁଟକୁ ଆସିବା ବ୍ୟବସ୍ଥା କରାଯାଇଥିବା ଜିଲାପାଳ ଅବଦାଲ ଏମ. ଅଖତାର ସୂଚନା ଦେଇଛନ୍ତି। ଏହି ଘଟଣା ପରେ ଜିଲାପାଳ ସମସ୍ତ ବିଭାଗୀୟ ଯନ୍ତ୍ରୀଙ୍କୁ ଘଟଣା ସ୍ଥଳକୁ ଯାଇ ପରିସ୍ଥିତି ଅନୁଧ୍ୟାନ କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଟ୍ରାଫିକ ବ୍ୟବସ୍ଥା ପାଇଁ କାକିରିଗୁମ୍ମା ପୋଲିସ ଓ କୋରାପୁଟ ସଦର ପୋଲିସକୁ କୁହାଯାଇଛି। ଆମ୍ବୁଲାନ୍ସ ଯାତାୟାତ ଓ ଅନ୍ୟ ଜରୁରୀ ବ୍ୟବସ୍ଥା କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ଜିଲାପାଳ କହିଛନ୍ତି। ସୂଚନାଯୋଗ୍ୟ, ଦୀର୍ଘ ୩୦ ବର୍ଷରୁ ଊର୍ଦ୍ଧ୍ୱ ପୁରୁଣା ହୋଇଥିବା ଏହି ପୋଲ ପୂର୍ବରୁ ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ପୋଲର ଏକ ପାର୍ଶ୍ୱ ଦୀର୍ଘ ଦିନ ହେଲା ଫାଟି ରହିଥିଲା। ଠିକ୍ ସମୟରେ ମରାମତି ଅଭାବରୁ ଆଜି ଏପରି ଦୁର୍ଘଟଣା ଘଟିଲା ବୋଲି ସ୍ଥାନୀୟ ଲେନ୍ଦିରିମାଳିଗୁଡା ଓ ବଙ୍ଗଳାଗୁଡା ଗ୍ରାମବାସୀ ଅଭିଯୋଗ କରିଛନ୍ତି।

# ୧୦ ଜିଲାର ସରକାରୀ କର୍ମଚାରୀଙ୍କ ଛୁଟି ୭ ଦିନ ବାତିଲ

- ଇଞ୍ଜିନିୟରମାନେ ନିଜ ଜାଗା ନ ଛାଡ଼ିବାକୁ ନିର୍ଦ୍ଦେଶ
- ଛୁଟିରେ ଥିବା କର୍ମଚାରୀ ତୁରନ୍ତ କାର୍ଯ୍ୟରେ ଯୋଗଦେବେ

**ଭୁବନେଶ୍ୱର, ୧୬।୮(ବ୍ୟୁରୋ)**

ଉପରମୁଣ୍ଡରେ ଅଧିକ ବର୍ଷା ଯୋଗୁ ରାଜ୍ୟର ବିଭିନ୍ନ ନଦୀରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ୧୦ ଜିଲାର ସମସ୍ତ ସରକାରୀ କର୍ମଚାରୀଙ୍କ ଛୁଟିକୁ ସପ୍ତାହକ ପାଇଁ ବାତିଲ କରିଛନ୍ତି। ଏପରିକି ଯେଉଁ କର୍ମଚାରୀମାନେ ଛୁଟିରେ ଅଛନ୍ତି ସେମାନଙ୍କୁ ତୁରନ୍ତ କାର୍ଯ୍ୟରେ ଯୋଗ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ହୀରାକୁଦର ୪୦ ଗେଟ୍ ଖୋଲିଥିବାବେଳେ ରାଜ୍ୟର ଅଧିକାଂଶ ସ୍ଥାନରେ ନଦୀଗୁଡ଼ିକ ବିପଦସଙ୍କେତ ଉପରେ ପ୍ରବାହିତ ହେଉଛି।

ରାଜ୍ୟ ସରକାରଙ୍କ ପକ୍ଷରୁ ଜାରି ସୂଚନା ଅନୁଯାୟୀ, କଟକ ମୁଣ୍ଡଳୀଠାରେ ଏବେ ପ୍ରାୟ ୧୨ ଲକ୍ଷ ୧ ହଜାର ୪୨୬ କ୍ୟୁସେକ ଜଳ ପ୍ରବାହିତ ହେଉଥିବା ବେଳେ ମହାନଦୀ ଓ ତା'ର ଶାଖା ନଦୀଗୁଡ଼ିକ ଅଧିକାଂଶ ସ୍ଥାନରେ ବିପଦ ସଙ୍କେତ ଊର୍ଦ୍ଧ୍ୱରେ ପ୍ରବାହିତ ହେଉଛି। ବନ୍ୟାଜଳ ପ୍ରବେଶ ଯୋଗୁ ଲୋକମାନେ ଏବେ ଜଳବନ୍ଦୀ ଅବସ୍ଥାରେ ଥିବାବେଳେ ବନ୍ୟା ପ୍ରଭାବିତ ଅଞ୍ଚଳରେ ଶିକ୍ଷାନୁଷ୍ଠାନଗୁଡ଼ିକ ବନ୍ଦ ରଖିବା ପାଇଁ ଜିଲାପାଳମାନଙ୍କୁ ନିଷ୍ପତ୍ତି ନେବାକୁ କୁହାଯାଇଛି। ଆସନ୍ତା ୪୮ ଘଣ୍ଟା ଅତ୍ୟନ୍ତ ଜରୁରୀ ହୋଇଥିବାରୁ ସମ୍ବଲପୁର, ସୁବର୍ଣ୍ଣପୁର, ବୌଦ୍ଧ, ଅନୁଗୋଳ, ନୟାଗଡ଼, ଖୋର୍ଦ୍ଧା, କଟକ, ପୁରୀ, ଜଗତ୍‌ସିଂହପୁର ଓ କେନ୍ଦ୍ରାପଡା ଭଳି ୧୦ ଜିଲାରେ ସମସ୍ତ ସରକାରୀ କର୍ମଚାରୀଙ୍କ ଛୁଟି ୭ଦିନ ପାଇଁ ବାତିଲ କରିଦିଆଯାଇଛି। ଏହାସହିତ ଇଞ୍ଜିନିୟରମାନଙ୍କୁ ନିଜ ସ୍ଥାନ ଛାଡ଼ି ନ ଯିବାକୁ ଜଳସମ୍ପଦବିଭାଗପକ୍ଷରୁନିର୍ଦ୍ଦେଶଦିଆଯାଇଛି।

# ବନ୍ୟାରେ ୨ ଲକ୍ଷ ପ୍ରଭାବିତ: ଏସ୍‌ଆର୍‌ସି

**ଭୁବନେଶ୍ୱର,୧୬।୮(ବ୍ୟୁରୋ):** ଚଳିତ ବନ୍ୟାରେ ମହାନଦୀର ୨ଟି ସ୍ଥାନରେ ଘାଇ ହୋଇଛି। ବନ୍ୟାରେ ପ୍ରାୟ ୨ ଲକ୍ଷ ଲୋକ ପ୍ରଭାବିତ ହୋଇଛନ୍ତି। ୪୯ ବ୍ଲକର ୨୩୭ ଗ୍ରାମ ବନ୍ୟାପାଣି ଘେରରେ ରହିଛି। କିନ୍ତୁ ବ୍ରାହ୍ମଣୀ ନଦୀରେ ବନ୍ୟାର ଆଶଙ୍କା ନାହିଁ ବୋଲି ସ୍ୱତନ୍ତ୍ର ରିଲିଫ କମିଶନର (ଏସ୍‌ଆର୍‌ସି) ପ୍ରଦୀପ ଜେନା କହିଛନ୍ତି।

ଗଣମାଧ୍ୟମକୁ ସୂଚନା ଦେଇ ଏସ୍‌ଆର୍‌ସି କହିଛନ୍ତି ଯେ ବର୍ତ୍ତମାନ ବନ୍ୟାର ପିକ୍ ଫ୍ଲୋ ଚାଲିଛି। ଏହି ପିକ୍ ଫ୍ଲୋ ମଙ୍ଗଳବାର ରାତି ପ୍ରାୟ ୩ଟା ଯାଏ ଚାଲିବ। କଟକ ମୁଣ୍ଡଳୀରେ ୮ରୁ ୯ ଘଣ୍ଟା ବନ୍ୟା ଜଳର ଏହି ପିକ୍ ଫ୍ଲୋ ରହିବ। ବୁଧବାର ସନ୍ଧ୍ୟା ୬ଟାରୁ ୯ଟା ଭିତରେ ଏହା ସମୁଦ୍ରକୁ ଚାଲିଯିବ ବୋଲି ସେ କହିଛନ୍ତି। ବିଭିନ୍ନ ସ୍ଥାନରେ ୯୦ଟି ମାଗଣା ରନ୍ଧାଖାଦ୍ୟ ବ୍ୟବସ୍ଥା କରାଯାଇଛି। ଆବଶ୍ୟକତାକୁ ଦେଖି ଜିଲାପାଳମାନେ ପଦକ୍ଷେପ ନେବେ। ସବୁ ସ୍ଥାନରୁ ସମ୍ପୂର୍ଣ୍ଣ ତଥ୍ୟ ଆସିନାହିଁ। ଖୁବଶୀଘ୍ର ତଥ୍ୟ ଆସିବ ବୋଲି ଏସ୍‌ଆର୍‌ସି କହିଛନ୍ତି।



ପୁରୀ ଜିଲା କଣାସଠାରେ ସୃଷ୍ଟି ହୋଇଥିବା ଘାଇ।



କଟକ ଜିଲା ଭାଡ଼ିମୁଳା ନର୍ସରି ଫାର୍ମ ପରିସରରେ ବନ୍ୟାଜଳ।



କେନ୍ଦ୍ରାପଡ଼ା ଜିଲା ଗରଦପୁର ବ୍ଲକ୍ ଭଦଳାଠାରେ ଚିତ୍ରୋତ୍ପଳା ନଦୀରେ ସୃଷ୍ଟ ଘାଇକୁ ବାଉଁଶ ଓ ବାଲିବସ୍ତା ପକାଇ ରୋକାଯାଉଛି।



କଟକ ଜିଲା ଟିଗିରିଆଠାରେ ମହାନଦୀର ଦୁର୍ବଳ ବନ୍ଧରେ ବାଲିବସ୍ତା ପକାଯାଉଛି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୫୯,୬୩,୨୧,୬୬୭ | ୬୪,୫୭,୪୮୧ | ୫୬,୦୪,୪୪,୦୨୦ |
| ଭାରତ | ୪,୪୨,୭୭,୧୯୪ | ୫,୨୭,୦୯୮ | ୪,୩୬,୩୮,୮୪୪ |
| ଓଡ଼ିଶା | ୧୩,୨୩,୩୦୭ | ୯୧୫୬(+୫୩) | ୧୩,୧୦,୬୩୫ |

ମଙ୍ଗଳବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର



# ‘ଦେଶକୁ ରାସ୍ତା ଦେଖାଇଛି ଓଡ଼ିଶା’




ଭୁବନେଶ୍ୱର ୟୁନିଟ୍-୩ସ୍ଥିତ ପ୍ରଦର୍ଶନୀ ପଡ଼ିଆରେ ସୋମବାର ଆୟୋଜିତ ୭୬ତମ ସ୍ୱାଧୀନତା ଦିବସ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପରେଡ ଅଭିବାଦନ ଗ୍ରହଣ କରୁଛନ୍ତି।

**ଭୁବନେଶ୍ୱର, ୧୬।୮ (ବ୍ୟୁରୋ)**

ଗତ ୭୫ବର୍ଷରେ ଆମ ଦେଶ ଅନେକ ସଫଳତା ହାସଲ କରିଛି। କୃଷି, ଶିକ୍ଷା, ସ୍ୱାସ୍ଥ୍ୟ, ବିଜ୍ଞାନ ଓ କାରିଗରି, ଶିଳ୍ପ, ଗବେଷଣା ଆଦି ବିଭିନ୍ନ କ୍ଷେତ୍ରରେ ଭାରତ ଆଜି ଆଗୁଆ ଦେଶ ସହ ପ୍ରତିଯୋଗିତା କରିପାରୁଛି। ଓଡ଼ିଶା ମଧ୍ୟ ଦେଶର ବିକାଶ ସହିତ ତାଳ ଦେଇ ଆଗେଇ ଚାଲିଛି। ୭୫ ବର୍ଷରେ ଓଡ଼ିଶା ଅନେକ ସଫଳତା ହାସଲ କରି ଦେଶକୁ ରାସ୍ତା ଦେଖାଇଛି ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ସୋମବାର ଭୁବନେଶ୍ୱର ୟୁନିଟ୍-୩ସ୍ଥିତ ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆରେ ୭୬ତମ ରାଜ୍ୟସ୍ତରୀୟ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟମନ୍ତ୍ରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ, ଓଡିଶାରେ ଆଜି ରୂପାନ୍ତରଣର ନୂଆ ଯୁଗ ଆରମ୍ଭ ହୋଇଛି। ଓଡ଼ିଶାର ସଫଳତା ଅନ୍ୟମାନଙ୍କ ପାଇଁ ମାର୍ଗଦର୍ଶନ କରୁଛି। ଖାଦ୍ୟଶସ୍ୟ ଉତ୍ପାଦନରେ ଏକ ବଳକା ରାଜ୍ୟ ହେବା, ବିପର୍ଯ୍ୟୟ ପରିଚାଳନାରେ ବିଶ୍ୱ ପାଇଁ ଆଦର୍ଶ ସୃଷ୍ଟି, କ୍ରୀଡ଼ା ହବ୍ ଭାବେ ପରିଚୟ ପାଇବା ସହ ୭୦ ଲକ୍ଷ ମା'ଙ୍କୁ ସଶକ୍ତ କରିବା ଆଦି ଉଲ୍ଲେଖନୀୟ ସଫଳତା ଆମ ଓଡ଼ିଶା ଜୟଯାତ୍ରାର ପ୍ରତୀକ। ସେହିପରି ଜନଜାତି ଭଉଣୀ ଭାଇଙ୍କ ବିକାଶ ଓ ସେମାନଙ୍କ ସଶକ୍ତୀକରଣ କ୍ଷେତ୍ରରେ ଓଡ଼ିଶା ବହୁତ ଭଲ କାମ କରିଛି। ଓଡ଼ିଶାର ଜନଜାତି ପିଲାମାନେ ଆଜି ବିଭିନ୍ନ କ୍ଷେତ୍ରରେ ଓ ଦେଶ ବିଦେଶରେ ସୁନାମ ଅର୍ଜନ କରୁଛନ୍ତି। ନିକଟରେ ରୋମ୍‌ରେ ଓଡ଼ିଆ ପିଲା ଶେଷା କିଷାନଙ୍କୁ ଭେଟି ସେ ବହୁତ ଖୁସି ହୋଇଥିଲେ ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଥିଲେ।

ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ, ସ୍ୱାଧୀନତାର ୭୫ବର୍ଷ ଅବସରରେ ରାଜ୍ୟ ସରକାର ୩୦ଟି ଜିଲାର ଗ୍ରାମାଞ୍ଚଳରେ ବିଭିନ୍ନ ଭିତ୍ତିଭୂମି ପ୍ରକଳ୍ପର ୩ହଜାର ସ୍ମାରକୀ ସ୍ଥାପନ କରୁଛନ୍ତି। ଆଉ ୨୫ବର୍ଷ ପରେ ଆମେ ସ୍ୱାଧୀନତାର ଶତାବ୍ଦୀ ବର୍ଷ ପାଳନ କରିବା। ସେଥିପାଇଁ ଆମକୁ ବର୍ତ୍ତମାନଠାରୁ ପ୍ରସ୍ତୁତ ହେବାକୁ ହେବ। ଏହି ସମୟ ମଧ୍ୟରେ ଦେଶର ବିକାଶରେ ଓଡ଼ିଶାର ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ରହିବ ବୋଲି ସେ ଆଶା ପ୍ରକଟ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କୁ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ଗୃହ ବିଭାଗ ପ୍ରମୁଖ ଶାସନ ସଚିବ ଦେଓରଞ୍ଜନ ସିଂହ ଏବଂ ଆରକ୍ଷୀ ମହାନିର୍ଦ୍ଦେଶକ ସୁନୀଲ ବଂଶଲ ସ୍ୱାଗତ ଜଣାଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ୍, ଉନ୍ନୟନ କମିଶନର ପ୍ରଦୀପ ଜେନା, ସୂଚନା ଓ ଲୋକସମ୍ପର୍କ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂ, ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ ଏବଂ ନିର୍ଦ୍ଦେଶକ (ବୈଷୟିକ) ସୁରେନ୍ଦ୍ରନାଥ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ। ସହକାରୀ ନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀ ଏବଂ ମୃତ୍ୟୁଞ୍ଜୟ ରଥ କାର୍ଯ୍ୟକ୍ରମ ସଞ୍ଚାଳନା କରିଥିଲେ। ଏହି ଅବସରରେ ଭାରତର ମୁକ୍ତି ଆନ୍ଦୋଳନରେ ଓଡ଼ିଶାର ଭୂମିକା ଏବଂ ଗାନ୍ଧିଜୀଙ୍କ ଓଡ଼ିଶା ଗସ୍ତ ତଥା ଓଡ଼ିଶାରେ ସ୍ୱାଧୀନତା ସଂଗ୍ରାମର ଅନେକ ତଥ୍ୟ ଓ ସୂଚନା ସମ୍ପର୍କିତ ବହୁ ବିରଳ ଫଟୋ ସମ୍ବଳିତ ରାଜ୍ୟସ୍ତରୀୟ ପ୍ରଦର୍ଶନୀକୁ ମୁଖ୍ୟମନ୍ତ୍ରୀ ଉନ୍ମୋଚନ କରିଥିଲେ। ଏହି ପ୍ରଦର୍ଶନୀ ଆସନ୍ତା ୧୯ ତାରିଖ ପର୍ଯ୍ୟନ୍ତ ପୂର୍ବାହ୍ନ ୧୧ଟାରୁ ସନ୍ଧ୍ୟା ୮ଟା ପର୍ଯ୍ୟନ୍ତ ଦର୍ଶକମାନଙ୍କ ନିମନ୍ତେ ଖୋଲା ରହିବ।

## ଓଡ଼ିଆ ବୈଜ୍ଞାନିକ ଲଣ୍ଡନ ରୟାଲ ସୋସାଇଟିର ଫେଲୋ

**ଭୁବନେଶ୍ୱର, ୧୬।୮ (ବ୍ୟୁରୋ)**



ଡ. ବିକାଶ କୁମାର ଜେନା

ରସାୟନ ବିଜ୍ଞାନରେ ଉତ୍କୃଷ୍ଟ ଗବେଷଣା ପାଇଁ ଓଡ଼ିଆ ଯୁବ ବୈଜ୍ଞାନିକ ଡ. ବିକାଶ କୁମାର ଜେନା ଲଣ୍ଡନସ୍ଥିତ ରୟାଲ ସୋସାଇଟି ଅଫ୍ ରସାୟନ ବିଜ୍ଞାନର ଫେଲୋ ଭାବେ ପୁରସ୍କୃତ ହୋଇଛନ୍ତି। ସେ ବର୍ତ୍ତମାନ ଭୁବନେଶ୍ୱରର ଇନଷ୍ଟିଚ୍ୟୁଟ୍ ଅଫ୍ ମିନେରାଲ୍ସ ଆଣ୍ଡ୍ ମ୍ୟାଟେରିଆଲ୍ ଟେକ୍ନୋଲୋଜିରେ ପ୍ରଧାନ ବୈଜ୍ଞାନିକ ଭାବେ କାର୍ଯ୍ୟ କରୁଛନ୍ତି। ସେ ଆମେରିକାର ୱାଶିଂଟନ୍ ୟୁନିଭର୍ସିଟିରେ ପୋଷ୍ଟ ଡକ୍ଟରାଲ୍ ଫେଲୋ ଭାବେ କାମ କରିବାର ସୁଯୋଗ ପାଇଥିଲେ। ସେ ଜର୍ମାନୀର ମ୍ୟୁନିକ ବୈଷୟିକ ବିଶ୍ୱବିଦ୍ୟାଳୟରେ ବୈଜ୍ଞାନିକ ଭାବେ କାର୍ଯ୍ୟ କରିଥିଲେ। ରସାୟନ ବିଜ୍ଞାନ କ୍ଷେତ୍ରରେ ସେ ଜଣେ ପ୍ରତିଭାସମ୍ପନ୍ନ ଯୁବ ଗବେଷକ। ସେ ନାନୋ ମାଟେରିଆଲ୍ସରେ ଗବେଷଣା କରୁଛନ୍ତି। ତାଙ୍କ ଗବେଷଣା କ୍ଷେତ୍ରରେ ଯୁଗପୋଯୋଗୀ ୮୩ଟି ସନ୍ଦର୍ଭ ବିଭିନ୍ନ ଜାତୀୟ ଓ ଅର୍ନ୍ତଜାତୀୟ ପତ୍ରିକାରେ ପ୍ରକାଶିତ ହୋଇଛି। ଏଥିସହ ୪୮ଟି ସନ୍ଦର୍ଭ ବିଭିନ୍ନ ଜାତୀୟ ଓ ଅନ୍ତର୍ଜାତୀୟ ସମ୍ମିଳନୀରେ ଉଚ୍ଚ ପ୍ରଶଂସିତ ହୋଇଛି। ସେ ଜାତୀୟ ଓ ଅନ୍ତର୍ଜତୀୟ ସ୍ତରରେ ବହୁତ ସମ୍ମାନ ପାଇଛନ୍ତି। ଡ. ଜେନାଙ୍କ ତତ୍ତ୍ୱାବଧାନରେ ୬ଜଣ ପିଏଚ୍‌ଡି ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଛନ୍ତି। ସେ ଅନେକ ଅନ୍ତର୍ଜାତୀୟ ପତ୍ରିକାର ସହଯୋଗୀ ସମ୍ପାଦକ ଓ ସମ୍ପାଦକୀୟ ସମିତିର ସଦସ୍ୟ ଅଛନ୍ତି। ସେ ଅନେକ ପତ୍ରିକାର ସମୀକ୍ଷା ମଧ୍ୟ କରିଛନ୍ତି। ଡ. ଜେନା ଏବେ ଯୁବପୀଢ଼ିଙ୍କ ପାଇଁ ପ୍ରେରଣା ପାଲଟିଛନ୍ତି।




# ଜୁନ୍ ସୁଦ୍ଧା ୪୩୩ ନୂଆ ଆର୍‌ଆଇ ଅଫିସ୍

## ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ‘୫-ଟି’ ସମୀକ୍ଷା

**ଭୁବନେଶ୍ୱର, ୧୬।୮ (ବ୍ୟୁରୋ)**

### ୩୦୦ ଗ୍ରାମରେ ୟୁଏଲ୍‌ପିଆଇଏନ, ୨୩୪ ଲାଗି ବିଜ୍ଞପ୍ତି

୨୦୧୯ ଜୁଲାଇରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ‘୫-ଟି’ରେ ଅନ୍ତର୍ଭୁକ୍ତ ହୋଇଥିଲା। ଏହାପରେ ବିଭାଗ ପକ୍ଷରୁ ଜନସାଧାରଣଙ୍କୁ ସେବା ପ୍ରଦାନରେ ଉଲ୍ଲେଖନୀୟ ଅଗ୍ରଗତି ଘଟିଛି। ରାଜ୍ୟରେ ୪୩୩ ନୂତନ ରାଜସ୍ୱ ନିରୀକ୍ଷକ (ଆର୍‌ଆଇ) ପଦବୀ ସୃଷ୍ଟି ହୋଇଛି। ତଦନୁଯାୟୀ କାର୍ଯ୍ୟାଳୟ ନିର୍ମାଣ ଚାଲିଛି। ଆସନ୍ତା ବର୍ଷ ଜୁନ୍ ସୁଦ୍ଧା ଏହି କାର୍ଯ୍ୟ ସମ୍ପୂର୍ଣ୍ଣ ହେବାକୁ ଲକ୍ଷ୍ୟ ରଖାଯାଇଛି। ପୂର୍ବରୁ ଦାଖଲ ଖାରଜ ମାମଲାରେ ମାସାଧିକ ସମୟ ଲାଗୁଥିବାବେଳେ ଏବେ ଏହା ମାତ୍ର ୭ ଦିନ ମଧ୍ୟରେ ହୋଇପାରୁଛି। ମଙ୍ଗଳବାର ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ‘୫-ଟି’ ସମୀକ୍ଷା ବୈଠକରେ ଏହି ସୂଚନା ଦେଇଛନ୍ତି ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ। ୫-ଟି ସଚିବ ଭି.କେ ପାଣ୍ଡିଆନ, ଉନ୍ନୟନ କମିଶନର ପ୍ରଦୀପ ଜେନା, ରାଜସ୍ୱ ଏବଂ ଅର୍ଥ ବିଭାଗର ବରିଷ୍ଠ ପଦାଧିକାରୀ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ।

ବିଭାଗ ନିମନ୍ତେ ଅନୁମୋଦିତ ୫-ଟି ଚାର୍ଟର କାର୍ଯ୍ୟ ସାରଣୀରେ ଥିବା କାର୍ଯ୍ୟର ବିବରଣୀ ଦେଇ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସାହୁ କହିଲେ, ଜମି ନିବନ୍ଧନର ମାତ୍ର କେଇଘଣ୍ଟା ମଧ୍ୟରେ ମାମଲାର ଫଇସଲା ହୋଇଯାଉଛି। କେତେକ ସ୍ଥାନରେ ଲୋକଙ୍କୁ ତ୍ୱରିତ ପଟ୍ଟା ପ୍ରଦାନ କରାଯାଉଛି। ତହସିଲ ଅଫିସ୍‌କୁ ନ ଆସି ହିତାଧିକାରୀ ଅନ୍‌ଲାଇନ୍‌ରେ ଦାଖଲ ଖାରଜ, ଘରବାଡ଼ି ଓ ଜମିର ଆପୋସ ଭାଗବଣ୍ଟା ପାଇଁ ଆବେଦନ କରିପାରୁଛନ୍ତି। ପୂର୍ବରୁ ଘରବାଡ଼ି ପଟ୍ଟା ପାଇଁ ପ୍ରାୟ ୩୦୦ ଦିନ ଲାଗୁଥିଲା। ଏବେ ୯୨% ମାମଲାର ତ୍ୱରିତ ସମାଧାନ ହୋଇପାରୁଛି। ରାଜ୍ୟ ସରକାର ଜାତିଗତ, ବିବିଧ ପ୍ରମାଣପତ୍ରକୁ ଦେୟମୁକ୍ତ କରିଛନ୍ତି। ଯେ କୌଣସି ସ୍ଥାନରୁ ଇ-ଡିଷ୍ଟ୍ରିକ୍ଟ ପୋର୍ଟାଲ ମାଧ୍ୟମରେ ଏଥିଲାଗି ଆବେଦନ କରାଯାଇପାରୁଛି। ଜାନୁଆରୀ ୨୦୨୦ ପରଠାରୁ ଅଦ୍ୟାବଧି ଏହି ପୋର୍ଟାଲ ମାଧ୍ୟମରେ ୧.୧୨ କୋଟିରୁ ଊର୍ଦ୍ଧ୍ୱ ସାର୍ଟିଫିକେଟ ବଣ୍ଟା ସରିଛି। ଜମି କିଣାବିକା ଦଲିଲ ପୂର୍ବରୁ ୩ ଦିନ ମଧ୍ୟରେ ଦିଆଯାଉଥିବାବେଳେ ଏବେ ଏହା ଦିନକରେ ହୋଇପାରୁଛି। ପାର୍ଟନରଶିପ ଫର୍ମ ପଞ୍ଜୀକରଣ ପାଇଁ ୪୫ ଦିନ ଲାଗୁଥିଲାବେଳେ ଏବେ ମାତ୍ର ୯ ଦିନରେ ହୋଇପାରୁଛି। ଇ-ପାଉତି ପୋର୍ଟାଲ ମାଧ୍ୟମରେ ପାଖାପାଖି ୨୦ ଲକ୍ଷ ଖାତାରେ ଲୋକେ ଅନଲାଇନ ଖଜଣା ପୈଠ କରୁଛନ୍ତି।

ଅପରପକ୍ଷେ ଗତ ଜାନୁୟାରୀରୁ ରେଲୱେ, ଜାତୀୟ ରାଜପଥ, ଜଳସେଚନ, ବିଭିନ୍ନ ମେଗା ପ୍ରକଳ୍ପର ଜମି ଅଧିଗ୍ରହଣର ସମୀକ୍ଷା ବୈଠକ ପ୍ରତି ମାସରେ ହେଉଛି। ୫୯ ଗ୍ରାମରେ ୭୫୧ ଏକର ଜମି ବିଭିନ୍ନ ଜଳସେଚନ ପ୍ରକଳ୍ପ ଲାଗି ହସ୍ତାନ୍ତର କରାଯାଇଛି। ୨୬ ଗ୍ରାମରେ ୪୫୦ ଏକର ଜମି ଅଧିଗ୍ରହଣ କରାଯାଇ ରେଲୱେକୁ ପ୍ରଦାନ କରାଯାଇଛି। ଖୋର୍ଦ୍ଧାରୋଡ୍-ବଲାଙ୍ଗୀର, ଅନୁଗୋଳ-ସୁକିନ୍ଦା, ବୁଢ଼ାପଙ୍କ-ସାଲେଗାଓଁ ଏବଂ ଜୟପୁର-ମାଲକାନଗିରି ଆଦି ରେଳ ପ୍ରକଳ୍ପର ଜମି ଅଧିଗ୍ରହଣ କାର୍ଯ୍ୟରେ ଉଲ୍ଲେଖନୀୟ ଅଗ୍ରଗତି ହୋଇଛି। ବିଭିନ୍ନ ଶିକ୍ଷାନୁଷ୍ଠାନକୁ ୧୦,୦୦୦ ପଟ୍ଟା ଦିଆଯାଇଛି। ଜଳ ଜୀବନ ମିଶନ, ୫୫ ସ୍ଥାନରେ ବସ୍‌ଷ୍ଟାଣ୍ଡ, ୧୮,୩୭୩ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ହିତାଧିକାରୀଙ୍କୁ ଆବଶ୍ୟକ ଜମି ପ୍ରଦାନ କରାଯାଇଛି। ସୁବର୍ଣ୍ଣରେଖା, ଧାମରା ବନ୍ଦର ନିମନ୍ତେ ଯଥାକ୍ରମେ ୪୧୩ ଏବଂ ୫୯୮ ଏକର, ଜୟପୁର ଓ ମାଲକାନଗିରି ଏୟାରଷ୍ଟ୍ରିପ୍ ନିମନ୍ତେ ଯଥାକ୍ରମେ ୧୮ ଏବଂ ୭୩ ଏକର, ପାଇକ ସ୍ମାରକୀ ନିମନ୍ତେ ୯ ଏକର ଜମି ପ୍ରଦାନ କରାଯାଇଛି। ଦେବଗଡ଼ ଜିଲାରେ ହାଇ-ଟେକ୍ ସର୍ଭେ ସମ୍ପୂର୍ଣ ହୋଇଛି। ପାଖାପାଖି ୩୦୦ ଗ୍ରାମରେ ୟୁନିକ୍ ଲାଣ୍ଡ ପାର୍ସଲ ଆଇଡିଏଣ୍ଟିଫିକେଶନ୍ ନମ୍ବର (ୟୁଏଲ୍‌ପିଆଇଏନ୍) ସୃଷ୍ଟି କରାଯାଇଛି। ଯାଜପୁର, କଳାହାଣ୍ଡି, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା ଜିଲାର ୨୩୪ ଗ୍ରାମରେ ସର୍ଭେ ନିମନ୍ତେ ବିଜ୍ଞପ୍ତି ପ୍ରକାଶ ପାଇସାରିଥିବା ଅତିରିକ୍ତ ମୁଖ୍ୟ ଶାସନ ସଚିବ ସାହୁ ସୂଚନା ଦେଇଛନ୍ତି।



**ଆଜିର ମନ୍ତବ୍ୟ**

"ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତେଲଙ୍ଗାନାର ଶତ୍ରୁ। କେନ୍ଦ୍ରରୁ ଭାଜପା ନେତୃତ୍ୱାଧୀନ ସରକାରଙ୍କୁ ଗାଦିଚ୍ୟୁତ କରିବା ସମୟ ଆସିଯାଇଛି।

–କେ. ଚନ୍ଦ୍ରଶେଖର ରାଓ, ତେଲଙ୍ଗାନା ମୁଖ୍ୟମନ୍ତ୍ରୀ

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ରିୟା
ପରିବାରବର୍ଗ


ଆୟୁଷମାନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି–୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ୫ ପଞ୍ଚାୟତର ୨୫ ଗାଁ ବାହ୍ୟଜଗତରୁ ବିଚ୍ଛିନ୍ନ

**ବାଲିପାଟଣା,୧୬।୮(ଡି.ଏନ୍.ଏ.):** ଭାର୍ଗବୀ ନଦୀର ଅଚ୍ୟୁତପୁର କାଜରେ ବନ୍ୟାଜଳ ଆସିବାରୁ ଧନୁଆ ନଦୀର ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି। ଫଳରେ ଖୋର୍ଦ୍ଧା ଜିଲା ବାଲିପାଟଣା ବ୍ଲକର ୫ ପଞ୍ଚାୟତର ୨୫ ଗାଁ ଜଳମଗ୍ନ ହେବା ସହ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇଯାଇଛି। ହଜାର ହଜାର ହେକ୍ଟର ଚାଷଜମି ଜଳମଗ୍ନ ହୋଇ ରହିଛି। ବିଭିନ୍ନ ବିଭାଗର ସରକାରୀ ଅଧିକାରୀ ଉକ୍ତ ଅଞ୍ଚଳ ବୁଲିବା ସହ ମୋଟର ବୋଟ୍ ଯୋଗାଇ ଦେଇଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଗଲି ଅଇଲି,**
**ଯାହା ଦେଖିଲି ତାହା କହିଲି।**

ବେଳେ ବେଳେ ଆଖିକୁ ଯାହା ଦେଖାଯାଏ ତାହା ସମ୍ପୂର୍ଣ୍ଣ ସତ୍ୟ ହୋଇ ନ ଥାଏ। କଥାର ମଞ୍ଜି ଭିତରକୁ ନ ପଶିଲେ ସତ କଥା ଆଢୁଆଳରେ ରହିଯାଏ। କଥା ବା ଘଟଣାର ଭିତରକୁ ନ ଯାଇ ଉପର ଠାଉରିଆ ଭାବେ ମନ୍ତବ୍ୟ ଦେବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଗୋଡ଼ ମୁଦି ଆଗୁଆଳି**
**କଥାଏ ଦି'କଥା କହି ଥାଆନ୍ତି**
**ସାଙ୍ଗେ ସାଙ୍ଗେ ଜଗୁଆଳି।**

ସାଧାରଣତଃ ସମୟ ସୁବିଧା ଦେଖି ବ୍ୟକ୍ତି ନିଜ ମନର କଥାକୁ ଅନ୍ୟ ଆଗରେ ପ୍ରକାଶ କରିଥାନ୍ତି। ତେବେ ପାଖରେ ଯଦି କେହି ନିଜ ଲୋକ ବା ଆତ୍ମୀୟ ଉପସ୍ଥିତ ରହିଥାଏ ତା'ହେଲେ ମନର କଥା ଖୋଲି କହିବାରେ ଅସୁବିଧା ସୃଷ୍ଟି ହୋଇଥାଏ। ପାଖରେ ଆତ୍ମୀୟ ଲୋକ ଥିଲେ ଗୋପନ କଥା ପ୍ରକାଶ କରିବା ଅତ୍ୟନ୍ତ ବିପଜ୍ଜନକ ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ସମସ୍ୟା ସମାଧାନ ପରିପ୍ରେକ୍ଷୀରେ ପ୍ରତ୍ୟେକ ପ୍ରତିବନ୍ଧକକୁ ଦୃଢ଼ତାର ସହ ସମ୍ମୁଖୀନ ହୋଇ କାମ କରିବେ। ପାଖ ଲୋକଟି ଅନ୍ୟର ନିର୍ଦ୍ଦେଶରେ କାମ କରିବା ଫଳରେ ସନ୍ଦେହଜନକ ସ୍ଥିତି ଉତ୍ପନ୍ନ ହୋଇପାରେ। ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହେବ। ବ୍ୟବସାୟ ଓ ପରିବହନ ସମସ୍ୟାର ସମାଧାନ ହୋଇଯିବ।

**ବୃଷ**
ଆଜିର କର୍ମକ୍ଷେତ୍ରରେ ଫେରନ୍ତା ସମୟରେ ବନ୍ଧୁଙ୍କ ନିକଟରୁ ମୂଲ୍ୟବାନ ଦ୍ରବ୍ୟ ପାଇପାରନ୍ତି। ଯାତ୍ରା ସମୟରେ ଅଜଣା ଅଶୁଣା ବ୍ୟକ୍ତି ପ୍ରତି ସତର୍କ ରୁହନ୍ତୁ। ଅନ୍ୟମନସ୍କ କିମ୍ବା ଅସାବଧାନତାରୁ ଦ୍ରବ୍ୟ ନଷ୍ଟ କିମ୍ବା ଧନ ହାନି ଘଟିପାରେ। ଅବହେଳା ଯୋଗୁ କେତେକ କାମ ସକାଶେ ଅନ୍ୟର ସାହାଯ୍ୟ ନେବାକୁ ବାଧ୍ୟହେବେ।

**ମିଥୁନ**
ଦୀର୍ଘଦିନରୁ ଲାଗି ରହିବା ସମସ୍ୟାର ସମାଧାନ ଅନ୍ୟର ସାହାଯ୍ୟରେ ହୋଇଯିବ। ପଡ଼ୋଶୀଙ୍କ ସହାୟତାରେ ବାକି ପଡ଼ିଥିବା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ଶିଳ୍ପ,ବାଣିଜ୍ୟ କ୍ଷେତ୍ରରେ ସମସ୍ୟା ଓ ପ୍ରତିବନ୍ଧକ ଦୂର ହୋଇଯିବାର ଆଶା ରହିଛି । ଆଜି ବନ୍ଧୁମେଳରେ ଅପ୍ରିୟ ସତ୍ୟ ଭାଷଣରୁ ଦୂରେଇ ରହନ୍ତୁ।

**କର୍କଟ**
ସ୍ୱାସ୍ଥ୍ୟ ସମସ୍ୟା ବହୁଳାଂଶରେ ଦୂରେଇଯିବ। ଭୁଲ୍ ବୁଝାମଣା କାରଣରୁ ଭଲ ସମ୍ପର୍କ ନ ଥିବା ଆତ୍ମୀୟମାନେ ହଠାତ୍ ଶତ୍ରୁତା କରିବେ। ନିର୍ମାଣାଧୀନ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିବା ପୂର୍ବରୁ ସମସ୍ୟା ଭିତରେ ଛନ୍ଦି ହୋଇଯିବାର ଆଶଙ୍କା ରହିଛି । କୌଣସି ନୂତନ ଯୋଜନା ଆରମ୍ଭ କରିବା କ୍ଷେତ୍ରରେ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ।

**ସିଂହ**
ପରିବାରରେ ସାଧାରଣ କଥାକୁ କେନ୍ଦ୍ରକରି ମନରେ ବିରକ୍ତି ଭାବ ସୃଷ୍ଟି ହେବ। ଅବଶ୍ୟ କର୍ମକ୍ଷେତ୍ରର ପ୍ରତ୍ୟେକ କ୍ଷେତ୍ରରେ ବୁଝାମଣା ଠିକ୍ ରହିବ। ପ୍ରତିବେଶୀଙ୍କ ସହ ସମ୍ପର୍କ ମଧୁର ରହିବା ଦ୍ୱାରା କେତେକାଂଶରେ ଉପକୃତ ହେବେ। ନିଜର ଅବହେଳା ଓ ସମୟୋଚିତ ପଦକ୍ଷେପ ଅଭାବରୁ ପ୍ରାପ୍ୟଧନରେ ବାଧା ସୃଷ୍ଟି ହେବ ।

**କନ୍ୟା**
ପ୍ରଶାସନିକ ସ୍ତରରେ ମନ ମୁତାବକ କାମ ନ ହେବା ଯୋଗୁ କ୍ଷୁବ୍ଧ ହୋଇପାରନ୍ତି । ସହକର୍ମୀମାନଙ୍କ ଦ୍ୱାରା ସହଜରେ କାମ ହାସଲ ହେବା କଷ୍ଟକର ହେବ। ସରକାରୀ କ୍ଷେତ୍ରରୁ ଲାଭର ଆଶା ସତ୍ୟରେ ପରିଣତ ହେବ। ବନ୍ଧୁ ଗହଣରେ ସତ୍ୟ ପ୍ରକାଶ କରି ବିବାଦଗ୍ରସ୍ତ ହୋଇପାରନ୍ତି।

**ତୁଳା**
ଆକସ୍ମିକ ଭାବେ ଅନ୍ୟଦ୍ୱାରା ପ୍ରେରିତ ହୋଇ ଦୂରସ୍ଥାନକୁ ଯାତ୍ରା କରିବାକୁ ପଡ଼ିପାରେ। ସାଧାରଣ କଥାରେ ତର୍କ ବିତର୍କଜନିତ ସ୍ତ୍ରୀଙ୍କ ସହ ମନୋମାଳିନ୍ୟ ଘଟିପାରେ। କଳା, ସାହିତ୍ୟ, ସଂଗୀତ, ଚଳଚ୍ଚିତ୍ର ତଥା ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରିବେ। ବହୁତ ଦିନରୁ ରଖିଥିବା ଅର୍ଥ ଭିନ୍ନ ବାଟରେ ଖର୍ଚ୍ଚ ହୋଇଯିବ।

**ବିଛା**
ଅବହେଳା କାରଣରୁ ଅଟକି ରହିଥିବା କାମ ସକାଶେ ଅଭିଯୋଗ ଆସିପାରେ। ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବା ହେତୁ ଆଶ୍ୱସ୍ତି ଲାଭ କରିବେ । ମନ ଇଚ୍ଛାରେ କାମ ନ କରି ଆବଶ୍ୟକ ସ୍ଥଳେ ଅନ୍ୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କଲେ ଉପକୃତ ହେବେ। ପରିବାରରେ ଅଭାବ ନ ଥିଲେ ମଧ୍ୟ ମାନସିକ ଅଶାନ୍ତି ଲାଗି ରହିପାରେ।

**ଧନୁ**
ପ୍ରତ୍ୟେକ କ୍ଷେତ୍ରରେ ଅନ୍ୟମାନଙ୍କ ପରାମର୍ଶରେ କାର୍ଯ୍ୟକଲେ ସଫଳତା ପାଇବେ। ଅଧିକାଂଶ ସମୟ ସ୍ୱାସ୍ଥ୍ୟ ସମସ୍ୟା ନେଇ ଚିନ୍ତିତ ରହିପାରନ୍ତି। ଶତ୍ରୁ ଆପଣଙ୍କ ପଛରେ ଛାଇଭଳି ଲାଗି ରହିପାରନ୍ତି। ଅସମର୍ଥିତ ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିବ।

**ମକର**
ଛୋଟ ଛୋଟ କଥାରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ସଫଳତା ହାସଲ କରିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବା କାରଣରୁ ସାମୟିକ ମାନସିକ ଶାନ୍ତି ପାଇବେ । ସମ୍ପର୍କୀୟ ଜଣେ ବନ୍ଧୁ ଅର୍ଥ ସାହାଯ୍ୟର ପ୍ରତିଶ୍ରୁତି ଦେଇପାରନ୍ତି।

**କୁମ୍ଭ**
ସହଜ ଓ ସୁବିଧାରେ କାମ ହାସଲ କରିବା କଷ୍ଟକର ହୋଇ ପଡ଼ିବ। ସ୍ନାୟବିକ ଦୁର୍ବଳତା ଅନୁଭବ କରିବେ ; ଯାହା କି କାର୍ଯ୍ୟକ୍ଷେତ୍ରକୁ ମନ୍ଥର କରିପାରେ । ଶତ୍ରୁ ଉପଦ୍ରବ ସମ୍ପୂର୍ଣ୍ଣ ଭାବେ ନ କମିଲେ ମଧ୍ୟ ଚିନ୍ତାଜନକ ହେବ ନାହିଁ। ପ୍ରକାଶନ, ରାଜନୀତି, ସଂଗଠନ ଓ ପ୍ରଶାସନିକ ସ୍ତରରେ କାମ ଠିକ୍ ଭାବରେ ଚାଲିବ।

**ମୀନ**
ସାମାଜିକ ସ୍ତରରେ ମିଥ୍ୟା ଗୁଜବ ମନକୁ ଆତଙ୍କିତ କରିପାରେ। କଚେରି ମାମଲା କିମ୍ବା ବିବାଦୀୟ ଘଟଣାରେ ବିଜୟୀ ହେବେ। ସାଧାରଣ କଥାକୁ କେନ୍ଦ୍ରକରି ପରିବାରରେ ଝଡ଼ ଉଠିପାରେ। କର୍ମକ୍ଷେତ୍ରରେ କାର୍ଯ୍ୟଦକ୍ଷତା କାରଣରୁ ସାମାଜିକ ପ୍ରତିଷ୍ଠା ବଢ଼ିବ।


classifieds Everyday 0674-2580101, 2549302




**BRIDE WANTED**

Suitable bride require for brahmin groom for details contact: 7978409094. D-73714

**GROOM WANTED**

**Alliance for pretty Oriya girl 27/5'4" B.Tech,MBA in TCS, BBSR. Father in PSU, Boy should be in MNC/IT Co at BBSR/ Metro. Caste no bar. Mob: 9910041122.** D-1258

Wanted suitable Bengali/Odia groom for my daughter, 5'3", 38y, Assistant Professor. Contact- 8249848300. D-1253

America ଫେରନ୍ତା 47 ବୟସ୍କା Widow କରଣ ଚାକିରିଆ ଝିଅଙ୍କୁ any caste ଘରଜ୍ୱାଇଁ ଆବଶ୍ୟକ। 6371298869. D-1254

**GROOM wanted for 26yrs goodlooking MBBS doctor Khyatriya girl from highly reputed Odia family. Goodlooking groom from well-mannered and cultured Odia family IAS/ IPS/ IFS / IFoS / Allied services / Good employed PG Doctors below 30yrs age may send details to: dulcybbsr2022@gmail.com.** D-73343




**SALE**

**Infocity-II, Madanpur ପାଖରେ 2000sqft.କୁ 24,00,000/- ଟଙ୍କାରେ ପାଚେରି ସହ plot ବିକ୍ରିହେବ। 7978617023.** D-1270

ସ୍ଥିତିବାନ ଘରବାରି ପ୍ଲଟ୍ ପାଚେରି ସହିତ ବିକ୍ରିହେବ। ଉତ୍ତରା ଟଙ୍କପାଣିରୋଡ୍ ପାଖରେ। 9861201010. D-73856

Gharabari conversion plot with 30ft. internal road for sale near DN Regalia Patrapada, Bhubaneswar @ 7978801755. D-73850

**ନଖରା East କଲେଜଠାରୁ 2.5k.m. ଦୂରତାରେ @870/- ପାଚେରି ଥାଇ Govt. Medical ନିକଟରେ ଘରବାରି ପ୍ଲଟ୍ ମିଳୁଛି। 9348152874.** D-73291

5BHK Triplex 55,00,000/- finishing Hanspal, 3BHK duplex 20,00,000/- Balianta - 8093465134. D-73346

"Ready to move in 2 BHK flat 2 Nos. adjacent to each other convertible to 4 BHK, for sale at Khordha Town, Odisha,1000 Square feet each, @3950/- sqft , 24*7 lift, common area Power Backup, Security, Parking, Children's Park, Morning Walk field apx 5 acres, Bus Stand, Vegetable Market just one minute away. Prime location." Phone No. 9437493881, 9337220630. D-1220

Booking open for 2BHK and 3BHK flats at Badagad Canal road, Bhubaneswar. Contact: 9124721060. D-71351




**Construct your Dream home @460/-, 850/-, 1325/- with Branded material along with 3Years AMC & 50 years structural guarantee. We provide plan approval, Boring, Bank Estimate. Contact The Engineering Pvt. Ltd. 9439856856.** D-1116




Newly open full body massage 1099 free massage one. Mo: 9583808247. D-1164

**Relax, Refresh your body, Mind at Saikrupa Spa with best therapies. 8984068077.** D-1248

Refresh your body with best therapist Ashirvad Panchakarma harbal SPA Kesarimall. 8926173473. D-73951

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ଜୀବନ ହାନି ନ ହେବା ସୁନିଶ୍ଚିତ କର






**ଭୁବନେଶ୍ୱର,୧୬।୮(ବ୍ୟୁରୋ)**

କୌଣସି ଗୋଟିଏ ଜୀବନ ଯେପରି ହାନି ନ ହୁଏ ତାହା ସୁନିଶ୍ଚିତ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟର ବନ୍ୟା ପରିସ୍ଥିତି ସମୀକ୍ଷା କରି ନିର୍ଦ୍ଦେଶ ଦେଇଛନ୍ତି। ସାଧାରଣ ଜୀବନ ଯାତ୍ରାରେ ଯେପରି ବ୍ୟାପକ ଅସୁବିଧା ନ ହୁଏ ସେଥିପ୍ରତି ଯତ୍ନବାନ ହେବାକୁ ସେ ପରାମର୍ଶ ଦେଇଛନ୍ତି। ନିୟମିତ ସମୀକ୍ଷା କରିବାକୁ ମୁଖ୍ୟ ଶାସନ ସଚିବ ଓ ଏସ୍ଆରସିଙ୍କୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

ମହାନଦୀରେ ଜଳ ପତନ ବୃଦ୍ଧି ପାଉଥିବାରୁ ୧୦ ଜିଲା ପାଇଁ ବନ୍ୟା ବିପଦ ବଢ଼ିବାରେ ଲାଗିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ମୁଖ୍ୟ ଶାସନ ସଚିବ, ଉନ୍ନୟନ କମିଶନର ତଥା ସ୍ୱତନ୍ତ୍ର ରିଲିଫ୍ କମିଶନର ଏବଂ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀଙ୍କ ସହ ଭିଡିଓ କନ୍ଫରେନ୍ସ ଜରିଆରେ ବନ୍ୟା ପରିସ୍ଥିତିର ସମୀକ୍ଷା କରିଛନ୍ତି। ବିପଦସଙ୍କୁଳ ଅବସ୍ଥାରେ ଥିବା ଲୋକମାନଙ୍କୁ ପ୍ରାଥମିକତା ଭିତ୍ତିରେ ସ୍ଥାନାନ୍ତର କରିବା ସହ ଆବଶ୍ୟକ ରିଲିଫ୍ ଓ ମୌଳିକ ସୁବିଧା ଯୋଗାଇ ଦେବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

କ୍ରମାଗତ ବର୍ଷା ଲାଗି ରହିଥିବାରୁ ମହାନଦୀ ଅବବାହିକା ଅଞ୍ଚଳର ୧୦ ଜିଲାରେ ବନ୍ୟା ହେବା ସମ୍ଭାବନା ଦେଖାଦେଇଛି। ଏହି ଜିଲାର ଜିଲାପାଳମାନେ ସତର୍କ ରହିବା ସହ ବନ୍ୟା ପରିସ୍ଥିତି ରୋକିବା ପାଇଁ ସମସ୍ତ ପ୍ରକାର ପଦକ୍ଷେପ ନେବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏନ୍ଡିଆରଏଫ୍, ଓଡ୍ରାଫ୍ ଓ ଅଗ୍ନିଶମ ୟୁନିଟ୍‌ଗୁଡ଼ିକୁ ବିପଦସଙ୍କୁଳ ସ୍ଥାନଗୁଡ଼ିକରେ ସଜାଗ ରଖି ଆବଶ୍ୟକ ସ୍ଥଳେ ଲୋକଙ୍କ ଉଦ୍ଧାର କାର୍ଯ୍ୟରେ ନିୟୋଜିତ କରାଯିବା ଉପରେ ସେ ଗୁରୁତ୍ୱ ଦେଇଛନ୍ତି। ଡାକ୍ତରଖାନା, ଜଳ ଯୋଗାଣ ଓ ବିଦ୍ୟୁତ୍ ଯୋଗାଣ ବ୍ୟବସ୍ଥା ପରି ଜୀବନ ରକ୍ଷାକାରୀ ସଂସ୍ଥାଗୁଡ଼ିକୁ ନିରବଚ୍ଛିନ୍ନ ଭାବେ ସେବା ଯୋଗାଇ ଦେବା, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଗ୍ରାମାଞ୍ଚଳରେ ସ୍ୱଚ୍ଛ ପାନୀୟ ଜଳର ବ୍ୟବସ୍ଥା କରିବା, ସ୍ୱାସ୍ଥ୍ୟ ବିଭାଗ ପ୍ରଭାବିତ ଅଞ୍ଚଳରେ ଲୋକଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ରାସ୍ତାଘାଟର କ୍ଷତି ହୋଇ ଯଦି ଯୋଗାଯୋଗ ବ୍ୟବସ୍ଥା ବ୍ୟାହତ ହୁଏ ତେବେ ସେଗୁଡ଼ିକର ଯୁଦ୍ଧକାଳୀନଭିତ୍ତିରେ ମରାମତି ପାଇଁ ବ୍ୟବସ୍ଥା କରିବା ଆବଶ୍ୟକ। ସେହିପରି ଶକ୍ତି ବିଭାଗ ମଧ୍ୟ ବିଦ୍ୟୁତ୍ ଯୋଗାଯୋଗ ବ୍ୟାହତ କ୍ଷେତ୍ରରେ ତୁରନ୍ତ ପୁନଃ ସଂଯୋଗ ପାଇଁ ବ୍ୟବସ୍ଥା କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି।

ବୈଠକରେ ସ୍ୱତନ୍ତ୍ର ରିଲିଫ୍ କମିଶନର (ଏସ୍ଆରସି) ପି. କେ. ଜେନା ବନ୍ୟା ପ୍ରସ୍ତୁତି ଓ ପଦକ୍ଷେପ ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଯେ ମହାନଦୀ ଉପର ଓ ତଳମୁଣ୍ଡରେ ବର୍ଷା ହୋଇ ୧୦ ଜିଲାରେ ବନ୍ୟା ପରିସ୍ଥିତି ଦେଖାଦେଇଛି। ୭ ଜିଲାରେ ୯ଟି ଓଡ୍ରାଫ୍, ୬ ଜିଲାରେ ୯ଟି ଏନ୍ଡିଆରଏଫ୍ ଟିମ୍, ୪୪ ଅଗ୍ନିଶମ ସେବା ୟୁନିଟ୍‌କୁ ସଜାଗ ରଖାଯାଇଛି। ସମସ୍ତ ଜିଲା ପ୍ରଶାସନକୁ ହାଇ ଆଲର୍ଟରେ ରଖାଯାଇଛି। ଆବଶ୍ୟକ ହେଲେ ଲୋକମାନଙ୍କୁ ସ୍ଥାନାନ୍ତର କରିବାକୁ ୧୦ ଜିଲାର ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହିତ ପଞ୍ଚାୟତ ଅନୁଷ୍ଠାନଗୁଡ଼ିକର ସହାୟତା ନେବା ପାଇଁ ମଧ୍ୟ ପରାମର୍ଶ ଦିଆଯାଇଛି।

ମୁଖ୍ୟମନ୍ତ୍ରୀଙ୍କ ସଚିବ(୫–ଟି) ଭି.କେ. ପାଣ୍ଡିଆନ ସମ୍ବଲପୁର, କଟକ, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା ଜିଲାପାଳ ଓ କଟକ ମହାନଗର ନିଗମ କମିଶନରଙ୍କ ସହିତ ବନ୍ୟା ସ୍ଥିତି ସମ୍ପର୍କରେ ଆଲୋଚନା କରିଛନ୍ତି। ଜିଲା ପ୍ରଶାସନ ସମ୍ପୂର୍ଣ୍ଣ ଭାବରେ ସଜାଗ ରହି ପରିସ୍ଥିତି ଉପରେ ନଜର ରଖିଛି। କେତେକ ସ୍ଥାନରେ ଲୋକଙ୍କୁ ସ୍ଥାନାନ୍ତର ମଧ୍ୟ କରାଯାଉଛି ବୋଲି ଜିଲାପାଳମାନେ ସୂଚନା ଦେଇଛନ୍ତି। ବୈଠକରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ବିଭିନ୍ନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ପ୍ରମୁଖ ସଚିବ, ସଚିବ ଓ ଜିଲାପାଳମାନେ ଉପସ୍ଥିତ ଥିଲେ।

## ମୁଖ୍ୟମନ୍ତ୍ରୀଙ୍କ ବନ୍ୟା ସମୀକ୍ଷା

- ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ
- ମୁଖ୍ୟ ଶାସନ ସଚିବ, ଏସ୍ଆରସି ନିୟମିତ ବନ୍ୟା ସମୀକ୍ଷା କରିବେ
- ୪ ଜିଲା ବନ୍ୟା ପରିସ୍ଥିତି ସମ୍ପର୍କରେ ଆଲୋଚନା କଲେ ୫-ଟି ସଚିବ
- ଏନ୍ଡିଆରଏଫ୍, ଓଡ୍ରାଫ୍, ଅଗ୍ନିଶମ ବାହିନୀ ମୁତୟନ

## ଖରିଫ ଧାନ ସଂଗ୍ରହ ପଞ୍ଜୀକରଣ ଅବଧି ୨୨କୁ ବୃଦ୍ଧି

**ଭୁବନେଶ୍ୱର,୧୬।୮(ବ୍ୟୁରୋ)**

ରାଜ୍ୟ ସରକାର ଖରିଫ ଧାନ ସଂଗ୍ରହ ପାଇଁ ଚାଷୀ ପଞ୍ଜୀକରଣ ପ୍ରକ୍ରିୟାର ସମୟ ଅବଧିକୁ ଆସନ୍ତା ୨୨ ତାରିଖ ପର୍ଯ୍ୟନ୍ତ ବଢ଼ାଇ ଦେଇଛନ୍ତି। ଏନେଇ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପ୍ରମୁଖ ସଚିବ ସମସ୍ତ କୋଅପରେଟିଭ ସୋସାଇଟିର ରେଜିଷ୍ଟ୍ରାର ଏବଂ ଜିଲାପାଳମାନଙ୍କୁ ଚିଠି ଜାରି କରିଛନ୍ତି। ସେଥିରେ ଉଲ୍ଲେଖ ରହିଛି ଯେ, ଖରିଫ ଧାନ ସଂଗ୍ରହ ଲାଗି ଚାଷୀଙ୍କ ପଞ୍ଜୀକରଣ ଅବଧି ଗତ ଜୁଲାଇ ୧୫ରୁ ଆରମ୍ଭ ହୋଇ ଅଗଷ୍ଟ ୧୬ ମଧ୍ୟରେ ଦାଖଲ ହେବାର ଥିଲା। ହେଲେ ବିଭିନ୍ନ ପରିସ୍ଥିତିକୁ ଦୃଷ୍ଟିରେ ରଖି ଏବେ ରାଜ୍ୟ ସରକାର ଏହି ଅବଧି ଆସନ୍ତା ୨୨ ପର୍ଯ୍ୟନ୍ତ ବୃଦ୍ଧି କଲେ। ଏଣୁ ଚାଷୀମାନେ ସେମାନଙ୍କ ନିକଟସ୍ଥ ଅନୁମୋଦିତ କୃଷି ସମବାୟ ସମିତି(ପାକ୍ସ, ଲାମ୍ପ୍ସ,ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ, ପାଣି ପଞ୍ଚାୟତ)ରେ ଉକ୍ତ ଅବଧି ମଧ୍ୟରେ ପଞ୍ଜୀକରଣ କରିପାରିବେ। ସେହିପରି ଡିଜିଟାଲ ଫର୍ମ ପୂରଣ ଲାଗି ଥିବା ସମୟ ଅବଧିକୁ ଆସନ୍ତା ୨୮ ତାରିଖ ଯାଏ ବୃଦ୍ଧି କରାଯାଇଛି। ଧାନ ସଂଗ୍ରହ କରିବା ପାଇଁ ଚାଷୀଙ୍କ ତାଲିକା ସେପ୍ଟେମ୍ବର ୩୦ ପର୍ଯ୍ୟନ୍ତ ବଢ଼ାଯାଇଛି।

## କମିଲା ବର୍ଷା, ସାମାନ୍ୟ ଆଶ୍ୱସ୍ତି ମିଳିଛି: ଡ୍ୟାମ୍ ମୁଖ୍ୟଯନ୍ତ୍ରୀ

**ସମ୍ବଲପୁର,୧୬।୮(ବ୍ୟୁରୋ)**



ସମ୍ବଲପୁର ହୀରାକୁଦ ଜଳଭଣ୍ଡାରରେ ଜଳସ୍ତର ବୃଦ୍ଧି ପାଇ ମଙ୍ଗଳବାର ୬୨୭ ଫୁଟ୍‌ରେ ପହଞ୍ଚିଛି। ଜଳଭଣ୍ଡାର କ୍ଷମତା ସର୍ବାଧିକ ୬୩୦ ଫୁଟ୍ ରହିଥିବା ବେଳେ ବିପଦସଙ୍କେତରେ ପହଞ୍ଚିବାକୁ ଆଉ ମାତ୍ର ୩ ଫୁଟ୍ ବାକି ରହିଛି। ଜଳଭଣ୍ଡାରର ଏଭଳି ସ୍ଥିତିକୁ ନେଇ ସମ୍ବଲପୁର ତଳି ଅଞ୍ଚଳବାସୀ ଭୟଭୀତ ହୋଇଯାଇଛନ୍ତି। ହେଲେ ଉପରମୁଣ୍ଡ ଛତିଶଗଡ଼ରେ ବର୍ଷା କମିଯାଇଛି। ଏହାସହ ଜଳଭଣ୍ଡାରରେ ମିଶୁଥିବା ଇବ୍ ଓ କେଲୋ ନଦୀର ଜଳପ୍ରବାହ ମଧ୍ୟ କମିଯାଇଛି। ସୋମବାର ଜଳଭଣ୍ଡାରକୁ ପ୍ରତି ସେକେଣ୍ଡରେ ୧୦ ଲକ୍ଷ କ୍ୟୁସେକ ଜଳ ପ୍ରବେଶ କରୁଥିବା ବେଳେ ମଙ୍ଗଳବାର ସନ୍ଧ୍ୟାରେ ଏହା ହ୍ରାସପାଇ ୬ଲକ୍ଷ ୯୧ ହଜାର ୯୫୦ କ୍ୟୁସେକରେ ପହଞ୍ଚିଛି। ଏଭଳି ସ୍ଥିତିକୁ ଦେଖି ସାମାନ୍ୟ ଆଶ୍ୱସ୍ତି ମିଳିଛି ବୋଲି ହୀରାକୁଦ ଜଳଭଣ୍ଡାର ମୁଖ୍ୟଯନ୍ତ୍ରୀ ଆନନ୍ଦ କୁମାର ସାହୁ କହିଛନ୍ତି। ସେ ଆହୁରି କହିଛନ୍ତି, ଜଳଭଣ୍ଡାରରେ ଜଳଧାରଣ କ୍ଷମତା ପାଖାପାଖି ଜଳସ୍ତର ପହଞ୍ଚିଛି। ତେଣୁ ଜଳ ନିଷ୍କାସନ ପରିମାଣ ବଢ଼ାଇବା ପାଇଁ ଗେଟ୍ ଖୋଲିବା ସଂଖ୍ୟା ୪୦କୁ ବୃଦ୍ଧି କରାଯାଇଛି। ଏବେ ଜଳଭଣ୍ଡାରକୁ ୬ଲକ୍ଷ ୯୧ହଜାର ୯୫୦ କ୍ୟୁସେକ ଜଳ ପ୍ରବେଶ କରୁଛି। ତେଣୁ ନିୟନ୍ତ୍ରଣ କରିବା ପାଇଁ ପ୍ରାୟ ସମାନ ୬ଲକ୍ଷ ୧୦ହଜାର ଜଳ ନିଷ୍କାସନ କରାଯାଉଛି। ବର୍ଷାର ପରିମାଣ କମିଛି। ପାଣିପାଗ ବିଭାଗ ସୂଚନା ମୁତାବକ ଆଗାମୀ ୩ଦିନ ପର୍ଯ୍ୟନ୍ତ ବର୍ଷା ସାମାନ୍ୟ ରହିବ। ତେଣୁ ଭୟଭୀତ ହେବାର କୌଣସି କାରଣ ନାହିଁ ବୋଲି ସେ କହିଥିଲେ। ସୂଚନା ମୁତାବକ ପ୍ରତି ସେକେଣ୍ଡରେ ଜଳଭଣ୍ଡାରକୁ ୬ଲକ୍ଷ ୯୧ ହଜାର ୯୫୦ କ୍ୟୁସେକ ଜଳ ପ୍ରବେଶ କରୁଥିବାବେଳେ ସ୍ପିଲ୍‌ୱେ, ପାୱାର ଚାନେଲ, କୃଷି, ଶିଳ୍ପ ଆଦି କ୍ଷେତ୍ରକୁ ୬ଲକ୍ଷ ୧୦ ହଜାର କ୍ୟୁସେକ ଜଳ ନିଷ୍କାସନ କରାଯାଉଛି।

## ପ୍ରଥମ ପୃଷ୍ଠାରୁ...

### ବୁଡ଼ିଛି ମହାନଦୀ...

ସମୁଦାୟ ୪୦ଟି ଗେଟ୍ ଦେଇ ବନ୍ୟାପାଣି ଛଡ଼ାଯାଉଛି। ଜଳ ସମ୍ପଦ ବିଭାଗରୁ ମିଳିଥିବା ସୂଚନା ମୁତାବକ ଡ୍ୟାମ୍ ଭିତରକୁ ପ୍ରତି ସେକେଣ୍ଡରେ ୬,୯୧,୯୫୦ କ୍ୟୁସେକ ପାଣି ପ୍ରବେଶ କରୁଥିବା ବେଳେ ୬,୧୦,୦୫୩ କ୍ୟୁସେକ ପାଣି ଛଡ଼ାଯାଉଛି। ମହାନଦୀର ମୁଣ୍ଡଳିଠାରେ ୧୨ ଲକ୍ଷ କ୍ୟୁସେକ ଉପରେ ବନ୍ୟାପାଣି ପ୍ରବାହିତ ହେଉଥିବା ବେଳେ ୪୦ଟି ଗେଟ୍ ଖୋଲିବା ପରେ ଜଳସ୍ତର ଆହୁରି ବଢ଼ିବା ଆଶଙ୍କା ଦେଖାଦେଇଛି। ମହାନଦୀ ଓ ଏହାର ଶାଖାନଦୀ ଲୁଣା, କରାଣ୍ଡିଆ, ଚିତ୍ରୋତ୍ପଳା, ଦେବୀ, କୁଶଭଦ୍ରା, ଭାର୍ଗବୀ ଆଦିରେ ବନ୍ୟା ଜଳ ବିପଦ ସଙ୍କେତ ଉପର ଦେଇ ପ୍ରବାହିତ ହେଉଛି। ସେହିପରି ବୈତରଣୀ ନଦୀର ଜେନାପୁର ଏବଂ ସୁବର୍ଣ୍ଣରେଖା ନଦୀର ରାଜଘାଟଠାରେ ବନ୍ୟା ଜଳ ବୃଦ୍ଧି ପାଇବାରେ ଲାଗିଛି। ମହାନଦୀ ଅବବାହିକାରେ ଥିବା ୧୦ଟି ଜିଲା ସମ୍ବଲପୁର, ସୁବର୍ଣ୍ଣପୁର, ବୌଦ୍ଧ, ଅନୁଗୋଳ, ନୟାଗଡ଼, ଖୋର୍ଦ୍ଧା, କଟକ, ପୁରୀ, ଜଗତ୍‌ସିଂହପୁର ଏବଂ କେନ୍ଦ୍ରାପଡ଼ା ଜିଲା ପ୍ରତି ବିପଦ ସୃଷ୍ଟି ହୋଇଛି।

ଆସନ୍ତା ୧୮ ତାରିଖରେ ଉତ୍ତର ପଶ୍ଚିମ ବଙ୍ଗୋପସାଗରରେ ଆଉ ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ଥିବା ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ଆକଳନ କରାଯାଇଛି। ଏହାର ପ୍ରଭାବରେ ୧୮ ତାରିଖ ରାତିରୁ ବର୍ଷା ଆରମ୍ଭ ହେବ। ୨୨ ତାରିଖ ଯାଏ ପ୍ରବଳ ବର୍ଷା ହେବ ବୋଲି ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ଅନୁମାନ କରାଯାଇଛି। ବନ୍ୟା ପରିସ୍ଥିତିକୁ ଆହୁରି ସଙ୍ଗିନ କରିବ ବୋଲି ମଧ୍ୟ ଆଶଙ୍କା ସୃଷ୍ଟି ହୋଇଛି। ଜଗତ୍‌ସିଂହପୁର, ନୟାଗଡ଼, ଯାଜପୁର ଜିଲାର ବନ୍ୟା ପ୍ରଭାବିତ ଅଞ୍ଚଳର ସ୍କୁଲଗୁଡ଼ିକୁ ବୁଧବାର ଓ ଗୁରୁବାର ଛୁଟି ଘୋଷଣା କରାଯାଇଛି।

### ପରିବା ଦର...

ସଜନାଛୁଇଁ ୮୦ ଟଙ୍କା ଥିବାବେଳେ ବିନ୍ସ ଏବଂ ସିମ୍ଲା ଲଙ୍କାର ଦର ୧୦୦ଟଙ୍କା ରହିଛି। ଅନ୍ୟ ହାଟ ଏବଂ ଦୋକାନରେ ପରିବା ଦର କେଜି ପିଛା ୮୦ ଟଙ୍କା ଉପରେ ରହିଛି। ଏ ସମ୍ପର୍କରେ ରାଜଧାନୀ କଞ୍ଚା ପରିବା ବିକ୍ରେତା ମହାସଂଘର ସଭାପତି କବିରାଜ ସ୍ୱାଇଁ କହିଛନ୍ତି, ବନ୍ୟା ପାଇଁ ଏବେ ପରିବା ଦର ଅଧିକ ରହିଛି। ଆଗକୁ ମଧ୍ୟ କିଛିଦିନ ପାଇଁ ଏମିତି ଦର ରହିବ। ବାଙ୍ଗାଲୋରରୁ ବନ୍ଧାକୋବି, ଫୁଲକୋବି, ବିନ୍ସ, ସିମ୍ଲା, ଟମାଟୋ ଆଦି ପରିବା ଆମଦାନୀ ହୋଇଥାଏ। ସେହିପରି ତାମିଲନାଡୁରୁ ସଜନାଛୁଇଁ, କଖାରୁ, ଆନ୍ଧ୍ରପ୍ରଦେଶରୁ ଅମୃତଭଣ୍ଡା, ପଶ୍ଚିମବଙ୍ଗରୁ ବାଇଗଣ, କାଙ୍କଡ, ପୋଟଳ, ଅମୃତଭଣ୍ଡା, ଇନ୍ଦୋରରୁ ଗାଜର ଆମଦାନୀ ହେଉଛି। ସାଧାରଣତଃ ୮୦ ପ୍ରତିଶତ ପରିବା ବାହାର ରାଜ୍ୟରୁ ଆସୁଥିବାବେଳେ ଓଡ଼ିଶାରୁ ୨୦ ପ୍ରତିଶତ ପରିବା ଆମଦାନୀ ହୁଏ। ମାତ୍ର ଏଥର ବର୍ଷାରେ ସେତକ ବି ଭାସିଗଲା। ତେଣୁ ଆମକୁ ସମ୍ପୂର୍ଣ୍ଣରୂପେ ବାହାର ରାଜ୍ୟ ଉପରେ ଭରସା କରିବାକୁ ପଡ଼ିବ। ତେବେ ସମ୍ପ୍ରତି ବାହାର ରାଜ୍ୟରେ ବି ବର୍ଷା ହେଉଥିବାରୁ ସେଠାକାର ସ୍ଥିତି ମଧ୍ୟ ଖରାପ। ତେଣୁ ସେପଟୁ ଓଡ଼ିଶାକୁ ପରିବା ଆସିପାରୁନାହିଁ। ଯେତିକି ପରିବା ମହଜୁଦ ଅଛି ସେଗୁଡ଼ିକୁ ଉଚ୍ଚା ଦାମ୍‌ରେ କିଣିବାକୁ ପଡୁଛି। ତେଣୁ ଖାଉଟିଙ୍କୁ ମଧ୍ୟ ଚଢ଼ା ଦରରେ ବିକ୍ରି କରାଯାଉଛି ବୋଲି ସେ କହିଛନ୍ତି। ସେହିପରି ରାଜ୍ୟର ଉପକୂଳ ଅଞ୍ଚଳରେ ଦର ମହଙ୍ଗା ରହିଛି। କେନ୍ଦ୍ରାପଡ଼ାରେ ଆଳୁ କିଲୋ ପିଛା ୨୪ ଟଙ୍କା ଥିବାବେଳେ ପିଆଜ ୨୦, ରସୁଣ ୫୦, ଅଦା ୮୦, ବାଇଗଣ ୪୦, ଟମାଟୋ ୩୦, ଜହ୍ନି ୭୦, ଭେଣ୍ଡି ୪୦, ପୋଟଳ ୬୦, ଝୁଡ଼ଙ୍ଗ ୬୦, ଅମୃତଭଣ୍ଡା ୩୦, ସଜନା ଛୁଇଁ ୧୦୦, ଫୁଲକୋବି ୭୦, ବନ୍ଧାକୋବି ୫୦ ଏବଂ କଖାରୁ ୩୦ଟଙ୍କା ରହିଛି। ବର୍ତ୍ତମାନ ରାଜ୍ୟରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିବାରୁ ଦର ଆହୁରି ବଢ଼ିବା ଆଶଙ୍କା କରାଯାଉଛି। ତେବେ ଏଭଳି ଚଢ଼ା ଦର ସମସ୍ତ ବର୍ଗର ଖାଉଟିଙ୍କୁ ହନ୍ତସନ୍ତ କରୁଛି।

**୧୯ରେ ଓଡ଼ିଶା ଆସିପାରନ୍ତି ବଂଶଲ**

ଭୁବନେଶ୍ୱର, (ବ୍ୟୁରୋ): ରାଜ୍ୟ ଭାଜପାର ନୂଆ ପ୍ରଭାରୀ ଭାବେ ଦାୟିତ୍ୱ ପାଇଥିବା ସୁନୀଲ ବଂଶଲ ଆସନ୍ତା ୧୯ରେ ଓଡିଶା ଆସିବାର କାର୍ଯ୍ୟକ୍ରମ ରହିଥିବା ନେଇ ଦଳର ଜଣେ ବରିଷ୍ଠ ନେତା ସୂଚନା ଦେଇଛନ୍ତି। ଦାୟିତ୍ୱ ନେବାପରେ ଏହା ବଂଶଲଙ୍କ ପ୍ରଥମ ଗସ୍ତ ହେବାକୁ ଯାଉଛି। ସେ ୨ ଦନିଆ ରାଜ୍ୟ ଗସ୍ତରେ ଆସୁଥିବା ଶୁଣିବାକୁ ମିଳିଛି। ତେବେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ଓଡ଼ିଶା ଗସ୍ତ ଏବଂ ଏହାର ୨ ଦିନ ପରେ ରାଜ୍ୟ ପ୍ରଭାରୀ ଦାୟିତ୍ୱରୁ ଡି.ପୁରନ୍ଦେଶ୍ୱରୀଙ୍କୁ ବଦଳାଇ ତାଙ୍କ ସ୍ଥାନରେ ବଂଶଲଙ୍କୁ ଦାୟିତ୍ୱ ମିଳିବା ଦଳୀୟ କାର୍ଯ୍ୟକର୍ତ୍ତାଙ୍କୁ ଉତ୍ସାହିତ କରିଛି।



# ବିହାର କ୍ୟାବିନେଟରେ ୩୧ ନୂଆ ମନ୍ତ୍ରୀ

- ଆର୍‌ଜେଡିରୁ ସର୍ବାଧିକ
- ଗୃହ ବିଭାଗ ରଖିଲେ ନୀତୀଶ

ପାଟନା,୧୬।୮

ବିହାରରେ ନୂଆ ଗଠବନ୍ଧନ ସରକାରର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ମଙ୍ଗଳବାର ତାଙ୍କ କ୍ୟାବିନେଟ ସମ୍ପ୍ରସାରଣ କରିଛନ୍ତି। ୩୧ ନୂଆ ମନ୍ତ୍ରୀଙ୍କୁ ରାଜ୍ୟପାଳ ଫାଗୁ ଚୌହାନ ପଦ ଓ ଗୋପନୀୟତାର ଶପଥ ପାଠ କରାଇଛନ୍ତି। ସହଯୋଗୀ ଦଳ ଆର୍‌ଜେଡିକୁ ସର୍ବାଧିକ ୧୬ ମନ୍ତ୍ରୀ ପଦ ମିଳିଥିବାବେଳେ ନୀତୀଶଙ୍କ ଜେଡିୟୁରୁ ୧୧ ଜଣ ମନ୍ତ୍ରୀ ହୋଇଛନ୍ତି। ମୁଖ୍ୟମନ୍ତ୍ରୀ ନିଜ ହାତରେ ଗୃହ ବିଭାଗ ରଖିଥିବାବେଳେ ଉପମୁଖ୍ୟମନ୍ତ୍ରୀ ତେଜସ୍ୱୀ ଯାଦବଙ୍କୁ ସ୍ୱାସ୍ଥ୍ୟ, ସଡ଼କ ନିର୍ମାଣ, ସହରାଞ୍ଚଳ ବିକାଶ, ଗୃହନିର୍ମାଣ ଓ ଗ୍ରାମାଞ୍ଚଳ ବିକାଶ ବିଭାଗ ମିଳିଛି। ତାଙ୍କ ଭାଇ ତେଜପ୍ରତାପ ପରିବେଶ ମନ୍ତ୍ରୀ ହୋଇଛନ୍ତି। ପୂର୍ବ କ୍ୟାବିନେଟରେ ଥିବା ଅଧିକାଂଶ ଜେଡିୟୁ ମନ୍ତ୍ରୀ ଏଥର ମଧ ପଦ ବଜାୟ ରଖିଛନ୍ତି। କଂଗ୍ରେସରୁ ୨ ଜଣ, ଜିତନ ରାମ ମାନ୍ଝିଙ୍କ ହିନ୍ଦୁସ୍ତାନୀ ଆୱାମୀ ମୋର୍ଚ୍ଚାରୁ ଜଣେ ଏବଂ ସ୍ୱାଧୀନ ବିଧାୟକ ସୁମିତ କୁମାର ମନ୍ତ୍ରୀ ହୋଇଛନ୍ତି। ଗତ ସପ୍ତାହରେ ନୀତୀଶ କୁମାର ଏନ୍‌ଡିଏରୁ ଓହରିଯାଇ ଆର୍‌ଜେଡି, କଂଗ୍ରେସ ଓ ଅନ୍ୟ ଦଳ ସହ ମିଶି ମହାଗଠବନ୍ଧନ ସରକାର ଗଢ଼ିଥିଲେ। ୧୦ ତାରିଖରେ ସେ ମୁଖ୍ୟମନ୍ତ୍ରୀ ଏବଂ ତେଜସ୍ୱୀ ଉପମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଥିଲେ।



ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ପୂର୍ବରୁ ମଙ୍ଗଳବାର ପାଟନାରେ ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଓ ଉପମୁଖ୍ୟମନ୍ତ୍ରୀ ତେଜସ୍ୱୀ ଯାଦବ।

# ହାତ ଯଦି ନ ଭାଙ୍ଗି ପାରୁଛ ଗୋଡ଼ ଭାଙ୍ଗିଦିଅ, ଜାମିନ କରାଇଦେବି

**ଶିନ୍ଦେ ଗୋଷ୍ଠୀ ବିଧାୟକଙ୍କ ଧମକ**

ମୁମ୍ବାଇ, ୧୬।୮

ଉଦ୍ଧବ ଠାକରେଙ୍କ ଶିବସେନାରୁ ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେଙ୍କ ଗୋଷ୍ଠୀରେ ଯୋଗ ଦେଇଥିବା ବିଧାୟକ ପ୍ରକାଶ ସୁର୍ଭେ ତାଙ୍କ ସମର୍ଥକଙ୍କୁ ଶିବ ସୈନିକଙ୍କ ଉପରେ ଆକ୍ରମଣ କରିବାକୁ କହିଛନ୍ତି। ଏକ ଭାଇରାଲ ଭିଡିଓରେ ସେ କହୁଥିବାର ଦେଖିବାକୁ ମିଳୁଛି ଯେ ଆମେ ତାଙ୍କୁ ତାଙ୍କ ସ୍ଥାନ ନ ଦେଖାଇବା ପର୍ଯ୍ୟନ୍ତ ବିଶ୍ରାମ କରିବା ଉଚିତ ନୁହେଁ। ହାତ ନ ଭାଙ୍ଗି ପାରୁଛ ଯଦି ଗୋଡ଼ ଭାଙ୍ଗିଦିଅ। ତାପର ଦିନ ଜାମିନ କରାଇଦେବି। ଚିନ୍ତା କର ନାହିଁ ବୋଲି ସେ କହୁଥିବାର ଦେଖାଯାଉଛି। ମହାରାଷ୍ଟ୍ର ରାଜନୀତିରେ ଏକନାଥ ଶିନ୍ଦେ ବିଦ୍ରୋହ କରି ଶିବସେନା ମୁଖ୍ୟ ଉଦ୍ଧବ ଠାକରେଙ୍କଠାରୁ ମୁଖ୍ୟମନ୍ତ୍ରୀ ପଦବୀ ଛଡ଼ାଇ ନେଇଛନ୍ତି। ୩୯ ଶିବସେନା ବିଧାୟକ ଶିନ୍ଦେଙ୍କ ସହିତ ଅଛନ୍ତି। ଯଦିଓ ଏହି ଘଟଣାର ଏକ ମାସ ବିତିଗଲାଣି, କିନ୍ତୁ ହିଂସା ଏବଂ ରକ୍ତପାତ ଘଟଣା ଏହି ଦୁଇ ଦଳର ସମର୍ଥକଙ୍କ ମଧ୍ୟରେ ସାମ୍ନାକୁ ଆସୁଛି। ନିଜକୁ ପ୍ରକୃତ ଶିବ ସୈନିକ ବୋଲି କହି ଏହି ବିବାଦ ଜାରି ରହିଛି। ଶିନ୍ଦେ ଦଳର ବିଧାୟକ ପ୍ରକାଶ ସୁର୍ଭେ ଉଦ୍ଧବ ଶିବିରକୁ ଏକ ବଡ଼ ଚ୍ୟାଲେଞ୍ଜ ଦେଇଛନ୍ତି। ମଗଥାନୋରୁ ଦୁଇଥର ବିଧାୟକ ହୋଇଥିବା ପ୍ରକାଶ ଏକ ଫେସବୁକ ଭିଡିଓରେ ତାଙ୍କ ସମର୍ଥକଙ୍କୁ କହିଛନ୍ତି ଯେ କାହାର ଦାଦାଗିରି, ଗାଳିଗୁଲଜକୁ ସହ୍ୟ କରନ୍ତୁ ନାହିଁ। ଯଦି କେହି ଆପଣଙ୍କୁ ଚ୍ୟାଲେଞ୍ଜ କରୁଛି ତେବେ ତାଙ୍କୁ ଚ୍ୟାଲେଞ୍ଜ କର। ସୁର୍ଭେଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରି ଶିବସେନା ମୁମ୍ବାଇ ପୋଲିସ ନିକଟରେ ପହଞ୍ଚିଛି। ଦହିସର ପୋଲିସ ଷ୍ଟେଶନରେ ଅଭିଯୋଗ ଦାଖଲ କରିଥିବା ପୂର୍ବତନ ଶିବସେନା କର୍ପୋରେଟର ଉଦେଶ ପାଟେକର କହିଛନ୍ତି ଯେ ଏହାଦ୍ୱାରା ଲୋକଙ୍କ ମଧ୍ୟରେ ପ୍ରଶାସନ ଉପରେ ବିଶ୍ୱାସ ରହୁନାହିଁ।



ପ୍ରକାଶ ସୁର୍ଭେ

# ସରକାର ଚାଲୁନାହିଁ, ଆମେ ଚଳାଇ ନେଉଛୁ

**କର୍ଣ୍ଣାଟକ ମନ୍ତ୍ରୀଙ୍କ ଅଡିଓ ଲିକ୍**

ବେଙ୍ଗାଲୁରୁ,୧୬।୮

କର୍ଣ୍ଣାଟକରେ ବାସବରାଜ ବୋମାଇଙ୍କ ନେତୃତ୍ୱାଧୀନ ସରକାର ଠିକ୍‌ଠାକ୍ ଚାଲି ନ ଥିବା ମଙ୍ଗଳବାର ସକାଳେ ତାଙ୍କ କ୍ୟାବିନେଟ୍‌ର ଜଣେ ସଦସ୍ୟଙ୍କ ଅଡିଓ କ୍ଲିପ୍‌ରୁ ଜଣାପଡ଼ିଛି। ରାଜ୍ୟରେ ସରକାର ଚାଲୁନାହିଁ, ଆମେ ତାହା ଚଳାଇ ନେଉଛୁ ବୋଲି ଆଇନ ମନ୍ତ୍ରୀ ଜେ.ସି. ମଧୁସ୍ୱାମୀ ଏକ ଅଡିଓ କ୍ଲିପ୍‌ରେ କହିଥିବା ଶୁଣିବାକୁ ମିଳିଛି। ରାଜ୍ୟ ଶାସନକୁ ନେଇ ଅସନ୍ତୋଷ ବଢ଼ୁଥିବାରୁ ଭାଜପା ପୁଣିଥରେ ସରକାରର ନେତୃତ୍ୱ ପରିବର୍ତ୍ତନ କରିପାରେ ବୋଲି କଳ୍ପନାଜଳ୍ପନା ପ୍ରକାଶ ପାଇଥିବାବେଳେ ନିଜ ମନ୍ତ୍ରୀଙ୍କ ଏଭଳି ମନ୍ତବ୍ୟ ବୋମାଇଙ୍କ ଅଡୁଆ ବଢ଼ାଇ ଦେଇଛି। ଅନ୍ୟପକ୍ଷରେ ଆସନ୍ତା ବର୍ଷ କର୍ଣ୍ଣାଟକ ବିଧାନସଭା ନିର୍ବାଚନ ଥିବାରୁ ବୋମାଇ ମୁଖ୍ୟମନ୍ତ୍ରୀ ପଦରେ ରହିପାରନ୍ତି ବୋଲି ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଲିଙ୍ଗାୟତ ନେତା ବି.ଏସ୍. ୟେଦୁରପ୍ପା ୫ ଦିନ ପୂର୍ବରୁ କହିଥିଲେ। ତାଙ୍କ କହିବା ଅନୁଯାୟୀ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ନିକଟରେ କର୍ଣ୍ଣାଟକ ଗସ୍ତରେ ଆସିଥିବାବେଳେ ବୋମାଇ କ୍ଷମତାରୁ ଯିବା ସମ୍ଭାବନା ଉପରେ ଆଲୋଚନା ହୋଇଥିଲା। ତେବେ ତାଙ୍କ ପ୍ରତି ବିପଦ ନ ଥିବା ୟେଦୁରପ୍ପା କହିଛନ୍ତି।

କର୍ଣ୍ଣାଟକରେ ସବୁ ଠିକ୍‌ଠାକ୍ ଚାଲିଥିବା ମୁଖ୍ୟମନ୍ତ୍ରୀ ବୋମାଇ କହିଥିବାବେଳେ ଜଣେ ବରିଷ୍ଠ ମନ୍ତ୍ରୀ ଆଇନମନ୍ତ୍ରୀଙ୍କ ଇସ୍ତଫା ଦାବି କରିଛନ୍ତି। ଆଇନ ଓ ସଂସଦୀୟ ବ୍ୟାପାର ବିଭାଗର ମନ୍ତ୍ରୀ ସରକାରଙ୍କ ବିରୋଧରେ ଏଭଳି ମନ୍ତବ୍ୟ ଦେବା ଠିକ୍ ହୋଇନାହିଁ। ସେ ମନ୍ତ୍ରୀ ପଦରେ ରହିବା ଉଚିତ ନୁହେଁ ବୋଲି ଉଦ୍ୟାନ କୃଷିମନ୍ତ୍ରୀ ମୁନିରତ୍ନ କହିଛନ୍ତି।



ଆଇନ ମନ୍ତ୍ରୀ ଜେ.ସି. ମଧୁସ୍ୱାମୀ

# ମୋଦି-ଶାହା ଜବାବ ଦିଅନ୍ତୁ: ଓୱାଇସି

**କଶ୍ମୀର ପଣ୍ଡିତ ଅସୁରକ୍ଷିତ, ଉପରାଜ୍ୟପାଳ ବିଫଳ**

ନୂଆଦିଲ୍ଲୀ, ୧୬।୮

କଶ୍ମୀର ପଣ୍ଡିତ ସମ୍ପ୍ରଦାୟଙ୍କ ଉପରେ ପୁଣି ଶୋପିଆନରେ ଆକ୍ରମଣ କରାଯାଇଛି। ସେଓ ବଗିଚାରେ ପ୍ରବେଶ କରି ଆତଙ୍କବାଦୀ ସୁନୀଲ କୁମାର ଭଟ୍ଟ ଏବଂ ତାଙ୍କ ଭାଇଙ୍କ ଉପରକୁ ଗୁଳି ଚଳାଇଛନ୍ତି। ଏଥିରେ ସୁନୀଲଙ୍କର ମୃତ୍ୟୁ ଘଟିଥିବାବେଳେ ତାଙ୍କ ଭାଇ ଗୁରୁତର ଆହତ ହୋଇଛନ୍ତି। ଏହି ଘଟଣା ପରେ ପୁଣି ଜମ୍ମୁ-କଶ୍ମୀରରେ ସଂଖ୍ୟାଲଘୁ ହିନ୍ଦୁ ସମ୍ପ୍ରଦାୟଙ୍କ ଚିନ୍ତା ବଢ଼ିଯାଇଛି। ଏହାକ ନେଇ ଅସାଦୁଦ୍ଦିନ ଓୱାଇସି କେନ୍ଦ୍ର ସରକାର ଏବଂ ଜମ୍ମୁ କଶ୍ମୀରର ଉପରାଜ୍ୟପାଳ ମନୋଜ ସିହ୍ନାଙ୍କୁ ଟାର୍ଗେଟ କରିଛନ୍ତି। ଭାଜପା ସରକାରଙ୍କ ଦ୍ୱାରା ନିଯୁକ୍ତ ଉପରାଜ୍ୟପାଳ ବିଫଳ ହୋଇଛନ୍ତି। ଏହାର ଜବାବ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଦିଅନ୍ତୁ ବୋଲି ଓୱାଇସି ଦାବି କରିଛନ୍ତି। ଜମ୍ମୁ-କଶ୍ମୀରରେ କେନ୍ଦ୍ର ସରକାରଙ୍କ ନୀତି ଯୋଗୁ କଶ୍ମୀର ପଣ୍ଡିତ ପୁଣି ଅସୁରକ୍ଷିତ ହୋଇ ପଡ଼ିଛନ୍ତି। ପୁଣି ସେମାନେ ଉପତ୍ୟକା ଛାଡି ଯିବାକୁ ଚେଷ୍ଟା କରୁଛନ୍ତି। ଏହା ମୋଦି ସରକାରଙ୍କ ବିଫଳତାର ଆଉ ଏକ ଉଦାହରଣ ବୋଲି କହିଛନ୍ତି। ଶୋପିଆନ୍‌ରେ ଆକ୍ରମଣକୁ ନେଇ ଉପରାଜ୍ୟପାଳ ମନୋଜ ସିହ୍ନା ଦୁଃଖ ପ୍ରକାଶ କରି ଆତଙ୍କବାଦୀଙ୍କୁ କଡ଼ା ଜବାବ ଦେବାକୁ ଘୋଷଣା କରିଛନ୍ତି। ନ୍ୟାଶନାଲ କନଫରେନ୍ସ ନେତା ତନଭୀର ସାଦିକ କହିଛନ୍ତି ଯେ ଆତଙ୍କବାଦୀଙ୍କ ଯୋଗୁଁ ସମସ୍ତ ସମ୍ପ୍ରଦାୟର ଲୋକେ ଭୟରେ ରହୁଛନ୍ତି। ତେଣୁ ସେମାନେ କଶ୍ମୀରୀ ପଣ୍ଡିତଙ୍କୁ ସାହାଯ୍ୟ କରପାରୁ ନାହାନ୍ତି। କାଶ୍ମୀର ପଣ୍ଡିତମାନେ ଜମ୍ମୁ-କଶ୍ମୀରରେ ନିଜକୁ ସୁରକ୍ଷିତ ମଣୁନାହାଁନ୍ତି ଏବଂ ଏହା ଏକ ବଡ଼ ଚିନ୍ତାର ବିଷୟ। ଖବର ଅନୁଯାୟୀ ଆତଙ୍କବାଦୀମାନେ ସେଓ ବଗିଚାରେ ପ୍ରବେଶ କରି ସୁନୀଲ ଭଟ୍ଟ ଓ ତାଙ୍କ ଭାଇଙ୍କ ନାମ ପଚାରିଥିଲେ ଏବଂ ସେମାନେ ହିନ୍ଦୁ ବୋଲି ଜାଣିବା ପରେ ଗୁଳି ଚଳାଇଥିଲେ।


CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

See Career Appointment on every Wednesday & Saturday

SITUATION VACANT
Applications invited for Junior lecture/ PGT for Physics, Chemistry, Mathematics, Biology for a reputed Educational institute at different locations in Odisha must be M.Sc., B.Ed/M.Sc (IIT/NIT) should have a minimum teaching experience of 3 yrs on XI-XII Sc. WhatsApp your resume to Mob : 8260344087



ରେଳ ଭୂମି ବିକାଶ ପ୍ରାଧିକରଣ
(ରେଳ ମନ୍ତ୍ରଣାଳୟ, ଭାରତ ସରକାରଙ୍କ ଅଧୀନରେ ଏକ ବୈଧାନିକ ପ୍ରାଧିକରଣ)
ୟୁନିଟ୍ ନଂ.୭୦୨-ବି, ୭ମ ମହଲା, କନେକ୍ସସ୍ ଟାୱାର୍-।।, ଡିଏମ୍‌ଆରସି ବିଲ୍ଡିଂ, ଅଜମେରୀ ଗେଟ୍, ନୂଆଦିଲ୍ଲୀ-୧୧୦୦୦୨, ଫୋନ୍: +୯୧-୧୧-୨୩୨୩୨୮୫୪, ଫାକ୍ସ: +୯୧-୧୧-୨୩୨୩୨୮୩୫

ଇ-ଟେଣ୍ଡର ମାଧ୍ୟମରେ ପ୍ରସ୍ତାବ ପାଇଁ ଅନୁରୋଧ
(ଆର୍‌ଏଫ୍‌ପି ସୂଚନା ସଂ.: ଆର୍‌ଏଲ୍‌ଡିଏ/ଆର୍‌ଏଫ୍‌ପି/ସିଡି-୫୪/ସିଆର୍‌ଡି-୧୭ ଅଫ୍ ୨୦୨୨ ତାରିଖ ୧୦.୦୮.୨୦୨୨)
ଓଲ୍ଡ ଷ୍ଟେଶନ କଲୋନୀ, ଧାନବାଦଠାରେ ବିଦ୍ୟମାନ ରେଲ୍‌ୱେ କଲୋନୀ (୨୩୬ ୟୁନିଟ୍ କ୍ୱାର୍ଟର୍ସ)ର ପୁନଃବିକାଶ ସମେତ ବିକାଶ ନିମନ୍ତେ ୯୯ ବର୍ଷ ପାଇଁ ରେଳପଥ ଜମିର ଲିଜ୍ ମଞ୍ଜୁରୀ
(ମୋଟ ଭୂମି କ୍ଷେତ୍ର: ୮୧,୭୮୮ ବର୍ଗ ମି., ଲିଜ୍ ପାଇଁ ଉଦ୍ଦିଷ୍ଟ କ୍ଷେତ୍ର: ୬୦,୪୦୭ ବର୍ଗ ମି.)

| ଜମି | ମୋଟ ଜମି କ୍ଷେତ୍ର | ଡେଭଲପରଙ୍କୁ ଲିଜ୍ ଦିଆଯିବାକୁ ଥିବା ଜମି କ୍ଷେତ୍ର | ଡେଭଲପରଙ୍କ ପାଇଁ ଅନୁମତିଯୋଗ୍ୟ ଏଫ୍‌ଏସ୍‌ଆଇ ବିଲ୍ଟ ଅପ୍ କ୍ଷେତ୍ର | ବିଡ୍ ଅମାନତ | ସଂରକ୍ଷିତ ମୂଲ୍ୟ |
|---|---|---|---|---|---|
| ଓଲ୍ଡ ଷ୍ଟେଶନ କଲୋନୀ, ଧାନବାଦ (ପୂର୍ବ ମଧ୍ୟ ରେଳପଥ) | ୮୧,୭୮୮ ବର୍ଗ ମି. | ୬୦,୪୦୭ ବର୍ଗ ମି. | ୧,୫୧,୦୧୮.୫୦ ବର୍ଗ ସେମି. | ଟ.୧.୦୦ କୋଟି | ଟ.୪୪.୦୦ କୋଟି+ପୁନଃ ବିକାଶ ଖର୍ଚ୍ଚ |

ଅନ୍‌ଲାଇନ୍ ଓ ଅଫ୍‌ଲାଇନ୍ ପ୍ରି-ବିଡ୍ ମିଟିଂ: ୨୬ ଅଗଷ୍ଟ, ୨୦୨୨ ପୂର୍ବାହ୍ନ ୧୧.୩୦ ଘଟିକା
(ଅନ୍‌ଲାଇନ୍ ଓ ଅଫ୍‌ଲାଇନ୍ ପ୍ରି-ବିଡ୍ ମିଟିଂ ସମ୍ବନ୍ଧୀୟ ବିବରଣୀ ଜେଜିଏମ୍/ପ୍ରୋଜେକ୍ଟସ୍/ମୁଜାଫରପୁରଙ୍କଠାରୁ ହାସଲ କରାଯାଇପାରିବ)
ଅନ୍‌ଲାଇନ୍ ଇ-ବିଡ୍ ଜମା କରିବାର ଶେଷ ତାରିଖ ଓ ସମୟ: ୧୦।୧୦।୨୦୨୨, ୧୫.୦୦ ଘଟିକା ପର୍ଯ୍ୟନ୍ତ।
ପ୍ରକଳ୍ପର ଅଧିକ ସୂଚନା ପାଇଁ, ଦୟାକରି ଆମର ୱେବ୍‌ସାଇଟ୍ www.rlda.indianrailways.gov.in କିମ୍ବା ଇ-ପ୍ରୋକ୍ୟୁରମେଣ୍ଟ ପୋର୍ଟାଲ୍ www.tenderwizard.in/RLDAରେ 'ଇ-ଟେଣ୍ଡର' ଶୀର୍ଷକ ଅଧୀନରେ ଦେଖନ୍ତୁ।
ଯେକୌଣସି ସ୍ପଷ୍ଟୀକରଣ ପାଇଁ, ଦୟାକରି ଯୋଗାଯୋଗ କରନ୍ତୁ:-

| | | | |
|---|---|---|---|
| ଜେଜିଏମ୍/ପ୍ରୋଜେକ୍ଟସ୍/ ମୁଜାଫରପୁର, ମୋ: ୯୪୩୧୭ ୭୬୫୭୭ jgm.p1@rlda.railnet.gov.in | ଜେନେରାଲ ମ୍ୟାନେଜର/ ପ୍ରୋଜେକ୍ଟସ୍-୧ ମୋ.: ୭୦୪୪୦୮୩୫୫୫ | କନ୍‌ସଲଟାଣ୍ଟ/ଆର୍‌ଏଲ୍‌ଡିଏ ଶ୍ରୀ ଆଲୋକ ସିହ୍ନା ମୋ: ୯୮୧୮୨ ୦୮୦୬୨ alok.sinha@in.knightfrank.com | ଇ-ବିଡ୍ ଅନୁସନ୍ଧାନ ପାଇଁ - ଶ୍ରୀ ସୁରଜ ସିଂହ ମୋ.: ୫୯୯୯୬ ୫୩୮୬୫ suraj@etenderwizard.com |

ଟିପ୍ପଣୀ: କୌଣସି ଶୁଦ୍ଧିପତ୍ର କିମ୍ବା ଯୋଗପତ୍ର କେବଳ ଆର୍‌ଏଲ୍‌ଡିଏ ୱେବ୍‌ସାଇଟ୍‌ରେ ପ୍ରକାଶିତ କରାଯିବ। ଏଏମ୍/ଟେଣ୍ଡର, (ଏମ୍) ୮୭୫୦୫ ୫୪୮୧୧


# ବାଜପେୟୀଙ୍କ ଦିଗ୍‌ଦର୍ଶନରେ କାର୍ଯ୍ୟ କରୁଛି ଭାଜପା: ସମୀର

ଭୁବନେଶ୍ୱର, ୧୬।୮ ବ୍ୟୁରୋ)

ଭାରତରତ୍ନ ତଥା ଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ୪ର୍ଥ ବାର୍ଷିକ ପୁଣ୍ୟତିଥିରେ ରାଜ୍ୟ ଭାଜପା ନେତୃବୃନ୍ଦ ଓ କାର୍ଯ୍ୟକର୍ତ୍ତା ଗଭୀର ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ରାଜ୍ୟ ସଭାପତି ସମୀର ମହାନ୍ତି ମଙ୍ଗଳବାର ଭୁବନେଶ୍ୱର ଏମ୍ସ ପରିସରସ୍ଥିତ ବାଜପେୟୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି। ସେହିପରି ରାଜ୍ୟ କାର୍ଯ୍ୟାଳୟଠାରେ ମଧ ବାଜପେୟୀଙ୍କ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସମୀର ମହାନ୍ତିଙ୍କ ସମେତ ରାଜ୍ୟ ସାଧାରଣ ସମ୍ପାଦକ (ସଙ୍ଗଠନ) ମାନସ ମହାନ୍ତି, ରାଜ୍ୟ ସାଧାରଣ ସମ୍ପାଦିକା ଲେଖାଶ୍ରୀ ସାମନ୍ତସିଂହାରଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଦେଇଥିଲେ। ଏହି ଅବସରରେ ସମୀର କହିଛନ୍ତି, ବାଜପେୟୀଙ୍କ ଆଦର୍ଶରେ ଆମେ ସମସ୍ତେ ଅନୁପ୍ରାଣିତ। ତାଙ୍କ ଦିଗ୍‌ଦର୍ଶନରେ ଦଳ କାର୍ଯ୍ୟ କରୁଛି। ଭାରତରେ ସେ ବିକାଶର ଧାରା ଆରମ୍ଭ କରିଥିଲେ। ଓଡ଼ିଶାର ବିକାଶ କ୍ଷେତ୍ରରେ ତାଙ୍କ ଅବଦାନ ଅତୁଳନୀୟ। ଦେଶର ଅଗ୍ରଣୀ ସ୍ୱାସ୍ଥ୍ୟସେବା ଯୋଗାଉଥିବା ମେଡିକାଲ କଲେଜ ମଧ୍ୟରୁ ଅନ୍ୟତମ ଭୁବନେଶ୍ୱର ସ୍ଥିତ ଏମ୍ସ ମେଡିକାଲ କଲେଜର ପ୍ରତିଷ୍ଠା ତାଙ୍କ ପାଇଁ ସମ୍ଭବ ହୋଇପାରିଛି। ଓଡ଼ିଶା ସମେତ ପଡ଼ୋଶୀ ରାଜ୍ୟବାସୀ ମଧ ଏମ୍ସ ମେଡିକାଲ ଦ୍ୱାରା ଉପକୃତ ହେଉଛନ୍ତି। ୧୯୯୯ ମହାବାତ୍ୟା ପରେ ରାଜ୍ୟବାସୀଙ୍କ ଦୁର୍ଦ୍ଦିନରେ ବାଜପେୟୀଙ୍କ ସାହାଯ୍ୟ ଓ ସମର୍ଥନ ଅବିସ୍ମରଣୀୟ। ଗ୍ରାମ ସଡକ ଯୋଜନା, ଗାଁ ଗାଁରେ ମୋବାଇଲ ସଂଯୋଗ କରାଇବା, ଅନ୍ତ୍ୟୋଦୟ ଏବଂ ଅନ୍ନପୂର୍ଣ୍ଣା ଯୋଜନାରେ ଗରିବଙ୍କ ପାଖରେ ଅନ୍ନ ପହଞ୍ଚାଇବାରେ ତାଙ୍କ ଯୋଗଦାନ ଅତୁଳନୀୟ। ରାଜ୍ୟବାସୀଙ୍କ ପ୍ରତି ତାଙ୍କ ସ୍ନେହ ଓ ଶ୍ରଦ୍ଧା ସର୍ବଦା ଚିରସ୍ମରଣୀୟ ହୋଇ ରହିବ। ଭାରବର୍ଷର ଯୁବପିଢ଼ି ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ସମୀର କହିଛନ୍ତି।




ଭାଜପା ରାଜ୍ୟ କାର୍ଯ୍ୟାଳୟରେ ମଙ୍ଗଳବାର ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳବିହାରୀ ବାଜପେୟୀଙ୍କ ଶ୍ରାଦ୍ଧ ଦିବସରେ ଶ୍ରଦ୍ଧାଞ୍ଜଳି ଜଣାଉଛନ୍ତି ନେତୃବୃନ୍ଦ।


STEWART SCHOOL, BHUBANESWAR
UNIT-8, CRP SQUARE, BHUBANESWAR-751012
APPOINTMENT
Applications are invited from candidates with requisite qualification and training to fill the following post of Assistant Teachers in Stewart School, Bhubaneswar.

| SL. | Subject |
|---|---|
| 1 | **English** – M.A./B.A. with B.Ed. and must have cleared CTET/OTET |
| 2 | **Hindi** – M.A./B.A. with B.Ed. and must have cleared CTET/OTET |
| 3 | **Primary Teacher** – Requisite training with proficiency in English |

Interested candidates may send their applications with complete Bio-data and Photocopy of Certificates/Testimonials to the undersigned within seven days from the publication of this advertisement.
Fluency in spoken English and experienced candidates will be preferred.
SECRETARY



PANCHAYAT SAMITI, CHITRAKONDA
DIST.- MALKANGIRI
TENDER CALL NOTICE No.-01/2022-23 DATED 15.08.2022
Sealed tenders are invited from eligible contractors for the following work by the undersigned.

| Annexure | Name of the work | Approx. cost of project in Rs. |
|---|---|---|
| 1 | Const. of Multi-purpose Storage Godown at Sarkubandha of Ralegada G.P. | 13,51,235/- |
| 2 | Const. of Community Hall at Village Kodigandhi of Andrapally GP | 17,23,210/- |

The detailed terms and conditions is available in the official website http://www.malkangiri.nic.in. Last date of submission of tender paper is 29th Aug. 2022.The authority reserves the right to reject any or all tenders without assigning any reason thereof.
Sd./- Block Development Officer
Chitrakonda



ପୂର୍ବ ତଟ ରେଳପଥ
ଟେଣ୍ଡର ବିଜ୍ଞପ୍ତି ସଂ. ST-SBP-TENDER-2022-08, ତା:11.08.2022
କାର୍ଯ୍ୟର ନାମ : ତିନି ବର୍ଷ ସମୟାବଧି ନିମନ୍ତେ ସମ୍ବଲପୁର ମଣ୍ଡଳର ରହେନଭଙ୍ଗା, ମୁରୀବାହାଲ, ଗୋଦଭଗା, ହୀରାକୁଦ, ଅତାବିରା, ଦେବାହାଲ, ବରପାଲୀ, ବଲଙ୍ଗା, ହଣ୍ଡପା ଏବଂ ଡୁଙ୍ଗୁରିପାଲ୍ଲୀ ଷ୍ଟେସନ ଠାରେ ମେଧା ଦ୍ୱାରା ନିର୍ମିତ ଇଲେକ୍ଟ୍ରୋନିକ୍ ଇଣ୍ଟରଲକିଙ୍ଗ୍ ସିଷ୍ଟମର ବାର୍ଷିକ ରକ୍ଷଣାବେକ୍ଷଣ ସେବା ଚୁକ୍ତି।
ଟେଣ୍ଡର ମୂଲ୍ୟ (ଟଙ୍କାରେ) : 1,79,90,610/-, EMD (ଟଙ୍କାରେ) : 2,40,000/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 5,900/-।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.02.09.2022ରିଖ 1100 ଘଟିକାରେ।
ଏହି ଇ-ଟେଣ୍ଡର କ୍ଷେତ୍ରରେ ଡାକ/କୋରିଅର/ଫ୍ୟାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ Firm ର ଲେଟରହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫର ଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧରୂପେ ନାକଚ କରାଯିବ।
ଦ୍ରଷ୍ଟବ୍ୟ : ଏହି ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 ଦିନ ପୂର୍ବରୁ ୱେବ୍‌ସାଇଟ୍ କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।
ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ହେବ।
ମଣ୍ଡଳ ରେଳ ପ୍ରବନ୍ଧକ (ସଂକେତ ଏବଂ ଦୂରସଂଚାର), ସମ୍ବଲପୁର
PR-387/N/22-23


# ବିଧାୟକ ପ୍ରଦୀପ ପାଣିଗ୍ରାହୀଙ୍କୁ କଳାପତାକା ପ୍ରଦର୍ଶନ

**ସମର୍ଥକ ଓ ବିଜେଡି କର୍ମୀଙ୍କ ମଧ୍ୟରେ ଠେଲାପେଲା**

ଗୋପାଳପୁର,୧୬।୮ (ଡି.ଏନ.ଏ.)

ଗୋପାଳପୁର ବିଧାୟକ ଡ. ପ୍ରଦୀପ ପାଣିଗ୍ରାହୀଙ୍କୁ କେତେକ ବିଜେଡି ନେତା ଓ କର୍ମୀ କଳାପତାକା ପ୍ରଦର୍ଶନ କରିଛନ୍ତି। ଏହି ଘଟଣାକୁ ନେଇ ବିଧାୟକଙ୍କ ସମର୍ଥକ ଓ ବିଜେଡି କର୍ମୀଙ୍କ ମଧ୍ୟରେ ଠେଲାପେଲା ହୋଇଛି। ସୋମବାର ବିଧାୟକ ପାଣିଗ୍ରାହୀ ପତାକା ଉତ୍ତୋଳନ କରିବାକୁ ଯାଉଥିବା ବେଳେ ଏହି ଘଟଣା ଘଟିଛି।

ପ୍ରକାଶ ଯେ, ଗଞ୍ଜାମ ଜିଲା ଗୋପାଳପୁର ନିର୍ବାଚନମଣ୍ଡଳୀ ଗୋଳାବନ୍ଧଠାରେ ଅବସରପ୍ରାପ୍ତ ସେନା କର୍ମଚାରୀଙ୍କ ପକ୍ଷରୁ ଆୟୋଜିତ ୭୬ତମ ସ୍ୱାଧୀନତା ଦିବସ ପାଳନ କାର୍ଯ୍ୟକ୍ରମରେ ଯୋଗଦେବାକୁ ବିଧାୟକ ଡ. ପ୍ରଦୀପ ପାଣିଗ୍ରାହୀଙ୍କୁ ନିମନ୍ତ୍ରଣ କରାଯାଇଥିଲା। ସୋମବାର ବିଧାୟକ ପାଣିଗ୍ରାହୀ ଯାଉଥିବା ସମୟରେ କମଳାପୁର ଛକରେ ବିଜେଡି କର୍ମୀମାନେ ତାଙ୍କୁ କଳାପତାକା ଦେଖାଇ ବିରୋଧ କରିଥିଲେ। ତାଙ୍କ ଗାଡ଼ି ଅଟକାଇବାରୁ ବିଧାୟକ ସମର୍ଥକ ଓ ବିଜେଡି କର୍ମୀଙ୍କ ମଧ୍ୟରେ ଠେଲାପେଲା ହୋଇଥିଲା। ରଙ୍ଗେଇଲୁଣ୍ଡା ବ୍ଲକ ବିଜେଡି ସଭାପତି ଅଜିତ ଦାଶ, ୫୪ନଂ. ଜିଲା ପରିଷଦ ସଭ୍ୟ ଦୀପକ କୁମାର ସାମନ୍ତ, ଯୁବ ବିଜେଡି ସଭାପତି ବିନୋଦ କୁମାର ମହାକୁଡ଼, ଧର୍ମରାଜ ରେଡ୍ଡୀ ଓ ଆଉ କେତେକ ବିଜେଡି କର୍ମୀ ବିଧାୟକଙ୍କୁ କଳା ପତାକା ଦେଖାଇଥିଲେ। 'ଗୋ ବ୍ୟାକ୍' ନାରାବାଜି କରି ରାସ୍ତା ଅବରୋଧ କରିଥିଲେ। ପୋଲିସ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣକୁ ଆଣିବା ପରେ ବିଧାୟକ ଗୋଳାବନ୍ଧ ଗସ୍ତରେ ଯାଇ ସ୍ୱାଧୀନତା ଦିବସ ପାଳନରେ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେବା ଅବସରରେ ବିଧାୟକ କହିଥିଲେ, ଏହି ପବିତ୍ର ଦିବସରେ କଳା ପତାକା ଦେଖାଇବା କେତେଦୂର ଯଥାର୍ଥ, ଭଗବାନ ତାଙ୍କୁ ସଦ୍‌ବୁଦ୍ଧି ଦିଅନ୍ତୁ। ଅବସରପ୍ରାପ୍ତ କର୍ମଚାରୀଙ୍କ ନିମନ୍ତେ କୋଠଘର ନିର୍ମାଣ ପାଇଁ ୫ଲକ୍ଷ ଟଙ୍କା ଅନୁଦାନ ଘୋଷଣା କରିଥିଲେ। ଏଥିନିମନ୍ତେ ଜିଲା ପ୍ରଶାସନ ଓ ବ୍ଲକ ପ୍ରଶାସନ ସହଯୋଗ କରିବାକୁ ନିବେଦନ କରିଥିଲେ।


STATE INSTITUTE OF HOTEL MANAGEMENT
TITILAGARH ROAD, BALANGIR - 767001 (ODISHA)
Website- www.sihmbalangir.org, odishatourism.gov.in
No.6625/TSM, Dated:12.08.22
TCT-TSP-MISC-0087-2022
EMPLOYMENT NOTIFICATION
No.R-03:- Applications are invited from eligible candidates for the post of Principal on Direct Recruitment basis.
Number of Post: 01 (One) (Unreserved)
Details with regard to the essential qualifications, age, application format and other terms & conditions, etc. please visit our website www.sihmbalangir.org & odishatourism.gov.in.
Applications with complete Biodata along with attested copies of testimonials must reach to the Institute on or before **16.09.2022 upto 5.30 P.M.**
Candidates already employed in Govt./ Autonomous organisation should apply through proper channel.
The candidates are required to superscripted "Application for the Post of Principal" on the top of the envelope which contains the application form and other required documents.
The competent authority reserves the rights to cancel / republish the advertisement or cancel / postpone the process of recruitment at any point of time without assigning any reason. Only eligible, shortlisted candidates will be called for interview after a screening process.
Sd./- Administrator, SIHM, Balangir
OIPR-37001/11/0005/2223



ଏନ୍‌ବିସିସି (ଇଣ୍ଡିଆ) ଲିମିଟେଡ୍
(ଭାରତ ସରକାରଙ୍କ ଏକ ଉଦ୍ୟୋଗ)
ସିଆଇଏନ୍ - L74899DL1960GOI003335
NBCC A Navratna CPSE
ଇ-ସଂଗ୍ରହଣ ବିଜ୍ଞପ୍ତି (୨ୟ ଆହ୍ୱାନ)
ଏନ୍‌ଆଇଟି ନଂ. ଏନ୍‌ବିସିସି/ଓଡ଼ିଶା/ପିଏମ୍‌ଜିଏସ୍‌ୱାଇ/୨୦୨୨-୨୩/୦୨ ତାରିଖ: ୧୭।୦୮।୨୦୨୨
ମୁଖ୍ୟ ମହାପ୍ରବନ୍ଧକ (ଇଂ.), ଏସ୍‌ବିଜି (ଝାଡ଼ଖଣ୍ଡ/ବିହାର/ପିଏମ୍‌ଜିଏସ୍‌ୱାଇ ଓଡ଼ିଶା), ଏନ୍‌ବିସିସି ଇଣ୍ଡିଆ (ଆଇ) ଲିଃ, ଭୁବନେଶ୍ୱରଙ୍କ କାର୍ଯ୍ୟାଳୟ ରାଜ୍ୟ ପିଡବ୍ଲ୍ୟୁଡି/ ସିପିଡବ୍ଲ୍ୟୁଡି/ଏମ୍‌ଇଏସ୍/ରେଳପଥ/ ପିଏସ୍‌ୟୁ-ଗୁଡ଼ିକ ସହିତ ପଞ୍ଜୀକୃତ ଯୋଗ୍ୟ ଠିକାଦାରମାନଙ୍କଠାରୁ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ଅଧୀନରେ ସମୁଦାୟ ଟ.୭୦୫.୬୪ ଲକ୍ଷ ମୂଲ୍ୟର ଅଟକଳ ମୂଲ୍ୟ ସହିତ ୪ (ଚାରି) ଗୋଟି ପ୍ୟାକେଜ୍ ନିମନ୍ତେ କୋରାପୁଟ ଓ କନ୍ଧମାଳ ଜିଲ୍ଲାରେ ସଡ଼କ ନିର୍ମାଣ (ବଳକା କାର୍ଯ୍ୟ) ସମେତ ପାଞ୍ଚବର୍ଷ ପାଇଁ ସେଗୁଡ଼ିକର ରକ୍ଷଣାବେକ୍ଷଣ କାର୍ଯ୍ୟ ଲାଗି ବୈଦ୍ୟୁତିକ ଟେଣ୍ଡରିଂ ପ୍ରଣାଳୀରେ ଶତକଡ଼ା ଦର ବିଡ୍ ଆହ୍ୱାନ କରୁଛନ୍ତି। ଓଡ଼ିଶା ବାହାରର ପଞ୍ଜୀକୃତ ବିଡରମାନେ ମଧ ଏହି ପ୍ରକ୍ରିୟାରେ ଅଂଶଗ୍ରହଣ କରିପାରିବେ, ହେଲେ ତାଙ୍କୁ ପରବର୍ତ୍ତୀ ସମୟରେ ରାଜ୍ୟ ସରକାରଙ୍କ ଉପଯୁକ୍ତ କର୍ତ୍ତୃପକ୍ଷଙ୍କ ନିକଟରେ ପଞ୍ଜୀକରଣ କରିବାକୁ ହେବ, ଯାହା ବିଡ୍ ଦାଖଲର ଶେଷ ତାରିଖର ଏକମାସ ମଧ୍ୟରେ କିନ୍ତୁ ଚୁକ୍ତି ସ୍ୱାକ୍ଷର ପୂର୍ବରୁ ହେବା ବାଞ୍ଛନୀୟ। ଇ-ସଂଗ୍ରହଣ ମାଧ୍ୟମରେ ବିଡ୍ ନିମନ୍ତେ ଆହ୍ୱାନ ଜାରି ତାରିଖ ହେଉଛି ୧୭।୦୮।୨୦୨୨। ଇ-ସଂଗ୍ରହଣ ମାଧ୍ୟମରେ ବିଡ୍ ପ୍ରାପ୍ତିର ଶେଷ ତାରିଖ/ସମୟ: ତାରିଖ- ୦୧।୦୯।୨୦୨୨, ଅପରାହ୍ନ ୩.୦୦ ଘଟିକା ପର୍ଯ୍ୟନ୍ତ। ଅଧିକ ବିବରଣୀ ପାଇଁ ଦୟାକରି www.pmgsytenders.gov.in ପରିଦର୍ଶନ କରନ୍ତୁ।
ଯୋଗପତ୍ର/ଶୁଦ୍ଧିପତ୍ର, ଯଦି ଥାଏ, କେବଳ ଉପରୋକ୍ତ ୱେବ୍‌ସାଇଟ୍‌ରେ ଅପ୍‌ଲୋଡ୍ କରାଯିବ।
ସିଜିଏମ୍ (ଇଂ.), ଏସ୍‌ବିଜି-ମୁଖ୍ୟ (ବିହାର/ଝାଡ଼ଖଣ୍ଡ/ପିଏମ୍‌ଜିଏସ୍‌ୱାଇ ଓଡ଼ିଶା)
CBC 20109/12/0007/2223 ଏନ୍‌ବିସିସି ଇଣ୍ଡିଆ ଲିମିଟେଡ୍, ଭୁବନେଶ୍ୱର



SPECIAL HANDLOOM EXPO - 2022
Ekamra Haat, Unit -III, Bhubaneswar
From : 16.08.2022 to 31.08.2022, Time : 11.00 AM to 9.00 PM
Inauguration by
Smt. Rita Sahu
Hon'ble Minister, Handlooms, Textiles & Handicrafts
Govt. of Odisha
In Presence of
Smt. Shubha Sarma, IAS
Commissioner-cum-Secretary to Govt,
Handlooms, Textiles & Handicrafts Deparment
on
17th August, 2022, at 5.30PM
Organised by :
SAMBALPURI BASTRALAYA
HANDLOOM CO-OPERATIVE SOCIETY LTD., BARGARH
ALL ARE CORDIALLY INVITED TO THE INAUGURAL FUNCTION
Sri Sisir Kumar Nag, Managing Director
Sri Sambit Kumar Acharya, President

ଯଦି ତୁମେ ଠିକ୍ କାର୍ଯ୍ୟ କରୁଛ ବୋଲି ଜାଣୁଥାଅ– ତେବେ ଅନ୍ୟର ମତାମତ ଉପରେ ଗୁରୁତ୍ୱ ଦେବାର କିଛି କାରଣ ନାହିଁ। ଅନ୍ତରର ଯଥାର୍ଥ ପ୍ରେରଣା ଦ୍ୱାରା ପରିଚାଳିତ ହୋଇ ଯାହା କରାଯାଏ, ତାହା ନିର୍ଭୁଲ ହେବା ସ୍ୱାଭାବିକ। କିନ୍ତୁ ଏହି ଯଥାର୍ଥ ପ୍ରେରଣାକୁ ବୁଝିବା ମଧ୍ୟ ସହଜ ନୁହେଁ। –ଶ୍ରୀମା



# ଶ୍ରୀଲଙ୍କାର ବେଖାତିର

ଶେଷରେ ଚାଇନା ଜାହାଜ 'ୟୁଆନ୍ ୱାଙ୍ଗ୍ ୫' ଶ୍ରୀଲଙ୍କାର ହମ୍ବନ୍ଟୋଟା ବନ୍ଦରରେ ୧୬ ଅଗଷ୍ଟରେ ପହଞ୍ଚିଲା। ଏହାକୁ ଶ୍ରୀଲଙ୍କାର ସାଂସଦ ଓ ଚାଇନା ଅଧିକାରୀମାନେ ବନ୍ଦରରେ ସ୍ୱାଗତ କରିଥିବା ଦେଖାଯାଇଛି। ଭାରତ ଆଶଙ୍କା ବ୍ୟକ୍ତ କରିଥିଲା ଯେ ଚାଇନାର ଏହି ଗୁପ୍ତଚରୀ ଜାହାଜ ଭାରତ ମହାସାଗରରେ ବୁଲିଲେ ତାହା ଦେଶର ନିରାପତ୍ତା ପ୍ରତି ବିପଦ ସୃଷ୍ଟି କରିବ। ବିଶେଷକରି ଓଡ଼ିଶାର ଅବଦୁଲ କଲାମ ଦ୍ୱୀପ ବା ହ୍ୱିଲର ଦ୍ୱୀପରୁ ଭାରତ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ଛାଡ଼ିଲେ ଚାଇନାର ୟୁଆନ୍ ୱାଙ୍ଗ୍ ୫ରେ ଥିବା ସେନ୍ସର ତାହାକୁ ଠାବ କରିବାରେ ସକ୍ଷମ ହେବ ବୋଲି କୁହାଯାଉଛି। ସେଥିପାଇଁ ଶ୍ରୀଲଙ୍କାକୁ ଭାରତ ସତର୍କ କରାଇ ଦେଇଥିଲା। ଏପରି କି ଆମେରିକା ମଧ୍ୟ ଚାଇନାର ଏଭଳି ପଦକ୍ଷେପକୁ ନେଇ ଉଦ୍‌ବେଗ ପ୍ରକାଶ କରିଥିଲା। ହେଲେ ଚାଇନା କହିଛି ଯେ, ଏହି ଜାହାଜ ସାମୁଦ୍ରିକ ବୈଜ୍ଞାନିକ ଗବେଷଣା ଲାଗି ଉଦ୍ଦିଷ୍ଟ। କିନ୍ତୁ ସାଧାରଣରେ ଚାଇନାର ଏହି ଧରଣର ଜାହାଜ ଉପଗ୍ରହ ଠାବ ଓ ଆନ୍ତଃମହାଦେଶୀୟ ବାଲିଷ୍ଟିକ୍ କ୍ଷେପଣାସ୍ତ୍ରର ଗତିବିଧି ଲକ୍ଷ୍ୟ କରିବା ଲାଗି ପିପୁଲ୍ସ ଲିବରେଶନ ଆର୍ମି ଷ୍ଟ୍ରାଟେଜିକ୍ ସପୋର୍ଟ ଫୋର୍ସ ଦ୍ୱାରା ବ୍ୟବହୃତ ହୋଇଥାଏ। ଏଥିରୁ ସହଜରେ ବୁଝି ହେଉଛି ଯେ, ଶ୍ରୀଲଙ୍କା ସମର୍ଥନରେ ଚାଇନା ଜାଣିଶୁଣି ଏହାକୁ ଭାରତ ମହାସାଗରରେ ବୁଲେଇବାର ଯୋଜନା କରିଛି। ଅନ୍ତର୍ଜାତୀୟ ସମୁଦାୟକୁ ପରୋକ୍ଷରେ କହିଛି ଯେ, 'ୟୁଆନ୍ ୱାଙ୍ଗ୍ ୫' ସାମୁଦ୍ରିକ ବୈଜ୍ଞାନିକ ଗବେଷଣା ଲାଗି ମୁତୟନ କରୁଛି।

ଏହି ବିବାଦର ପୃଷ୍ଠଭୂମିକୁ ଦେଖିଲେ ଶ୍ରୀଲଙ୍କାର ହମ୍ବନ୍ଟୋଟା ବନ୍ଦରରେ ଚାଇନାର ଏହି ଜାହାଜ ୧୧ ଅଗଷ୍ଟରେ ପହଞ୍ଚିବାର ଥିଲା। ଏହା ପୂର୍ବରୁ ଭାରତ ତା'ର ଉଦ୍‌ବେଗ ଶ୍ରୀଲଙ୍କା ରାଷ୍ଟ୍ରପତି ରନିଲ୍ ବିକ୍ରମସିଂଘେଙ୍କୁ ଜଣାଇ ଦେଇଥିଲା।



ବୃହତ୍ ବିକଶିତ ରାଷ୍ଟ୍ରଙ୍କ କଥା ଦୂରେ ଥାଉ ଆର୍ଥିକ ଦୁର୍ଗତିର ସମ୍ମୁଖୀନ ହେଉଥିବା ଶ୍ରୀଲଙ୍କା ମଧ୍ୟ ଭାରତକୁ ଖାତିର କଲା ନାହିଁ। ଦେଶ ଭିତରେ ବଡ଼ ପାଟିରେ ଚିଲେଇ ନିଜ ପିଠି ଥାପୁଡ଼େଇବା ଭିତରେ ଆମ କାର୍ଯ୍ୟ ସୀମିତ ରହିଯାଉଛି।

ଏଥିସହିତ ନିକଟରେ କାମ୍ବୋଡିଆ ରାଜଧାନୀ ଫେନୋମ୍ ଫେନ୍‌ଠାରେ ଅନୁଷ୍ଠିତ ଆସିଆନ୍ ସମ୍ମିଳନୀ ଅବସରରେ ଭାରତର ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ଓ ଶ୍ରୀଲଙ୍କା ବୈଦେଶିକ ମନ୍ତ୍ରୀ ଅଲି ସାବ୍ରିଙ୍କ ମଧ୍ୟରେ ଉପରୋକ୍ତ ବିଷୟ ନେଇ ଆଲୋଚନା ହୋଇଥିଲା। ସେହି ସମୟରେ ଶ୍ରୀଲଙ୍କାର ଆର୍ଥିକ ପୁନରୁଦ୍ଧାର ଲାଗି ଭାରତ ସବୁ ପ୍ରକାର ସାହାଯ୍ୟ କରିବ ବୋଲି ଜୟଶଙ୍କର ପ୍ରତିଶ୍ରୁତି ଦେଇଥିଲେ। କେବଳ ସେତିକି ନୁହେଁ, ଶ୍ରୀଲଙ୍କାରେ ରାଜନୈତିକ ଅରାଜକତା ଓ ଅର୍ଥନୈତିକ ଦୁଃସ୍ଥିତି ଦେଖି ଭାରତ ମଧ୍ୟ ଅନେକ ସହାୟତା ଯୋଗାଇଛି। ଏତେ ସତ୍ତ୍ୱେ ଚାଇନା ଜାହାଜକୁ ଶ୍ରୀଲଙ୍କା ଅନୁମତି ଦେବା ବିଷୟକୁ ଚିନ୍ତା କଲେ ନୂଆଦିଲ୍ଲୀ ଅପେକ୍ଷା ବେଜିଂ ଆଡ଼କୁ କଲମ୍ବୋ ଅଧିକ ଢଳି ରହିଛି। ଏହାର ମୁଖ୍ୟ କାରଣ ହୋଇପାରେ ଯେ, ଭାରତ ତା'ର ପଡ଼ୋଶୀ ଦେଶଗୁଡ଼ିକ ସହ କୂଟନୈତିକ ସମ୍ପର୍କ ସୁଦୃଢ଼ କରିବାରେ ବିଫଳ ହୋଇଛି। ଅନ୍ୟପକ୍ଷରେ ସମ୍ଭବତଃ ଶ୍ରୀଲଙ୍କା ଭାବି ନେଇଛି ଯେ, ଚାଇନାଠାରୁ ଆଣିଥିବା ଋଣ ହ୍ରାସ କରିବା ଦିଗରେ ୟୁଆନ୍ ୱାଙ୍ଗ୍ ୫ ଜାହାଜ ହମ୍ବନ୍ଟୋଟାରେ ପହଞ୍ଚିବା ଅତି ଗୁରୁତ୍ୱପୂର୍ଣ୍ଣ ଥିଲା। ଉଲ୍ଲେଖଯୋଗ୍ୟ ଯେ, ହମ୍ବନ୍ଟୋଟା ବନ୍ଦରକୁ ଚାଇନା ୯୯ ବର୍ଷିଆ ଲିଜ୍‌ରେ ନେଇଯାଇଛି।

'ପଡ଼ୋଶୀ ପ୍ରଥମ' କହି ଜୟଶଙ୍କର ଯେତେ ପ୍ରକାର କଥା କହୁଥିଲେ ମଧ୍ୟ ଶ୍ରୀଲଙ୍କା ପକ୍ଷରୁ ସହଯୋଗ ନ ମିଳିବା ସୂଚାଇ ଦେଉଛି ଯେ ଭାରତର ବୈଦେଶିକ ନୀତି ବିଫଳ ହୋଇଛି। ବୃହତ୍ ବିକଶିତ ରାଷ୍ଟ୍ରଙ୍କ କଥା ଦୂରେ ଥାଉ ଆର୍ଥିକ ଦୁର୍ଗତିର ସମ୍ମୁଖୀନ ହେଉଥିବା ଶ୍ରୀଲଙ୍କା ମଧ୍ୟ ଭାରତକୁ ଖାତିର କଲା ନାହିଁ। ଦେଶ ଭିତରେ ବଡ଼ ପାଟିରେ ଚିଲେଇ ନିଜ ପିଠି ଥାପୁଡ଼େଇବା ଭିତରେ ଆମ କାର୍ଯ୍ୟ ସୀମିତ ରହିଯାଉଛି।

## su | do | ku
Puzzles by Srikant Ghosh

## ସୁ–ଡୋ–କୁ

| | | | | | | | | |
|---|---|---|---|---|---|---|---|---|
| 9 | | 4 | | | 2 | 7 | | 3 |
| | | | | | 6 | | 8 | |
| | 2 | | | 1 | | 4 | | |
| | 4 | | | | 8 | 3 | 1 | |
| 6 | | | | 9 | | | | |
| | | | 3 | | | | 7 | |
| | | 8 | | | | | | |
| 5 | | | 4 | 3 | | | | 1 |
| | | | 6 | | | | 5 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 2 | 8 | 1 | 7 | 3 | 5 | 4 | 9 |
| 4 | 5 | 1 | 8 | 9 | 2 | 3 | 6 | 7 |
| 3 | 9 | 7 | 5 | 4 | 6 | 2 | 8 | 1 |
| 2 | 8 | 6 | 4 | 3 | 7 | 9 | 1 | 5 |
| 7 | 3 | 4 | 9 | 5 | 1 | 6 | 2 | 8 |
| 9 | 1 | 5 | 6 | 2 | 8 | 4 | 7 | 3 |
| 1 | 7 | 2 | 3 | 6 | 9 | 8 | 5 | 4 |
| 8 | 4 | 9 | 2 | 1 | 5 | 7 | 3 | 6 |
| 5 | 6 | 3 | 7 | 8 | 4 | 1 | 9 | 2 |

ଗତ ସଂସ୍କରଣର ଉତ୍ତର

# ଜଙ୍ଗଲ ଅଧିକାର ଆଇନ ବନବାସୀ ବିରୋଧୀ



କିଶୋର ଜେନା

କେନ୍ଦ୍ର ସରକାର ଜଙ୍ଗଲ ସଂରକ୍ଷଣ ଆଇନର ନିୟମ ବିଧିରେ ପରିବର୍ତ୍ତନ କରିବାକୁ ଯାଉଛନ୍ତି। ସେହି ଲକ୍ଷ୍ୟରେ ମୋଦି ସରକାରଙ୍କ ପରିବେଶ ମନ୍ତ୍ରଣାଳୟ ଜଙ୍ଗଲ ସଂରକ୍ଷଣ ଆଇନ ପରିସରରେ ନୂଆ ନିୟମ ବିଧିର ବିଜ୍ଞପ୍ତି ଜାରି କରିଛି: ଫରେଷ୍ଟ କନ୍‌ଭରସନ ରୁଲ୍‌ସ, ୨୦୨୨। ନୂତନ ନିୟମରେ ଜଙ୍ଗଲ ଭୂମିର ଅଞ୍ଚଳ ଅନ୍ୟ କାର୍ଯ୍ୟରେ ବ୍ୟବହାର ପାଇଁ ଆଉ ଜଙ୍ଗଲବାସୀଙ୍କର ସମ୍ମତି ବା ଅନୁମତିର କୌଣସି ପ୍ରୟୋଜନ ପଡ଼ିବ ନାହିଁ। ଜଙ୍ଗଲର ଅଧିକାର ଆଇନରେ ବନାଞ୍ଚଳ ବାସିନ୍ଦାଙ୍କ ହାତରେ ଯେଉଁ ଅଧିକାର ଦିଆଯାଇଥିଲା ଏହାଫଳରେ ତାହା ଖାରଜ ହୋଇଯିବ। ସରକାର ଯାହାକୁ ଇଚ୍ଛା ତାହା ହାତରେ ଟେକି ଦେଇ ପାରିବେ ଜଙ୍ଗଲ ଜମି। କେନ୍ଦ୍ରୀୟ ପରିବେଶ, ବନ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ପକ୍ଷରୁ ଏହି ଆଇନ ପରିବର୍ତ୍ତନ ନେଇ ବ୍ୟବସ୍ଥା ଗ୍ରହଣ କରାଯାଉଛି। ସେହି ପରିବର୍ତ୍ତନର ଲକ୍ଷ୍ୟ ହେଉଛି, ଜଙ୍ଗଲ ଅଞ୍ଚଳକୁ କେତେ ସହଜ ପଦ୍ଧତିରେ ଅନ୍ୟ କାର୍ଯ୍ୟ ପାଇଁ ପରିବର୍ତ୍ତିତ କରାଯାଇପାରିବ।

'ଫରେଷ୍ଟ କନଭର୍ସନ ରୁଲ୍‌ସ' ୨୦୨୨ ଲୋକ ସଭା ଓ ରାଜ୍ୟ ସଭାରେ ଆଗତ ହେବାର ଅଛି। ଏବେ ଯଦି ଲୋକ ସଭା ଓ ରାଜ୍ୟ ସଭାର ସାଂସଦମାନେ ଏହି ବେଆଇନ ବିଷୟଟିକୁ ଅନୁମୋଦନ କରିଦେବେ, ତା'ହେଲେ ଜଙ୍ଗଲ ଏବଂ ଏହାର ବାସିନ୍ଦାଙ୍କର ସର୍ବନାଶ ହୋଇଯିବ। ଲୋକ ସଭା ଓ ରାଜ୍ୟ ସଭାରେ ସାମ୍ପ୍ରତିକ ସମୟରେ ଯେଉଁ ଚିତ୍ର ଦେଖାଯାଉଛି, ସେଥିରେ କୁହାଯାଇପାରିବ ଗୁରୁତ୍ୱ ଦେଇ ଏହିଭଳି ଏକ ସମ୍ବେଦନଶୀଳ ବିଷୟରେ ଆଲୋଚନାର କୌଣସି ସୁଯୋଗ ନାହିଁ। ଉକ୍ତ ଅଧିବେଶନ ମଧ୍ୟରେ ଦ୍ରୁତତାର ସହ ଏହି ବିଲ୍ ସଂସଦରେ ସରକାର ପାରିତ କରୁଛନ୍ତି କି ନାହିଁ ଦେଖିବାର ବିଷୟ। ଜଙ୍ଗଲ ଆଇନ ପରିବର୍ତ୍ତନେ ବିଧିନିୟମ ବଦଳ କରାଗଲେ, ତାହା ହେବ ଜଙ୍ଗଲର ବାସିନ୍ଦା ବିଶେଷତଃ ଆଦିବାସୀମାନଙ୍କୁ ଉତ୍‌ଖାତ କରିବାର ପଥକୁ ସହଜ କରିବା। ଭାଜପା ଆଦିବାସୀଙ୍କୁ ସମୂଳେ ଉଚ୍ଛେଦ କରିବାର ରାସ୍ତା ପରିଷ୍କାର କରୁଛି।

ବର୍ଷ ବର୍ଷ ଧରି ଦେଶର ଅରଣ୍ୟାଞ୍ଚଳକୁ ଶିଳ୍ପପତିମାନଙ୍କ ହାତକୁ ଅବାରିତ ଭାବେ ଟେକି ଦିଆଯାଉଛି। ଏହି କ୍ଷେତ୍ରରେ ସରକାର ସାମାନ୍ୟତମ ସମୀକ୍ଷା କରନ୍ତିନି କି ପରିବେଶ ଅଦାଲତର ଅନୁମୋଦନକୁ ଖାତିର କରନ୍ତିନି। ମଝିରେ ମଝିରେ ଏଭଳି ସବୁକିଛି ବିଧିନିୟମ ମାନିବାର ଚେଷ୍ଟା କରାଯାଏ, ଯେଉଁଗୁଡ଼ିକ ସମ୍ପୂର୍ଣ୍ଣ ଆଇନର ଜଟିଳତା ଏଡ଼ାଇବା ପାଇଁ। ଏବେ ସେହି ଆଇନର ଜଟିଳତାରେ ଯେପରି ଆଉ କୌଣସି ବାଧା ହୋଇ ନ ପାରିବ, ସେଥିପାଇଁ ସରକାର ଆଇନକୁ ପରିବର୍ତ୍ତନ କରି ନିଜର ସୁବିଧା ଭଳି କରିବାକୁ ଯାଉଛନ୍ତି। ଏତେଦିନ ଜଙ୍ଗଲ ଭୂମି ଅଞ୍ଚଳର ବାସିନ୍ଦାମାନଙ୍କୁ ନ ଜଣାଇ ବା ଅନୁମତି ନ ନେଇ ସେହି ଜମି ଶିଳ୍ପପତିଙ୍କ ହାତରେ ଟେକି ଦିଆଯାଇ ପାରୁ ନ ଥିଲା। ଫଳରେ ସରକାରଙ୍କ ପ୍ରିୟ କର୍ପୋରେଟ୍‌ମାନଙ୍କ ହାତରେ ଜମି ହସ୍ତାନ୍ତର ଏକ ସମସ୍ୟା ଥିଲା। ଏବେ ସେହି ସମସ୍ୟାକୁ ଏଡ଼ାଇଯିବାକୁ କେନ୍ଦ୍ର ସରକାର ଚାହୁଁଛନ୍ତି, ଯାହାଫଳରେ ଆଉ କୌଣସି ବାଧା ରହିବ ନାହିଁ। ଅଥଚ ଆଦିବାସୀ ମନ୍ତ୍ରଣାଳୟ ଏହି କ୍ଷେତ୍ରରେ ଜଣାଇଥିଲା ଯେ, ଅରଣ୍ୟଭୂମି ଅଞ୍ଚଳ ଲୋକମାନଙ୍କର ଅନୁମତି ନେବାର ବିଧିମାଳାରେ ପରିବର୍ତ୍ତନ କରାଯିବ ନାହିଁ। ଗ୍ରାମସଭା ମାଧ୍ୟମରେ ଏହି ଅନୁମତି ଦେବାର ପ୍ରକ୍ରିୟା ରହିବ। କିନ୍ତୁ ବାସ୍ତବରେ ଉକ୍ତ ପଦ୍ଧତିକୁ ବାଦ୍ ଦିଆଯାଉଛି ଏହି ନୂଆ ବିଧିମାଳାରେ।



୨୦୦୯ ଅଗଷ୍ଟ ୩ରେ କେନ୍ଦ୍ର ପରିବେଶ ମନ୍ତ୍ରଣାଳୟର ଏକ ସର୍କୁଲାରରେ ସ୍ପଷ୍ଟ ଭାବେ ଉଲ୍ଲେଖ କରାଯାଇଛି, ବନାଞ୍ଚଳର ଜମି ନେବା କ୍ଷେତ୍ରରେ ମୂଳ ଅନୁମୋଦନ ପାଇଁ ଗ୍ରାମସଭାର ସମ୍ମତିପତ୍ର ଆବଶ୍ୟକ। ୨୦୧୭ରେ ଏହି ବିଷୟଟିକୁ ଉଠାଇ ଦିଆଯାଇଥିଲା ମୋଦି ସରକାରଙ୍କ ଦ୍ୱାରା। କିନ୍ତୁ ଗ୍ରାମସଭାର ଅନୁମୋଦନର ଆବଶ୍ୟକତାର ଅଂଶ ଅନ୍ତତଃ ରଖାଯାଇଥିଲା। କିନ୍ତୁ ଏବେ ପରିବର୍ତ୍ତନ କରାଯାଉଥିବା ସଂଶୋଧିତ ବିଧିରେ ଗ୍ରାମସଭା ସହ ଆଦିବାସୀ ଏବଂ ଦୀର୍ଘଦିନ ଧରି ବନାଞ୍ଚଳବାସୀଙ୍କ ଅଧିକାରକୁ ସମ୍ପୂର୍ଣ୍ଣ ଭାବେ ଉଠାଇ ଦିଆଯାଉଛି। ବର୍ତ୍ତମାନ ଯେଉଁ ପରିବର୍ତ୍ତନର ନିୟମ ବିଧି ଆସୁଛି ସେଥିରେ କୁହାଯାଇଛି, ''ଜମିର ପ୍ରଧାନ ଅନୁମୋଦନ କ୍ଷେତ୍ରରେ ରାଜ୍ୟ ସରକାରଙ୍କୁ ଅବଶ୍ୟ ବିବେଚନା କରି ଦେଖିବାକୁ ହେବ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବେ ବନାଞ୍ଚଳ, ବନ୍ୟ ପ୍ରାଣୀ ଏବଂ ପରିବେଶ ଉପରେ କୌଣସି ପ୍ରଭାବ ପଡୁଛି କି ନାହିଁ।'' କିନ୍ତୁ ଏଠାରେ କୌଣସିଠାରେ ଆଦିବାସୀଙ୍କ ଭଲମନ୍ଦର ଉଲ୍ଲେଖ ନାହିଁ। କୌଣସି ପର୍ଯ୍ୟାୟରେ ଆଦିବାସୀ ବା ଅନ୍ୟାନ୍ୟ ବନାଞ୍ଚଳ ଅଧିବାସୀଙ୍କ ହଁ ବା ନାଁ କହିବାର ଅଧିକାର ପ୍ରଶ୍ନରେ କିଛି କୁହାଯାଇ ନାହିଁ। ସର୍ବୋପରି ଦେଖାଯାଏ, କେନ୍ଦ୍ର ସରକାର ହିଁ ଚୂଡ଼ାନ୍ତ ଅନୁମୋଦନ ଦେବେ ଏବଂ କ୍ଷତିପୂରଣ ସୂଚକ ବନ ସୃଜନର ପାଉଣା ମଧ୍ୟ ନେଇନେବେ। ଆଉ ରାଜ୍ୟ ସରକାରଙ୍କ ପାଖକୁ ପଠାଇଦେବେ। କିନ୍ତୁ ଏହି ପର୍ବରେ ଆଦିବାସୀ ଅଧିକାର ସୁନିଶ୍ଚିତ କରିବାର କୌଣସି ଦାୟବଦ୍ଧତା କେନ୍ଦ୍ର ସରକାରଙ୍କର ରହିବ ନାହିଁ। ଅର୍ଥାତ୍ ଆଦିବାସୀଙ୍କର ଜମି ନିଆଗଲେ ମଧ୍ୟ ସେମାନେ କୌଣସି କ୍ଷତିପୂରଣ ବା ପୁନର୍ବାସନ ପାଇବେ ନାହିଁ। ଏହି କ୍ଷେତ୍ରରେ କେନ୍ଦ୍ରର ମୋଦି ସରକାର ମଧ୍ୟ ସମ୍ବିଧାନକୁ ଲଙ୍ଘନ କରିବାକୁ ଯାଉଛନ୍ତି। ଯଦିଓ ଗ୍ରାମସଭାର ସମ୍ମତି ଏହି ଶବ୍ଦାବଳୀ ଦିଆଯାଇଛି ନୂଆ ନିୟମ ବିଧିରେ, କିନ୍ତୁ ପେସା ଆଇନର ପଞ୍ଚମ ଓ ଷଷ୍ଠ ତଫସିଲକୁ ସଂଶୋଧିତ ବନ୍ୟପ୍ରାଣୀ ସଂରକ୍ଷଣ ଆଇନ ଏବଂ ଅତି ଗୁରୁତ୍ୱପୂର୍ଣ୍ଣ ବନାଞ୍ଚଳ ଅଧିକାର ଆଇନକୁ ଲଙ୍ଘନ କରାଯାଉଛି। ଏପରିକି ୨୦୧୩ରେ ନିୟମଗିରି ଖଣି ମାମଲାରେ ସୁପ୍ରିମକୋର୍ଟର ରାୟର ବିରୁଦ୍ଧାଚରଣ କରାଯାଇଛି ଏହା ମାଧ୍ୟମରେ। ସଂଶୋଧିତ ହେବାକୁ ଯାଉଥିବା ନିୟମବିଧିରେ କେଉଁଠି ହେଲେ ବନାଞ୍ଚଳ ସଂଲଗ୍ନ ଅଞ୍ଚଳର ବସବାସକାରୀ ପ୍ରାୟ ୧୦ କୋଟି ଆଦିବାସୀଙ୍କର କ'ଣ ହେବ ଓ ସେମାନଙ୍କ ଅଧିକାର ସମ୍ପର୍କରେ କୌଣସି ଉଲ୍ଲେଖ ନାହିଁ। ଯେଉଁମାନେ ଏହି ଜମି ହସ୍ତାନ୍ତରରେ କ୍ଷତିଗ୍ରସ୍ତ ହେବେ, ସେମାନେ କ୍ଷତିପୂରଣ ପାଇବେ ନାହିଁ। ଯେଉଁ ଜମିହୀନଙ୍କ ମଧ୍ୟରେ ବିତରଣ କରାଯିବା ଉଚିତ ତାହା କର୍ପୋରେଟ୍‌ଙ୍କ ହାତକୁ ଚାଲିଯିବ।

ଦେଶର ଆଦିବାସୀ ଓ ବନବାସୀମାନେ ଏବେ ମଧ୍ୟ ଆର୍ଥିକ–ସାମାଜିକ ଓ ଶିକ୍ଷା ସମସ୍ତ ଦିଗରୁ ପଛୁଆ। ଏଣୁ ସରକାର ଓ ସମାଜର ପ୍ରତିପତ୍ତିଶାଳୀଙ୍କ ଶୋଷଣ ସେମାନଙ୍କ ଆଗରେ ସ୍ପଷ୍ଟ ଭାବେ ଧରାପଡ଼େ ନାହିଁ। ପୁଣି ଯୁଗଯୁଗ ଧରି ପ୍ରଜନ୍ମ ପରେ ପ୍ରଜନ୍ମ ବନଭୂମି ଅଞ୍ଚଳରେ ଥିଲେ ମଧ୍ୟ ବେଶିଭାଗଙ୍କ ପାଖରେ କୌଣସି ଧରଣର ଜମିଜମା ସଂକ୍ରାନ୍ତ କାଗଜପତ୍ର ନାହିଁ। ଯେଉଁ ଅଳ୍ପ କେତେକଙ୍କ ପାଖରେ ଅଛି, ସେମାନଙ୍କ ପାଖରେ ମଧ୍ୟ ତାହା ଠିକ୍ ଭାବେ ନାହିଁ। ଏହି ଅବସ୍ଥାରେ ସରକାର ନୂଆକରି ବିଧି ନିୟମ କରି ସେମାନଙ୍କୁ ବନାଞ୍ଚଳରୁ ହଟାଇ ଦେବା ଭଳି ପରିସ୍ଥିତି ସୃଷ୍ଟି କରିବାକୁ ଯାଉଛନ୍ତି ବର୍ତ୍ତମାନର କେନ୍ଦ୍ର ସରକାର। ଅଥଚ ବନାଞ୍ଚଳରୁ ଏମାନଙ୍କୁ ହଟାଇଦେଲେ, ସେମାନଙ୍କର ଅବସ୍ଥା କ'ଣ ହେବ, ସେ ସମ୍ପର୍କରେ ଗୁରୁତ୍ୱ ଦେବାର କୌଣସି ପ୍ରୟୋଜନୀୟତା ସରକାର ମନେ କରୁନାହାନ୍ତି। ଅଥଚ ଏହି ଆଦିବାସୀ ଜନତା ଜୀବନକୁ ବାଜି ଲଗେଇ ଜଙ୍ଗଲକୁ ରକ୍ଷାକରି ଆସିଛନ୍ତି। ସେମାନଙ୍କ ଯୋଗୁ ଜୀବବୈଚିତ୍ର୍ୟ ଅନେକ ସ୍ଥାନରେ ସୁରକ୍ଷିତ ରହିପାରିଛି।

୨୦୦୬ରେ ଜଙ୍ଗଲ ଅଧିକାର ଆଇନ ମାଧ୍ୟମରେ ଦେଶର ବନାଞ୍ଚଳରେ ବସବାସକରୁଥିବା ଲୋକେ, ବିଶେଷକରି ଆଦିବାସୀଙ୍କ ସହ ଯୁଗ ଯୁଗ ଧରି ଚାଲିଆସିଥିବା ଅନ୍ୟାୟ, ଶୋଷଣ ଓ ଅତ୍ୟାଚାର ବରୋଧରେ ଏକ ସଦର୍ଥକ ପଦକ୍ଷେପ ନିଆଯାଇଥିଲା। ଜଙ୍ଗଲରେ ଶିକାର କରିବା ଛଡ଼ା ବନାଞ୍ଚଳରେ ବସବାସ କରୁଥିବା ବାସିନ୍ଦାଙ୍କ ହାତରେ ଜଙ୍ଗଲ ଅଞ୍ଚଳର ଅଧିକାର ଦିଆଯାଇଥିଲା। କେନ୍ଦ୍ରରେ ମୋଦି ସରକାର ଆସିବା ପରଠାରୁ ଗୋଟିଏ ପରେ ଗୋଟିଏ ଅଧିକାରକୁ ବିଭିନ୍ନ ଆଳରେ ଛଡ଼ାଇ ନେବାକୁ ବ୍ୟସ୍ତ। ଏଥର 'ଫରେଷ୍ଟ କନଭର୍ସନ ରୁଲ୍‌ସ' ୨୦୨୨ ମାଧ୍ୟମରେ ଏହାକୁ ନିଶ୍ଚିତ କରିବା ଦିଗରେ ଆଗେଇ ଆସିଛନ୍ତି।

ଉତ୍କଳମଣି ମାର୍ଗ,
ଅପର୍ଣ୍ଣାନଗର,ଚାଉଳିଆଗଞ୍ଜ,
କଟକ, ମୋ: ୯୪୩୭୩୮୪୮୬୭

# ବୟସ୍କଙ୍କୁ ହତାଦର କାହିଁକି



ଇବ୍ରାର ଖାଁ

ସମାଜରେ ପ୍ରତିଦିନ କିଛି ନା କିଛି ଘଟଣା, ଦୁର୍ଘଟଣା ସଂଘଟିତ ହେଉଛି। ସେହିସବୁ ଘଟଣା ମଧ୍ୟରେ ଚିନ୍ତାଜନକ ହେଉଛି ବୟସ୍କମାନଙ୍କ ପ୍ରତି ବଢ଼ିଚାଲିଥିବା ହତାଦର। ଯେକୌଣସି ମଣିଷ ସେ ଗରିବ ହେଉ କିମ୍ବା ଧନୀ, ଜୀବନରେ ବାଲ୍ୟ, କୈଶୋର, ଯୌବନ ଅବସ୍ଥାକୁ ଅତିକ୍ରମକରି ଯେତେବେଳେ ବୃଦ୍ଧାବସ୍ଥାରେ ଉପନୀତ ହୁଏ ସେତେବେଳେ ସେ ଅନ୍ୟମାନଙ୍କଠାରୁ ସାହାଯ୍ୟ, ସହଯୋଗ, ସହାନୁଭୂତି, ସ୍ନେହ, ଶ୍ରଦ୍ଧା, ସେବା, ଯତ୍ନ ପାଇବାର ଅଭିଳାଷ ପୋଷଣ କରିଥାଏ। କାରଣ ସେ ଦୃଢ଼ ନିଶ୍ଚିତ ଥାଏ, ଯେଉଁମାନଙ୍କୁ ପାଳି ପୋଷି ମଣିଷ ପରି ଗଢ଼ିବା ପାଇଁ ସମସ୍ତ ଶକ୍ତି, ସାମର୍ଥ୍ୟକୁ ନିଶେଷ କରିଦେଇଛି ସେମାନେ କେବେହେଲେ ତାକୁ ଅବହେଳା କିମ୍ବା ହତାଦର କରିବେ ନାହିଁ। ପୁଅବୋହୂ, ଝିଅଜ୍ୱାଇଁ, ନାତିନାତୁଣୀମାନଙ୍କ ଗହଣରେ ତା'ର ଅବଶିଷ୍ଟ ଜୀବନ ସୁଖ, ଶାନ୍ତିରେ କଟିଯିବ। କିନ୍ତୁ ବୃଦ୍ଧାବସ୍ଥାରେ ନିଜ ରକ୍ତ ସମ୍ପର୍କୀୟମାନଙ୍କଠାରୁ ଯେତେବେଳେ ହତାଦରର ଶିକାର ହୁଏ ତା' ଜୀବନର ସବୁ ସ୍ୱପ୍ନ କ୍ଷଣିକରେ ଚୂର୍ମାର ହୋଇଯାଏ ଏବଂ ଶେଷରେ ସେ ନିଜ ଅନ୍ତର୍ଦାହରେ ଜଳି ଜଳି ଜିଅନ୍ତା ଶବରେ ପରିଣତ ହୁଏ। ଏହାହିଁ ଆଜି ପାରିବାରିକ ଜୀବନରେ ବୟସ୍କମାନଙ୍କ ଦୁର୍ଗତିର ବାସ୍ତବ ଚିତ୍ର।

ଆବହମାନ କାଳରୁ ସମାଜରେ ଯୌଥ ପରିବାରର ପ୍ରଚଳନ ଥିଲା। ପରିବାର ଭିତରେ ସମସ୍ତେ ସମସ୍ତଙ୍କ ସୁଖଦୁଃଖର ସହଭାଗୀ ହେବା ସହ ଗୋଟିଏ ମନ ଆଉ ଏକ ପ୍ରାଣ ହୋଇ ଚଳୁଥିବାରୁ ପାରିବାରିକ ଜୀବନରେ ସୁଖ, ଶାନ୍ତି, ସଦ୍‌ଭାବନା ଉଦ୍ରେକ ହେବା ସହିତ ପରସ୍ପର ପ୍ରତି ସ୍ନେହ, ଶ୍ରଦ୍ଧା, ଦୟା, ପ୍ରେମ, ଭକ୍ତି ଓ ଅନୁରକ୍ତି ଭଳି ମାନବୀୟ ଗୁଣସବୁ ପରିସ୍ଫୁଟ ହେଉଥିଲା। ଘରର ପ୍ରତ୍ୟେକ ସଦସ୍ୟ ନିଷ୍କାମ ଭାବନାରେ ଅଭିମନ୍ତ୍ରିତ ହୋଇ ପରିବାର ପ୍ରତି ସମର୍ପିତ ରହୁଥିବାରୁ ଯୌଥ ପରିବାରରେ ଆନନ୍ଦ ଅନୁଭୂତ ହେଉଥିଲା। ଭୌତିକ ସୁଖ ପଛରେ ଧାଉଁଥିବା ଆଜିର ମଣିଷ ସ୍ୱାର୍ଥସିଦ୍ଧି ପାଇଁ କ୍ରମେ ପରିବାରଠାରୁ ଦୂରେଇ ଯାଉଥିବାରୁ ଯୌଥ ପରିବାରଗୁଡ଼ିକର ଅସ୍ତିତ୍ୱ ଲୋପପାଇବାକୁ ବସିଲାଣି। ତେବେ ଅଣୁ ପରିବାର ଭିତରେ ସଙ୍କୁଚିତ ହୋଇ ରହିଯାଉଥିବା ମଣିଷ ଛଳନାତ୍ମକ ଜୀବନଶୈଳୀକୁ ଆବୋରି ନେଉଥିବାରୁ ସାମାଜିକ ଜୀବନରେ ଯେଉଁ ସଂଘାତ ସୃଷ୍ଟି ହେଉଛି ତାହାହିଁ ଗୁରୁଜନମାନେ ଉପେକ୍ଷିତ ହେବାର ମୂଳକାରଣ କହିଲେ ଅତ୍ୟୁକ୍ତି ହେବ ନାହିଁ।

ମାତାପିତା ସଂସାରର ସବୁଠାରୁ ମହାର୍ଘ୍ୟ ବ୍ୟକ୍ତିତ୍ୱ। କୁହାଯାଏ ମା'ବାପାଙ୍କ ପାଦତଳେ ସ୍ୱର୍ଗ ରହିଛି। ମାତାପିତାଙ୍କୁ ଭକ୍ତି ସହକାରେ ସେମାନଙ୍କ ସେବାଯତ୍ନ କଲେ ସନ୍ତାନମାନଙ୍କ ଜୀବନ ସାର୍ଥକ ହୁଏ। ସନ୍ତାନର ମଙ୍ଗଳ ପାଇଁ ସବୁ କିଛିକୁ ତ୍ୟାଗ କରିବାର ଦୃଢ଼ ସଂକଳ୍ପ କେବଳ ମାତାପିତାମାନେ ହିଁ ନେଇପାରନ୍ତି। ରୋଗବୈରାଗ ହେଉ କିମ୍ବା ଦୁଃଖ ଯନ୍ତ୍ରଣାରେ ଜର୍ଜରିତ ପିଲାର ବ୍ୟାକୁଳତା ମାତାପିତାଙ୍କ ହୃଦୟରେ ଯେଉଁ ବେଦନାର ଉଦ୍‌ବେଳନ ସୃଷ୍ଟିକରେ ତାହା ଭାଷାରେ ବ୍ୟକ୍ତ କରାଯାଇ ନ ପାରେ। ସନ୍ତାନମାନଙ୍କ ସୁଖରେ ହିଁ ସେମାନଙ୍କ ସୁଖ ନିହିତ ଥାଏ। ଭୋକ ଉପାସରେ ରହି ପେଟ ପିଠିରୁ କାଟି ପିଲାର ଭବିଷ୍ୟତ ଜୀବନକୁ ଉଜ୍ଜ୍ୱଳମୟ କରି ଗଢ଼ି ତୋଳିବାକୁ ପ୍ରତ୍ୟେକ ମାତାପିତା ଜୀବନର ଏକମାତ୍ର ମୂଳଲକ୍ଷ୍ୟ ରୂପେ ବିବେଚନା କରିଥାନ୍ତି। ଯେଉଁମାନେ ମାତାପିତାଙ୍କ ସେବା ଯତ୍ନକୁ ପରମଧର୍ମ ଓ ମହାନ୍ କର୍ତ୍ତବ୍ୟ ବୋଲି ବିବେଚନା କରନ୍ତି ସେମାନଙ୍କର ଇହକାଳ ଏବଂ ପରକାଳ ଉଭୟ ସାର୍ଥକ ହୋଇଥାଏ। ଏହା ପ୍ରତ୍ୟେକ ଧର୍ମର ଧର୍ମଗ୍ରନ୍ଥଗୁଡ଼ିକରେ ଉଲ୍ଲେଖ କରାଯାଇଛି।



ଆଜି ସମାଜରେ ଘଟୁଛି କ'ଣ? ପାଠ ପଢ଼ି ରୋଜଗାରକ୍ଷମ ହୋଇଥିବା ଅନେକ ପୁଅଙ୍କର ମା, ବାପାଙ୍କ ପ୍ରତି ଦୃଷ୍ଟିଭଙ୍ଗୀ ବଦଳିଯାଉଛି। ବାହାହେଲା ପରେ ମାତା ଓ ପିତା ସେମାନଙ୍କୁ ବୋଝ ସଦୃଶ ପ୍ରତୀୟମାନ ହେଉଛନ୍ତି। ନିଜ ସୁଖ, ସ୍ୱାଚ୍ଛନ୍ଦ୍ୟ ପାଇଁ ମାତାପିତାଙ୍କଠାରୁ ଦୂରେଇଯାଇ ସହରୀ ଜୀବନକୁ ଆପଣେଇ ନେଉଛନ୍ତି। ଗାଁ ଭିଟାମାଟିରେ ପଡ଼ିରହିଥିବା ବାପାମା' ତଥାପି ସେମାନଙ୍କର ଶୁଭ ମନାସିବାରେ କେବେ କାର୍ପଣ୍ୟ କରନ୍ତି ନାହିଁ। ଲୋକଦେଖାଣିଆକୁ ସେବା ଯତ୍ନର ଦ୍ୱାହିଦେଇ ବୃଦ୍ଧ ମାତାପିତାଙ୍କୁ ନିଜ ପାଖରେ ସହରରେ ରଖିଲେ ମଧ୍ୟ ସେମାନଙ୍କର ସକଳ ସୁଖ ଧୀରେ ଧୀରେ ମଉଳିଯାଏ। ଘରର ଯାବତୀୟ କାର୍ଯ୍ୟ ସେହି ବୃଦ୍ଧ ଦମ୍ପତିଙ୍କୁ କରିବାକୁ ପଡୁଥିଲେ ମଧ୍ୟ ପ୍ରତିବାଦ କରିବା ତ ଦୂରର କଥା ସେମାନେ ଭଲରେ ଦୁଇପଦ କଥା ହେବାର ଅଧିକାର ପାଆନ୍ତି ନାହିଁ। ବୃଦ୍ଧ ଦମ୍ପତିଙ୍କ ମଧ୍ୟରୁ ଜଣେ ଯଦି ଆରପାରିକୁ ଚାଲିଯାଏ ତେବେ ଆଉ ଜଣକ ଜୀବନ ଆହୁରି ଦୁର୍ବିଷହ ହୋଇଉଠେ। ପୁଅ ସବୁ ଦେଖି ସବୁ ଜାଣି ମଧ୍ୟ ନିଜ ଧର୍ମପତ୍ନୀକୁ ଆକଟ କରିବା ପରିବର୍ତ୍ତେ ଓଲଟା ଅଭିଯୋଗ କରେ ତୁମ ପାଇଁ ଘରେ ସବୁବେଳେ ଅଶାନ୍ତିକର ପରିସ୍ଥିତି ସୃଷ୍ଟି ହେଉଛି। ସୋସାଇଟିରେ ଆମର ତ ପୁଣି ମାନ ସମ୍ମାନ ଅଛି। ଅଜାଗା ଘା' କାହାକୁ ଦେଖେଇ ହୁଏନି କି ଦେଖି ହୁଏନି ପରି ଅବସ୍ଥାରେ ପଡ଼ି କେବଳ ହନ୍ତସନ୍ତ ହେବା ଛଡ଼ା ଆଉ କିଛି କରିବାର ଉପାୟ ନ ଥାଏ। ତଥାପି ପୁଅର କାଳେ ଅମଙ୍ଗଳ ହେବ ସେଥିପାଇଁ ମାତାପିତାଙ୍କ ମୁହଁରୁ କେବେ କୌଣସି ଅପଶବ୍ଦ ଉଚ୍ଚାରିତ ହୋଇ ନ ଥାଏ। ରୋଜଗାରିଆ ପାଠୁଆ ପୁଅ ଏଡ଼େ ଅବିବେକୀ ହୋଇଯାଉଛି କେମିତି? ପିଲାମାନଙ୍କ ପ୍ରତିପୋଷଣରେ ମା'ବାପାଙ୍କର ଭୁଲ୍ ରହିଲା କେଉଁଠି? ଏହିପରି ଅନେକ ଅସମାହିତ ପ୍ରଶ୍ନର ଉତ୍ତର କର୍ମସଂସ୍ଥାନରେ ନିୟୋଜିତ ଯୁବପିଢ଼ିଠାରୁ ପାଇବାକୁ ଆଜିର ସମାଜ ଅପେକ୍ଷା ରଖେ।

ରୋଜଗାରକ୍ଷମ ଶିକ୍ଷିତ ମଣିଷ ଆଜି ଭୁଲିଯାଉଛି ସମୟଚକ୍ରରେ ସେ ଦିନେ ଏହିପରି ବୃଦ୍ଧାବସ୍ଥାକୁ ପ୍ରାପ୍ତ ହେବ ଏବଂ ସେତେବେଳେ ତା'ର ପିଲାମାନେ ମଧ୍ୟ ତା' ପ୍ରତି ଠିକ୍ ଏହିପରି ବ୍ୟବହାର ପ୍ରଦର୍ଶନ କରିବାକୁ ତିଳେ ହେଲେ କୁଣ୍ଠବୋଧ କରିବେ ନାହିଁ। ଉଧାର ସେରକ କେବେହେଲେ ତିନିପା ହୋଇ ନ ଥାଏ। ସେତେବେଳେ ନିଜ କଳାକର୍ମକୁ ନେଇ ଅନୁତାପ କଲେ ମଧ୍ୟ କେହି ଆଖିରୁ ଲୁହ ପୋଛିବାକୁ ପାଖରେ ନ ଥିବେ। ତେଣୁ ବେଳହୁଁ ସାଧୁ ସାବଧାନ ହେବା ଆବଶ୍ୟକ। ଦୁନିଆରେ ଯାହାର ବାପାମା' ନାହାନ୍ତି, ସେମାନେ ଅଭାଗା ନିଶ୍ଚୟ। ଆଉ ଯେଉଁମାନଙ୍କର ପିତାମାତା ଅଛନ୍ତି ସେମାନେ ନିଜକୁ ଭାଗ୍ୟବାନ୍ ମନେକରିବା ଉଚିତ। କାରଣ ସେମାନଙ୍କ ପାଖରେ ଚଳନ୍ତି ଠାକୁର ଅଛନ୍ତି। ପିତାମାତାଙ୍କ ଆତ୍ମସନ୍ତୋଷରେ ହିଁ ବିଭୁ କୃପା ପ୍ରାପ୍ତ ହୁଏ– ଏହା ସମସ୍ତଙ୍କର ଧ୍ୟେୟ ହେବା ଉଚିତ।

ବରଦାପଡ଼ା, ବିଶ୍ୱାଳପଡ଼ା, ରେଞ୍ଚ, ଖୋର୍ଦ୍ଧା
ମୋ: ୯୩୩୭୬୦୧୭୦୫

## ଏଇ ଭାରତରେ

କେରଳର କନ୍ନୁର ଜିଲାର ପିନାରାଇ ପଞ୍ଚାୟତରେ ଅବିବାହିତ ଲୋକଙ୍କ ସଂଖ୍ୟା ବୃଦ୍ଧି ପାଇବାରୁ ଏହି ସମସ୍ୟା ଦୂର କରିବା ପାଇଁ ପଞ୍ଚାୟତ ପକ୍ଷରୁ ବିବାହ ଲାଗି ଏକ ୱେବ୍‌ସାଇଟ ଆରମ୍ଭ କରାଯାଇଛି। ଜିଲା ଯୋଜନା କମିଟି ପିନାରାଇ ପଞ୍ଚାୟତର ଏହି 'ସାୟୋଜ୍ୟମ୍' ଯୋଜନାକୁ ଅନୁମୋଦନ କରିଛି। ଏହା ଅନ୍ତର୍ଗତ ୩୫ ବର୍ଷରୁ ଅଧିକ ଯେକୌଣସି ବ୍ୟକ୍ତି ପଞ୍ଚାୟତର ବିବାହ ସମ୍ବନ୍ଧୀୟ ୱେବ୍‌ସାଇଟରେ ପଞ୍ଜୀକୃତ ହୋଇ ଉପଯୁକ୍ତ ଜୀବନସାଥୀ ପାଇପାରିବେ। ପିନାରାଇ ପଞ୍ଚାୟତ ମୁଖ୍ୟ କେ.କେ. ରାଜୀବନ କହିଛନ୍ତି ଯେ ପଞ୍ଚାୟତ ଏକ ସର୍ଭେ କରିଛି, ଯେଉଁଥିରେ ୩୫ ବର୍ଷରୁ ଅଧିକ ବୟସର ଲୋକ ବିଭିନ୍ନ କାରଣରୁ ଅବିବାହିତ ରହିଛନ୍ତି। ଅଧିକାଂଶ କ୍ଷେତ୍ରରେ କେତେକ ଲୋକଙ୍କର ନିଜ ବିବାହ ପାଇଁ ପଦକ୍ଷେପ ନେବାକୁ ଘରେ କେହି ବରିଷ୍ଠ ବ୍ୟକ୍ତି ନ ଥିବାରୁ ଏହି ସେବା ଆରମ୍ଭ କରାଯାଇଥିବା କହନ୍ତି ରାଜୀବନ। ଏଭଳି ସେବା ପ୍ରଦାନ କରୁଥିବା ପ୍ରକଳ୍ପ କେରଳରେ ପ୍ରଥମ। ପିନାରାଇ ପଞ୍ଚାୟତ ୱେବ୍‌ସାଇଟରେ ଜାତି ଏବଂ ଧର୍ମଭିତ୍ତିକ ବର୍ଗ ରହିବ ନାହିଁ। କିନ୍ତୁ ଯେଉଁମାନେ ଜାତି ଏବଂ ଧର୍ମକୁ ସେମାନଙ୍କ ସବିଶେଷ ତଥ୍ୟରେ ଅନ୍ତର୍ଭୁକ୍ତ କରିବାକୁ ଚାହାନ୍ତି, ସେମାନେ ଏହା କରିପାରିବେ। ଲୋକଙ୍କ ପାଖରେ ଆର୍ଥିକ ସମସ୍ୟା ଥିଲେ ପଞ୍ଚାୟତ ପକ୍ଷରୁ ସେମାନଙ୍କୁ ସାହାଯ୍ୟ କରାଯିବାର ପ୍ରବଧାନ ଏଥିରେ ରଖାଯାଇଛି।

## ୨୫ ବର୍ଷ ତଳର ଧରିତ୍ରୀ

**୧୭ ଅଗଷ୍ଟ ୧୯୯୭**

- ଖ୍ୟାତନାମା ପାକିସ୍ତାନୀ ସଙ୍ଗୀତ ବିଶାରଦ ଓସ୍ତାଦ ନୁସରତ୍ ଫତେଅଲ୍ଲୀ ଖାଁଙ୍କ ୪୯ ବର୍ଷ ବୟସରେ ପରଲୋକ।
- ଆନ୍ଧ୍ରପ୍ରଦେଶ ରାଜ୍ୟପାଳ କ୍ରିଷ୍ଣକାନ୍ତ ଦେଶର ୧୨ଶ ଉପରାଷ୍ଟ୍ରପତି ଭାବେ ନିର୍ବାଚିତ।
- ଦକ୍ଷିଣ ବିହାରର ପାଲାମୁ ଜିଲାସ୍ଥିତ କୋଏଲ ନଦୀରେ ୨ଟି ନୌକା ବୁଡ଼ିଯିବା ଫଳରେ ୩୫ ଜଣଙ୍କ ମୃତ୍ୟୁ।

## ଚିରନ୍ତନୀ

କଜଳ ନୟନା ସଜଳ ଚିକୁରେ ତୋର
ଲୁଚି ଲୁଚି ଖେଳେ ବରଷା–ପବନ–ଚୋର
ଦେଖି ସେ ସୁଷମା ନାଚି ଉଠେ ତରୁଲତା
ଆକାଶୁଁ ଲୋତକ ଝରିପଡ଼େ ଝର ଝର।
–(ରୂପର ମୋହ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଓଡ଼ିଆ ଭାଷାର ବିକାଶ ହେଉ

ମହାଶୟ,

ରାଜ୍ୟ ସରକାର ଭାଷାର ବିକାଶ କ୍ଷେତ୍ରରେ ଉନ୍ନତି ପାଇଁ ଅର୍ଥ ପ୍ରଦାନ କରିଛନ୍ତି। କିନ୍ତୁ ଏ ପର୍ଯ୍ୟନ୍ତ ତାହା ଖର୍ଚ୍ଚ ହୋଇପାରି ନାହିଁ। ସେହିପରି ଓଡ଼ିଆ ବିଶ୍ୱବିଦ୍ୟାଳୟ କରିବା ପାଇଁ ଉଦ୍ୟମ ହେଉ ନାହିଁ। ଜ୍ଞାନମଣ୍ଡଳର ରୂପରେଖ ପ୍ରତି ବି ଗୁରୁତ୍ୱ ଦିଆଯାଉ ନାହିଁ। ଏହାହେଲେ ଛାତ୍ରୀଛାତ୍ରମାନେ ବିଶ୍ୱବିଦ୍ୟାଳୟରେ ଶିକ୍ଷାପ୍ରାପ୍ତ କରିପାରନ୍ତେ। ତେବେ ଅନୁଦାନ ଅର୍ଥ ଖର୍ଚ୍ଚ ନ ହେଲେ ତାହା ଫେରିଯିବାର ସମ୍ଭାବନା ରହିଛି। ଏଣୁ ଅନୁଦାନର ସଫଳ ବିନିଯୋଗ ପ୍ରତି ଭାଷାବିତ୍ ଓ ସାହିତ୍ୟିକମାନଙ୍କ ଉଦ୍ୟମ ଅପରିହାର୍ଯ୍ୟ।

–ରମେଶ ଚନ୍ଦ୍ର ବେହେରା, ଆୟତପୁର, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# କାଣୀ ନଦୀବନ୍ଧରେ ଶହେ ଫୁଟର ଘାଇ

- ୧୦ ପଞ୍ଚାୟତର ୨୪ରୁ ଊର୍ଦ୍ଧ୍ୱ ଗାଁ ଜଳମଗ୍ନ
- ବନ୍ୟାଞ୍ଚଳ ପରିଦର୍ଶନ କଲେ ମନ୍ତ୍ରୀ, ବିଧାୟକ
- ବନ୍ୟାବିପନ୍ନଙ୍କ ପାଖରେ ପହଞ୍ଚି ନାହିଁ ରିଲିଫ
- ୨ ଦିନ ସ୍କୁଲ ଛୁଟି ଘୋଷଣା

ଯାଜପୁର ଅଫିସ/ଦଶରଥପୁର/ ଝୁମ୍ପୁରୀ,୧୬।୮ (ଡି.ଏନ.ଏ.)

ବୈତରଣୀ ନଦୀର ଉପର ମୁଣ୍ଡରେ ଲଗାଣ ବର୍ଷା ଯୋଗୁ ଏହାର ଶାଖା ନଦୀ କାଣୀରେ ୧ଶହ ଫୁଟ ଲମ୍ବର ଏକ ଘାଇ ସୃଷ୍ଟି ହୋଇଛି। ଏଥିରେ ଯାଜପୁର ଜିଲା ଦଶରଥପୁର ବ୍ଲକର ୧୦ ପଞ୍ଚାୟତର ୨୪ ଗ୍ରାମର ପ୍ରାୟ ୧୨ ହଜାର ଲୋକ ଜଳବନ୍ଦୀ ଅବସ୍ଥାରେ ଅଛନ୍ତି। ବର୍ଷେ ନ ପୂରୁଣୁ ବୈତରଣୀ ନଦୀବନ୍ଧରେ ପୁଣି ଘାଇ ସୃଷ୍ଟି ହେବା ସମ୍ପୃକ୍ତ ଅଞ୍ଚଳବାସୀଙ୍କ ଜୀବନଜୀବିକାକୁ ପ୍ରଭାବିତ କରିଛି। ପ୍ରଭାବିତ ଅଞ୍ଚଳକୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ପ୍ରମିଳା ମଲ୍ଲିକ ଓ ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ ପରିଦର୍ଶନ କରି ପରିସ୍ଥିତି ଅନୁଧ୍ୟାନ କରିଛନ୍ତି। ବନ୍ୟା ପ୍ରଭାବିତ ଅଞ୍ଚଳର ସ୍କୁଲଗୁଡ଼ିକୁ ମଙ୍ଗଳବାର ଓ ବୁଧବାର ଛୁଟି ଘୋଷଣା କରାଯାଇଛି। ଗୁରୁବାର ଜନ୍ମାଷ୍ଟମୀ ପାଇଁ ସ୍କୁଲ ବନ୍ଦ ରହିବ।

ଜିଲାର ଦଶରଥପୁର ବ୍ଲକ କସପା, ମଲ୍ଲିକାପୁର, ଦୁଦୁରାଅଣ୍ଡା, ଦଉପୁର, ନିଜାମପୁର, କୟାଁ, କମାରଡିହ, ଖାନନଗର, ଥାଲକୁଡ଼ି, ସୁସୁଆ, ମଙ୍ଗଳପୁର ଆଦି ପଞ୍ଚାୟତର ବହୁ ଗ୍ରାମରେ ବନ୍ୟା ପାଣି ପଶିଛି। ବିଶେଷ ଭାବେ ଘାଇ ମୁହଁରେ ଥିବା କସପା ପଞ୍ଚାୟତର ପଞ୍ଚୁପଡ଼ା, ନୂଆଶାସନ, ବ୍ରହ୍ମଚାରୀପାଟଣା, କମାଲପୁର, ପଲ୍ଲାସାହି, ଦୁଦୁରାଅଣ୍ଡା ପଞ୍ଚାୟତର କୁଅଁରସାହି, ଆଖୁଆସାହି, ଅର୍ଦ୍ଧାଲୁଆ, ମଲ୍ଲିକାପୁର ପଞ୍ଚାୟତର ମଲ୍ଲିକାପୁର, ମହାନ୍ତିପାଟଣା, କୟାଁ ପଞ୍ଚାୟତର ବଳରାମପୁର, ଇଛାପୁର, ଗୁଣ୍ଡୁଣିପଡ଼ା, ଧରମପୁର, ଗହୀରାପାଳ, ଦୁବକଣ, ଦରବା, କମାରଡିହ ପଞ୍ଚାୟତର ଶହେମାଡ଼, ଲକ୍ଷ୍ମୀପୁର, ଇଟାପଡ଼ା, କେଳାଙ୍ଗ ପ୍ରଭୃତି ଗ୍ରାମ ସମ୍ପୂର୍ଣ୍ଣରୂପେ ବନ୍ୟା ଘେରରେ ରହିଛି। ସେହିପରି ଜୟନ୍ତରା ପଞ୍ଚାୟତର ମହାପାତ୍ର ସାହି ଓ କଟିକଟା ପଞ୍ଚାୟତର କାପୁଡ଼ିଆ ସାହି, ମାଝି ସାହି ସମ୍ପୂର୍ଣ୍ଣରୂପେ ବନ୍ୟାପାଣିରେ



କାଣି ନଦୀବନ୍ଧରେ ସୃଷ୍ଟି ହୋଇଥିବା ଘାଇ।

ବୁଡ଼ି ରହିଛି। ଏହି ଘାଇ ଫଳରେ ମଲ୍ଲିକାପୁର-ପଲ୍ଲାସାହି, ବୈଷ୍ଣପାନ-ଦଉପୁର, ଦଉପୁର-ମଙ୍ଗଳପୁର, କୟାଁ-ବଳରାମପୁର, କମାରଡିହ-ଇଟାପଡ଼ା, କମାରଡିହ-ଦରବା, ଦୁବକଣ-ଗରବନ୍ଧ ପ୍ରଭୃତି ମୁଖ୍ୟ ରାସ୍ତାରେ ବନ୍ୟା ଜଳ ଚାଲିଛି। ଏଥିସହ ୯୩୦.୭୫ ହେକ୍ଟର ଚାଷ ଜମିରେ ବନ୍ୟାଜଳ ମାଡ଼ିଯାଇଥିବାବେଳେ ବ୍ୟାପକ ପନିପରିବା ଫସଲ ନଷ୍ଟ ହୋଇଛି। କେବଳ କସପା ପଞ୍ଚାୟତର ବନ୍ୟା ବିପନ୍ନଙ୍କ ପାଇଁ ଚୁଡ଼ା,ଗୁଡ଼ ଓ ପାଣି ପାଉଚ ଯୋଗାଇ ଦିଆଯାଇଛି ବୋଲି ଦଶରଥପୁର ତହସିଲ ପକ୍ଷରୁ ସୂଚନା ଦିଆଯାଇଛି।

ସୋମବାର ଓ ମଙ୍ଗଳବାର ବନ୍ୟା ପ୍ରଭାବିତ ଅଞ୍ଚଳକୁ ରାଜସ୍ୱ ମନ୍ତ୍ରୀ ପ୍ରମିଳା ମଲ୍ଲିକ ପରିଦର୍ଶନ କରିଛନ୍ତି। ପରେ କସପା ପଞ୍ଚାୟତ ଅଫିସ୍‌ଠାରେ ଉଚ୍ଚପଦସ୍ଥ ଅଫିସରମାନଙ୍କ ସହିତ ଏକ ସମୀକ୍ଷା ବୈଠକ କରି ବନ୍ୟା ବିପନ୍ନମାନଙ୍କୁ ତୁରନ୍ତ ସରକାରୀ ସହାୟତା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ମଙ୍ଗଳବାର ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ ବନ୍ୟା ପ୍ରଭାବିତ କସପା ଓ ମଲ୍ଲିକାପୁର ପଞ୍ଚାୟତ ବୁଲିବା ସହ ଘାଇ ମୁହଁକୁ ଯାଇ ସ୍ଥିତିକୁ ଅନୁଧ୍ୟାନ କରିଛନ୍ତି। ୨୪ ଘଣ୍ଟା ମଧ୍ୟରେ ଉକ୍ତ ଘାଇକୁ ବନ୍ଦ କରିବା ନିମନ୍ତେ ପ୍ରୟାସ କରିବାକୁ ଜଳସମ୍ପଦ ବିଭାଗ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ମନ୍ତ୍ରୀ ଓ ବିଧାୟକଙ୍କ ଏହି ଗସ୍ତ ସମୟରେ ଜିଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋର, ଜଳସମ୍ପଦ ବିଭାଗ ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ଧନେଶ୍ୱର ସାମଲ, ଜଳସମ୍ପଦ ବିଭାଗ ନିର୍ବାହୀ ଯନ୍ତ୍ରୀ ଶରତ ଚନ୍ଦ୍ର ଘଡ଼ାଇ, ଜିଲା ବିଜେଡି ସଭାପତି ସରୋଜ କୁମାର ମହାପାତ୍ର, ଯାଜପୁର ବିଧାୟକଙ୍କ ପ୍ରତିନିଧି କର୍ଣ୍ଣାଟ କେଶରୀ ଦାସ, ବିଧାୟିକାଙ୍କ ପ୍ରତିନିଧି ପ୍ରଦୀପ କୁମାର ମହାନ୍ତି, ତହସିଲଦାର ଅବିନାଶ ବିଶ୍ୱଜିତ ସେଠୀ, ଜିଲା ପରିଷଦ ସଭ୍ୟା ମାମିନା ମଲ୍ଲିକ ପ୍ରମୁଖ ସାମିଲ ଥିଲେ। ତେବେ ଏହି ଘାଇ ସୃଷ୍ଟି ହେବାର ୪୮ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଅତିକ୍ରାନ୍ତ ହୋଇଥିଲେ ହେଁ ପ୍ରଭାବିତ ଲୋକଙ୍କ ପାଖରେ ରିଲିଫ୍ ପହଞ୍ଚି ପାରିନାହିଁ ବୋଲି ଅଭିଯୋଗ ହୋଇଛି।

ବୈତରଣୀ ନଦୀର ଉପରମୁଣ୍ଡ କେନ୍ଦୁଝର ଜିଲାରେ ପ୍ରବଳ ବର୍ଷା ହୋଇଥିଲା। ଏଥିଯୋଗୁ ଶନିବାର ୮ଟା ସମୟରେ ବୈତରଣୀ ନଦୀର ଆନନ୍ଦପୁରଠାରେ ଜଳପତ୍ତନ ବିପଦସଙ୍କେତ ୩୮.୩୬ ମିଟରକୁ ୩୬.୪୨ ମିଟର ଉଚ୍ଚରେ ରହିଥିଲା। ଆଖୁଆପଦାଠାରେ ଜଳପତ୍ତନ ବିପଦସଙ୍କେତ ୧୭.୮୩ ମିଟର ସ୍ଥଳେ ୧୮.୦୪ ମିଟରରେ ବନ୍ୟାଜଳ ପ୍ରଭାବିତ ହୋଇଥିଲା। ଏହାବାଦ୍ ଦଶରଥପୁରଠାରେ ଜଳପତ୍ତନ ବିପଦସଙ୍କେତ ୯.୫୨ ମିଟର ସ୍ଥଳେ ସେଠାରେ ଜଳପତ୍ତନ ୯.୪୦ ମିଟର ରହିଥିଲା। ଦୁର୍ବଳ ନଦୀବନ୍ଧ ଏବଂ ତାହାର ମରାମତି, ପୁନରୁଦ୍ଧାର ସହ ସୁଦୃଢ଼ୀକରଣ ଉପରେ ରାଜ୍ୟ ଜଳ ସମ୍ପଦ ବିଭାଗ ଗୁରୁତ୍ୱ ଦେଇ ଆସୁଛି। ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନେ ନଦୀବନ୍ଧର ସ୍ଥିତି ଅନୁଧ୍ୟାନ କରି ଆବଶ୍ୟକ ପଦକ୍ଷେପ ନେବାକୁ ପରାମର୍ଶ ଦିଆଯାଇଥିଲା। ଜିଲାପାଳମାନେ ବ୍ୟକ୍ତିଗତ ଭାବେ ଏହାର ପରିଚାଳନା କରିବାକୁ ପୂର୍ବରୁ କୁହାଯାଇଥିଲା। ଏହାପରେ ବି ସୋମବାରର ବନ୍ୟାଜଳ ସବୁ ବ୍ୟବସ୍ଥାକୁ ଭାଙ୍ଗି ଦେଇଥିଲା।



ବିଧାୟକ ପ୍ରଣବ ପ୍ରକାଶ ଦାସ ବନ୍ୟାସ୍ଥିତିର ସମୀକ୍ଷା କରୁଛନ୍ତି।



ମନ୍ତ୍ରୀ ପ୍ରମିଳା ମଲ୍ଲିକ ଘାଇ ହୋଇଥିବା ଅଞ୍ଚଳ ପରିଦର୍ଶନ କରୁଛନ୍ତି।

# ଚିତ୍ରୋତ୍ପଳା, ପାଇକା, ଲୁଣାନଦୀରେ ବନ୍ୟା ପରିସ୍ଥିତି

- ଭଦାଳଠାରେ ଚିତ୍ରୋତ୍ପଳା ନଦୀ ବନ୍ଧରୁ ଅତଡ଼ା ଖସୁଛି
- ଘାଇ ହେବା ଭୟରେ ଲୋକେ ଘର ଛାଡ଼ି ନଦୀ ବନ୍ଧରେ
- ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ସ୍ଥିତି ଅନୁଧ୍ୟାନ

ପାଟକୁରା,୧୬।୮ (ଡି.ଏନ.ଏ.)

ମହାନଦୀରେ ବନ୍ୟା ଯୋଗୁ ଜଳସ୍ତର ବୃଦ୍ଧି ପାଉଥିବାରୁ ଶାଖା ନଦୀ ଚିତ୍ରୋତ୍ପଳା, ପାଇକା, ଲୁଣା ନଦୀରେ ବନ୍ୟା ପରିସ୍ଥିତି ଦେଖାଦେଇଛି। ଫଳରେ ନଦୀ କୂଳିଆ ଅଧିବାସୀମାନେ ଆତଙ୍କିତ ହୋଇପଡ଼ିଛନ୍ତି। ଚିତ୍ରୋତ୍ପଳା ନଦୀର ଦକ୍ଷିଣ ପାର୍ଶ୍ୱ ଗରଦପୁର ବ୍ଲକର ଭଦାଳ ବୁଢ଼ୀ ଠାକୁରାଣୀ ପାଖ ଗ୍ରାମ ପାର୍ଶ୍ୱ ନଦୀବନ୍ଧରୁ ବାରମ୍ବାର ଅତଡ଼ା ଖସୁଥିବାରୁ ଏହା ଭଦାଳ ସମେତ ଗରଦପୁର ବ୍ଲକ ଅଞ୍ଚଳ ପାଇଁ ବିପଦ ସୃଷ୍ଟି କରୁଛି। ଭଦାଳ ଗ୍ରାମର ଜନସାଧାରଣ ଅତଡ଼ା ଖସିବା ରୋକିବାକୁ ବହ୍ଲାପୋତି ବାଲି ବସ୍ତା ପକାଉଛନ୍ତି। ଭଦାଳ ଗାଁର ଲୋକ ସମ୍ଭାବ୍ୟ ଘାଇ ହେବା ଭୟରେ ଆସବାବପତ୍ର ସହ ଗୋରୁ, ଛେଳି ମେଣ୍ଢା ସାଙ୍ଗରେ ଆଣି ନଦୀ ବନ୍ଧରେ ଆଶ୍ରୟ ନେଇଛନ୍ତି। ନଦୀବନ୍ଧକୁ ଲାଗିଥିବା କେନାଲର କାମ ହେଉଥିବା ବେଳେ ସମ୍ପୃକ୍ତ ଠିକାଦାର ନଦୀ ବନ୍ଧର ଗ୍ରାମ ପାର୍ଶ୍ୱକୁ ବାଲିରେ ପୋତିବା ଯୋଗୁ ଏଭଳି ଅବସ୍ଥା ହୋଇଛି ବୋଲି ଅଭିଯୋଗ ହେଉଛି। ସେହିପରି କଳାବୁଦା କଣ୍ଡାଣିଆ ମଠ ପାଖରେ ମଧ୍ୟ ଘଳିଆ ପଡୁଛି। ମଙ୍ଗଳବାର ସମ୍ଭାବ୍ୟ ବନ୍ୟା ପରିସ୍ଥିତିକୁ ନଜରରେ ରଖି ଖାଦ୍ୟ ଯୋଗାଣ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ନଦୀ ବନ୍ଧର ବିଭିନ୍ନ ଦୁର୍ବଳ ସ୍ଥାନଗୁଡ଼ିକୁ ଦେଖିବା ସହ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ବିଭାଗୀୟ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମନ୍ତ୍ରୀ ନାୟକ ବ୍ଲକ ପ୍ରଶାସନ ସହିତ ଆଲୋଚନା କରି ଯେପରି ବନ୍ୟା ଯୋଗୁ କୌଣସି ଜୀବନ ହାନି ନ ଘଟେ ସେଥିପ୍ରତି ଦୃଷ୍ଟି ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ବିଧାୟିକାଙ୍କ ପ୍ରତିନିଧି ସଞ୍ଜୟ ଅଗ୍ରୱାଲ ବିଭିନ୍ନ ଦୁର୍ବଳ ସ୍ଥାନ ବୁଲି ଦେଖିଥିଲେ। ୨୦୦୬ରେ ଚିତ୍ରୋତ୍ପଳା ନଦୀ ବେଡ଼ାରୀ ପାଖରେ ୧୨ଶହ ଫୁଟ ଲମ୍ବର ଘାଇ ହୋଇଥିଲା। ସେହିପରି ୨୦୦୮ରେ ବେଡ଼ାରୀ ଗାଁର ପୂର୍ବପାର୍ଶ୍ୱ ମସ୍ତରାମ ମଠ ନିକଟରେ ଘାଇ ହୋଇଥିଲା। ୨୦୧୧ରେ ଚିତ୍ରୋତ୍ପଳା ନଦୀର ଦକ୍ଷିଣପାର୍ଶ୍ୱ ମଦନା ନିକଟରେ ଘାଇ ହୋଇଥିଲା। ଏସବୁ ଘାଇ ହେବା ଯୋଗୁ ଚିତ୍ରୋତ୍ପଳା ଓ ପାଇକା ଦ୍ୱୀପାଞ୍ଚଳରେ ଥିବା ଲୋକଙ୍କ ବ୍ୟାପକ ଧାନ ଚାଷ ହରାଇବା ସହ ଚାଳ ଘର ସବୁ ହରାଇ ଥିଲେ। ଏବେ ଲଗାଣବର୍ଷାରେ ଚାଷୀମାନଙ୍କ ଖରିଫ ଧାନ ଫସଲ ସବୁ ବୁଡ଼ି ଯାଇଥିବା ବେଳେ ସମ୍ଭାବ୍ୟ ବନ୍ୟା ସେମାନଙ୍କ ପାଇଁ ଆଉ ଏକ ବିପଦ ଟାଣି ଆଣିଛି।



ଚିତ୍ରୋତ୍ପଳା ନଦୀ ବନ୍ଧରୁ ଅତଡା ଖାଉଥିବାରୁ ଭଦଳା ଗ୍ରାମବାସୀ ବାଉଁଶ ବଲ୍ଲା ଓ ବାଲିବସ୍ତା ପକାଉଛନ୍ତି।

# କୁଜଙ୍ଗର ୩ ସ୍ଥାନରେ ଘାଇ



କୁଜଙ୍ଗ ବଡବାଲିକଣି ରାସ୍ତାରେ ଘାଇ ହୋଇଛି।

କୁଜଙ୍ଗ ,୧୬।୮ (ଡି.ଏନ୍.ଏ.):

ଜଗତ୍‌ସିଂହପୁର ଜିଲା କୁଜଙ୍ଗ ବ୍ଲକ୍‌ର ୭ ପଞ୍ଚାୟତରେ ବନ୍ୟାସ୍ଥିତି ଗମ୍ଭୀର ହୋଇଛି। ସେଗୁଡ଼ିକ ହେଲା ଜିଲାନାସୀ, ବଡ଼ବାଲିକଣି, ସାଇଲୋ, ହଂସୁରା, କାଠକୋଟ, ମହ୍ଲାସାହି, କୁଜଙ୍ଗ । ଏସବୁ ପଞ୍ଚାୟତର ବିଭିନ୍ନ ଗ୍ରାମରେ ଘାଇ ସୃଷ୍ଟି ହୋଇ ଗାଁ ମଧ୍ୟକୁ ବନ୍ୟା ଜଳ ପ୍ରବେଶ କରିଛି। ବିଶେଷ କରି ବଡ଼ବାଲିକଣି, ଜିଲାନାସୀ ଓ ସାଇଲୋ ପଞ୍ଚାୟତର ହରିପୁର ଗ୍ରାମ କ୍ଷତିଗ୍ରସ୍ତ ହୋଇଛି। ସେହିପରି କୁଜଙ୍ଗ ପଞ୍ଚାୟତର ଭଣ୍ଡାରି ଗାଁ, ଥାଇଲୋ ପଞ୍ଚାୟତର ହରିପୁରଠାରେ ପାଣି ପଶିଛି। ହରିପୁର, ବାଲିକଣି ଓ ଜିଲାନାସୀ ତେନ୍ତୁଳିଆଖମାର ଠାରେ ଘାଇ ସୃଷ୍ଟି ହୋଇଛି। ଅନ୍ୟାନ୍ୟ ସ୍ଥାନରେ ମଧ୍ୟ ଘାଇ ଆଶଙ୍କା ଥିବାରୁ ପ୍ରଶାସନ ପକ୍ଷରୁ ବାଲି ବସ୍ତା ପକାଯାଇଛି। ଜନସାଧାରଣଙ୍କ ଯାତାୟତ ନିମନ୍ତେ ୭ ଟି ଡଙ୍ଗା ଯୋଗାଇ ଦିଆଯାଇଛି। ଆସନ୍ତାକାଲି ଆଉ ୯ଟି ଡଙ୍ଗା ଯୋଗାଇ ଦିଆଯିବ ବୋଲି ବିଡିଓ ସୌମ୍ୟଶ୍ରୀ ପାଣିଗ୍ରାହୀ କହିଛନ୍ତି। ପାଣି ଘେରରେ ଥିବା ଜନସାଧାରଣଙ୍କ ପାଇଁ ୧୫ କୁଇଣ୍ଟାଲ୍ ଚୁଡ଼ା, ୫ କୁଇଣ୍ଟାଲ ଗୁଡ଼, ୬୦୦ ପ୍ୟାକେଟ୍ ବିସ୍କୁଟ୍ ଯୋଗାଇ ଦିଆଯାଇଛି। ଗୋ, ମଇଁଷି ଆଦି ଗୃହ ପାଳିତ ପ୍ରାଣୀଙ୍କ ପାଇଁ ୧୦ କୁଇଣ୍ଟାଲ ଚାରା ଯୋଗାଇ ଦିଆଯାଇଛି। ଜନସାଧାରଣଙ୍କ ତରଫରୁ ପାଲ ଯୋଗାଇ ଦେବା ପାଇଁ ଦାବି ହୋଇଛି। ଏ ସମ୍ପର୍କରେ ତହସିଲଦ୍ୱାର ପ୍ରୀତିପର୍ଣ୍ଣା ମିଶ୍ର କହିଛନ୍ତି, ତଦନ୍ତ ପରେ ଏନେଇ ପଦକ୍ଷେପ ନିଆଯିବ। ସେ କହିଛନ୍ତି ପ୍ରଶାସନିକ ଅଧିକାରୀମାନେ ବନ୍ୟା ପ୍ଲାବିତ ଅଞ୍ଚଳ ବୁଲୁଛନ୍ତି। ଯେଉଁଠି ଆବଶ୍ୟକ ପଡୁଛି ତତ୍‌କ୍ଷଣାତ୍ ପାଲ ଯୋଗାଇ ଦିଆଯାଉଛି। ପଞ୍ଚାୟତ ସମିତି ଅଧକ୍ଷା ନୀନାରାଣି ସାହୁ ଓ ବିଡିଓ ବିଭିନ୍ନ ବନ୍ୟାପ୍ଲାବିତ ଅଞ୍ଚଳ ବୁଲି ଦେଖିଛନ୍ତି। ବ୍ଲକ୍ ପରିସରରେ ଦମ କଳ ବାହିନୀ ଗାଡ଼ି ରଖାଯାଇଛି।






















## ମନେ ପଡ଼ନ୍ତି



# ଧରିତ୍ରୀ
DHARITRI

www.orissakhabar.com/ www.dharitri.com | ପୃଷ୍ଠା ୮ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ବୁଧବାର, ଅଗଷ୍ଟ ୧୭/୨୦୨୨ | Bhubaneswar, Wednesday, August 17/ 2022


# ଭାରତକୁ ବାସନ୍ଦ କଲା ଫିଫା

## ୧୭ବର୍ଷରୁ କମ୍ ମହିଳା ବିଶ୍ୱକପ୍ ଆୟୋଜନ ହୋଇପାରିବ ନାହିଁ



**ନୂଆଦିଲ୍ଲୀ, ୧୬।୮ (ପି.ଟି.)**

ତୃତୀୟ ପକ୍ଷର ଅଯଥା ହସ୍ତକ୍ଷେପ ଯୋଗୁ ବିଶ୍ୱ ଫୁଟ୍‌ବଲ ପରିଚାଳନା ପରିଷଦ ଫିଫା ମଙ୍ଗଳବାର ଭାରତକୁ ବାସନ୍ଦ କରିଛି। ଫଳତଃ ଯୋଜନା ମୁତାବକ ଦେଶରେ ୧୭ବର୍ଷରୁ କମ୍ ଫିଫା ମହିଳା ବିଶ୍ୱକପ୍ ଆୟୋଜନ ହୋଇପାରିବନାହିଁ। ଭାରତରେ ଅକ୍ଟୋବର ୧୧ରୁ ୩୦ ପର୍ଯ୍ୟନ୍ତ ଫିଫା ଟୁର୍ନାମେଣ୍ଟ ହେବାର କାର୍ଯ୍ୟକ୍ରମ ରହିଥିଲା। ଫିଫାର ୮୫ ବର୍ଷର ଇତିହାସରେ ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍‌ଏଫ୍) ପ୍ରଥମ ଥର ଫିଫା ଦ୍ୱାରା ବାସନ୍ଦ ହୋଇଛି। ଫିଫା ନିୟମର ଗୁରୁତର ଉଲ୍ଲଂଘନ କରାଯାଇଥିବା ବିଶ୍ୱ ଫୁଟ୍‌ବଲ ପରିଚାଳନା ପରିଷଦ କହିଛି। ବ୍ୟୁରୋ ଅଫ୍ ଫିଫା କାଉନ୍‌ସିଲ କହିଛି ଏଆଇଏଫ୍‌ଏଫ୍ ସମ୍ପୂର୍ଣ୍ଣ ରୂପେ ଏହାର ଦୈନନ୍ଦିନ କାର୍ଯ୍ୟ ସମ୍ପାଦନ କରିବା ଉଚିତ। ସିଓଏର ଆଦେଶନାମାକୁ ରଦ୍ଦ କରାଯିବା ପରେ ଯାଇ ଭାରତ ଉପରୁ ବାସନ୍ଦ ପ୍ରତ୍ୟାହାର କରିନିଆଯିବ। ଟୁର୍ନାମେଣ୍ଟ ସମ୍ପର୍କରେ ପରବର୍ତ୍ତୀ ପଦକ୍ଷେପକୁ ନେଇ ଫିଫା ବ୍ୟୁରୋ ଅଫ୍ କାଉନ୍‌ସିଲର ପରାମର୍ଶ ଲୋଡ଼ିଛି। ସଦ୍ୟ ଖବର ଅନୁସାରେ କେନ୍ଦ୍ର ସରକାର ଏଆଇଏଫ୍‌ଏଫ୍ ବ୍ୟାପାରରେ ସୁପ୍ରିମକୋର୍ଟଙ୍କଠାରୁ ଜରୁରୀ ଶୁଣାଣି ଚାହିଁଛନ୍ତି। ଜଷ୍ଟିସ ଡି. ୱାଇ. ଚନ୍ଦ୍ରଚୂଡ଼ ଓ ଏ.ଏସ୍. ବୋପାନ୍ନାଙ୍କୁ ନେଇ ଗଠିତ ଖଣ୍ଡପୀଠକୁ କେନ୍ଦ୍ର ସରକାରଙ୍କ ତରଫରୁ ପ୍ରତିନିଧିତ୍ୱ କରୁଥିବା ସଲିସିଟର ଜେନେରାଲ ତୁଷାର ମେହେଟ୍ଟା କହିଛନ୍ତି ଯେ, ଫିଫା ଭାରତକୁ ବାସନ୍ଦ କରି ଏକ ଚିଠି ଲେଖିଛି। ସାଧାରଣ ଜନତା ଏ ବିଷୟରେ ସଷ୍ଟ ହେବାକୁ ଚାହାନ୍ତି। ଶୁକ୍ରବାର ଫିଫାର ଏକ ୪ ଜଣିଆ ପ୍ରତିନିଧିଦଳ କ୍ରୀଡ଼ା ମନ୍ତ୍ରଣାଳୟର ବରିଷ୍ଠ କର୍ମକର୍ତ୍ତା ଏବଂ ସିଓଏ ସହ ଯଥାକ୍ରମେ ଶୁକ୍ରବାର ଓ ବୁଧବାର ଆଲୋଚନା କରିବା ପରେ ଏହି ପରିସ୍ଥିତି ଉପୁଜିଛି। କ୍ରୀଡ଼ା ମନ୍ତ୍ରଣାଳୟର ଜଣେ ଅଫିସିଆଲ କହିଛନ୍ତି, ସମସ୍ତ ପକ୍ଷ ସୋମବାର ସନ୍ଧ୍ୟା ସୁଦ୍ଧା ସମାଧାନର କୌଣସି ସୂତ୍ର ବାହାର କରିବେ ବୋଲି ଆଶା କରାଯାଉଥିଲା। ମାତ୍ର ସମ୍ଭବ ହେଲା ନାହିଁ। ଏଆଇଏଫ୍‌ଏଫ୍‌କୁ ବାସନ୍ଦ କରାଯାଉଥିବା ଫିଫା ସୋମବାର ରାତିରେ ସୂଚାଇ ଦେଇଥିଲା। ଏହା ଆଭ୍ୟନ୍ତରୀଣ କମିଟିର ନିଷ୍ପତ୍ତି ବୋଲି କହିଥିଲା। ଭାରତ ୧୭ ବର୍ଷରୁ କମ୍ ଜୁନିୟର ମହିଳା ବିଶ୍ୱକପ୍ ଆୟୋଜନ କରିବାକୁ ଯାଉଥିବାରୁ ସରକାର ଏ ବିଷୟର ଯଥାଶୀଘ୍ର ସମାଧାନ ଚାହାନ୍ତି।

ସୂଚନାଯୋଗ୍ୟ, ଜାତୀୟ କ୍ରୀଡ଼ା ଆଚରଣବିଧି ଅନୁସାରେ ୨୦୨୦ ସୁଦ୍ଧା କର୍ମକର୍ତ୍ତା ନିର୍ବାଚନ କରାଯାଇ ନ ଥିବାରୁ ସୁପ୍ରିମକୋର୍ଟ ମେ' ୧୮ରେ ପ୍ରଫୁଲ୍ଲ ପଟେଲଙ୍କୁ ଏଆଇଏଫ୍‌ଏଫ୍ ସଭାପତି ପଦବୀରୁ ବହିଷ୍କୃତ କରିଥିଲେ। ଯାହାର ପରିଣାମ ସ୍ୱରୂପ ଭାରତକୁ ବାସନ୍ଦ ହେବାକୁ ପଡ଼ିଛି। ପ୍ରଫୁଲ୍ଲଙ୍କୁ ସସ୍‌ପେଣ୍ଡ କରିବା ବ୍ୟତୀତ କୋର୍ଟ ପୂର୍ବତନ ସୁପ୍ରିମକୋର୍ଟ ବିଚାରପତି ଏ.ଆର୍. ଡାଭେଙ୍କ ଅଧ୍ୟକ୍ଷତାରେ ୩ଜଣିଆ ସଦସ୍ୟ ବିଶିଷ୍ଟ ପ୍ରଶାସନିକ କମିଟି ସିଓଏ ଗଠନ କରିଥିଲେ। ଜାତୀୟ ମହାସଂଘର ସମସ୍ତ କାର୍ଯ୍ୟ ଦେଖାଚାହାଁ କରିବା ଏହାର ଦାୟିତ୍ୱ ରହିଥିଲା। ସିଓଏର ଅନ୍ୟ ଦୁଇ ଜଣ ସଦସ୍ୟ ହେଲେ ଚିଫ୍ କମିଶନର ଅଫ୍ ଇଣ୍ଡିଆ ଏସ୍.ୱାଇ. କୁରେଶୀ ଏବଂ ପୂର୍ବତନ ଭାରତ ଅଧିନାୟକ ଭାସ୍କର ଗାଙ୍ଗୁଲି। ନ୍ୟାଶନାଲ ସ୍ପୋର୍ଟ୍ସ କୋଡ୍ ଓ ମଡେଲ ଗାଇଡ୍‌ଲାଇନ୍‌କୁ ଭିତ୍ତିକରି ଏଆଇଏଫ୍‌ଏଫ୍‌ର ଏକ ସମ୍ବିଧାନ ପ୍ରସ୍ତୁତ କରିବା ଦାୟିତ୍ୱ ମଧ୍ୟ ସିଓଏ ଉପରେ ନ୍ୟସ୍ତ କରାଯାଇଥିଲା। ବ୍ୟୁରୋ ଅଫ୍ ଫିଫା କାଉନ୍‌ସିଲ କହିଛି, ସସ୍‌ପେଣ୍ଡ ଆଦେଶ ଉଠାଇବାକୁ ହେଲେ ଫିଫା ଏବଂ ଏଏଫ୍‌ସି (ଏସିଆନ ଫୁଟ୍‌ବଲ କାଉନ୍‌ସିଲ)ର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏଆଇଏଫ୍‌ଏଫ୍ ସମ୍ବିଧାନ ସଂଶୋଧନ କରାଯିବା ଦରକାର। ତୃତୀୟ ପକ୍ଷର ବିନା ହସ୍ତକ୍ଷେପରେ ଏଆଇଏଫ୍‌ଏଫ୍ ଜେନେରାଲ ଆସେମ୍ବ୍ଲି ଦ୍ୱାରା ଏହା ଗୃହୀତ ହେବା ଦରକାର। ଫିଫା ଚାହୁଁଛି ଏକ ନୂଆ କାର୍ଯ୍ୟନିର୍ବାହୀ କମିଟିର ନିର୍ବାଚନ ପରିଚାଳନା ପାଇଁ ଏଆଇଏଫ୍‌ଏଫ୍ ଜେନେରାଲ ଆସେମ୍ବ୍ଲି ଦ୍ୱାରା ଏକ ସ୍ୱାଧୀନ ଇଲେକ୍ଟୋରାଲ କମିଟି ନିର୍ବାଚିତ ହେବା ଦରକାର। ଫିଫାର ଏହି ପଦକ୍ଷେପ ଯୋଗୁ ପରବର୍ତ୍ତୀ ନୋଟିସ୍ ପର୍ଯ୍ୟନ୍ତ ଏଆଇଏଫ୍‌ଏଫ୍ ଏହାର ସମସ୍ତ ସଦସ୍ୟତା ଅଧିକାର ହରାଇବ। ଭାରତୀୟ କ୍ଲବଗୁଡ଼ିକ ଏବଂ ପ୍ରତିନିଧିମାନେ (ଖେଳାଳି, ରେଫରି, ଅଫିସିଆଲ) କୌଣସି ଅନ୍ତର୍ଜାତୀୟ ଇଭେଣ୍ଟରେ ଭାଗ ନେଇପାରିବେ ନାହିଁ। ଫିଫା ଏହାର ସଦସ୍ୟ ୟୁନିଟ୍‌ର ବ୍ୟାପାରରେ ତୃତୀୟପକ୍ଷ ହସ୍ତକ୍ଷେପକୁ ଅନୁମତି ଦିଏ ନାହିଁ, ଏପରି କି କୋର୍ଟ ଅବା ସରକାର ହୁଅନ୍ତୁ ନା କାହିଁକି। ଫିଫା କିନ୍ତୁ ଭାରତ ପାଇଁ ପଥ ଉନ୍ମୁକ୍ତ ରଖିଛି। ଏହି ପ୍ରସଙ୍ଗରେ କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରଣାଳୟ ସହ ଯୋଗାଯୋଗରେ ରହିଥିବା କହିଛି। ସକାରାତ୍ମକ ଫଳାଫଳ ଆସିବ ବୋଲି ଆଶା ପ୍ରକାଶ କରିଛି। ବାସନ୍ଦ ପରେ ସୁପ୍ରିମକୋର୍ଟଙ୍କ ଆଦେଶ ଅନୁସାରେ ଅଗଷ୍ଟ ୨୮ରେ ଏଆଇଏଫ୍‌ଏଫ୍ ନିର୍ବାଚନ ହେବା ନେଇ ଅନିଶ୍ଚିତତା ଦେଖାଦେଇଛି। ସିଓଏ ଦ୍ୱାରା ପ୍ରସ୍ତୁତ ଟାଇମ୍-ଲାଇନ୍ ସର୍ବୋଚ୍ଚ ନ୍ୟାୟାଳୟ ଦ୍ୱାରା ଗୃହୀତ ହେବା ପରେ ଅଗଷ୍ଟ ୧୩ରୁ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ସିଓଏ ପକ୍ଷରୁ ଇତିମଧ୍ୟରେ ରିଟର୍ନିଂ ଅଫିସରମାନଙ୍କୁ ନିଯୁକ୍ତି ଦିଆଯାଇ ସାରିଥିଲା। ନିର୍ବାଚନ ପାଇଁ ଇଲେକ୍ଟୋରାଲ କଲେଜ ଛପାଯାଇ ସାରିଥିଲା। ତାଲିକାରେ ୩୬ଜଣ ପୂର୍ବତନ ଖେଳାଳି ରହିଥିଲେ। ପ୍ରାର୍ଥିପତ୍ର ଦାଖଲ ବୁଧବାରଠାରୁ ଶୁକ୍ରବାର ପର୍ଯ୍ୟନ୍ତ ଧାର୍ଯ୍ୟ କରାଯାଇଥିଲା। ବୁଧବାର ସୁପ୍ରିମକୋର୍ଟଙ୍କ ଶୁଣାଣି ପରେ ୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ୍ ଫୁଟ୍‌ବଲ ଆୟୋଜନ ନେଇ ଯେଉଁ ଅଚଳାବସ୍ଥା ସୃଷ୍ଟି ହୋଇଛି ତାହାର ଏକ ସମାଧାନସୂତ୍ର ବାହାରିବ ବୋଲି ଭାରତର ଫୁଟ୍‌ବଲ ମହଲ ଆଶା କରନ୍ତି। ପ୍ରକାଶ ଯୋଗ୍ୟ ଯେ, ଏହି ପ୍ରତିଯୋଗିତା ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମ ସମେତ ଭାରତର ୩ଟି ଭେନ୍ୟୁରେ ଆୟୋଜନ ହେବାର ଥିଲା। ଭୁବନେଶ୍ୱରରେ ଭାରତର ସମସ୍ତ ମ୍ୟାଚ ହେବାର କାର୍ଯ୍ୟକ୍ରମ ଥିଲା।

## ଫିଫା ବାସନ୍ଦର ଘଟଣାକ୍ରମ

**ଭାରତ ନିଜର ୭୫ ତମ ସ୍ୱାଧୀନତା ଦିବସ ପାଳନ କରୁଥିବା ବେଳେ ମଧ୍ୟରାତ୍ରରେ ଫିଫା ପକ୍ଷରୁ ଭାରତୀୟ ଫୁଟବଲ ମହାସଂଘକୁ ବାସନ୍ଦ କରାଯାଇଛି। ଡିସେମ୍ବର ୨୦୨୦ରେ ବିଦାୟୀ ଏଆଇଏଫ୍‌ଏଫ୍ ସଭାପତି ପ୍ରଫୁଲ୍ଲ ପଟେଲଙ୍କ ତୃତୀୟ ଥରର କାର୍ଯ୍ୟକାଳ ସମାପ୍ତ ହେବା ପରେ ଏହି ବିବାଦର ସୂତ୍ରପାତ ହୋଇଥିଲା। ଜାତୀୟ କ୍ରୀଡା ନୀତି ଅନୁସାରେ ୧୨ ବର୍ଷରୁ ଅଧିକ ଦିନ ଗୋଟିଏ ଫେଡେରେଶନର ମୁଖ୍ୟ ଭାବରେ କାର୍ଯ୍ୟ କରି ହେବ ନାହିଁ। ମୋହନବାଗାନର ପୂର୍ବତନ ଗୋଲକିପର ତଥା ଭାଜପା ନେତା କଲ୍ୟାଣ ଚୌବେ କୋର୍ଟଙ୍କ ଦ୍ୱାରସ୍ଥ ହେବା ପରେ କୋର୍ଟ ପଟେଲଙ୍କୁ ବରଖାସ୍ତ କରିଥିଲେ।**

▶▶**ମେ' ୧୮:** ସର୍ବୋଚ୍ଚ କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ପ୍ରଫୁଲ୍ଲ ପଟେଲ ଏବଂ ତାଙ୍କର ପରିଚାଳନା ବୋର୍ଡ ଇସ୍ତଫା ପ୍ରଦାନ କରନ୍ତି। ପୂର୍ବତନ ସୁପ୍ରିମ କୋର୍ଟ ବିଚାରପତି ଏ.ଆର. ଦଭେ, ପୂର୍ବତନ ମୁଖ୍ୟ ନିର୍ବାଚନ କମିଶନର ଏସ୍. ୱାଇ. କ୍ୟୁରେଶୀ ଓ ପୂର୍ବତନ ଫୁଟବଲ ଦଳ ଅଧିନାୟକ ଭାସ୍କର ଗାଙ୍ଗୁଲିଙ୍କୁ ନେଇ ଏହି କମିଟି ଅଫ୍ ଆଡମିନିଷ୍ଟ୍ରେଟର ଗଠନ କରାଯାଇଥିଲା।

▶▶**ମେ' ୨୩:** ସିଓଏକୁ ଫୁଟବଲ ପରିଚାଳନାର ଭାର ପ୍ରଦାନ କରାଯିବା ପରେ ଭାରତକୁ ବ୍ୟାନ ନ କରିବା ପାଇଁ ଫିଫା ମୁଖ୍ୟ ଜିଆନି ଇନଫାଣ୍ଟିନୋଙ୍କୁ ଅନୁରୋଧ କରନ୍ତି ପ୍ରଫୁଲ୍ଲ ପଟେଲ।

▶▶**ମେ' ୨୯:** ସେପ୍ଟେମ୍ବର ସୁଦ୍ଧା ଏଆଇଏଫ୍‌ଏଫ୍ ନିର୍ବାଚନ ପାଇଁ ସିଓଏ ସଦସ୍ୟ ଏସ୍. ୱାଇ. କ୍ୟୁରେଶୀ ସୂଚନା ଦିଅନ୍ତି। ଏହା ସହିତ ଜୁଲାଇ ୧୫ ସୁଦ୍ଧା ସୁପ୍ରିମକୋର୍ଟଙ୍କ ନିକଟରେ ସଂଶୋଧିତ ସମ୍ବିଧାନ ଦାଖଲ ହେବା ସମ୍ପର୍କରେ ସୂଚନା ଦିଅନ୍ତି।

▶▶**ଜୁନ୍ ୧୧:** ସିଓଏ ଏବଂ କିଛି ସ୍ୱୀକୃତିପ୍ରାପ୍ତ ସଦସ୍ୟଙ୍କ ମଧ୍ୟରେ ଜାତୀୟ ଫେଡେରେଶନରେ ନିର୍ବାଚନକୁ ନେଇ ଆଲୋଚନା ହୁଏ। ଜାତୀୟ କ୍ରୀଡାନୀତି ସହିତ ଫିଫା ଓ ଏଏଫ୍‌ସିର ସମ୍ବିଧାନକୁ ନଜରରେ ରଖି ଯଥାସମ୍ଭବ ନିର୍ବାଚନ କରାଇବା ନିମନ୍ତେ ନିଷ୍ପତ୍ତି ହୁଏ।

▶▶**ଜୁନ୍ ୨୧:** ଫିଫା-ଏଏଫ୍‌ସିର ଭ୍ରମଣକାରୀ ଦଳ ଏବଂ ସିଓଏ ମଧ୍ୟରେ ଭାରତୀୟ ଫୁଟବଲକୁ ନେଇ ପ୍ରଥମ ପର୍ଯ୍ୟାୟ ବିସ୍ତୃତ ଆଲୋଚନା ସଫଳ।

▶▶**ଜୁନ୍ ୨୨:** ଏଆଇଏଫ୍‌ଏଫ୍ ସଦସ୍ୟମାନେ ଫିଫା-ଏଏଫ୍‌ସିର ଭ୍ରମଣକାରୀ ଦଳକୁ ଭେଟିବା ସହିତ ସୁପ୍ରିମକୋର୍ଟ ଅଯଥା ହସ୍ତକ୍ଷେପ କରୁଥିବା ସୂଚନା ଦିଅନ୍ତି।

▶▶**ଜୁନ୍ ୨୩:** ଫିଫା-ଏଏଫ୍‌ସିର ଭ୍ରମଣକାରୀ ଦଳ ତୁରନ୍ତ ଏହି କଳି ତୁଟାଇବାକୁ ପରାମର୍ଶ ଦିଅନ୍ତି। ଜୁଲାଇ ୩୧ ସୁଦ୍ଧା ନୂତନ ସମ୍ବିଧାନର ମଞ୍ଜୁରୀ ସହିତ ସେପ୍ଟେମ୍ବର ୧୫ ସୁଦ୍ଧା ନିର୍ବାଚନ କରାଇବାକୁ ନିର୍ଦ୍ଦେଶ।

▶▶**ଜୁଲାଇ ୧୩:** ସିଓଏ ପକ୍ଷରୁ ଏଆଇଏଫ୍‌ଏଫ୍ ସମ୍ବିଧାନର ଡ୍ରାଫ୍ଟ ଫିଫା ନିକଟକୁ ପ୍ରେରଣ।

▶▶**ଜୁଲାଇ ୧୬:** ସୁପ୍ରିମକୋର୍ଟଙ୍କ ମଞ୍ଜୁରୀ ପାଇଁ ସିଓଏ ପକ୍ଷରୁ ଏଆଇଏଫ୍‌ଏଫ୍ ସମ୍ବିଧାନର ଡ୍ରାଫ୍ଟ ଦାଖଲ।

▶▶**ଜୁଲାଇ ୧୮:** ସମ୍ବିଧାନର ଏକାଧିକ ବ୍ୟବସ୍ଥାକୁ ନେଇ ଏଆଇଏଫ୍‌ଏଫ୍‌ର ବିଭିନ୍ନ ରାଜ୍ୟ ବୋର୍ଡଗୁଡ଼ିକର ଅସନ୍ତୋଷ। ୭ ଜଣିଆ କମିଟି ପକ୍ଷରୁ ଫିଫା ନିକଟକୁ ଚିଠି।

▶▶**ଜୁଲାଇ ୨୧ :** ନିର୍ବାଚନ ପ୍ରକ୍ରିୟାକୁ ତ୍ୱରିତ କରିବା ପାଇଁ ଏଆଇଏଫ୍‌ଏଫ୍‌କୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ।

▶▶**ଜୁଲାଇ ୨୬:** ପରିଚାଳନା ବୋର୍ଡରେ ପୂର୍ବତନ ଖେଳାଳିଙ୍କ ସଂଖ୍ୟା ୫୦ ପ୍ରତିଶତରୁ ହ୍ରାସ କରି ୨୫ ପ୍ରତିଶତ ରଖିବା ପାଇଁ ଏଆଇଏଫ୍‌ଏଫ୍‌କୁ ଫିଫାର ପରାମର୍ଶ।

▶▶**ଜୁଲାଇ ୨୮:** ଜଷ୍ଟିସ୍ ଡି. ୱାଇ. ଚନ୍ଦ୍ରଚୂଡ ଏବଂ ସୂର୍ଯ୍ୟକାନ୍ତଙ୍କ ଖଣ୍ଡପୀଠ ଅଗଷ୍ଟ ୩ରେ ଆଗକୁ ହେବାକୁ ଥିବା ନିର୍ବାଚନର ପ୍ରକ୍ରିୟା ସମ୍ପର୍କରେ ଜାଣିବା ପାଇଁ ନିର୍ଦ୍ଦେଶ ପ୍ରଦାନ କରନ୍ତି।

▶▶**ଅଗଷ୍ଟ ୩:** ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁସାରେ ନିର୍ବାଚନ ପରିଚାଳନା କରିବା ପାଇଁ ସର୍ବୋଚ୍ଚ କୋର୍ଟଙ୍କ ନିର୍ଦ୍ଦେଶ। ଇଲେକ୍ଟୋରାଲ କଲେଜରେ ୩୬ଟି ରାଜ୍ୟସଂଘର ୩୬ ସଦସ୍ୟ ଏବଂ ପୂର୍ବତନ ଖେଳାଳିଙ୍କ ମଧ୍ୟରୁ ୩୬ ଜଣଙ୍କୁ ଏହି କମିଟିରେ ରଖିବା ପାଇଁ ନିର୍ଦ୍ଦେଶ ପ୍ରଦାନ କରନ୍ତି।

▶▶**ଅଗଷ୍ଟ ୫:** ସିଓଏ ପକ୍ଷରୁ ଦାଖଲ କାର୍ଯ୍ୟସୂଚୀକୁ ସର୍ବୋଚ୍ଚ କୋର୍ଟଙ୍କ ମଞ୍ଜୁରୀ। ଅଗଷ୍ଟ ୨୮ରେ ନିର୍ବାଚନ ସହିତ ଅଗଷ୍ଟ ୧୩ରୁ ପ୍ରସ୍ତୁତି ପାଇଁ କୋର୍ଟଙ୍କ ନିର୍ଦ୍ଦେଶ।

▶▶**ଅଗଷ୍ଟ ୬:** ତୃତୀୟ ପକ୍ଷ ହସ୍ତକ୍ଷେପ କାରଣରୁ ଫିଫା ପକ୍ଷରୁ ବ୍ୟାନ୍ ଏବଂ ୧୭ ବର୍ଷରୁ କମ୍ ମହିଳା ବିଶ୍ୱକପ ଆୟୋଜନ ଅଧିକାର ଛଡେଇ ନେବା ଧମକ।

▶▶**ଅଗଷ୍ଟ ୭:** ଭାରତୀୟ ଫୁଟବଲ ସଂଘକୁ ଠିକ୍ ରାସ୍ତାରେ ନେବା ପାଇଁ ପ୍ରସ୍ତୁତ ବୋଲି ଫିଫାକୁ ସିଓଏର ପ୍ରତିଶ୍ରୁତି।

▶▶**ଅଗଷ୍ଟ ୧୦:** ସର୍ବୋଚ୍ଚ କୋର୍ଟଙ୍କ ପ୍ରକ୍ରିୟାରେ ହସ୍ତକ୍ଷେପ ଅଭିଯୋଗ କରି ପ୍ରଫୁଲ୍ଲ ପଟେଲଙ୍କ ନାମରେ ସିଓଏ ପକ୍ଷରୁ ମାନହାନି ମକଦ୍ଦମା।

▶▶**ଅଗଷ୍ଟ ୧୧:** ସୁପ୍ରିମକୋର୍ଟଙ୍କ ପ୍ରକ୍ରିୟାରେ ବାଧା ସୃଷ୍ଟି କରିବା କାରଣରୁ ପ୍ରଫୁଲ୍ଲ ପଟେଲ ଓ ବିଭିନ୍ନ ରାଜ୍ୟ ସଂଘର ମୁଖ୍ୟଙ୍କୁ ଚେତାବନୀ।

▶▶**ଅଗଷ୍ଟ ୧୩:** ଅଗଷ୍ଟ ୨୮ରେ ହେବାକୁ ଥିବା ନିର୍ବାଚନ ପାଇଁ ଏଆଇଏଫ୍‌ଏଫ୍ ପକ୍ଷରୁ ୩୬ ଜଣ ପୂର୍ବତନ ଖେଳାଳିଙ୍କ ଚୟନ। ବାଇଚୁଙ୍ଗ ଭୂଟିଆ ଏବଂ ଆଇ ଏମ୍ ବିଜୟନଙ୍କ ପରି ଖେଳାଳିଙ୍କୁ ପ୍ରାଥମିକ ଭୋଟର ଭାବରେ ସାମିଲ କରାଯାଇଛି।

▶▶**ଅଗଷ୍ଟ ୧୫:** ନିଜ ନିଷ୍ପତ୍ତିରେ ଅଟଳ ବୋଲି କ୍ରୀଡା ମନ୍ତ୍ରାଳୟକୁ ସୂଚିତ କରିବା ସହିତ ଖେଳାଳିଙ୍କ ସାମିଲ ନିଷ୍ପତ୍ତିକୁ ବିରୋଧ କରୁଥିବା ସ୍ପଷ୍ଟ କରେ ଫିଫା। ବ୍ୟକ୍ତିଗତ ସଦସ୍ୟ ଭାବରେ ୩୬ ଖେଳାଳିଙ୍କ ସାମିଲକୁ ଏହା ବିରୋଧ କରେ।

ତୃତୀୟ ପକ୍ଷର ହସ୍ତକ୍ଷେପ କାରଣରୁ ଫିଫା ଏଆଇଏଫ୍‌ଏଫ୍‌କୁ ବ୍ୟାନ କରେ। ଏହା ସହିତ ଭାରତରେ ୧୭ ବର୍ଷରୁ କମ୍ ମହିଳା ବିଶ୍ୱକପ୍ ଆୟୋଜିତ ହେବ ନାହିଁ ବୋଲି ମଧ୍ୟ ଘୋଷଣା କରାଯାଏ।

## ଭାରତୀୟ ଦଳରେ ଶାହବାଜ



**ନୂଆଦିଲ୍ଲୀ, ୧୬।୮ (ପି.ଟି):** ଅଲରାଉଣ୍ଡର ଶାହବାଜ ଅହମଦଙ୍କୁ ପ୍ରଥମ ଥର ପାଇଁ ଭାରତୀୟ ଦଳକୁ ଡାକରା ମିଳିଛି। ଜିମ୍ବାୱେ ବିପକ୍ଷ ଦିନିକିଆ ଅନ୍ତର୍ଜାତୀୟ ସିରିଜ୍ ପୂର୍ବରୁ ୱାଶିଂଟନ୍ ସୁନ୍ଦର ଆହତ ହେବା ସହିତ ଶାହବାଜଙ୍କ ମୁଣ୍ଡରେ ହାତୀ ସୁନାକଳସ ଢାଳିଛି। ୨୦୨୨ ଆଇପିଏଲରେ ଚମତ୍କାର ପ୍ରଦର୍ଶନ ପାଇଁ ଶାହବାଜଙ୍କୁ ପୁରସ୍କାର ମିଳିଛି। ଆରସିବି ପକ୍ଷରୁ ଖେଳୁଥିବା ଏହି ୨୭ ବର୍ଷୀୟ ଖେଳାଳି ୧୬ ମ୍ୟାଚରୁ ୨୧୯ ରନ୍ କରିବା ସହିତ ୪ଟି ୱିକେଟ ନେଇଥିଲେ। ସେହିପରି ୧୮ଟି ପ୍ରଥମ ଶ୍ରେଣୀ ମୁକାବିଲାରେ ତାଙ୍କର ବ୍ୟାଟିଂ ଆଭରେଜ୍ ୪୧.୬୪ ରହିଥିବା ବେଳେ ବୋଲିଂ ଆଭରେଜ୍ ୧୯.୪୭ ରହିଛି। ଇଂଲଣ୍ଡରେ କାଉଣ୍ଟି କ୍ରିକେଟ ଖେଳୁଥିବା ସମୟରେ ୱାଶିଂଟନଙ୍କ କାନ୍ଧରେ ଆଘାତ ଲାଗିଥିଲା। ଭାରତ ଜିମ୍ବାୱେ ଗସ୍ତରେ ୩ଟି ଦିନିକିଆ ଖେଳିବାକୁ ଥିବା ବେଳେ ଆସନ୍ତା ଗୁରୁବାର ପ୍ରଥମ ମୁକାବିଲା ଖେଳିବ।

## ଡୋପିଂ ପାଇଁ ୨ ଖେଳାଳିଙ୍କୁ ଫିଫାର ବାସନ୍ଦାଦେଶ

**ଜୁରିକ୍, ୧୬।୮ (ପି.ଟି):** ଫୁଟବଲ ବିଶ୍ୱକପ୍ ଯୋଗ୍ୟତା ପର୍ଯ୍ୟାୟ ସମୟରେ ଡୋପିଂ କାରଣରୁ ଦୁଇ ଜଣ ଖେଳାଳିଙ୍କୁ ୪ ବର୍ଷ ପାଇଁ ବାସନ୍ଦ କରିଛି ଫିଫା। ସୋମବାର ଫିଫା ପକ୍ଷରୁ ପ୍ରକାଶିତ ସୂଚନା ଅନୁସାରେ ଏଲ୍ ସାଲଭେଡରର ଫରୱାର୍ଡ ଏରିକ୍ ଆଲେଜାଣ୍ଡ୍ରୋ ରିଭେରା କ୍ଲୋଷ୍ଟେବଲ ନାମକ ଷ୍ଟେରଏଡ ସେବନ କରିଥିବା ବେଳେ ଡିବୌଟିର ସବ୍ରି ଅଲି ମହମ୍ମଦ ଟେଷ୍ଟୋଷ୍ଟେରନ୍ ସେବନ କରି ଧରାପଡିଥିଲେ। ଏଲ୍‌ସାଲଭେଡର ସେପ୍ଟେମ୍ବର ୮ରେ କାନାଡା ନିକଟରୁ ୩-୦ରେ ପରାସ୍ତ ହୋଇଥିବା ବେଳେ ଡିବୌଟି ନଭେମ୍ବର ୧୨ ତାରିଖରେ ଆଲଜେରିଆ ନିକଟରୁ ୪-୦ରେ ପରାଜିତ ହୋଇ କାତାର ପାଇଁ ଯୋଗ୍ୟତା ଅର୍ଜନରେ ବିଫଳ ହୋଇଥିଲେ। ସମସ୍ତ ପ୍ରକାରର ମ୍ୟାଚରେ ଅଂଶଗ୍ରହଣ ପାଇଁ ଉଭୟଙ୍କ ଉପରେ କଟକଣା ଲାଗୁ କରାଯାଇଛି। ରିଭେରାଙ୍କ ଉପରେ ଅକ୍ଟୋବର ୨୦୨୫ ଯାଏ ଓ ମହମ୍ମଦଙ୍କ ଉପରେ ଜାନୁୟାରୀ ୨୦୨୬ ଯାଏ ବ୍ୟାନ୍ ଲାଗୁ କରାଯାଇଛି।

# ଚେନ୍ନାଇକୁ ହରାଇଲା ଓଡ଼ିଶା ଜଗରନଟ୍ସ



ଓଡ଼ିଶା ଜଗରନଟ୍ସ ଓ ଚେନ୍ନାଇ କୁଇକ୍ ଗନ୍ସ ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

### ଅଲ୍‌ଟିମେଟ ଖୋ ଖୋ

**ପୁଣେ, ୧୬।୮:** ମହାଲୁଙ୍ଗେସ୍ଥିତ ଶ୍ରୀ ଶିବ ଛତ୍ରପତି ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଚାଲିଥିବା ଅଲ୍‌ଟିମେଟ୍ ଖୋ ଖୋ ଲିଗ୍‌ରେ ଓଡ଼ିଶା ଜଗରନଟ୍ସ ବିଜୟ ସହ ଅଭିଯାନ ଆରମ୍ଭ କରିଛି। ଓଡ଼ିଶା ଭିତ୍ତିକ ଏହି ଫ୍ରାଞ୍ଚାଇଜ୍ ଦଳ ସୋମବାର ଅନୁଷ୍ଠିତ ମ୍ୟାଚରେ ଚେନ୍ନାଇ କୁଇକ୍ ଗନ୍ସକୁ ୮ (୫୧-୪୩) ପଏଣ୍ଟରେ ପରାସ୍ତ କରିଛି। ଅନ୍ୟଏକ ମ୍ୟାଚରେ ମୁମ୍ବାଇ ଖିଲାଡିଜ୍ ସମାନ ପଏଣ୍ଟ ବ୍ୟବଧାନରେ ରାଜସ୍ଥାନ ୱାରିୟର୍ସକୁ ହରାଇ ଦେଇଛି। ମହାରାଷ୍ଟ୍ର ରାଜ୍ୟପାଳ ଭଗତ ସିଂ କୋଶିୟାରୀ ଟସ୍ ପକାଇବାପରେ ମ୍ୟାଚ ଆରମ୍ଭ ହୋଇଥିଲା। ଏହାପରେ ସେ ସ୍ୱଦେଶୀ ଖେଳ ଖୋ ଖୋର ଆଧୁନିକ ରୂପକୁ ଉପଭୋଗ କରିଥିଲେ।

ଓଡ଼ିଶା ଜଗରନଟ୍ସ ଆରମ୍ଭରୁ ଆଧିପତ୍ୟ ବିସ୍ତାର କରି ଖେଳିଥିଲା। ପ୍ରଥମ ଟର୍ନ ବେଳକୁ ଦଳ ୨୦-୨ରେ ଅଗ୍ରଣୀ ନେଇ ଯାଇଥିଲା। ଦ୍ୱିତୀୟ ଟର୍ନରେ ୧୯ ପଏଣ୍ଟ ହାସଲ ସହ ଚେନ୍ନାଇ ପ୍ରତ୍ୟାବର୍ତ୍ତନ ପାଇଁ ଉଦ୍ୟମ କରିଥିଲା। ମାତ୍ର ପରେ ଓଡ଼ିଶା ପୁଣି ଆକ୍ରମଣାତ୍ମକ ପ୍ରଦର୍ଶନ କରି ଦ୍ୱିତୀୟ ଇନିଂସ ଶେଷ ବେଳକୁ ୨୭ ପଏଣ୍ଟ ହାସଲ ସହ ଗେମ୍ ଜିତି ନେଇଥିଲା। ଜଗରନଟ୍ସର ପି. ମହେଶ ୧୦ ପଏଣ୍ଟ ସହ ଶ୍ରେଷ୍ଠ ଆଟାକର ଏବଂ ଦିଲୀପ ଖନ୍ଦଭି ଶ୍ରେଷ୍ଠ ଡିଫେଣ୍ଡର ବିବେଚିତ ହୋଇଥିଲେ।

## ପୂର୍ବତନ ବିସିସିଆଇ ସମ୍ପାଦକ ଅମିତାଭ ଚୌଧାରୀଙ୍କ ଦେହାନ୍ତ

**ରାଞ୍ଚି, ୧୬।୮ (ପି.ଟି.):** ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ପୂର୍ବତନ ସମ୍ପାଦକ ଏବଂ ଝାଡ଼ଖଣ୍ଡ ରାଜ୍ୟ କ୍ରିକେଟ ଆସୋସିଏଶନ (ଏଜଏସ୍‌ସିଏ)ର ସଭାପତି ଅମିତାଭ ଚୌଧାରୀଙ୍କର ମଙ୍ଗଳବାର ସକାଳେ ହୃଦ୍‌ଘାତରେ ପରଲୋକେ ହୋଇଯାଇଛି। ତାଙ୍କୁ ୬୨ ବର୍ଷ ବୟସ ହୋଇଥିଲା। ସେ ଜଣେ ଅବସରପ୍ରାପ୍ତ ଆଇପିଏସ୍ ଅଫିସର ଥିଲେ। ଝାଡ଼ଖଣ୍ଡ ପୋଲିସରେ ସେ ଆଇଜିପି ପଦବୀ ପର୍ଯ୍ୟନ୍ତ ଯାଇ ପାରିଥିଲେ। ସେ ଆହୁରି ମଧ୍ୟ ଝାଡ଼ଖଣ୍ଡ ପବ୍ଲିକ୍ ସର୍ଭିସ କମିଶନ (ଜେପିଏସ୍‌ସି)ର ଚେୟାରମ୍ୟାନ ଥିଲେ। ରାଞ୍ଚିରେ ଏକ ସୁନ୍ଦର ଷ୍ଟାଡିୟମ ନିର୍ମାଣ କ୍ଷେତ୍ରରେ ଚୌଧାରୀଙ୍କର ବିଶେଷ ଭୂମିକା ରହିଥିଲା। ଏହି ଷ୍ଟାଡିୟମରେ ଅନ୍ତର୍ଜାତୀୟ ଓ ଆଇପିଏଲ୍ ମ୍ୟାଚ ଖେଳାଯାଉଛି। ସେ ଆହୁରି ମଧ୍ୟ ବିସିସିଆଇ ଯୁଗ୍ମ ସମ୍ପାଦକ ଏବଂ ଭାରତୀୟ କ୍ରିକେଟର ଦଳର କେତେଥର ପ୍ରଶାସନିକ ମ୍ୟାନେଜର ହୋଇଛନ୍ତି। ୨୦୦୫ରେ ଜିମ୍ବାୱେ ଟୁର୍ ତାଙ୍କ ପାଇଁ ସବୁଠାରୁ କଠିନ ସମୟ ରହିଥିଲା, ଯେଉଁ ସମୟରେ କି ତତ୍‌କାଳୀନ ଅଧିନାୟକ ସୌରଭ ଗାଙ୍ଗୁଲି ଓ କୋଚ୍ ଗ୍ରେଗ୍ ଚାପେଲଙ୍କ ମଧ୍ୟରେ ବିବାଦ ସୃଷ୍ଟି ହୋଇଥିଲା।

### ୧୮ ବର୍ଷରୁ କମ୍ ଏସିଆନ ପୁରୁଷ ଭଲିବଲ

# ଭାରତର ପ୍ରଥମ ବିଜୟ

**ଭୁବନେଶ୍ୱର, ୧୬।୮ (କ୍ରୀଡ଼ା ପ୍ରତିନିଧି):** ଇରାନର ତେହେରାନଠାରେ ଚାଲିଥିବା ୧୪ତମ ଏସିଆନ ୧୮ ବର୍ଷରୁ କମ୍ ପୁରୁଷ ଭଲିବଲ ଟୁର୍ନାମେଣ୍ଟରେ ଭାରତ ମଙ୍ଗଳବାର ଥାଇଲାଣ୍ଡକୁ ହରାଇ ପ୍ରଥମ ବିଜୟ ହାସଲ କରିଛି। ସୋମବାର ଅନୁଷ୍ଠିତ ନିଜର ପ୍ରଥମ ମ୍ୟାଚରେ ଜାପାନଠାରୁ ୨-୩ ସେଟ୍‌ରେ ହାରି ଯାଇଥିବା ଭାରତ ଦ୍ୱିତୀୟ ମ୍ୟାଚରେ ଥାଇଲାଣ୍ଡକୁ ୩-୧ (୨୫-୨୧, ୨୪-୨୬, ୨୭-୨୫, ୨୫-୨୩) ସେଟ୍‌ରେ ପରାସ୍ତ କରିଛି। ଏହି ମ୍ୟାଚରେ ଓଡ଼ିଶାର ଆଶିଷ ସ୍ୱାଇଁ ଏବଂ ଉତ୍ତର ପ୍ରଦେଶର ଆର୍ଯ୍ୟନ ବାଲିୟାନଙ୍କ ପ୍ରଦର୍ଶନ ଆକର୍ଷଣୀୟ ରହିଥିଲା। ଭାରତୀୟ ଦଳ ପୁଲ୍ 'ବି'ରେ ଜାପାନ, ଥାଇଲାଣ୍ଡ ଓ କୋରିଆ ସହିତ ସ୍ଥାନ ପାଇଛି। ଭାରତ ଏହାର ପରବର୍ତ୍ତୀ ମ୍ୟାଚ ୧୮ ତାରିଖରେ କୋରିଆ ସହିତ ଖେଳିବ।

### ଓଡ଼ିଶାରେ ଖୁବ୍‌ଶୀଘ୍ର ଏଫ୍‌ଆଇଭିବି ଭଲିବଲ ଏକାଡେମୀ

ପ୍ରକାଶ ଯୋଗ୍ୟ ଯେ, ଅନ୍ତର୍ଜାତୀୟ ଭଲିବଲ ଫେଡେରେଶନ (ଏଫ୍‌ଆଇଭିବି)ର ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ଓଡ଼ିଶା ଗସ୍ତରେ ଆସିଥିବାବେଳେ କିଟ୍ ଓ କିସ୍ ପରିଦର୍ଶନ କରିଥିଲେ। ଏହି ଅବସରରେ ଏଫ୍‌ଆଇଭିବିର ମହାନିର୍ଦ୍ଦେଶକ ଫାବିଓ ଆଜେଭେଡୋ ଓଡ଼ିଶା ଏବଂ କିଟ୍ ଓ କିସ୍‌ର କ୍ରୀଡ଼ା ସଂସ୍କୃତି ଏବଂ ଭିତ୍ତିଭୂମୀ ସମ୍ପର୍କରେ ଭଲିବଲ ଫେଡେରେଶନ ଅଫ୍ ଇଣ୍ଡିଆ (ଭିଏଫ୍‌ଆଇ) ସଭାପତି ତଥା ଏମ୍‌ପି ଅଚ୍ୟୁତ ସାମନ୍ତଙ୍କ ସହ ଆଲୋଚନା କରିଥିଲେ। ଓଡ଼ିଶାରେ ଖୁବ୍‌ଶୀଘ୍ର ଅନ୍ତର୍ଜାତୀୟ ଭଲିବଲ ଚାମ୍ପିୟନଶିପ୍ ଆୟୋଜନ ହେବ ଏବଂ ନିକଟରେ ଏଫ୍‌ଆଇଭିବି ଏଠାରେ ଏକ ଭଲିବଲ ଏକାଡେମୀ ଖୋଲିବ ବୋଲି ଆଜେଭେଡୋ ଘୋଷଣା କରିଥିଲେ। ଏହା ଭାରତର ସବୁଠାରୁ ବଡ଼ ଭଲିବଲ ଏକାଡେମୀ ହେବ ଏବଂ ଓଡ଼ିଶା ଏବଂ ଭାରତର ପ୍ରତିଭା ସମ୍ପନ୍ନ ଖେଳାଳିମାନେ ଏଥିରେ ଉନ୍ନତ ମାନର ଟ୍ରେନିଂ ନେଇପାରିବେ। ବିଶ୍ୱର ଶ୍ରେଷ୍ଠ କୋଚ୍ ମାନଙ୍କୁ ଏଠାରେ ନିୟୋଜିତ କରାଯିବ ବୋଲି ଆଜେଭେଡୋ ପ୍ରକାଶ କରିଥିଲେ।

# ସାଇନାଙ୍କ ଟାଇଟଲକୁ ଫିଡେ ସ୍ୱୀକୃତି



ଅପରାଜିତା ଗୋଚ୍ଛିକାର



ଭବେଶ ମହାନ୍ତି



ସନ୍ତୋଷ ମହାପାତ୍ର



ସାଇନା ସାଲୋନିକା

**ଭୁବନେଶ୍ୱର, ୧୬।୮ (କ୍ରୀଡ଼ା ପ୍ରତିନିଧି)**

ଚେନ୍ନାଇର ମହାବଳୀପୁରମ୍‌ଠାରେ ନିକଟରେ ଆୟୋଜିତ ୪୪ତମ ଚେସ୍ ଅଲିମ୍ପିଆଡ୍ ଅବସରରେ ବିଶ୍ୱ ଚେସ୍ ଫେଡେରେଶନ (ଫିଡେ) କଂଗ୍ରେସ ଅନୁଷ୍ଠିତ ହୋଇଯାଇଛି। ଏହି କଂଗ୍ରେସରେ ଓଡ଼ିଶା ଚେସ୍ ତାରକା ସାଇନା ସାଲୋନିକାଙ୍କ ମହିଳା ଅନ୍ତର୍ଜାତୀୟ ମାଷ୍ଟର (ଡବ୍ଲ୍ୟୁଆଇଏମ୍) ଟାଇଟଲକୁ ସ୍ୱୀକୃତି ପ୍ରଦାନ କରାଯାଇଛି। ଏହା ବ୍ୟତୀତ ଅପରାଜିତା ଗୋଚ୍ଛିକାର, ଭବେଶ ମହାନ୍ତି ଓ ସନ୍ତୋଷ ମହାପାତ୍ରଙ୍କ ଅନ୍ତର୍ଜାତୀୟ ଆର୍ବିଟର (ଆଇଏ) ଟାଇଟଲକୁ ମଧ୍ୟ ଅନୁମୋଦନ କରାଯାଇଛି। ଫିଡେ କଂଗ୍ରେସରେ ଭାରତର ମୋଟ ୪୫ ଜଣଙ୍କ ବିଭିନ୍ନ ଟାଇଟଲକୁ ସ୍ୱୀକୃତି କରାଯାଇଛି। ଗ୍ରାଣ୍ଡମାଷ୍ଟର ବିଶ୍ୱନାଥନ ଆନନ୍ଦ ଫିଡେର ଉପସଭାପତି ନିର୍ବାଚିତ ହୋଇଛନ୍ତି। ଅଲ୍‌ଓଡ଼ିଶା ଚେସ୍ ଆସୋସିଏଶନ (ଏଓସିଏ) ସଭାପତି ଗୋବିନ୍ଦ ଚନ୍ଦ୍ର ମହାପାତ୍ର, ସମ୍ପାଦକ ଦେବବ୍ରତ ଭଞ୍ଜ, ମୁଖ୍ୟ ପୃଷ୍ଠପୋଷକ ତଥା ଏମ୍‌ପି ଅଚ୍ୟୁତ ସାମନ୍ତ ଏବଂ ସର୍ବଭାରତୀୟ ଚେସ୍ ଫେଡେରେଶନ ଯୁଗ୍ମ ସମ୍ପାଦକ ରଞ୍ଜନ ମହାନ୍ତି ଟାଇଟଲ ହାସଲ କରିଥିବା ଓଡ଼ିଶାର ଚେସ୍ ଆଇକନ୍ ମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ଭାରତରେ ଏଫ୍‌ଆଇଏଚ୍ ପ୍ରତିନିଧି ଦଳ

**ନୂଆଦିଲ୍ଲୀ, ୧୬।୮ (ପି.ଟି.):** ରାଜଧାନୀ ଦିଲ୍ଲୀରେ ପହଞ୍ଚିଥିବା ଅନ୍ତର୍ଜାତୀୟ ହକି ମହାସଂଘ (ଏଫ୍‌ଆଇଏଚ୍)ର ଏକ ପ୍ରତିନିଧି ଦଳ ବୁଧବାର ହକି ଇଣ୍ଡିଆ (ଏଚ୍‌ଆଇ) ପରିଚାଳନା ଦାୟିତ୍ୱରେ ରହିଥିବା ପ୍ରଶାସକ କମିଟି (ସିଏଓ) ସହ ଆଲୋଚନା କରିବ। ହକି ଇଣ୍ଡିଆ ସସ୍‌ପେଣ୍ଡ ସମ୍ଭାବନାକୁ କିପରି ଏଡ଼ାଇ ହେବ ସେନେଇ ଉଭୟ ପକ୍ଷ ମଧ୍ୟରେ କଥାବାର୍ତ୍ତା ହେବ। ସୋମବାର ଏଠାରେ ପହଞ୍ଚିଥିବା ଦୁଇ ସଦସ୍ୟ ବିଶିଷ୍ଟ ପ୍ରତିନିଧି ଦଳର ନେତୃତ୍ୱ ନେଉଛନ୍ତି ଏଫ୍‌ଆଇଏଚ୍‌ର ନବନିଯୁକ୍ତ କାର୍ଯ୍ୟକାରୀ ସଭାପତି ସିଫ୍ ଅହମଦ। ନୂଆ ସମ୍ବିଧାନ ଗ୍ରହଣ କରିବାରେ ହକି ଇଣ୍ଡିଆର ଅଗ୍ରଗତି ସମ୍ପର୍କରେ ଅନୁଧ୍ୟାନ କରିବେ। ଭାରତ ୨୦୨୩ ପୁରୁଷ ବିଶ୍ୱକପ୍ ଆୟୋଜନ କରିବାର କାର୍ଯ୍ୟକ୍ରମ ରହିଛି। ହକି ଇଣ୍ଡିଆ ପରିଚାଳନା ପାଇଁ ପ୍ରଶାସକ କମିଟି ଦିଲ୍ଲୀ ହାଇକୋର୍ଟଙ୍କ ଦ୍ୱାରା ଗଠିତ ହୋଇଥିଲା। ଏଫ୍‌ଆଇଏଚ୍ ପ୍ରତିନିଧି ଦଳ କେନ୍ଦ୍ର କ୍ରୀଡ଼ା ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀ ବ୍ୟତୀତ ଆସନ୍ତା ବର୍ଷର ବିଶ୍ୱକପ୍ ଆୟୋଜକ ଓଡ଼ିଶା ସରକାରଙ୍କ ଉଚ୍ଚ ପଦାଧିକାରୀଙ୍କ ସହ ଆଲୋଚନା କରିବେ।




4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ଅଗଷ୍ଟ ୧୭/୨୦୨୨ (୮+୮=୧୬ ପୃଷ୍ଠା) Bhubaneswar, Wednesday, August 17/2022 Page 8+8 ₹ 7.00 | ପୃଷ୍ଠା-୧




**ତିସ୍ତା ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ**

ଗୁଜରାଟ ଦଙ୍ଗା ଷଡ଼ଯନ୍ତ୍ର ମାମଲାରେ ଗିରଫ ହୋଇଥିବା ସାମାଜିକ କର୍ମୀ ତିସ୍ତା ସିତଲଭାଡ୍ ଜାମିନ ପାଇଁ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ୦୨

୦୪ **ମା' ହେବେ ବିପାଶା**

ହିନ୍ଦୀ ଚଳଚ୍ଚିତ୍ର ଅଭିନେତ୍ରୀ ବିପାଶା ବସୁ ଗର୍ଭବତୀ ଥିବାର ଏକ ଫଟୋ ଇନଷ୍ଟାଗ୍ରାମରେ ଶେୟାର୍ କରିଛନ୍ତି।



# ୧୧ ବଳାତ୍କାରୀଙ୍କୁ ଛାଡ଼ିଦେଲା ଗୁଜରାଟ

**ବିଲ୍‌କିସ୍ ବାନୋ ମାମଲା**

- **୫ ମାସର ଗର୍ଭବତୀ ବିଲ୍‌କିସ୍‌ଙ୍କୁ ଗଣବଳାତ୍କାର କରିଥିଲେ**
- **୨ ବର୍ଷୀୟା ଝିଅ ସମେତ ପରିବାରର ୭ ଜଣଙ୍କୁ ହତ୍ୟା କରିଥିଲେ**
- **ଏହା କ'ଣ ମୋଦିଙ୍କ ଅମୃତ ମହୋତ୍ସବ: କଂଗ୍ରେସ**



ଗୁଜରାଟ ସରକାରଙ୍କ ଦ୍ୱାରା ଜେଲରୁ ଛାଡ଼ ପାଇଥିବା ବଳାତ୍କାରୀମାନେ।



ବିଲ୍‌କିସ୍ ବାନୋ

ଅହମଦାବାଦ/ନୂଆଦିଲ୍ଲୀ,୧୬।୮

ଗୁଜରାଟ ଦଙ୍ଗା ବେଳେ ୫ ମାସର ଗର୍ଭବତୀ ଥିବା ବିଲ୍‌କିସ୍ ବାନୋଙ୍କୁ ବଳାତ୍କାର ଓ ତାଙ୍କ ପରିବାରର ୭ ସଦସ୍ୟଙ୍କୁ ହତ୍ୟା କରି ଆଜୀବନ କାରାଦଣ୍ଡାଦେଶ ଭୋଗୁଥିବା ସମସ୍ତ ୧୧ ଦୋଷୀଙ୍କୁ ମଙ୍ଗଳବାର ରାଜ୍ୟ ସରକାର ଗୋଧ୍ରା ସବ୍‌ଜେଲରୁ ଛାଡ଼ିଦେଇଛନ୍ତି। ସ୍ୱାଧୀନତା ପ୍ରାପ୍ତିର ୭୫ ବର୍ଷ ପୂର୍ତ୍ତି ଅବସରରେ ରାଜ୍ୟର ସ୍ୱତନ୍ତ୍ର ରେମିଶନ ପଲିସି (ଉତ୍ତମ ବ୍ୟବହାର ପାଇଁ ଦଣ୍ଡ ମାଫ ନୀତି) ଅନୁସାରେ ସେମାନଙ୍କୁ ମୁକ୍ତ କରାଯାଇଥିବା କୁହାଯାଉଛି। ଅନ୍ୟପକ୍ଷେ ବିରୋଧୀ କଂଗ୍ରେସ ଏହାକୁ ସମାଲୋଚନା କରିବା ସହ ମହିଳା ସଶକ୍ତୀକରଣ କଥା କହୁଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରାଜଧର୍ମ ପାଳନ କରିବା ଉଚିତ ବୋଲି ପରାମର୍ଶ ଦେଇଛି। ଏହି ପ୍ରସଙ୍ଗକୁ ନେଇ ବିବାଦ ଜୋର୍ ଧରିଥିବାବେଳେ କେନ୍ଦ୍ର ସଫେଇ ଦେଇଛି ଯେ, ବଳାତ୍କାର ମାମଲାର ଦୋଷୀମାନଙ୍କୁ ଉକ୍ତ ନୀତି ଅଧୀନରେ ଖଲାସ କରାଯିବ ନାହିଁ ବୋଲି ପୂର୍ବରୁ ରାଜ୍ୟଗୁଡ଼ିକୁ ଗାଇଡ୍‌ଲାଇନ୍ ଜାରି କରାଯାଇଛି।

୨୦୦୨ ଫେବୃୟାରୀ ୨୭ରେ ଗୁଜରାଟର ଗୋଧ୍ରାରେ ଦୁର୍ବୃତ୍ତମାନେ ସାବରମତି ଏକ୍ସପ୍ରେସ୍‌ରେ ନିଆଁ ଲଗାଇଦେଇଥିଲେ। ଫଳରେ ଉକ୍ତ ଟ୍ରେନ୍‌ରେ ଅଯୋଧ୍ୟାରୁ ଫେରୁଥିବା କାରସେବକଙ୍କ ସମେତ ୫୯ ଜଣଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣା ପରେ ଗୋଧ୍ରାରେ ସୃଷ୍ଟି ହୋଇଥିବା ସାମ୍ପ୍ରଦାୟିକ ଦଙ୍ଗାର ନିଆଁ ସାରା ରାଜ୍ୟକୁ ବ୍ୟାପିଥିଲା। ଉଭୟ ହିନ୍ଦୁ ଓ ମୁସଲମାନ ସମ୍ପ୍ରଦାୟର ଅନେକ ହଜାର ପରିବାର ସୁରକ୍ଷିତ ସ୍ଥାନକୁ ଚାଲିଯାଇଥିଲେ। ସେମାନଙ୍କ ମଧ୍ୟରେ ଥିଲେ ୨୧ ବର୍ଷୀୟା ବିଲ୍‌କିସ୍ ୟାକୁବ୍ ରସୁଲଙ୍କ ପରିବାର ସଦସ୍ୟ। ମାର୍ଚ୍ଚ ୩ରେ ଏକ ଟ୍ରକ୍‌ରେ ବିଲ୍‌କିସ୍‌ଙ୍କ ପରିବାର ସମେତ ୧୭ ଜଣ ସ୍ଥାନାନ୍ତରିତ ହେଉଥିବାବେଳେ ଦାହୋଦ ଜିଲା ରନ୍ଧିକାପୁର ଗ୍ରାମ ନିକଟରେ ୩୦-୩୫ ଦଙ୍ଗାକାରୀ ଆକ୍ରମଣ କରିଥିଲେ। ଏଥିରେ ୪ ମହିଳା ଓ ୪ ଶିଶୁଙ୍କ ସମେତ ୧୪ ଜଣଙ୍କ ମୃତ୍ୟୁ ଘଟିଥିଲା। ମୃତକଙ୍କ ମଧ୍ୟରେ ବିଲ୍‌କିସ୍‌ଙ୍କ ୨ ବର୍ଷୀୟା ଝିଅ ସଲେହା ମଧ୍ୟ ଥିଲେ। ଏପରି କି ଦଙ୍ଗାକାରୀମାନେ ୫ ମାସର ଗର୍ଭବତୀ ଥିବା ବିଲ୍‌କିସ୍‌ଙ୍କୁ ଗଣବଳାତ୍କାର କରି ମୃତ୍ୟୁ ମୁଖକୁ ଠେଲିଦେଇଥିଲେ। କିନ୍ତୁ ସେ ସୌଭାଗ୍ୟବଶତଃ ବଞ୍ଚିଯାଇଥିଲେ ଏବଂ ପରବର୍ତ୍ତୀ ସମୟରେ ନ୍ୟାୟ ପାଇଁ ଲମ୍ବା ଆଇନଗତ ଲଢ଼େଇ ଲଢ଼ିଥିଲେ।

ଏନେଇ ବିଲ୍‌କିସ୍ କୁହନ୍ତି, ଗଣବଳାତ୍କାରର ଶିକାର ହେବାର ୩ ଘଣ୍ଟା ପରେ ତାଙ୍କ ଚେତା ଫେରିଥିଲା। ସେତେବେଳେ ସେ ନିଜକୁ ବିବସ୍ତ୍ର ଅବସ୍ଥାରେ ପାଇଥିଲେ। ତାଙ୍କ ଚାରିପଟେ ପରିବାର ସଦସ୍ୟଙ୍କ ମୃତଦେହଗୁଡ଼ିକ ଗଡୁଥିଲା। ସେ ନିଜ ଶରୀରକୁ ଏକ କପଡ଼ାରେ ଢାଙ୍କି ନିକଟସ୍ଥ ପାହାଡ଼ିଆ ☞ପୃଷ୍ଠା-୫

# କ୍ରାଇମବ୍ରାଞ୍ଚ ଡିଏସ୍‌ପିଙ୍କ ବିରୋଧରେ ମାମଲା

ବରଗଡ଼ ଅଫିସ୍,୧୬।୮

ବରଗଡ଼ର ମୂଳବାସିନ୍ଦା ତଥା ବର୍ତ୍ତମାନ କ୍ରାଇମବ୍ରାଞ୍ଚ ଡିଏସ୍‌ପି ଭାବେ କାର୍ଯ୍ୟରତ ରମେଶ ଚନ୍ଦ୍ର ଦୋରା ମିଥ୍ୟା ଜାତିଗତ ପ୍ରମାଣପତ୍ରରେ ଚାକିରି କରିଥିବା ଅଭିଯୋଗ ହୋଇଛି। ଏ ନେଇ ସମ୍ବଲପୁର ଜିଲା ବୁର୍ଲା ଥାନା ବସନ୍ତପୁର ନିକଟ ସାହାଜବାହାଲ ଗ୍ରାମର ସୁରେନ୍ଦ୍ର କୁମାର ମହାପାତ୍ରଙ୍କ ଏତଲାକୁ ଭିତ୍ତି କରି ଦୋରାଙ୍କ ବିରୋଧରେ ସୋମବାର ବରଗଡ଼ ଟାଉନ ଥାନାରେ ଦଫା ୧୧୯, ୧୭୭, ୧୯୩, ୨୦୩. ୨୦୯, ୨୧୯, ୧୬୭, ୩୩୨, ୪୦୮, ୪୧୫, ୪୬୮, ୧୪୩, ୪୭୧, ୪୭୩, ୧୨୦(ବି)ରେ ଏକ ମାମଲା (ନଂ.୪୮୧/୨୨) ରୁଜୁ ହୋଇଛି। ସେହିପରି ଦୋରାଙ୍କ ଭାଇ ଜନାର୍ଦ୍ଦନ, କିରଣ, ବିଶ୍ୱେଶ୍ୱର, ରାୟଗଡ଼ାର ଈଶ୍ୱର ଚନ୍ଦ୍ର ପଟ୍ଟନାୟକଙ୍କ ବିରୋଧରେ ମଧ୍ୟ ଏହି ମାମଲା ରୁଜୁ ହୋଇଛି। ସମ୍ବଲପୁର ଅତିରିକ୍ତ ଏସ୍‌ପି ଥିବାବେଳେ ଦୋରାଙ୍କୁ କ୍ଲିନ୍‌ଚିଟ୍ ଦେଇଥିବାରୁ ବର୍ତ୍ତମାନର ସୋନପୁର ଏସ୍‌ପି ଅମରେଶ ପଣ୍ଡା ମଧ୍ୟ ଉକ୍ତ ମାମଲାରେ ଛନ୍ଦି ହୋଇ ପଡ଼ିଛନ୍ତି। ବରଗଡ଼ ଏସ୍‌ଡିପିଓ ଦୀପକ କୁମାର ଗୋଚ୍ଛାୟତ ମାମଲାର ତଦନ୍ତ କରୁଛନ୍ତି। ଏସ୍‌ଡିପିଓ ଗୋଚ୍ଛାୟତ କହିଛନ୍ତି, ମଙ୍ଗଳବାର ଅଭିଯୋଗକାରୀଙ୍କ ବୟାନ ରେକର୍ଡ଼ ହୋଇଛି। ତହସିଲ ଅଫିସକୁ ଦୋରାଙ୍କ ଜାତିଗତ ପ୍ରମାଣପତ୍ର ମଗାଯିବ ଏବଂ ଉକ୍ତ ମାମଲାରେ ଯେଉଁମାନେ ଅଭିଯୁକ୍ତ ରହିଛନ୍ତି, ସେମାନଙ୍କୁ ମଧ୍ୟ ପଚାରାଉଚୁରା କରାଯିବ ବୋଲି ସେ କହିଥିଲେ।

**ମିଥ୍ୟା ଜାତିଗତ ପ୍ରମାଣପତ୍ରରେ ଚାକିରି ଅଭିଯୋଗ**

ପ୍ରକାଶ ଯେ, ରମେଶ ଚନ୍ଦ୍ର ଦୋରା ମିଥ୍ୟା ଜାତିଗତ ପ୍ରମାଣପତ୍ର ଦେଇ ଚାକିରି କରୁଥିବା ନେଇ ୨୦୨୧ ଫେବୃୟାରୀ ୧୯ରେ ଏତଲାକାରୀ ହାଇକୋର୍ଟରେ ପିଟିଶନ ଦାଖଲ କରିଥିଲେ। ସେତେବେଳେ ଦୋରା ସମ୍ବଲପୁର ଜିଲା ପୋଲିସରେ କାର୍ଯ୍ୟରତ ଥିଲେ। ଏହାର ତଦନ୍ତ କରି ୪ ସପ୍ତାହ ମଧ୍ୟରେ ରିପୋର୍ଟ ଦେବାକୁ ହାଇକୋର୍ଟ ତତ୍କାଳୀନ ସମ୍ବଲପୁର ଏସ୍‌ପିଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେତେବେଳେ ତତ୍କାଳୀନ ସମ୍ବଲପୁର ଅତିରିକ୍ତ ଏସ୍‌ପି ତଥା ବର୍ତ୍ତମାନର ସୋନପୁର ଏସ୍‌ପି ଅମରେଶ ପଣ୍ଡା ତଦନ୍ତ କରି ଦୋରାଙ୍କୁ କ୍ଲିନ୍‌ଚିଟ୍ ଦେଇଥିଲେ। ଅନ୍ୟପଟେ ଏତଲାକାରୀ ମହାପାତ୍ର ସୂଚନା ଅଧିକାର ଆଇନ ବଳରେ ତଥ୍ୟ ଯୋଗାଡ଼ କରିଥିଲେ। ସେହି ତଥ୍ୟ ଅନୁଯାୟୀ, ଦୋରା ପ୍ରାଥମିକ ଶିକ୍ଷା ଲାଭ କରିଥିବା ବରଗଡ଼ ରଙ୍ଗପଡ଼ା ପ୍ରାଥମିକ ସ୍କୁଲରେ ତାଙ୍କ ଜାତି ତେଲେଙ୍ଗା ରହିଥିବା ଜାଣିବାକୁ ☞ପୃଷ୍ଠା-୫







**ଜିଲ୍ ବାଇଡେନଙ୍କୁ କରୋନା**

ଆମେରିକାର ଫାଷ୍ଟ ଲେଡି ତଥା ରାଷ୍ଟ୍ରପତି ଜୋ ବାଇଡେନଙ୍କ ସ୍ତ୍ରୀ ଜିଲ୍ ବାଇଡେନ୍ କରୋନାରେ ଆକ୍ରାନ୍ତ ହୋଇଛନ୍ତି। କୋଭିଡ୍ ଲକ୍ଷଣ ଦେଖାଯିବା ପରେ ଜିଲ୍ ଆଣ୍ଟିଜେନ୍ ଟେଷ୍ଟ କରିଥିବାବେଳେ ରିପୋର୍ଟ ନେଗେଟିଭ୍ ଆସିଥିଲା। ପରବର୍ତ୍ତୀ ମୁହୂର୍ତ୍ତରେ ଆର୍‌ଟିପିସିଆର୍ ଟେଷ୍ଟ ରିପୋର୍ଟ ପଜିଟିଭ୍ ଆସିବା ପରେ ସେ ଏବେ ସଙ୍ଗରୋଧରେ ଅଛନ୍ତି। ତାଙ୍କଠାରେ କରୋନାର ସାମାନ୍ୟ ଲକ୍ଷଣ ଦେଖାଯାଇଥିବାବେଳେ ଜିଲ୍‌ଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି। ରାଷ୍ଟ୍ରପତି ଜୋ ବାଇଡେନଙ୍କ ରିପୋର୍ଟ ନେଗେଟିଭ୍ ଆସିଥିବା ହ୍ୱାଇଟ୍ ହାଉସ୍ ପକ୍ଷରୁ କୁହାଯାଇଛି।

**ତାଲିବାନ୍ ଶାସନକୁ ବର୍ଷେ**

# ଆଫଗାନ୍ ମହିଳା କେତେ ସ୍ୱାଧୀନ

କାବୁଲ,୧୬।୮

ବର୍ଷକ ତଳେ ଆଫଗାନିସ୍ତାନର ଦୁର୍ଦ୍ଧର୍ଷ ଆତଙ୍କବାଦୀ ସଙ୍ଗଠନ ତାଲିବାନ୍ କାବୁଲ ଦଖଲ କରିଥିଲା। ତାଲିବାନୀ ଫାଇଟର୍ସ ପ୍ରେସିଡେନ୍ସିଆଲ ପ୍ୟାଲେସ୍‌କୁ କବ୍‌ଜା କରିବା ପୂର୍ବରୁ ତତ୍କାଳୀନ ରାଷ୍ଟ୍ରପତି ଅଶ୍ରଫ୍ ଗନି ଦେଶଛାଡ଼ି ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)କୁ ପଳାୟନ କରିଥିଲେ। ପୂର୍ବ ଶାସନର ବର୍ବରତାକୁ ସ୍ମରଣ କରି ମହିଳାମାନେ ରାସ୍ତାକୁ ଓହ୍ଲାଇଥିଲେ। ସେତେବେଳେ ଅନ୍ତର୍ଜାତୀୟ ସ୍ୱୀକୃତି ଆଶାରେ ତାଲିବାନ୍ ନିଜ ଛବି ସୁଧାରିବାକୁ ଯାଇ ସରକାର ମହିଳା ବିରୋଧୀ ନୁହନ୍ତି ବୋଲି ସଫେଇ ଦେଇଥିଲା। କିନ୍ତୁ ଆଫ୍‌ଗାନ ମହିଳାମାନେ ଦିନକୁ ଦିନ ନିଜକୁ ଅଧିକ ଅସୁରକ୍ଷିତ ମଣୁଛନ୍ତି। ସେମାନଙ୍କ ସ୍ୱାଧୀନତା ବନ୍ଧା ପଡ଼ିଛି ତାଲିବାନ୍ ଶାସକଙ୍କ ହାତରେ।


କାବୁଲ ଦଖଲର ପ୍ରଥମ ବର୍ଷ ପୂର୍ତ୍ତି ପାଳନ କରୁଛନ୍ତି ତାଲିବାନ୍ ଲଢୁଆ।

**ତା**ଲିବାନ୍ ଲଢୁଆମାନେ ସୋମବାର ବନ୍ଧୁକ ଧରି କାବୁଲ ରାସ୍ତାରେ ବ୍ଲାଙ୍କ୍‌ଫାୟାର କରୁଥିଲେ। ସେମାନେ କଳାଧଳା ପତାକା ଉଡ଼ାଇ ଆଫଗାନିସ୍ତାନ ଦଖଲର ବର୍ଷ ପୂର୍ତ୍ତି ପାଳୁଥିଲେ। ଉତ୍ସବ ପାଳନ ଆଢୁଆଳରେ ଲୁଚିଯାଇଥିଲା ଏକ ବିରାଟ ମାନବୀୟ ସଙ୍କଟ। ଅନେକ ଲକ୍ଷ ଲୋକ ଖାଇବାକୁ ପାଉନାହାନ୍ତି। ଦାରିଦ୍ର୍ୟ ଭିତରେ କାଳାତିପାତ କରୁଥିବା ହତଭାଗାଙ୍କୁ ରୋଜଗାର ପାଇଁ ନିଯୁକ୍ତି ମିଳୁନି। ଦରବୃଦ୍ଧି ଓ ମୁଦ୍ରାସ୍ଫୀତି ଅର୍ଥନୀତିକୁ ଉଜାଡ଼ି ଦେଇଥିବାବେଳେ ଶିକ୍ଷା, ସ୍ୱାସ୍ଥ୍ୟ ଭଳି ମୌଳିକ ଆବଶ୍ୟକତା ପୂରଣ ହୋଇପାରୁ ନାହିଁ। ଝିଅମାନେ ସ୍କୁଲକୁ ପାଠପଢ଼ି ଯାଇପାରୁ ନାହାନ୍ତି। ମହିଳାମାନେ ନିଜ କର୍ମକ୍ଷେତ୍ରକୁ ଗଲେ ହତ୍ୟା ଭୟ। ତାଲିବାନୀ ଫତ୍ୱା ଆଫଗାନିସ୍ତାନ ପାଇଁ ଆଣିଦେଇଛି ଅନିଶ୍ଚିତତା ଓ ଅରାଜକତା।


କାବୁଲର ଏକ ପ୍ରାଥମିକ ସ୍କୁଲରେ ଆଫଗାନ୍ ଛାତ୍ରୀ।

**ଆ**ଫଗାନିସ୍ତାନରେ ପ୍ରାଥମିକ ଶିକ୍ଷା ପରେ ଝିଅମାନଙ୍କୁ ଅଧିକ ପାଠ ପଢ଼ିବାକୁ ମନା କରାଯାଇଛି। ମହିଳାମାନଙ୍କୁ କୁହାଯାଇଛି ଆପାଦମସ୍ତକ ପରିଧାନ କରିଥିଲେ ଯାଇ ବାହାରକୁ ବାହାରିପାରିବେ। ଅମାନ୍ୟ କଲେ କଡ଼ା କାର୍ଯ୍ୟାନୁଷ୍ଠାନ। ତେଣୁ ଅନେକ ଛାତ୍ରୀ ଓ କର୍ମଜୀବୀ ମହିଳା ଅନ୍ୟ ଦେଶଗୁଡ଼ିକୁ ପଳାୟନ କରିଛନ୍ତି। ଲିଙ୍ଗଗତ ବୈଷମ୍ୟ ଓ କଠୋର କଟକଣା ଯୋଗୁ ଗଣମାଧ୍ୟମରେ ସାମ୍ବାଦିକାଙ୍କ ସଂଖ୍ୟା ହ୍ରାସ ପାଇବାରେ ଲାଗିଛି। ୨୦୨୧ ଅଗଷ୍ଟ ୧୫ରେ ତାଲିବାନ୍ ହାତକୁ ଶାସନ କ୍ଷମତା ଯିବା ପରଠାରୁ ଅଦ୍ୟାବଧି ୮୦୦ ନାଗରିକଙ୍କ ମୃତ୍ୟୁ ଘଟିଲାଣି। ତଥାପି ୧୯୯୬–୨୦୦୧ ଶାସନ ତୁଳନାରେ ଏହା ଢେର କମ୍ ବୋଲି ଅନେକେ ଆଶ୍ୱସ୍ତ।

**ସଂକ୍ଷେପରେ**

## ଘାଟିରୁ ଖସିଲା ବସ୍: ୭ ଯବାନ ମୃତ

**ଶ୍ରୀନଗର, ୧୬।୮:** ଜମ୍ମୁ-କଶ୍ମୀରର ପାହାଲଗମ୍‌ରେ ଆଇଟିବିପି ଯବାନଙ୍କୁ ନେଇ ଯାଉଥିବା ଏକ ବସ୍ ମଙ୍ଗଳବାର ଘାଟିରୁ ଖସି ପଡ଼ିଛି। ସେମାନଙ୍କ ମଧ୍ୟରୁ ୭ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୩୨ ଜଣ ଆହତ ହୋଇଛନ୍ତି। ସମସ୍ତ ମୃତକ ଆଇଟିବିପି ଯବାନ। ଅନ୍ୟ ୮ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ସେମାନେ ଅମରନାଥ ଯାତ୍ରା ଡ୍ୟୁଟି ସାରି ଫେରୁଥିଲେ। ଗାଡ଼ିରେ ଯବାନଙ୍କ ସମେତ ୨ ପୋଲିସ ଏବଂ ୨ ବସ୍ କର୍ମଚାରୀ ରହିଥିଲେ। ବସ୍ ଡ୍ରାଇଭର ଘାଟି ନିକଟରେ ଥିବା ବୁଲାଣିକୁ ଜାଣି ନ ପାରିବାରୁ ଦୁର୍ଘଟଣା ଘଟିଥିବା ପୋଲିସ କହିଛି।

## ପାକ୍‌ରେ ଦୁର୍ଘଟଣା: ୨୮ ମୃତ

**କରାଚୀ, ୧୬।୮:** ପାକିସ୍ତାନର ସିନ୍ଧ ପ୍ରଦେଶରେ ମଙ୍ଗଳବାର ଦୁଇଟି ଦୁର୍ଘଟଣାରେ ୨୮ ଜଣଙ୍କ ମୃତ୍ୟୁ ଘଟିଛି। ମୁଲ୍‌ତାନ-ସୁକ୍କୁର ମୋଟରୱେରେ ଲାହୋରରୁ କରାଚୀ ଯାଉଥିବା ଏକ ବସ୍ ଏବଂ ବିପରୀତ ଦିଗରୁ ଆସୁଥିବା ତେଲ ଟ୍ୟାଙ୍କର ସହ ଧକ୍କା ହେବାରୁ ୨୦ ପ୍ରାଣ ହରାଇଛନ୍ତି। ସେହିପରି ରୋହ୍‌ରି ବାଇପାସ୍‌ରେ ସ୍ୱାଟ୍‌ରୁ କରାଚୀ ଯାଉଥିବା ଏକ ପାସେଞ୍ଜର ଟ୍ରେନ୍ ବଗି ଓଲଟିପଡ଼ିବାରୁ ୮ ଜଣଙ୍କ ମୃତ୍ୟୁ ଘଟିଛି।

## ଜାମିନ ପାଇଁ ସୁପ୍ରିମକୋର୍ଟ ଗଲେ ତିସ୍ତା

**ନୂଆଦିଲ୍ଲୀ,୧୬।୮:** ଗୁଜରାଟ ଦଙ୍ଗା ଷଡ଼ଯନ୍ତ୍ର ମାମଲାରେ ଗିରଫ ସାମାଜିକ କର୍ମୀ ତିସ୍ତା ସିତଲଭାଡ୍ ଜାମିନ ପାଇଁ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଜରୁରୀ ଶୁଣାଣି ପାଇଁ ତିସ୍ତାଙ୍କ ଓକିଲ ଅପର୍ଣ୍ଣା ଭଟ୍ଟ ସିଜେଆଇଙ୍କ ଖଣ୍ଡପୀଠରେ ଆବେଦନ କରିଛନ୍ତି। ଆସନ୍ତା ୨୨ରେ ଜଷ୍ଟିସ ୟୁ.ୟୁ. ଲଳିତଙ୍କ ଖଣ୍ଡପୀଠ ଉକ୍ତ ମାମଲାର ଶୁଣାଣି କରିବେ। ଗୁଜରାଟ ଦଙ୍ଗା ମାମଲାରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନରେନ୍ଦ୍ର ମୋଦି ଓ ରାଜ୍ୟର ଅନ୍ୟ ବିଶିଷ୍ଟ ବ୍ୟକ୍ତିମାନଙ୍କୁ ଏସ୍ଆଇଟି ଦେଇଥିବା କ୍ଲିନ୍‌ଚିଟ୍‌କୁ ଜାକିଆ ଜାଫ୍ରି ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ସର୍ବୋଚ୍ଚ ଅଦାଲତ ତାଙ୍କ ପିଟିଶନକୁ ଖାରଜ କରିଦେବାର ଦିନକ ପରେ ଜୁନ୍ ୨୬ରେ ଗୁଜରାଟ ଏଟିଏସ୍ ତିସ୍ତାଙ୍କୁ ମୁମ୍ବାଇରୁ ଗିରଫ କରିଥିଲା।

# ଲଦାଖରେ ଶକ୍ତି ବଢ଼ାଇଲା ଭାରତ

## ଚାଇନା ଚ୍ୟାଲେଞ୍ଜର ମୁକାବିଲା ପ୍ରସ୍ତୁତି

ନୂଆଦିଲ୍ଲୀ, ୧୬।୮

ଚାଇନା ପଟୁ ବଢୁଥିବା ଚ୍ୟାଲେଞ୍ଜକୁ ସାମ୍ନା କରିବା ପାଇଁ ଭାରତୀୟ ସେନା ଲଦାଖ ନିକଟରେ ସାମରିକ କ୍ଷମତା ବଢ଼ାଇଛି। ବାସ୍ତବ ନିୟନ୍ତ୍ରଣ ରେଖା (ଏଲ୍ଏସି) ନିକଟ ପ୍ୟାଙ୍ଗୋଙ୍ଗ୍ ହ୍ରଦରେ ଲ୍ୟାଣ୍ଡିଂ କ୍ରାଫ୍ଟ ଆସଲ୍ଟ (ଏଲ୍‌ସିଏ) ଯୁଦ୍ଧପୋତ ମୁତୟନ କରିଛି। ପୂର୍ବ ଲଦାଖରେ ଭାରତର ସାମରିକ ଗତିବିଧି ବଢ଼ାଇବାରେ ଏହି ଜାହାଜ ବେଶ୍ ଉପଯୋଗୀ ହେବ। ଲ୍ୟାଣ୍ଡିଂ କ୍ରାଫ୍ଟ ଆସଲ୍ଟ ଏକାଧିକ କାର୍ଯ୍ୟ କରିବାରେ ଦକ୍ଷ। ସ୍ୱଦେଶୀ ଜ୍ଞାନକୌଶଳରେ ଆକ୍ୱାରିୟସ୍ ଶିପ୍ ୟାର୍ଡ ଲିମିଟେଡ୍, ଗୋଆ, ଦ୍ୱାରା ନିର୍ମିତ ଏଲ୍‌ସିଏର ବେଗ, ସହଜ ଅବତରଣ, ଅଧିକ ପରିବହନ କ୍ଷମତା ଆଦି ବଢ଼ାଯାଇଛି। ଏଥିରେ ଏକସଙ୍ଗରେ ୩୫ ସୈନ୍ୟ ଯାଇପାରିବେ ଏବଂ ବହୁତ କମ୍ ସମୟରେ ଏହା ହ୍ରଦର ଯେ କୌଣସି ସ୍ଥାନରେ ପହଞ୍ଚିବାକୁ ସକ୍ଷମ। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ମଙ୍ଗଳବାର ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଏକାଧିକ ସାମରିକ ବ୍ୟବସ୍ଥା ସେନାକୁ ହସ୍ତାନ୍ତର କରିଛନ୍ତି। ସେଥିମଧ୍ୟରେ ଏଲ୍‌ସିଏ ସମେତ ମାନବରହିତ ଏରିଅଲ ସିଷ୍ଟମ, ଦ୍ରୁତ ପ୍ରତିକ୍ରିୟାଶୀଳ ଯୁଦ୍ଧବାହନ, ପାଟ୍ରୋଲ ବୋଟ୍, ସର୍ଭେଲାନ୍ସ ଉପକରଣ ଆଦି ପୂର୍ବ ଲଦାଖରେ ମୁତୟନ କରି ସେଠାରେ ଭାରତୀୟ ସେନାର ଗତିବିଧି ବଢ଼ାଇବା ଲକ୍ଷ୍ୟ ରହିଛି।


ପ୍ୟାଙ୍ଗୋଙ୍ଗ୍ ହ୍ରଦରେ ଭାରତୀୟ ସୈନ୍ୟ ଲ୍ୟାଣ୍ଡିଂ କ୍ରାଫ୍ଟ ଆସଲ୍ଟ ଯୁଦ୍ଧପୋତର ଦକ୍ଷତା ପ୍ରଦର୍ଶନ କରୁଛନ୍ତି।

### ପ୍ୟାଙ୍ଗୋଙ୍ଗ୍‌ରେ ଯୁଦ୍ଧପୋତ ମୁତୟନ

୧୩୪ କିଲୋମିଟର ଦୀର୍ଘ ଏବଂ ପ୍ରାୟ ୧୩,୯୦୦ ଫୁଟ୍ ଉଚ୍ଚତାରେ ଥିବା ପ୍ୟାଙ୍ଗୋଙ୍ଗ୍ ସୋ ହ୍ରଦ ରଣନୈତିକ ଦୃଷ୍ଟିକୋଣରୁ ଗୁରୁତ୍ୱପୂର୍ଣ୍ଣ ହୋଇଥିବାବେଳେ ଚାଇନା ଏହାର ଦୁଇ–ତୃତୀୟାଂଶ ଭାଗକୁ ନିୟନ୍ତ୍ରଣରେ ରଖିଛି। ଏହାକୁ ଦୃଷ୍ଟିରେ ରଖି ଭାରତୀୟ ସେନା ଗତ ବର୍ଷ ୧୨ଟି ଏଲ୍‌ସିଏ ଜାହାଜ ମଗାଇଥିଲା। ଉତ୍ତର ସୀମାରେ ମୁତୟନ ହୋଇଥିବା ସୈନ୍ୟଙ୍କୁ ସୁରକ୍ଷା ଯୋଗାଯିବା ସହ ସେଠାରେ ପାଟ୍ରୋଲିଂ ବୃଦ୍ଧି ନିମନ୍ତେ ଇନ୍‌ଫାଣ୍ଟ୍ରି ପ୍ରୋଟେକ୍ଟେଡ୍ ମୋବିଲିଟି ଭେହିକିଲ(ଆଇପିଏମ୍‌ଭି) ଏବଂ କୁଇକ୍ ରିଆକ୍ସନ ଫାଇଟିଂ ଭେହିକିଲ (କ୍ୟୁଆର୍‌ଏଫ୍‌ଭି) ମୁତୟନ କରାଯାଇଛି। ବାୟୁସେନା ବିମାନ, ହେରନ୍ ୟୁଏଭିଗୁଡ଼ିକ ନିର୍ଦ୍ଦିଷ୍ଟ ସ୍ତରରେ କାର୍ଯ୍ୟ କରିବା ପାଇଁ ସୀମିତ। ତେଣୁ ସର୍ଭେଲାନ୍ସ ଦକ୍ଷତା ବଢ଼ାଇବା ପାଇଁ ମିନି ରିମୋଟ୍‌ଲି ପାଇଲଟେଡ୍ ଏରିଆଲ୍ ସିଷ୍ଟମ (ଆର୍‌ପିଏଏସ୍)କୁ ନିୟୋଜିତ କରାଯାଇଛି। ସିଆଚେନ୍ ଭଳି ଅତ୍ୟଧିକ ଥଣ୍ଡା ସ୍ଥାନରେ ଭାରତୀୟ ସେନାର ଗତିବିଧି ମଜଭୁତ କରିବା ପାଇଁ ସେଠାରେ ସୌରଶକ୍ତି ପ୍ରକଳ୍ପ କାର୍ଯ୍ୟକ୍ଷମ ଯୋଜନା କରାଯାଇଛି। ଏଥିନିମନ୍ତେ ଏକ ସୋଲାର ଫଟୋ–ଭୋଲ୍‌ଟାଇକ୍ ପ୍ଲାଣ୍ଟ ସ୍ଥାପନ ହୋଇଛି। ଫ୍ୟୁଚର ଇନ୍‌ଫାଣ୍ଟ୍ରି ସୋଲ୍‌ଜର ଆଜ୍ ଏ ସିଷ୍ଟମ(ଏଫ୍–ଇନ୍‌ସାସ୍) ଅଧୀନରେ ସୈନିକଙ୍କୁ ଡେ–ନାଇଟ୍ ହୋଲୋଗ୍ରାଫିକ୍ ଏବଂ ରିଫ୍ଲେକ୍ସ ସାଇଟ୍ ସହ ଏକେ–୨୦୩ ରାଇଫଲ୍ ପ୍ରଦାନ କରାଯିବ ବୋଲି ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

## ରୁଷିଆର କ୍ରିମିଆ ସାମରିକ ଘାଟିରେ ବିସ୍ଫୋରଣ

କିଭ୍, ୧୬।୮

ରୁଷିଆ ଅଧୀକୃତ କ୍ରିମିଆ ଦ୍ୱୀପରେ ଥିବା ଏହାର ସାମରିକ ଘାଟିରେ ମଙ୍ଗଳବାର ବଡ଼ ଧରଣର ବିସ୍ଫୋରଣ ଘଟିଛି। କ୍ରିମିଆର ମାୟସ୍କୋୟେରେ ମସ୍କୋର ଅସ୍ତ୍ରଶସ୍ତ୍ର ଗଚ୍ଛିତ ଥିବାବେଳେ ଏହାକୁ ୟୁକ୍ରେନ୍ ଟାର୍ଗେଟ କରିଥିବା କୁହାଯାଉଛି। ଫଳରେ ୟୁକ୍ରେନ୍ ଯୁଦ୍ଧ ଏବେ ଏହି ଦ୍ୱୀପମୁହାଁ ହୋଇଛି। ଏହି ବିସ୍ଫୋରଣ ପରେ ସେଠାରୁ ପ୍ରାୟ ୩ ହଜାର ଲୋକଙ୍କୁ ସ୍ଥାନାନ୍ତର କରାଯାଇଛି। ବିସ୍ଫୋରଣ ଯୋଗୁ ଏକ ପାୱାର ପ୍ଲାଣ୍ଟ, ପାୱାର ଲାଇନ, ରେଳ ଟ୍ରାକ୍ ଏବଂ କେତେକ ଆବାସିକ ଆପାର୍ଟମେଣ୍ଟ ବିଲ୍ଡିଂ କ୍ଷତିଗ୍ରସ୍ତ ହୋଇଥିବା ରୁଷିଆ ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। କ୍ରିମିଆର ଭାରଡେୟସ୍କୋୟେରେ ଥିବା ଆଉ ଏକ ଏୟାରବେସ୍‌ରୁ ମଧ୍ୟ ଧୂଆଁ ଉଠୁଥିବା ନେଇ ସ୍ଥାନୀୟ ବାସିନ୍ଦା ଦେଖିବାକୁ ପାଇଥିବା ରୁଷିଆ ମିଡିଆରେ ପ୍ରକାଶ ପାଇଛି। ଗତ ସପ୍ତାହରେ ଅନୁରୂପ ବିସ୍ଫୋରଣରେ ରୁଷିଆର ୯ ବିମାନ ନଷ୍ଟ ହୋଇଥିଲା। ତେବେ ୟୁକ୍ରେନ୍ ଅଦ୍ୟାବଧି ଏଥିପାଇଁ ନିଜକୁ ଦାୟୀ କରିନାହିଁ।

**ପ୍ରଧାନମନ୍ତ୍ରୀଙ୍କ ସ୍ୱାଧୀନତା ଦିବସ ଅଭିଭାଷଣ**

# ୨୫ ବର୍ଷ ପାଇଁ ୫ ପ୍ରସ୍ତାବ

ନୂଆଦିଲ୍ଲୀ,୧୬।୮(ପିଆଇବି)

ଭାରତର ୭୬ତମ ସ୍ୱାଧୀନତା ଦିବସ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋମବାର ଐତିହାସିକ ଲାଲ୍‌କିଲ୍ଲାରୁ ଦେଶବାସୀଙ୍କୁ ସମ୍ବୋଧିତ କରିଥିଲେ। ଦେଶ ସ୍ୱାଧୀନତାର ୭୫ ବର୍ଷ ଅତିକ୍ରମ କରିଥିବାବେଳେ ଆଗାମୀ ୨୫ ବର୍ଷରେ ଏହାକୁ ବିକଶିତ ରାଷ୍ଟ୍ରରେ ପରିଣତ କରିବାକୁ ହେବ। ସେ ଏହି ୨୫ ବର୍ଷକୁ ଅମୃତ କାଳ ବୋଲି ବର୍ଣ୍ଣନା କରିବା ସହ ଦେଶ ପାଇଁ ୫ଟି ନୂଆ ପ୍ରସ୍ତାବ ସମ୍ପର୍କରେ ଘୋଷଣା କରିଛନ୍ତି। ସେଗୁଡ଼ିକ ହେଲା ବଡ଼ ସଂକଳ୍ପ, ଦାସତ୍ୱ ମାନସିକତା ପରିତ୍ୟାଗ, ଆମ ଐତିହ୍ୟକୁ ନେଇ ଆମକୁ ଗର୍ବ କରିବାକୁ ହେବ, ଏକତା ଓ ଐକ୍ୟଭାବ ଏବଂ ନାଗରିକ କର୍ତ୍ତବ୍ୟ। ଭାରତକୁ ବିକଶିତ ରାଷ୍ଟ୍ରରେ ପରିଣତ କରିବାକୁ ହେଲେ ଆମକୁ ଦାସତ୍ୱ ମନୋଭାବ ଛାଡ଼ିବାକୁ ହେବ। ଶକ୍ତି କ୍ଷେତ୍ରରେ ଆମକୁ ଆତ୍ମନିର୍ଭର ହେବାକୁ ପଡ଼ିବ। ନବପ୍ରବର୍ତ୍ତନର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇ ପ୍ରଧାନମନ୍ତ୍ରୀ ଜୟ ଯବାନ, ଜୟ କିଷାନ ସହ ଜୟ ଅନୁସନ୍ଧାନ ଯୋଡ଼ିଛନ୍ତି। ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ ଉକ୍ତ ସ୍ଲୋଗାନରେ ଜୟ ବିଜ୍ଞାନ ସାମିଲ କରିଥିଲେ।

ଦୁର୍ନୀତି ଏବଂ ବଂଶବାଦ ଦେଶ ପାଇଁ ଦୁଇଟି ବଡ଼ ଚ୍ୟାଲେଞ୍ଜ। ଦୁର୍ନୀତି ଉଇ ଭଳି ଦେଶକୁ ଖୋଳ କରୁଥିବାରୁ ଏହା ବିରୋଧରେ ଆମକୁ ସଂଗ୍ରାମ କରିବାକୁ ହେବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଯଦି ଠିକ୍ ସମୟରେ ଏହାର ସମାଧାନ କରା ନ ଯାଏ, ତେବେ ତାହା ଭୟଙ୍କର ସ୍ଥିତି ସୃଷ୍ଟି କରିବ ବୋଲି ପ୍ରଧାନମନ୍ତ୍ରୀ ତାଙ୍କର ୧ ଘଣ୍ଟା ୨୨ ମିନିଟର ଅଭିଭାଷଣରେ କହିଥିଲେ।


ଲାଲ୍‌କିଲ୍ଲାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି।

ନିକଟରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟର ଚଢ଼ାଉ ବେଳେ ବହୁ ପରିମାଣରେ ଅର୍ଥ ଜବତ ହୋଇଛି। ଭାରତ ଭଳି ଦେଶ ଯେଉଁଠି ଗୋଟିଏ ପଟେ ଲୋକେ ଦାରିଦ୍ର୍ୟ ସହ ଲଢୁଛନ୍ତି, ମୁଣ୍ଡ ଗୁଞ୍ଜିବାକୁ ଜାଗା ନାହିଁ, ଅନ୍ୟ ପଟେ ଦେଖିଲେ କିଛି ଲୋକ ଦୁର୍ନୀତି ଉପାୟରେ ଅର୍ଜନ କରିଥିବା ଟଙ୍କାକୁ ଲୁଚାଇ ରଖିବାକୁ ଜାଗା ପାଉନାହାନ୍ତି। ସେଥିପାଇଁ ଆମକୁ ଦୁର୍ନୀତି ବିରୋଧରେ ପୂରା ଦମ୍‌ରେ ଲଢ଼ିବାକୁ ହେବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଗତ ୮ ବର୍ଷରେ ତାଙ୍କ ସରକାର ଡାଇରେକ୍ଟ ବେନିଫିଟ୍ ଟ୍ରାନ୍ସଫର (ଡିବିଟି) କାର୍ଯ୍ୟକାରୀ କରି ୨ ଲକ୍ଷ କୋଟି ଟଙ୍କା ସଞ୍ଚୟ କରିପାରିଛନ୍ତି। ଯେଉଁମାନେ ଦେଶକୁ ଲୁଟୁଛନ୍ତି, ସେମାନଙ୍କୁ ତାହା ଫେରାଇବାକୁ ବାଧ କରାଯିବ, ସେଭଳି ସ୍ଥିତି ସୃଷ୍ଟି ଲାଗି ସରକାର ଉଦ୍ୟମ ଚଳାଇଥିବା ମୋଦି କହିଛନ୍ତି। ଦୁର୍ନୀତି ବିରୋଧରେ ଲଢ଼େଇ ଏକ ନିର୍ଣ୍ଣାୟକ ମୁହୂର୍ତ୍ତରେ ପହଞ୍ଚିଛି। ବଡ଼ ବଡ଼ ମାଛଙ୍କୁ ମଧ୍ୟ ଛଡ଼ାଯିବା ନାହିଁ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

# କଶ୍ମୀରୀ ପଣ୍ଡିତଙ୍କୁ ଟାର୍ଗେଟ କିଲିଂ

ଶ୍ରୀନଗର,୧୬।୮

ଜମ୍ମୁ–କଶ୍ମୀରରେ ଆଉ ଜଣେ କଶ୍ମୀରୀ ପଣ୍ଡିତ ଟାର୍ଗେଟ କିଲିଂର ଶିକାର ହୋଇଛନ୍ତି। ଶୋପିଆନ୍‌ର ଚୋଟିଗାମ୍‌ରେ କଶ୍ମୀରୀ ପଣ୍ଡିତ ସୁନୀଲ କୁମାରଙ୍କୁ ଆତଙ୍କବାଦୀମାନେ ଗୁଳିକରି ହତ୍ୟା କରିଥିବାବେଳେ ତାଙ୍କ ଭାଇ ପିଣ୍ଟୁ କୁମାର ଗୁରୁତର ଆହତ ହୋଇଛନ୍ତି। ଆତଙ୍କବାଦୀମାନେ ଏକ ସେଓ ବଗିଚାରେ ପଶି ସାଧାରଣ ଲୋକଙ୍କ ଉପରେ ଗୁଳି ଚଳାଇଥିଲେ। ଆହତ ପିଣ୍ଟୁଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବାବେଳେ ସୁରକ୍ଷା ବଳ ଉକ୍ତ ଅଞ୍ଚଳକୁ ଚାରିପଟୁ ଘେରି ରହି ତଲାସି ଅଭିଯାନ ଚଳାଇଛି।

କିଛିଦିନ ହେଲା ଇସ୍‌ଲାମୀୟ ଆତଙ୍କବାଦୀମାନେ କଶ୍ମୀର ଉପତ୍ୟକାରେ ଆକ୍ରମଣ ବଢ଼ାଇଛନ୍ତି। ଗତ ରବିବାର ନଓହଟ୍ଟାରେ ସେମାନେ ଜଣେ ପୋଲିସ କର୍ମଚାରୀଙ୍କୁ ହତ୍ୟା କରିଥିବାବେଳେ ଗତ ସପ୍ତାହରେ ବନ୍ଦିପୋରାରେ ସେମାନଙ୍କ ଗୁଳିରେ ଜଣେ ପ୍ରବାସୀ ଶ୍ରମିକ ପ୍ରାଣ ହରାଇଥିଲେ। ଗତ ମେ' ମାସରେ ବଡଗାମ୍ ଜିଲାର ଏକ ତହସିଲ କାର୍ଯ୍ୟାଳୟରେ ରାହୁଲ ଭଟ୍ଟ ନାମକ କର୍ମଚାରୀଙ୍କୁ ଆତଙ୍କବାଦୀମାନେ ହତ୍ୟା କରିଥିଲେ। କଶ୍ମୀରୀ ପଣ୍ଡିତଙ୍କ ଉପରେ ଆକ୍ରମଣ ବହୁତ ହୋଇଗଲା। ଏବେ ସଂଖ୍ୟାଲଘୁ ସମ୍ପ୍ରଦାୟର ଲୋକମାନେ ଉପତ୍ୟକା ଛାଡ଼ି ଚାଲିଯିବା ଆବଶ୍ୟକ ବୋଲି କଶ୍ମୀରୀ ପଣ୍ଡିତ ସଂଘର୍ଷ ସମିତି (କେପିଏସ୍ଏସ୍) ପକ୍ଷରୁ ମଙ୍ଗଳବାର କୁହାଯାଇଛି। ଉପତ୍ୟକାର ସମସ୍ତ କଶ୍ମୀରୀ ପଣ୍ଡିତଙ୍କୁ ଆତଙ୍କବାଦୀମାନେ ମାରିଦେବାକୁ ଚାହୁଁଥିବା ଆଜିର ଆକ୍ରମଣରୁ ସ୍ପଷ୍ଟ ହୋଇଯାଇଛି ବୋଲି କେପିଏସ୍ଏସ୍ ମୁଖ୍ୟ ସଞ୍ଜୟ ଟିକୁ କହିଛନ୍ତି।

# ସଭରକର ଓ ଟିପୁ ସୁଲ୍‌ତାନ ଫଟୋକୁ ନେଇ ବିବାଦ

ବେଙ୍ଗାଲୁରୁ,୧୬।୮

କର୍ଣ୍ଣାଟକର ଶିବମୋଗା ସହରରେ ସୋମବାର ହିନ୍ଦୁ ମହାସଭା ନେତା ବିନାୟକ ଦାମୋଦର ସଭରକର ଏବଂ ମହୀଶୂରର ପୂର୍ବତନ ଶାସକ ଟିପୁ ସୁଲ୍‌ତାନଙ୍କ ଫଟୋ ପ୍ରଦର୍ଶନକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟିଯାଇଛି। ସଂଘର୍ଷର କିଛି ସମୟ ପରେ ଘଟଣାସ୍ଥଳରୁ ୨୦୦ ମିଟର ଦୂରରେ ଜଣେ ଯୁବକଙ୍କୁ ଛୁରାମାଡ଼ କରାଯାଇଥିଲା। ଏହି ହିଂସା ଘଟଣାରେ ପୋଲିସ ୪ ଜଣଙ୍କୁ ଗିରଫ କରିଛି। ଖସି ପଳାଇବାକୁ ଉଦ୍ୟମ କରୁଥିବା ଜଣେ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ଯାଇ ପୋଲିସ ଗୁଳି ଚଳାଇଥିଲା। ତାଙ୍କ ଗୋଡ଼ରେ ଗୁଳି ବାଜିଛି। ଶିବମୋଗା ପୋଲିସ ସହରରେ ୧୮ ତାରିଖ ପର୍ଯ୍ୟନ୍ତ ୧୪୪ ଧାରା ଜାରି କରିଛି। ବାଇକ ପଛ ସିଟ୍‌ରେ ୪୦ ବର୍ଷରୁ କମ୍ ବୟସ୍କଙ୍କ ବସିବା ଉପରେ କଟକଣା ଜାରି ହୋଇଛି। ମଙ୍ଗଳବାର ଶିବମୋଗା ସମେତ ପଡୋଶୀ ସହର ଭଦ୍ରାବତୀରେ ସ୍କୁଲ ବନ୍ଦ ରହିଥିଲା।

ଏକ ମସ୍‌ଜିଦ ନିକଟରେ ଥିବା ହବ୍‌ରେ ସଭରକରଙ୍କ ଫଟୋ ଲଗାଯାଇଥିବାରୁ ଏହାକୁ କେତେଜଣ ଯୁବକ ବିରୋଧ କରିଥିଲେ। ପରେ ସେମାନେ ଟିପୁ ସୁଲତାନଙ୍କ ପୋଷ୍ଟର ଆଣି ସେଠାରେ ପ୍ରଦର୍ଶନ କରିବାରୁ ଉତ୍ତେଜନା ସୃଷ୍ଟି ହୋଇଥିଲା। ସ୍ଥିତି ନିୟନ୍ତ୍ରଣ କରିବାକୁ ଯାଇ ପୋଲିସ ଲାଠିଚାଳନା କରିଥିଲା।

**ଦୁଇ ଗୋଷ୍ଠୀ ମଧ୍ୟରେ ହିଂସା: ୪ ଗିରଫ**

# ହମ୍ବନଟୋଟାରେ ଚାଇନା ଜାହାଜ

କଲମ୍ବୋ, ୧୬।୮

ଭାରତ ପକ୍ଷରୁ ବାରମ୍ବାର ତାଗିଦ୍ ଏବଂ ବିରୋଧ ସତ୍ତ୍ୱେ ଶ୍ରୀଲଙ୍କାର ହମ୍ବନଟୋଟା ବନ୍ଦରରେ ଚାଇନା ମିଲିଟାରୀ ସର୍ଭେ ଜାହାଜ ୟୁଆନ୍ ୱାଙ୍ଗ୍–୫ ମଙ୍ଗଳବାର ମୁତୟନ ହୋଇଛି। ପୂର୍ବରୁ ନୂଆଦିଲ୍ଲୀ ପକ୍ଷରୁ ଚାପ ପକାଯିବା ପରେ ଶ୍ରୀଲଙ୍କା ଏହି ଜାହାଜ ହମ୍ବନଟୋଟା ବଦଳରେ ଅନ୍ୟ କେଉଁଠି ମୁତୟନ କରିବା ପାଇଁ ଚାଇନାକୁ କହିଥିଲା। କିନ୍ତୁ ଏହାର କିଛିଦିନ ପରେ ବେଜିଂ ନିଜ ଗୋଇନ୍ଦା ଜାହାଜକୁ ଶ୍ରୀଲଙ୍କାରେ ନିୟୋଜିତ କରିଛି। ମହାକାଶୀୟ ବସ୍ତୁ ତଥା ସାଟେଲାଇଟ୍‌କୁ ଟ୍ରାକ୍ କରିବା ଉଦ୍ଦେଶ୍ୟରେ ଚାଇନା ଏହି ହାଇ–ଟେକ୍ ଜାହାଜକୁ ସେଠାରେ ନିୟୋଜିତ କରିଥିବା କହୁଥିଲେ ହେଁ ବାସ୍ତବରେ ବେଜିଂ ରଣନୈତିକ ଦୃଷ୍ଟିକୋଣରୁ ଗୁରୁତ୍ୱପୂର୍ଣ୍ଣ ଉକ୍ତ ବନ୍ଦରକୁ କବ୍‌ଜା କରିବା ଉଦ୍ଦେଶ୍ୟ ରଖିଥିବା କୁହାଯାଉଛି। ଏସିଆ–ୟୁରୋପର ପ୍ରମୁଖ ପରିବହନ ପଥ ନିକଟରେ ଚାଇନା ନିଜର ସାମରିକ ଘାଟି ନିର୍ମାଣ କରିପାରେ ବୋଲି ବିଶେଷଜ୍ଞମାନେ ମତ ରଖିଛନ୍ତି।



**ଭାରତର ବିରୋଧକୁ ଶ୍ରୀଲଙ୍କାର ଅଣଦେଖା**

ଘୋର ଆର୍ଥିକ ସଙ୍କଟ ଦେଇ ଗତି କରୁଥିବା ଶ୍ରୀଲଙ୍କା ଉଭୟ ଭାରତ ଓ ଚାଇନା ପଟୁ ସହାୟତା ଚାହୁଁଛି। ପ୍ରଥମେ ଶ୍ରୀଲଙ୍କା ଅଗଷ୍ଟ ୧୧ରୁ ୧୫ ତାରିଖ ପର୍ଯ୍ୟନ୍ତ ଉକ୍ତ ଜାହାଜକୁ ମୁତୟନ ନିମନ୍ତେ ଅନୁମତି ଦେଇଥିଲା। ଭାରତ ବିରୋଧ କରିବା ପରେ ଶ୍ରୀଲଙ୍କା ତାହାକୁ ସ୍ଥଗିତ ରଖିଥିଲା। ଏବେ ତାହା ୨୨ ତାରିଖ ପର୍ଯ୍ୟନ୍ତ ହମ୍ବନଟୋଟାରେ ରହିବ ବୋଲି ଜଣାପଡ଼ିଛି। ଏହି ଜାହାଜ ଦ୍ୱାରା ଅନ୍ୟ କୌଣସି ଦେଶର କ୍ଷତିସାଧନ ହେବ ନାହିଁ ବୋଲି ଚାଇନା ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ୱାଙ୍ଗ୍ ୱେନ୍‌ବିନ୍ କହିଛନ୍ତି। ପିପୁଲ୍ସ ଲିବରେଶନ ଆର୍ମି(ପିଏଲ୍ଏ)ର ଏହା ଏକ ରଣନୈତିକ ଚାଲ୍ ବୋଲି ପେଣ୍ଟାଗନ୍ ପକ୍ଷରୁ କୁହାଯାଇଛି।

### ଗୋଇନ୍ଦା ଜାହାଜ ୟୁଆନ୍ ୱାଙ୍ଗ୍–୫

ୟୁଆନ୍ ୱାଙ୍ଗ୍–୫ ଏକ ଡିଜିଟାଲ ଟ୍ରାକିଂ ପ୍ଲାଟ୍‌ଫର୍ମ। ଏହା ବାଲିଷ୍ଟିକ୍ ମିଶାଇଲ ଏବଂ ସାଟେଲାଇଟ୍‌ଗୁଡ଼ିକୁ ଟ୍ରାକ୍ କରିଥାଏ। ଏଥିରେ ଥିବା ଟ୍ରାକିଂ ସିଷ୍ଟମ ଗୁରୁତ୍ୱପୂର୍ଣ୍ଣ ଏହି ଉପକୂଳବର୍ତ୍ତୀ ଅଞ୍ଚଳରେ ଭାରତୀୟ ସୁରକ୍ଷା ଭିତ୍ତିଭୂମି ବିଷୟରେ ସୂଚନା ସଂଗ୍ରହ କରିପାରିବ। ଅନ୍ୟୂନ ୨୦୦ ମିଟର ଲମ୍ବ ଏବଂ ୨୫.୨ ମିଟର ପ୍ରସ୍ଥ ବିଶିଷ୍ଟ ଏହି ଜାହାଜରେ ପ୍ରାୟ ୨ ହଜାର ଚାଇନା ସୈନ୍ୟ ରହିପାରିବେ। ପିପୁଲ୍ସ ଲିବରେଶନ ଆର୍ମି(ପିଏଲ୍ଏ) ସ୍ପେସ୍, ସାଇବର ଓ ଇଲେକ୍ଟ୍ରୋନିକ୍ ଯୁଦ୍ଧରେ ବେଶ୍ ଉପଯୋଗୀ ଏହି ଜାହାଜକୁ ଷ୍ଟ୍ରାଟେଜିକ୍ ସପୋର୍ଟ ଫୋର୍ସ ୟୁନିଟ୍(ଏସ୍ଏସ୍ଏଫ୍) ଅଧୀନରେ ବ୍ୟବହାର କରିଥାଏ। ୟୁଆନ୍ ୱାଙ୍ଗ୍ ସିରିଜ୍‌ର ତୃତୀୟ ଜେନେରେଶନ ଜାହାଜ ହେଉଛି ୟୁଆନ୍ ୱାଙ୍ଗ୍–୫। ଚାଇନାର ୭୦୮ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍ ଦ୍ୱାରା ପ୍ରସ୍ତୁତ ୟୁଆନ୍ ୱାଙ୍ଗ୍ ୨୦୦୭ରେ ବେଜିଂ ସେନାରେ ସାମିଲ ହୋଇଥିଲା। ନିକଟରେ ଚାଇନାର ତିଆଙ୍ଗଓଙ୍ଗ୍ ସ୍ପେସ୍ ଷ୍ଟେଶନକୁ ୱେନ୍‌ଟିନ୍ ଲାବୋରେଟୋରି କ୍ୟାବିନ୍ ଲଞ୍ଚ୍ କାର୍ଯ୍ୟକ୍ରମକୁ ୟୁଆନ୍ ୱାଙ୍ଗ୍–୫ ସଫଳତାର ସହ ଟ୍ରାକ୍ କରିଥିଲା। ଅଦ୍ୟାବଧି ଜାହାଜଟି ୫,୮୦,୦୦୦ ନଟିକାଲ୍ ମାଇଲ୍ ସୁରକ୍ଷିତ ଭାବେ ଯାତ୍ରା କରିସାରିଛି।

**ବନ୍ୟା ପାଇଁ ୩ ବ୍ଲକରେ ୨ ଦିନ ସ୍କୁଲ ଛୁଟି**

କେନ୍ଦ୍ରାପଡ଼ା ଅଫିସ, : କେନ୍ଦ୍ରାପଡ଼ା ଜିଲାରେ ବନ୍ୟା ପରିସ୍ଥିତି ମଙ୍ଗଳବାର ସୃଷ୍ଟି ହୋଇଛି। ମହାନଦୀ ସିଷ୍ଟମରେ ଥିବା ଲୁଣା, କରାଣ୍ଡିଆ, ପାଇକା, ଚିତ୍ରୋତ୍ପଳା, ମହାନଦୀ ଓ ବିରୂପା ନଦୀରେ ବନ୍ୟା ଜଳ ପ୍ରବାହିତ ହେଉଛି। ଏହି ନଦୀତଟ ଅଞ୍ଚଳରେ ଥିବା ମହାକାଳପଡ଼ା, ଗରଦପୁର ଓ ମାର୍ଶାଘାଇ ବ୍ଲକ ଅଞ୍ଚଳର ସ୍କୁଲଗୁଡିକ ବନ୍ଦ କରିବାକୁ ଭାରପ୍ରାପ୍ତ ଡିଇଓ ଶୁଭଲକ୍ଷ୍ମୀ ନାୟକ ୩ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଚିଠି (ନଂ.୧୧୯୨) କରିଛନ୍ତି। ଏହି ଚିଠିରେ ଶିକ୍ଷାର୍ଥୀଙ୍କୁ ୧୭, ୧୮ ତାରିଖ ସ୍କୁଲ ଆସିବାକୁ ବାରଣ କରିଛନ୍ତି। ଏଥିସହ ସ୍କୁଲ ଶିକ୍ଷକଙ୍କୁ ବନ୍ୟା ସହାୟତା କାର୍ଯ୍ୟରେ ନିୟୋଜିତ ହେବାକୁ ନିର୍ଦ୍ଦେଶ ଦେଇଛନ୍ତି।

## ସଂକ୍ଷେପରେ

### ଦେଶାତ୍ମବୋଧ କବିତା ଆସର



ଆଳି,୧୬।୮(ଡି.ଏନ.ଏ.): ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ରାଜ୍ୟରେ ୧୨୫ଟି ସ୍ଥାନରେ ସୋମବାର ସ୍ୱାଧୀନତା ଦିବସ ଅବସରରେ କବିମାନଙ୍କୁ ନେଇ ଦେଶାତ୍ମବୋଧ କବିତା ପାଠୋତ୍ସବ କରାଯାଇଛି। ଆଳି ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଓଡ଼ିଶାର ଲବ୍ଧ ପ୍ରତିଷ୍ଠ କବି ଓ ସମାଲୋଚକ ଡ. ଶତ୍ରୁଘ୍ନ ପାଣ୍ଡବ, କବି ପ୍ରମୋଦ ପ୍ରଧାନ ଯୋଗ ଦେଇଥିଲେ। କବି ପ୍ରମୋଦ ମଲ୍ଲିକଙ୍କ ଆବାହକତ୍ୱରେ ଓ ପ୍ରିୟରଞ୍ଜନ ମହାନ୍ତିଙ୍କ ସଂଯୋଜନାରେ ଓଡ଼ିଶା ସାହିତ୍ୟ ଏକାଡେମୀ ସ୍ୱୀକୃତି ପ୍ରଦାନ କରିଥିବା ୨୦ଜଣ କବି କବିତା ପାଠ କରିଥିଲେ। କବି ନେତ୍ରାନନ୍ଦ ଦାସ, ଶଶିକାନ୍ତ ଦାସ, ଗୋବିନ୍ଦ ନନ୍ଦ, ବନମାଳୀ ସେନାପତି, ବ୍ରଜ କିଶୋର ଦାଶ, ପର୍ଶୁରାମ ବେହେରା, କେଶବ ଚନ୍ଦ୍ର ସିଂ, ଅକ୍ଷୟ ପଣ୍ଡା, ସ୍ୱାତିସ୍ମିତା ଦାସ, ରଶ୍ମିତା ସେନାପତି ପ୍ରମୁଖ ସେମାନଙ୍କ ସ୍ୱରଚିତ କବିତାମାନ ଆବୃତ୍ତି କରିଥିଲେ। ଆଳି ମହାବିଦ୍ୟାଳୟ ଓଡ଼ିଆ ବିଭାଗର ଅଧ୍ୟାପକ ମାନସ ରଞ୍ଜନ ଦାସ ଧନ୍ୟବାଦ ଦେଇଥିଲେ।

# ୧୩ ଗାଁରେ ଲୁଣା, କରାଣ୍ଡିଆ ପାଣି: ପାଇକାରେ ଘଳିଆ

- ଦ୍ୱୀପାଞ୍ଚଳର ୩ ଗାଁ ବିଚ୍ଛିନ୍ନ, ଲୋକଙ୍କ ସ୍ଥାନାନ୍ତର ନାହିଁ
- ଆଶ୍ରୟସ୍ଥଳ ସରଞ୍ଜାମର ବ୍ୟବହାର ଜଣାନାହିଁ
- ନଦୀକୂଳିଆ ପରିବା ଫସଲ ସମ୍ପୂର୍ଣ୍ଣ ନଷ୍ଟ

**କେନ୍ଦ୍ରାପଡ଼ା ଅଫିସ, ୧୬।୮**

ମହାନଦୀ ସିଷ୍ଟମରେ ଥିବା ୫ ନଦୀରେ ପ୍ରଥମ ବନ୍ୟାଜଳ ପ୍ରବାହିତ ହୋଇଛି। ଖବର ଲେଖାହେବା ପର୍ଯ୍ୟନ୍ତ ଲୁଣା, କରାଣ୍ଡିଆର ଦ୍ୱୀପାଞ୍ଚଳରେ ଥିବା ୧୩ ଗ୍ରାମ ପାଣିଘେରରେ ରହିଛି। ଏହି ଦ୍ୱୀପାଞ୍ଚଳରେ ଥିବା ମାର୍ଶାଘାଇ ବ୍ଲକର ଆଇତିପୁର, ଡିହବଳରାମପୁର ଓ ବାଲିସିଂ ଗ୍ରାମକୁ ବନ୍ୟାଜଳ ମାଡ଼ିଯାଇଥିବାରୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ଅଦ୍ୟାବଧି ଏହି ୩ ଗ୍ରାମର ଅଧିବାସୀଙ୍କୁ ସ୍ଥାନାନ୍ତର କରାଯାଇନାହିଁ। ଅପରପକ୍ଷରେ ଗରଦପୁର ବ୍ଲକ ଭଦଳାଠାରେ ଚିତ୍ରୋତ୍ପଳା ନଦୀବନ୍ଧରେ ଏକ ଘଳିଆ ସୃଷ୍ଟି ହୋଇଛି। ସେହିପରି ଏହି ବ୍ଲକ ବଡ଼ନୟନପୁରଠାରେ ପାଇକା ନଦୀ ବନ୍ଧରେ ଏକ ଘଳିଆ ହୋଇଛି। ଏହି ଦୁଇ ନଦୀର ଘଳିଆକୁ ଜଳସମ୍ପଦ ବିଭାଗ ପକ୍ଷରୁ ବନ୍ଦ କରାଯାଇଛି। ବନ୍ୟା ପାଇଁ ଆଶ୍ରୟସ୍ଥଳଗୁଡିକ ଖୋଲାଯାଇଛି। ଏଠାରେ ଥିବା ସରଞ୍ଜାମର ବ୍ୟବହାର ସମ୍ପର୍କରେ କାହାକୁ ଜଣାନାହିଁ। ନଦୀକୂଳ ଅଞ୍ଚଳର ପ୍ରାୟ ୫ ହଜାର ହେକ୍ଟର ଜମିର ଖରିଫ ଚାଷ ସହ ପନିପରିବା ସମ୍ପୂର୍ଣ୍ଣ ନଷ୍ଟ ହୋଇଛି। ଜିଲା ପ୍ରଶାସନ ପକ୍ଷରୁ ବନ୍ୟା ସ୍ଥିତିକୁ ନିରୀକ୍ଷଣ କରାଯାଇ ରନ୍ଧା ଓ ଶୁଖିଲା ଖାଦ୍ୟ ଯୋଗାଣ, ଆଶ୍ରୟସ୍ଥଳକୁ ସ୍ଥାନାନ୍ତର ଓ ଦୁର୍ବଳ ନଦୀବନ୍ଧର ସୁରକ୍ଷା ପାଇଁ ଆନୁଷଙ୍ଗିକ ବ୍ୟବସ୍ଥା କରାଯାଉଛି।



ଆଇତିପୁର ଗାଁରେ ଘରେ ପାଣି ପଶିଯାଇଛି।



ଡିହବଳରାମପୁର ରାସ୍ତାରେ ପାଣି ଚାଲିଛି ।

ଆଇତିପୁରର କୃଷ୍ଣଚନ୍ଦ୍ର ନାୟକ କହିଛନ୍ତି, କରାଣ୍ଡିଆ ନଦୀରେ ଆଦୌ ଆଡ଼ିବନ୍ଧ ନାହିଁ। ଏହାସହ ଲୁଣା ନଦୀବନ୍ଧ କମ୍ ଉଚ୍ଚତାରେ ଅଛି। ଏଥିପାଇଁ ବନ୍ୟା ଆସିଲେ ପ୍ରତ୍ୟେକ ବର୍ଷ ଦ୍ୱୀପାଞ୍ଚଳର ୧୩ ଗ୍ରାମରେ ପାଣି ପଶୁଛି। ସୋମବାର ରାତିରୁ ଏହି ଦୁଇ ନଦୀରୁ ଗ୍ରାମ ମଧ୍ୟକୁ ପାଣି ଆସିଛି। ଅପରାହ୍ନ ୨ଟା ସୁଦ୍ଧା ଡିହବଳରାମପୁର, ବାଲିସିଂ ଓ ଆଇତିପୁରକୁ ଯୋଗାଯୋଗ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇଛି। ଏବେ ଏହି ୩ ଗ୍ରାମର ପ୍ରାୟ ୬ ହଜାର ଲୋକ ଜଳବନ୍ଦୀ ହୋଇଛନ୍ତି। ଜିଲା ଓ ବ୍ଲକ ପ୍ରଶାସନ ପକ୍ଷରୁ ଅଦ୍ୟାବଧି ବନ୍ୟା ସ୍ଥିତି ନିରୀକ୍ଷଣ ପାଇଁ କୌଣସି ଅଧିକାରୀ ଆସିନାହାନ୍ତି। ଗାଁର କେତେଜଣ ଲୋକଙ୍କୁ ପଞ୍ଚାୟତ ପକ୍ଷରୁ ରନ୍ଧାଖାଦ୍ୟ ଯୋଗାଇ ଦିଆଯାଇଛି। ଏହି ଗ୍ରାମର ପିନାକୀ ସାମନ୍ତରାୟ କହିଛନ୍ତି, ଆଇତିପୁର ଓ ଡିହବଳରାମପୁରରେ ବାତ୍ୟା ଆଶ୍ରୟସ୍ଥଳ ନିର୍ମିତ ହୋଇଛି। ବନ୍ୟା ଓ ବାତ୍ୟା ପରି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଏହାର ଆବଶ୍ୟକତା ଅଧିକ। ତେବେ ଗୃହର ଆକାର ପ୍ରଭାବିତଙ୍କୁ ଆଶ୍ରୟ ଦେବାରେ ବିଫଳ ହୋଇଛି। ଏହି ଦୁଇ ଆଶ୍ରୟସ୍ଥଳରେ ଅତିବେଶିରେ ୧୫୦ ଜଣଙ୍କ ପାଇଁ ସ୍ଥାନ ଥିବା ବେଳେ ପ୍ରାୟ ଦୁଇ ହଜାର ଲୋକ ଘର ଛାଡି ଅନ୍ୟ ସ୍ଥାନରେ ଗୃହପାଳିତ ପଶୁପକ୍ଷୀଙ୍କ ସହ ରହୁଛନ୍ତି। ସେହିପରି ଏଠାରେ ରହିଥିବା ଆବଶ୍ୟକ ସାମଗ୍ରୀ ଆସ୍କା ଲାଇଟ, ଜେନେରେଟରଠାରୁ କଟର ମେଶିନର ବ୍ୟବହାର କାହାକୁ ଜଣାନାହିଁ। ଫଳରେ ରାତିରେ ଆବଶ୍ୟକ ମୁତାବକ ସାମଗ୍ରୀର ବ୍ୟବହାର ହେଉନାହିଁ। ସେହିପରି ପାଇଖାନା ଯଥେଷ୍ଟ ନ ଥିବାରୁ ସେ କ୍ଷୋଭ ପ୍ରକାଶ କରିଛନ୍ତି। ପତିତପାବନ ରାଉତ କହିଛନ୍ତି, ବନ୍ୟା ଏବେ ରଣ ଶୁଝିବା ଚିନ୍ତା ବଢ଼ାଇଛି। ଫଳନ୍ତି ପନିପରିବା ନଷ୍ଟ ହୋଇଛି। ଏଥିସହ ସ୍ଥାନୀୟ ଅଞ୍ଚଳର ଖରିଫ ଚାଷ ନଷ୍ଟ ହୋଇଛି। ବିଦ୍ୟୁତ୍ କାଟ୍‌ରୁ ରକ୍ଷା ପାଇଁ କିରୋସିନ ଦର ଲିଟର ପ୍ରତି ୧୨୦ ଟଙ୍କା ରହିଛି। ନଳକୂପ, ପୋଖରୀ ଆଦି ପାଣିରେ ବୁଡ଼ିଥିବାରୁ ଜଳବାହିତ ରୋଗ ହେବା ସମ୍ଭାବନା ବଢ଼ିଛି। ଜଳସମ୍ପଦ ବିଭାଗ ନିର୍ବାହୀ ଯନ୍ତ୍ରୀ ଇଂ. ଉମେଶ ଚନ୍ଦ୍ର ସେଠୀ କହିଛନ୍ତି, ମହାନଦୀରେ ବନ୍ୟା ପାଇଁ ଜିଲାର ଲୁଣା, କରାଣ୍ଡିଆ, ପାଇକା, ମହାନ୍ଦୀ ଓ ବିରୂପା ନଦୀରେ ପାଣି ଆସିଛି। ଆସନ୍ତା ୧୨ ଘଣ୍ଟା ମଧ୍ୟରେ ଏହାର ଜଳସ୍ତର ଅଧିକ ହେବ। ଏଥିପାଇଁ ବିଭାଗୀୟ ଅଧିକାରୀମାନେ ସଜାଗ ରହିଛନ୍ତି। ଜିଲାପାଳ ଅମୃତ ଋତୁରାଜ କହିଛନ୍ତି, ବନ୍ୟା ସ୍ଥିତିକୁ ନଜର ରଖାଯାଇଛି। ପାଇକା ଓ ଚିତ୍ରୋତ୍ପଳାର ଘଳିଆ ଏବେ ବନ୍ଦ ହୋଇଛି। ଦ୍ୱୀପାଞ୍ଚଳରେ ଆବଶ୍ୟକ ଅନୁସାରେ ସ୍ଥାନାନ୍ତର କାର୍ଯ୍ୟ କରାଯିବାକୁ ପ୍ରଶାସନିକ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବନ୍ୟା ପାଇଁ ସ୍ଥାନୀୟ ଅଧିବାସୀ ଅତ୍ୟଧିକ ଭୟଭୀତ ନ ହେବାକୁ ପରାମର୍ଶ ଦେଇଛନ୍ତି।

### ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଦେଶାତ୍ମବୋଧ କବିତା ଆସର



ରାଜନଗର, ୧୬।୮(ଡି.ଏନ୍.ଏ.): ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଦେଶମୁକ୍ତିର ୭୫ବର୍ଷ ପୂର୍ତ୍ତି ଅବସରରେ ଅମୃତ ମହୋତ୍ସବ କାର୍ଯ୍ୟକ୍ରମ ରାଜନଗରସ୍ଥିତ ଶ୍ରୀ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ ତଥା ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ଅତୁଲ ବଳଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଦେଶାତ୍ମବୋଧ କବିତା ପାଠୋତ୍ସବରେ ରାଜନଗର, ପଟ୍ଟାମୁଣ୍ଡାଇର ୨୦ଜଣ କବି ସ୍ୱରଚିତ କବିତା ପାଠ କରିଥିଲେ। ମୁଖ୍ୟ ଅତିଥି ଭାବେ ପ୍ରାବନ୍ଧିକ ପଣ୍ଡିତ ଶରତ ଚନ୍ଦ୍ର ମହାପାତ୍ର, ସମ୍ମାନିତ ଅତିଥି ଭାବେ କଥାକାର ପ୍ରଦୀପ ନାୟକଙ୍କ ସଞ୍ଚାଳନାରେ କବି ଅଭିରାମ ସାହୁ, ଶରତ ଚନ୍ଦ୍ର ନାୟକ, ରଞ୍ଜିତ ସେନାପତି, ମନୋରଞ୍ଜନ ଦାସ, ନାରାୟଣ ପ୍ରସାଦ ରାଉଳ, ନୀଳମଣି ଲେଙ୍କା, ପ୍ରେମାନନ୍ଦ ଖଣ୍ଡୁଆଳ ପ୍ରମୁଖ କବିତା ପାଠ କରିଥିଲେ। ମହାବିଦ୍ୟାଳୟ ଛାତ୍ରୀ ହେମଶ୍ରୀ ରାଉତ ଓ ଛାତ୍ରୀମାନେ ଜାତୀୟ ସଙ୍ଗୀତ ଗାନ କରିଥିଲେ। କବି ପବିତ୍ର ବ୍ରହ୍ମପୁତ୍ର ନାୟକ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପ୍ରମୋଦ କୁମାର ସାହୁ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ଅଧ୍ୟାପକ ସତ୍ୟବାଦୀ ଜେନା, ରତ୍ନାକର ନାୟକ, ବିପିନ ପରିଡା, ଶିକ୍ଷାବିତ୍ ସୁଶ୍ରୀକାନ୍ତ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

# ଉଚ୍ଛୁଳୁଛି ନଦୀ, ଗ୍ରାମବାସୀ ଆତଙ୍କିତ

**ଡେରାବିଶ, ୧୬।୮(ସ୍ୱ.ପ୍ର.)**

ମହାନଦୀରେ ବନ୍ୟାଜଳ ବୃଦ୍ଧି ପାଉଥିବା ବେଳେ ଏହାର ଶାଖାନଦୀ ଡେରାବିଶ ବ୍ଲକ ଅଧୀନ ଲୁଣା ଓ କରାଣ୍ଡିଆରେ ବନ୍ୟାଜଳ ବୃଦ୍ଧି ପାଇବାରେ ଲାଗିଛି। ବ୍ଲକ ଅଧୀନ ବସୁପୁର ପଞ୍ଚାୟତ ଡିଅବସୁପୁର ଗାଁରେ ଉଭୟ ନଦୀର ବନ୍ୟାଜଳ ପ୍ରବେଶ କରିବା ଫଳରେ ଗାଁ ଦାଣ୍ଡରେ ୪ ଫୁଟରୁ ଊର୍ଦ୍ଧ୍ୱ ବନ୍ୟାଜଳ ପ୍ରବାହିତ ହେଉଛି। ଏଥିସହ ବହୁ ଲୋକଙ୍କ ଘର ଭିତରେ ମଙ୍ଗଳବାର ଅପରାହ୍ନ ସୁଦ୍ଧା ବନ୍ୟାଜଳ ମଧ୍ୟ ପ୍ରବେଶ କରିବାରେ ଲାଗିଛି। ବସୁପୁର ଗ୍ରାମ ନିକଟରେ ନଦୀବନ୍ଧ ଉପରେ ବନ୍ୟାଜଳ ପ୍ରବାହିତ ହେଉଥିବାରୁ ନଦୀକୂଳିଆ ଗ୍ରାମବାସୀ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ସେହିପରି କରାଣ୍ଡିଆ ନଦୀର ବନ୍ୟାଜଳ ଇନ୍ଦାଳୋ ପଞ୍ଚାୟତ ପୁରୁଷୋତ୍ତମପୁର ଗାଁରେ ପ୍ରବେଶ କରିବା ସହ ଗାଁ ଦାଣ୍ଡରେ ୪ ଫୁଟ ଉଚ୍ଚତାର ପାଣି ଲହଡ଼ି ଖେଳୁଛି। ତେବେ ଲୁଣାନଦୀର ଦାନପୁରଠାରେ



ଡିଅବସୁପୁର ଗ୍ରାମରେ ବନ୍ୟାଜଳ।

ବିପଦ ସଙ୍କେତ ୩୨.୫୫ ଫୁଟ ରହିଥିବା ବେଳେ ମଙ୍ଗଳବାର ସନ୍ଧ୍ୟା ୬ଟା ସୁଦ୍ଧା ବନ୍ୟାଜଳ ବିପଦ ସଙ୍କେତ ଉପରେ ୩୫.୬୦ ଫୁଟ ବନ୍ୟାଜଳ ପ୍ରବାହିତ ହେଉଥିବା କେନ୍ଦ୍ରାପଡ଼ା ଜଳସମ୍ପଦ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଉମେଶ କୁମାର ସେଠୀ ସୂଚନା ଦେଇଛନ୍ତି। ଏହି ବନ୍ୟାଜଳ କ୍ରମଶଃ ବୃଦ୍ଧି ପାଉଥିବାରୁ ନଦୀକୂଳିଆ ଗାଁର କେତେକ ବ୍ୟକ୍ତି ବନ୍ଧ ଉପରେ ଗୃହପାଳିତ ପଶୁମାନଙ୍କ ପାଇଁ ପାଲ ଟାଣି ଅସ୍ଥାୟୀ ଛାମୁଡ଼ିଆ କରିଥିବା ଦେଖିବାକୁ ମିଳିଛି। ବନ୍ୟା ସମ୍ପର୍କରେ ଜାଣିବାକୁ ଶତାଧିକ ନଦୀକୂଳିଆ ଲୋକ ଦାନପୁରଠାରେ ଥିବା ଲୁଣାସେତୁ ଉପରେ ସନ୍ଧ୍ୟାରେ ରୁଣ୍ଡ ହୋଇ ନଦୀର ଜଳପ୍ରବାହକୁ ଦେଖୁଛନ୍ତି। ବ୍ଲକ ଅଧରନ ଡିଅବସୁପୁର ଓ ପୁରୁଷୋତ୍ତମପୁର ଗାଁ ପାଇଁ ପ୍ରଶାସନ ପକ୍ଷରୁ ଦୁଇଟି ଅଗ୍ନିଶମ ବିଭାଗ ଟିମ୍ ନିୟୋଜିତ କରାଯାଇଛି। ବିଡିଓ ନମିତା ବାରିକ ଉଭୟ ଗ୍ରାମକୁ ପରିଦର୍ଶନ କରି ଖଲୁଆ ଅଞ୍ଚଳରେ ଥିବା ଘରରୁ ଲୋକମାନଙ୍କୁ ଉଚ୍ଚା ସ୍ଥାନକୁ ନେବା ପାଇଁ ବ୍ୟବସ୍ଥା କରିବା ସହ ମାଗଣା ରନ୍ଧା ଓ ଶୁଖିଲା ଖାଦ୍ୟ ଯୋଗାଇ ଦେବାକୁ ଉଭୟ ପଞ୍ଚାୟତର ସରପଞ୍ଚଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ତେବେ ଜଳସମ୍ପଦ ବିଭାଗର ସହକାରୀ ମୁଖ୍ୟଯନ୍ତ୍ରୀ ପ୍ରବୋଧ କୁମାର ରାଉତ ଓ ପୂର୍ଣ୍ଣଚନ୍ଦ୍ର ରଥ, କେନ୍ଦ୍ରାପଡ଼ା ଅଧୀକ୍ଷଣ ଯନ୍ତ୍ରୀ ଉମେଶ କୁମାର ସେଠୀ ଓ ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରମୋଦ କୁମାର ରାୟ ଏବଂ କନିଷ୍ଠ ଯନ୍ତ୍ରୀ ନବୀନ ପାଣିଗ୍ରାହୀ ପ୍ରମୁଖ ନଦୀବନ୍ଧକୁ ତଦାରଖ କରିବା ସହ ଦୁର୍ବଳ ଥିବା ସ୍ଥାନରେ ବାଲିବସ୍ତାମାନ ମହଜୁଦ ରଖିଛନ୍ତି। ସନ୍ଧ୍ୟାରେ ଜିଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ରାଜେନ୍ଦ୍ର ପଣ୍ଡା, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଅନିତା ପଟ୍ଟନାୟକଙ୍କ ସମେତ ଅନ୍ୟ ପ୍ରଶାସନିକ ଅଧିକାରୀ ଉଭୟ ଡିଅବସୁପୁର ଓ ପୁରୁଷୋତ୍ତମପୁର ଗ୍ରାମକୁ ଯାଇ ବନ୍ୟା ସ୍ଥିତିର ଅନୁଧ୍ୟାନ କରିଛନ୍ତି।

# ମୂଲ୍ୟବୋଧ, ମାନବୀୟ ଚେତନା ସମସ୍ତଙ୍କ ଧ୍ୟେୟ ହେଉ

### ଜିଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ

**କେନ୍ଦ୍ରାପଡ଼ା ଅଫିସ, ୧୬।୮**

ଦେଶ ସ୍ୱାଧୀନ ଲାଗି ସ୍ୱାଧୀନତା ସଂଗ୍ରାମୀ ନିଜ ଜୀବନକୁ ବାଜି ଲଗାଇଥିଲେ। ସେମାନଙ୍କ ଉତ୍ସର୍ଗୀକୃତ ଜୀବନ ଆମ ଉତ୍ତରପିଢ଼ି ପାଇଁ ବରଦାନ ହୋଇଛି। ଦେଶର ସୁରକ୍ଷା ଓ ସାର୍ବଭୌମତ୍ୱ ରକ୍ଷା ପାଇଁ ପ୍ରତ୍ୟେକ ନାଗରିକଙ୍କ ମୂଲ୍ୟବୋଧ ଓ ମାନବୀୟ ଚେତନା ଧ୍ୟେୟ ହେଉ ବୋଲି ୭୬ତମ କେନ୍ଦ୍ରାପଡ଼ା ଜିଲାସ୍ତରୀୟ ସ୍ୱାଧୀନତା ଦିବସରେ ମୁଖ୍ୟ ଅତିଥି ଜିଲାପାଳ ଅମୃତ ଋତୁରାଜ ମତ ରଖିଛନ୍ତି। କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ପଡ଼ିଆରେ ସୋମବାର ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଏଥିରେ ଜିଲାପାଳ ଋତୁରାଜ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ କରିବା ସହ ସମ୍ମିଳିତ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ। ଏହି ଅବସରରେ ସେ ସ୍ୱାଧୀନତା ସଂଗ୍ରାମୀଙ୍କୁ ବକ୍ତବ୍ୟରେ ଶ୍ରଦ୍ଧାଞ୍ଜଳି ଦେଇଥିଲେ। ସେ କହିଥିଲେ, ଚଳିତବର୍ଷ ୭୫ତମ ପୂର୍ତ୍ତି ଉପଲକ୍ଷେ ହର୍ ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମରେ ସମସ୍ତେ ଭାଗ ନେଇଛନ୍ତି। ସ୍ୱାଧୀନତାର ଏହି ଉତ୍ସବକୁ ସିଆଚିନ୍‌ର ସୈନ୍ୟମାନେ ପତାକା ଉତ୍ତୋଳନ କରି ଦେଶବାସୀଙ୍କୁ ଭରସା ଦେଇଛନ୍ତି। ପ୍ରତିକୂଳ ପରିବେଶ ସତ୍ତ୍ୱେ ନାଗାଲାଣ୍ଡର ଆଶା ଓ ଅଙ୍ଗନୱାଡି କର୍ମୀ କାର୍ଯ୍ୟ କରି ଗଣତନ୍ତ୍ରର ବାସ୍ତବ ମୂଲ୍ୟବୋଧକୁ ପ୍ରତିପାଦନ କରିଛନ୍ତି, ଯାହା ଆମ ଦେଶକୁ ସଶକ୍ତ କରିବ। ଏହି ଅବସରରେ ମୁଖ୍ୟ ଅତିଥି ଋତୁରାଜ ୨୦ ଜଣ କୋଭିଡ୍ ଯୋଦ୍ଧା ଓ ଜିଲାସ୍ତରୀୟ ପ୍ରତିଯୋଗିତାର ୧୮ କୃତୀ ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏଥିରେ ଏଏସ୍‌ପି ଇନ୍ଦ୍ରମଣି ବେହେରା, ଏଡିଏମ୍ ଦୁର୍ଗାପ୍ରସାଦ ମହାରଣା, ଏଡିଏମ୍ ପୀତାମ୍ବର ସାମଲ, ଜିଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ରାଜେନ୍ଦ୍ର ପଣ୍ଡା, ଉପଜିଲାପାଳ ନିରଞ୍ଜନ ବେହେରା, ସିଡିଏମ୍‌ଓ ଡା. ଅନୀତା ପଟ୍ଟନାୟକ ପ୍ରମୁଖ ସାମିଲ ଥିଲେ। ଏହାକୁ ଏଡିପିଆରଓ ଅଶୋକ କୁମାର ବଳିଆରସିଂ ପରିଚାଳନା କରିଥିଲେ।



ଜିଲାପାଳ ଅମୃତ ଋତୁରାଜ କୃତୀ ଛାତ୍ରଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

# ବନ୍ଦେ ମାତରମ୍ କାର୍ଯ୍ୟକ୍ରମ, ସୈନିକଙ୍କୁ ସମ୍ବର୍ଦ୍ଧନା

**ରାଜନଗର, ୧୬।୮(ଡି.ଏନ୍.ଏ.)**

ରାଜନଗର ବ୍ଲକ ମହିଁଷାସୁର ପଞ୍ଚାୟତ କାର୍ଯ୍ୟାଳୟରେ ରାଜନଗର ସବୁଜ ବାହିନୀ ଓ ଅଭିନ୍ନ ସୁନ୍ଦର କଳାନିକେତନ ପକ୍ଷରୁ ବନ୍ଦେ ମାତରମ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାଜନଗର ବିଧାୟକ ଧ୍ରୁବ ସାହୁ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ଭାବେ କେନ୍ଦ୍ରାପଡ଼ା ଜିଲା ପରିଷଦ ଉପାଧ୍ୟକ୍ଷ ଅଶୋକ କୁମାର ପ୍ରତିହାରୀ, ରାଜନଗର ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ଜିଲା ପରିଷଦ ସଭ୍ୟ ସୁରେନ୍ଦ୍ର ପ୍ରସାଦ ରାଉତ, ମହିଁଷାସୁର ପଞ୍ଚାୟତ ସରପଞ୍ଚ ଅଶୋକ କୁମାର ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ବାଲିସାହିପାଟଣା ସମିତିସଭ୍ୟ ପ୍ରଶାନ୍ତ କୁମାର ରାଉତ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏଥିରେ ଯବାନ, ସ୍ୱାଧୀନତା ସଂଗ୍ରାମୀ ଓ କୃଷକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମାନସ ରଞ୍ଜନ ରାଉତ, ସୌରଭ ଜେନା, ଲିପିକା ଷଡ଼ଙ୍ଗୀ ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ମହାନଦୀରେ ବଢ଼ ବନ୍ୟା ଆଶଙ୍କା



ତିଖିରୀ ପଞ୍ଚାୟତର ସ୍ଥାନୀୟ ବାତ୍ୟା ଆଶ୍ରୟସ୍ଥଳର ଥଇଥାନ କେନ୍ଦ୍ରରେ ବନ୍ୟା ପ୍ରଭାବିତ ଲୋକଙ୍କୁ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଭେଟୁଛନ୍ତି।

**ମହାକାଳପଡ଼ା,୧୬।୮(ଡି.ଏନ.ଏ.)**

ମହାନଦୀରେ ବଡ ବନ୍ୟା ଆଶଙ୍କାରେ ତଳିଆ ଅଞ୍ଚଳରେ ବସବାସ କରୁଥିବା ମହାକାଳପଡ଼ା ବ୍ଲକର ପରିବାରଗୁଡ଼ିକୁ ପ୍ରଶାସନ ପକ୍ଷରୁ ନିକଟ ବାତ୍ୟା ଆଶ୍ରୟସ୍ଥଳ, ବିଦ୍ୟାଳୟଗୁଡ଼ିକରେ ଥଇଥାନ କରାଯାଇଛି। ବନ୍ୟା ପ୍ରଭାବିତ ବ୍ଲକର ତିଖିରୀ ପଞ୍ଚାୟତର ଧନିଆପଡ଼ା ୫୦ ପରିବାରଙ୍କୁ ନିକଟସ୍ଥ ବିଦ୍ୟାଳୟ, ମହାନଦୀ ଶାଖା ପାଇକା ନଦୀ ପାର୍ଶ୍ୱ ତିଖିରୀ କେଳାସାହି ଓ ନଳଦିଆ ପାଳନ୍ଦାର ୬୦ ପରିବାରର ଲୋକଙ୍କୁ ବାତ୍ୟା ଆଶ୍ରୟସ୍ଥଳରେ ଥଇଥାନ କରାଯାଇ ଶୁଖିଲା ଓ ରନ୍ଧା ଖାଦ୍ୟ ବ୍ଲକ ପ୍ରଶାସନ ପକ୍ଷରୁ ଯୋଗାଇ ଦିଆଯାଇଛି। ଦୁଇ ଥଇଥାନ କେନ୍ଦ୍ରରେ ମଙ୍ଗଳବାର ରାଜ୍ୟ ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ପ୍ରଭାବିତ ପରିବାର ଲୋକଙ୍କୁ ଭେଟି ସମସ୍ୟା ପଚାରି ବୁଝିଥିଲେ। ସେହିପରି ମନ୍ତ୍ରୀ ନାୟକ ଅମେଇପାଳ, ଖୁରୁସିଆ, ପାଟୁଲିପଙ୍କ ଆଦି ପଞ୍ଚାୟତରେ ବନ୍ୟା ପ୍ରଭାବିତ ପରିବାରକୁ ଭେଟି ଆଶ୍ୱାସନା ଦେଇଥିଲେ। ଅପରପକ୍ଷରେ ଲୁଣା ନଦୀ ତେରଗାଁ ଘାଟ ସନ୍ନିକଟ ନିକଟରେ ନୂଆ ବନ୍ଧ ନିର୍ମାଣ କାର୍ଯ୍ୟ ପାଖରେ ନଦୀ ତଟବନ୍ଧ ବିଭାଗ ପକ୍ଷରୁ ବାଲିବସ୍ତା ପକା ଯାଉଥିବା ବେଳେ ସ୍ୱତନ୍ତ୍ର କ୍ୟାମ୍ପ ପଡ଼ିଛି। ବରକନ୍ଧା ପଞ୍ଚାୟତର ମହାନଦୀ ପାର୍ଶ୍ୱ ଗାଁ ଗୋଖାଖଟି, ଆଖଡ଼ାସାହିଠାରେ ବିଭାଗର କର୍ମଚାରୀମାନେ ଆଲର୍ଟ ରହିଛନ୍ତି। ମହାନଦୀ, ପାଇକା ଓ ଲୁଣା ନଦୀର ଦୁର୍ବଳ ବନ୍ଧ ଉପରେ ଜଳସେଚନ ବିଭାଗର ଅଧିକାରୀମାନେ ପାଟ୍ରୋଲିଂ କରୁଛନ୍ତି। ସେହିପରି ଲୁଣା ନଦୀର ଚତୁଃପାର୍ଶ୍ୱ ଦଶମୌଜି ବଡକୂଳ ଓ କରଞ୍ଜ ପଞ୍ଚାୟତର ଗାଁଗୁଡିକ ମୁଖ୍ୟ ବନ୍ଧ ଉପରେ ଜଳସେଚନ ବିଭାଗର ଅଧିକାରୀ କଡ଼ା ନଜର ରଖିଛନ୍ତି। ସେହିପରି ନିକଟ ପାଇକା ନଦୀପାର୍ଶ୍ୱ ଡିପରେ ଫସିଥିବା ଅମେଇପାଳ, ମଧୁରଗଣ୍ଡ ଓ ସାମଜୋରି ଗାଁର ୨୦୦ରୁ ଅଧିକ ମହିଁଷି ଓ ୫ ଜଣ ଗୋପାଳକଙ୍କୁ ମହାକାଳପଡ଼ା ଅଗ୍ନିଶମ ବିଭାଗ କର୍ମଚାରୀମାନେ ଉଦ୍ଧାର କରିବା ପାଇଁ ବୋଟ୍ ନେଇ ପହଞ୍ଚିଛନ୍ତି।

# କେନ୍ଦ୍ରାପଡ଼ାର ବିଭିନ୍ନ ସ୍ଥାନରେ ସ୍ୱାଧୀନତା ଦିବସ

**କେନ୍ଦ୍ରାପଡ଼ା ଅଫିସ, ୧୬।୮**

୭୬ତମ ସ୍ୱାଧୀନତା ଦିବସ କେନ୍ଦ୍ରାପଡ଼ା ବ୍ଲକ ଓ ସହରର ବିଭିନ୍ନ ସ୍ଥାନରେ ସୋମବାର ପାଳିତ ହୋଇଯାଇଛି। ସହର ନିକଟ ଦୁହୁରିଆଠାରେ କେନ୍ଦ୍ରାପଡ଼ା ଦୁଗ୍ଧ ଶୀତଳୀକରଣ କେନ୍ଦ୍ରଠାରେ ଶାଖା ପରିଚାଳକ ଚିତ୍ତରଞ୍ଜନ ପଣ୍ଡା, ଗୋପସ୍ଥିତ କୃଷକ ବିକାଶ ସମବାୟ ସମିତି ଓ ଗଣାମହଲଠାରେ କେନ୍ଦ୍ରାପଡ଼ା କ୍ରେଡିଟ୍ କୋ ଅପରେଟିଭ ସୋସାଇଟି ସଭାପତି ପ୍ରମୋଦ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ଜିମ୍ ଏକ୍ସ ପକ୍ଷରୁ ଗରଦପୁର ବ୍ଲକ କୋରୁଆସ୍ଥିତ କମଳା ବେନ୍ ଏମ୍ ମେହେଟା କନ୍ୟାଶ୍ରମରେ ୧୫୦ରୁ ଊର୍ଦ୍ଧ୍ୱ ଅନ୍ତେବାସୀଙ୍କୁ ବିଭିନ୍ନ ଉପହାର ପ୍ରଦାନ କରାଯାଇଥିଲା। ଏଥିରେ ଜିମ୍ ଏକ୍ସର ମାଲିକ ଦେବୀପ୍ରସାଦ ଦାଶ, ଦେବବ୍ରତ ଦାଶ ପ୍ରମୁଖ ଯୋଗ ଦେଇଥିଲେ।

**ଆଳି,(ଡି.ଏନ୍.ଏ.)**

ଆଳି ବ୍ଲକର ସରକାରୀ, ବେସରକାରୀ କାର୍ଯ୍ୟାଳୟ ସମେତ ସ୍କୁଲ, କଲେଜ, ପଞ୍ଚାୟତ, ସମବାୟ କାର୍ଯ୍ୟାଳୟ, ବ୍ୟାଙ୍କ ସମେତ ସାମାଜିକ ଅନୁଷ୍ଠାନ ପକ୍ଷରୁ ସ୍ୱାଧୀନତା ଦିବସ ପାଳିତହୋଇଯାଇଛି। ବ୍ଲକ କାର୍ଯ୍ୟାଳୟରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ମନୋରଞ୍ଜନ ସାମଲ ପତାକା ଉତ୍ତୋଳନ କରିଥିବା ବେଳେ ବିଡିଓ ଦ୍ୱିବେନ୍ଦୁ ଦାସ, ଜିଲା ପରିଷଦ ସଦସ୍ୟ ଭୀଷ୍ମ ମହାନ୍ତି, ପ୍ରଦ୍ୟୁମ୍ନ ଦାସଙ୍କ ସମେତ ବ୍ଲକର ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ। ସେହିପରି ତହସିଲରେ ତହସିଲ୍‌ଦାର ତପନ ସେନାପତି, ଆଳି ଥାନାରେ ଆଇଆଇସି ଦିଲୀପ ସାହୁ, ଆଳି ଷ୍ଟେଟ୍ ବ୍ୟାଙ୍କରେ ପରିଚାଳକ ଅମୂଲ୍ୟ ଦାସ, ଶରତ କୁମାର ଦେବ ହାଇସ୍କୁଲରେ ପ୍ରଧାନ ଶିକ୍ଷକ ପ୍ରମୋଦ ମଲିକ, ମେଣ୍ଟପୁର ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ପ୍ରତିଷ୍ଠାତା ସଭ୍ୟ କୃଷ୍ଣଚନ୍ଦ୍ର ମଲିକ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଡା. ମୃତ୍ୟୁଞ୍ଜୟ ତରାଇ, ସହିରାଠାରେ କେନ୍ଦ୍ରାପଡ଼ା ଜିଲା ସକ୍ରିୟ ଶ୍ରମିକ ସଙ୍ଗଠନ ମା’ ରାମଚଣ୍ଡୀ ଉପକୂଳ ବିକାଶ ପରିଷଦର ସଭାପତି ରଞ୍ଜିତ ରାଉତ ପତାକା ଉତ୍ତୋଳନ କରିଥିଲେ। ବ୍ଲକର ସମସ୍ତ ପଞ୍ଚାୟତରେ ସରପଞ୍ଚ ଓ କୃଷି ସମବାୟ ସମିତି କାର୍ଯ୍ୟାଳୟରେ ସଭାପତି ପତାକା ଉତ୍ତୋଳନ କରିଛନ୍ତି।

**ରାଜନଗର, (ଡି.ଏନ୍.ଏ.)**

ରାଜନଗରରେ ବ୍ଲକସ୍ତରୀୟ ସ୍ୱାଧୀନତା ଦିବସରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର ପତାକା ଉତ୍ତୋଳନ କରିଥିଲେ। ଏଥିରେ ବିଡିଓ ରବୀନ୍ଦ୍ର କୁମାର ପ୍ରଧାନ, ଏବିଡିଓ ଶ୍ରୀକାନ୍ତ କୁମାର ମହାନ୍ତି, ବ୍ଲକ ଶିକ୍ଷାଧିକାରୀ ମନୋରଞ୍ଜନ ସେଠୀ, ଜିଲା ପରିଷଦ ସଭ୍ୟ ସୁରେନ୍ଦ୍ର ପ୍ରସାଦ ରାଉତ ପ୍ରମୁଖ ଯୋଗଦେଇଥିଲେ। ବ୍ଲକର ୩ ଜଣ ମାଟ୍ରିକ୍ ଟପ୍ପର ଓ ଯୁକ୍ତ୨ କଳା, ବିଜ୍ଞାନ ଓ ବାଣିଜ୍ୟ ବିଭାଗର ବ୍ଲକ ଟପ୍ପରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ରାଜନଗର ଜେଏମ୍ଏଫ୍‌ସି ପରିସରରେ ନ୍ୟାୟାଧୀଶ ଜ୍ୟୋତିର୍ମୟୀ ଷଡ଼ଙ୍ଗୀ ପତାକା ଉତ୍ତୋଳନ କରିଥିଲେ। ସେହିପରି ବ୍ଲକ ବିଜେଡି କାର୍ଯ୍ୟାଳୟରେ ସଭାପତି ଅଶୋକ ପ୍ରତିହାରୀ, ରାଜନଗର ବ୍ଲକ କଂଗ୍ରେସ କାର୍ଯ୍ୟାଳୟରେ ବ୍ଲକ କଂଗ୍ରେସ ସଭାପତି ଦେବେନ୍ଦ୍ର ଜେନା, ରାଜନଗର ଜୟଦୁର୍ଗା ବଣିକ ସଂଘର ସଭାପତି ପଣ୍ଡିତ ଶଙ୍କର୍ଷଣ ମିଶ୍ର ପତାକା ଉତ୍ତୋଳନ କରିଥିଲେ। ଶ୍ରୀ ଶ୍ରୀଜଗନ୍ନାଥ ମହାବିଦ୍ୟାଳୟରେ ଅଧ୍ୟକ୍ଷ ଅତୁଳ ବଳ, ଶୈଳେନ୍ଦ୍ର ନାରାୟଣ ସଂସ୍କୃତ ମହାବିଦ୍ୟାଳୟରେ ଅଧ୍ୟକ୍ଷ ବିକ୍ରମାଦିତ୍ୟ ଦାଶ, ରାଜନଗର ତହସିଲରେ ତହସିଲ୍‌ଦାର ଭୋଳାନାଥ ସେଠୀ, ତାଲଚୁଆ ସାମୁଦ୍ରିକ ଥାନା ଓ ରାଜନଗର ଥାନାରେ ଆଇଆଇସି, ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମୁଖ୍ୟ ଚିକିତ୍ସାଧିକାରୀ ଡା. ରଶ୍ମିରଞ୍ଜନ ମହାନ୍ତି, ରାଜନଗର ସୈନିକ ସଂଘ ପକ୍ଷରୁ ସଭାପତି ସୁବେଦାର ମେଜର ଗଗନ ବିହାରୀ ସ୍ୱାଇଁ ପତାକା ଉତ୍ତୋଳନ କରିଥିଲେ।



ଆଳି ବ୍ଲକରେ ଅନୁଷ୍ଠିତ ବ୍ଲକ ସ୍ତରୀୟ ସ୍ୱାଧୀତନା ଦିବସରେ ଉପସ୍ଥିତ ଅତିଥିମାନେ।

**ପଟ୍ଟାମୁଣ୍ଡାଇ,(ସ୍ୱ.ପ୍ର.)**

ପଟ୍ଟାମୁଣ୍ଡାଇରେ ସ୍ୱାଧୀନତା ଦିବସ ଅବସରରେ ବିଭିନ୍ନ ଶିକ୍ଷାନୁଷ୍ଠାନ, ସରକାରୀ, ବେସରକାରୀ କାର୍ଯ୍ୟାଳୟରେ ପତାକା ଉତ୍ତୋଳନ କରାଯାଇଛି। ପଟ୍ଟାମୁଣ୍ଡାଇ ଜାତୀୟ ଦିବସ ପାଳନ କମିଟିର ଅଧ୍ୟକ୍ଷ ତଥା ତହସିଲଦାର ଦିଲୀପ କୁମାର ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସ୍ୱାଧୀନତା ଦିବସରେ ମୁଖ୍ୟ ଅତିଥି ଭାବେ ରାଜନଗର ବିଧାୟକ ଧ୍ରୁବ ସାହୁ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏଥିରେ ଆଦର୍ଶ ଥାନା ଆଇଆଇସି ତପନ ରାଉତ, ଅଗ୍ନିଶମ ବିଭାଗ ଅଧିକାରୀ ଗୋପବନ୍ଧୁ ସାହୁ, ମେଡିକାଲ ଅଫିସର ଡା. ନିରାକାର ପରିଡା, ପୌରାଧ୍ୟକ୍ଷ ହେମନ୍ତ ସାହୁ ପ୍ରମୁଖ ଯୋଗଦେଇଥିଲେ। ସେହିପରି ଅବସରପ୍ରାପ୍ତ କର୍ମଚାରୀ ସଂଘ, ବରିଷ୍ଠ ନାଗରିକ ମଞ୍ଚ, ବଣିକ ସଂଘ ଓ ଗୀତା ଚରଣ ସମିତି ଓ ମହାବୀର ହେଲ୍ପ ଲାଇନ ପକ୍ଷରୁ ସ୍ଥାନୀୟ ଶ୍ରୀରାମ ମନ୍ଦିରଠାରେ ଅବସରପ୍ରାପ୍ତ ଶିକ୍ଷକ ଲକ୍ଷ୍ମୀଧର ପାତ୍ର ପତାକା ଉତ୍ତୋଳନ କରିଥିଲେ। ପଟ୍ଟାମୁଣ୍ଡାଇ ମହିଳା ମହାବିଦ୍ୟାଳୟରେ ଅଧ୍ୟକ୍ଷ ରମେଶ ଚନ୍ଦ୍ର ସେଠୀ, ପଟ୍ଟାମୁଣ୍ଡାଇ କଲେଜରେ ଅଧ୍ୟକ୍ଷ, ବ୍ଲକ କାର୍ଯ୍ୟାଳୟରେ ବିଡିଓ ଭରତ ଚନ୍ଦ୍ର ପରିଡ଼ା, ପଟ୍ଟାମୁଣ୍ଡାଇ ଏସ୍‌ଡିପିଓ ଅଫିସ୍‌ରେ ଏସ୍‌ଡିପିଓ ସନ୍ଧ୍ୟାରାଣୀ ବେଉରିଆ ପତାକା ଉତ୍ତୋଳନ କରିଥିଲେ।

**ଡେରାବିଶ, (ସ୍ୱ.ପ୍ର.)**

ଡେରାବିଶ ବ୍ଲକ କାର୍ଯ୍ୟାଳୟରେ ସ୍ୱାଧୀନତା ଦିବସ ଅବସରରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରଭାତୀ ମଲ୍ଲିକ ପତାକା ଉତ୍ତୋଳନ କରିଥିଲେ। ଏଥିରେ ଉପାଧ୍ୟକ୍ଷ ଦେବାଶିଷ ଆଚାର୍ଯ୍ୟ, ବିଡିଓ ନମିତା ବାରିକ, ଏବିଡିଓ ଭଞ୍ଜକିଶୋର ନାୟକ ପ୍ରମୁଖ ଉପସ୍ଥିତ ରହିଥିଲେ। ବ୍ଲକ ଅଧୀନ କେନ୍ଦ୍ରାପଡ଼ା ପବ୍ଲିକ ସ୍କୁଲରେ ସ୍କୁଲର ପ୍ରତିଷ୍ଠାତା ପ୍ରାଧ୍ୟାପକ ଅଜୟ କୁମାର ରାଉତ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଅବସରପ୍ରାପ୍ତ ସେନା ଅଧିକାରୀ ଦୁର୍ଯ୍ୟୋଧନ ବେହେରା ପତାକା ଉତ୍ତୋଳନ କରିଛନ୍ତି। ସେହିପରି ବ୍ଲକ ଅଧୀନସ୍ଥ ମହାବିଦ୍ୟାଳୟ, ବିଦ୍ୟାଳୟ, ତହସିଲ କାର୍ଯ୍ୟାଳୟ ସମେତ ସମସ୍ତ ସରକାରୀ ଓ ବେସରକାରୀ ଅନୁଷ୍ଠାନରେ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି।

## ଶେୟାର ବଜାରରେ ଉତ୍ସାହ

**ନୂଆଦିଲ୍ଲୀ:** ଗତ କିଛିଦିନ ହେବ ବିଦେଶୀ ବଜାରରେ ମାନ୍ଦାବସ୍ଥା ଦେଖାଦେଇଛି। ଫଳରେ ଭାରତୀୟ ଶେୟାର ବଜାରର ନିବେଶକଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଛି। କାରଣ ଗତ କିଛିଦିନ ହେବ ଷ୍ଟକ୍ ବଜାର କାରବାର ଉପର ତଳ ହେଉଥିଲେ ମଧ ବିଶେଷ କ୍ଷତି ଘଟୁନାହିଁ। ଫଳରେ ଉଭୟ ସେନ୍‌ସେକ୍ସ ଏବଂ ନିଫ୍ଟିରେ କାରବାର ଭଲ ଦେଖିବାକୁ ମିଳିଛି। ମଙ୍ଗଳବାର ସେନ୍‌ସେକ୍ସ ୩୭୯ (୩୭୯.୪୩) ପଏଣ୍ଟ ବଢ଼ି ୫୯,୮୪୨ (୫୯,୮୪୨.୨୧) ଅଙ୍କରେ କାରବାର ବନ୍ଦ କରିଥିବା ବେଳେ ନିଫ୍ଟି-୫୦ରେ ୧୨୭ (୧୨୭.୧୦) ପଏଣ୍ଟ ବୃଦ୍ଧି ଘଟି ୧୭,୮୨୫ (୧୭,୮୨୫.୨୫) ଅଙ୍କରେ ବଜାର ବନ୍ଦ ହୋଇଥିବା ଜଣାପଡ଼ିଛି।

## ସଂକ୍ଷେପରେ

### ଅଶୋଧିତ ତୈଳ ମୂଲ୍ୟ ୭୦ଡଲାରକୁ ଖସିଯିବ:ମୁଡି

**ନୂଆଦିଲ୍ଲୀ,୧୬।୮:** କ୍ରମାଗତ ଭାବେ ଅନ୍ତଃରାଷ୍ଟ୍ରୀୟ ତୈଳ ବଜାରରେ ଅଶୋଧିତ ତେଲର ଦାମ୍ ଖସି ଚାଲିଛି। କାରଣ ଓପେକ ରାଷ୍ଟ୍ର ମଧ୍ୟରେ ଲାଗି ରହିଥିବା ବିବାଦର ସୁଧାର ସାଙ୍ଗକୁ ତୈଳ ଉତ୍ପାଦନ ବୃଦ୍ଧି ଯୋଗୁ ଦର ହ୍ରାସ ଘଟିଛି। ଫଳରେ ୨୦୨୪ ଶେଷ ସୁଦ୍ଧା ବିଶ୍ୱର ତୈଳ ମୂଲ୍ୟ ବ୍ୟାରେଲ ପିଛା ପ୍ରାୟ ୭୦ ଡଲାରକୁ ହ୍ରାସ ପାଇବ ବୋଲି ମୁଡି ଆନାଲିଟିକ୍ସ ପକ୍ଷରୁ ଆକଳନ କରାଯାଇଛି। ନିକଟରେ ଏସିଆ ପାସିଫିକ୍ ଅଞ୍ଚଳ ଉପରେ ପ୍ରକାଶିତ ଏକ ରିପୋର୍ଟରେ ମୁଡି ଏଭଳି କିଛି ଆଶାଙ୍କ କରିଛି। ସେହିପରି ରୁଷିଆ-ୟୁକ୍ରେନ ଉପରେ ଆକ୍ରମଣ କରିବା ପରେ ଅଗଷ୍ଟରେ ତୈଳ ମୂଲ୍ୟ ୧୨୦ ଡଲାରରୁ ଅଧିକ ମୂଲ୍ୟରେ ତେଲ ବିକ୍ରି ହୋଇଥିଲା। କିନ୍ତୁ ଗତ କିଛି ମାସର ଦର ହ୍ରାସ ଯୋଗୁ ଅଗଷ୍ଟରେ ମୂଲ୍ୟ ୧୦୦ ଡଲାରରେ ରହିଥିବା ମୁଡି ପକ୍ଷରୁ କୁହାଯାଇଛି। ଏହି ଧାରା ଜାରି ରହିଲେ ଅଶୋଧିତ ମୂଲ୍ୟ ବ୍ୟାରେଲ ପ୍ରାୟ ୭୦ଡଲାରକୁ ହ୍ରାସ ପାଇବ ବୋଲି ସଂସ୍ଥା ଆଶା କରୁଛୁ।

### ଓଲା ଇ-କାର୍‌ର ଡିଜାଇନ ଉନ୍ମୋଚିତ

**ନୂଆଦିଲ୍ଲୀ,୧୬।୮:** ଇଲେକ୍ଟ୍ରିକ୍ ସ୍କୁଟର ଜରିଆରେ ଦେଶରେ ଚର୍ଚ୍ଚା ସୃଷ୍ଟି କରିଥିବା ଓଲା ଇଲେକ୍ଟ୍ରିକ୍ ନିକଟରେ ତା'ର ଇଲେକ୍ଟ୍ରିକ କାର୍‌ର ଡିଜାଇନ ଉନ୍ମୋଚନ ହୋଇଯାଇଛି। ଉକ୍ତ କାରର ଡିଜାଇନ୍ ଅନନ୍ୟ ହୋଇଥିବାବେଳେ ଏଥିରେ ଅନେକ ବୈଶିଷ୍ଟ୍ୟ ଉପଲବ୍ଧ ରହିଛି। ଏହାକୁ ଥରେ ଚାର୍ଜ କଲେ ୫୦୦ କି.ମି. ଯାଇପାରିବ ବୋଲି ଓଲା ପକ୍ଷରୁ କୁହାଯାଇଛି। ସେହିଭଳି ଉକ୍ତ କାର୍‌ଟି ମାତ୍ର ୪ ସେକେଣ୍ଡରେ ୦ରୁ ୧୦୦ କିଲୋମିଟର ବେଗରେ ଗତି କରିପାରିବ ବୋଲି ଓଲା ଦାବି କରିଛି। ଉକ୍ତ କାର୍‌ର ଡିଜାଇନ ଉନ୍ମୋଚନ ସମୟରେ ତା'ର ଝଲକ ଦେଖିବାକୁ ମିଳିଥିବାବେଳେ ଏହି କାର୍‌ର ଛାତ ସମ୍ପୂର୍ଣ୍ଣ କାଚ ହୋଇଥିବା ଜଣାପଡିଛି। ଏହି କାର୍‌ଟି ସ୍ପୋର୍ଟି ଡିଜାଇନ ହୋଇଥିବାବେଳେ ଓଲା ଏହା ଜରିଆରେ ୨୦୨୪ ସୁଦ୍ଧା ବଜାରକୁ ଆସୁଛି ବୋଲି କୁହାଯାଇଛି।

# ଜୁଲାଇରେ ପାଇକାରୀ ମୁଦ୍ରାସ୍ଫୀତି ୧୩.୯୩%କୁ ହ୍ରାସ

ନୂଆଦିଲ୍ଲୀ,୧୬।୮



- ଡବ୍ଲ୍ୟୁପିଆଇ ମୁଦ୍ରାସ୍ଫୀତି ଗତ ମାସରେ ୧୫.୧୮% ରହିଥିଲା
- ମେ ମାସରେ ରେକର୍ଡ ପରିମାଣରେ (୧୬.୬୩%) ବୃଦ୍ଧି ଘଟିଥିଲା
- ଗତ ବର୍ଷ ଜୁଲାଇ ତୁଳନାରେ ଏହା ୧୧.୫୭% ଥିଲା
- ଗତ ୧୬ ମାସ ହେବ ଦୁଇ ଅଙ୍କରେ ରହିଛି ଡବ୍ଲ୍ୟୁପିଆଇ

ଚଳିତ ବର୍ଷ ଜୁଲାଇ ପାଇଁ ଭାରତର ହୋଲ୍‌ସେଲ ମୁଦ୍ରାସ୍ଫୀତି କ୍ରମାଗତ ଭାବେ ୧୩.୯୩ % କୁ ହ୍ରାସ ପାଇଛି। କାରଣ ଏହି ସମୟରେ ପନିପରିବା, କ୍ଷୀର ଏବଂ ଇନ୍ଧନ ଆଦି ଦର ହ୍ରାସ ଯୋଗୁ ଏଭଳି ହୋଇଥିବା କୁହାଯାଇଛି। କିନ୍ତୁ ୧୬ ମାସ ହେବ ଏହା ଦୁଇ ଅଙ୍କରେ ରହିଛି। ସେହିପରି ହୋଲ୍‌ସେଲ ମୂଲ୍ୟ ସୂଚକାଙ୍କ ଭିତ୍ତିକ (ଡବ୍ଲ୍ୟୁପିଆଇ) ବା ପାଇକାରୀ ମୁଦ୍ରାସ୍ଫୀତି ଗତ ମାସରେ ୧୫.୧୮% ରହିଥିଲା। ଏପରିକି ଏହା ମେ ୨୦୨୨ରେ ସର୍ବାଧିକ ୧୬.୬୩% ରେକର୍ଡ ପରିମାଣର ଦର ରହିଥିଲା। ୨୦୨୧ ଜୁଲାଇରେ ଏହା ୧୧.୫୭ % ଥିଲା।

ସେହିଭଳି ୨୦୨୨ ମେ ପାଇଁ ପାଇକାରୀ ମୁଦ୍ରାସ୍ଫୀତି ହାର ପୂର୍ବ ବର୍ଷର ଆନୁମାନିକ ୧୫.୮୮ % ରୁ ୧୬.୬୩ % ରେକର୍ଡକୁ ବୃଦ୍ଧି କରାଯାଇଥିଲା। ୨୦୨୨ ଜୁଲାଇରେ ମୁଦ୍ରାସ୍ଫୀତି ମୁଖ୍ୟତଃ ଖଣିଜ ତେଲ, ଖାଦ୍ୟ ପଦାର୍ଥ, ଅଶୋଧିତ ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ୍, ମୌଳିକ ଧାତୁ, ବିଦ୍ୟୁତ୍, ରାସାୟନିକ ପଦାର୍ଥ, ଖାଦ୍ୟ ପଦାର୍ଥ ଆଦିର ମୂଲ୍ୟ ଯୋଗୁ ପୂର୍ବ ବର୍ଷର ଅନୁରୂପ ମାସ ତୁଳନାରେ ଏହା କମ୍ ହୋଇଥିବା ଏକ ସରକାରୀ ସୂତ୍ରରୁ ଜଣାପଡ଼ିଛି।

ଏ ସମ୍ପର୍କରେ ଆଇସିଆର୍‌ଏର ମୁଖ୍ୟ ଅର୍ଥନୀତିଜ୍ଞ ଆଦିତ୍ୟ ନାୟାର କହିଛନ୍ତି, ଖାଦ୍ୟ ସାମଗ୍ରୀ, କୋର-ପାଇକାରୀ, ଅଶୋଧିତ ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ୍ ଏବଂ ପ୍ରାଥମିକ ଅଣ ଖାଦ୍ୟ ପଦାର୍ଥ ପାଇଁ ମୁଦ୍ରାସ୍ଫୀତି ହେତୁ ପାଇକାରୀ ମୁଦ୍ରାସ୍ଫୀତି ନରମ ହୋଇଥିବା ଆକଳନ କରାଯାଉଛି।

ଅପରପକ୍ଷରେ ପ୍ରାଥମିକ ପ୍ରବନ୍ଧଗୁଡିକ, ଯାହା ପାଇକାରୀ ସୂଚକାଙ୍କର ୨୨.୬% । ୨୦୨୨ ଜୁଲାଇରେ ୧୫.୦୪% ବୃଦ୍ଧି ପାଇଛି। ୨୦୨୧ ଜୁଲାଇରେ ୬.୩୪ % ତୁଳନାରେ ଜୁନ୍ ୨୦୨୨ରେ ୧୯.୨୨% ଏବଂ ଜୁଲାଇ ୨୦୨୨ରେ ୧୫.୦୪% ରହିଥିଲା।

# ବିଦ୍ୟୁତ୍ ସେବା କେନ୍ଦ୍ର ଲୋକାର୍ପିତ

ଭୁବନେଶ୍ୱର,୧୬।୮




ଟିପିସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିସିଓଡିଏଲ୍) ପକ୍ଷରୁ ୭୫ଟି ବିଦ୍ୟୁତ୍ ସେବାକେନ୍ଦ୍ରକୁ ନିକଟରେ ଲୋକାର୍ପଣ (ପୁନର୍ଗଠନ ଓ କାର୍ଯ୍ୟକ୍ଷମ) କରାଯାଇଛି। ଏହି ସେବା କେନ୍ଦ୍ରଗୁଡ଼ିକ ମୁଖ୍ୟତଃ ନିଜ ଅଞ୍ଚଳରେ ଗ୍ରାହକମାନଙ୍କ ବିଦ୍ୟୁତ୍ ଯୋଗାଣ ସମ୍ପର୍କିତ ଅଭିଯୋଗର ପରିଚାଳନା କରିବେ ଏବଂ ଗ୍ରାମୀଣ ଗ୍ରାହକଙ୍କ ପାଇଁ କମ୍ପାନୀ ସହିତ ଯୋଗାଯୋଗ ଲାଗି ଏକ ସ୍ଥାନ ଭାବେ ମଧ୍ୟ କାର୍ଯ୍ୟ କରିବେ। ବିଦ୍ୟୁତ୍ ସେବା କେନ୍ଦ୍ରଗୁଡ଼ିକର ପରିଚାଳନା ପାଇଁ ଶିଫ୍ଟ ଆଧାରରେ କର୍ମଚାରୀ ରହିବେ, ଯେଉଁମାନେ ସବୁ ପ୍ରକାର ବିଭ୍ରାଟ ଓ ବିଦ୍ୟୁତ୍ ଯୋଗାଣ ସମ୍ପର୍କିତ ଜରୁରିକାଳୀନ ସ୍ଥିତିର ମୁକାବିଲା କରିବେ। ଏହା ବ୍ୟତୀତ ସପ୍ତାହରେ ଥରେ କମର୍ସିଆଲ୍ କର୍ମଚାରୀ କିମ୍ବା ସେକ୍ସନ ଇନ୍-ଚାର୍ଜ ପରିଦର୍ଶନ କରିବା ବେଳେ ଗ୍ରାହକମାନେ ନିଜର କମର୍ସିଆଲ ଓ ଅନ୍ୟାନ୍ୟ ସମସ୍ୟାର ପଞ୍ଜୀକରଣ କରିପାରିବେ। ଗ୍ରାହକମାନଙ୍କ ସହ ସିଧାସଳଖ ଭାବେ ଯୋଡ଼ିହେବା ଓ ସେମାନଙ୍କ ସବୁ ଅଭିଯୋଗର ସମାଧାନ କରିବା ଲାଗି ଭାରପ୍ରାପ୍ତ କମ୍ପାନୀ ଅଧିକାରୀ ସପ୍ତାହରେ ଥରେ ଏହି ବିଦ୍ୟୁତ୍ ସେବା କେନ୍ଦ୍ରଗୁଡ଼ିକର ପରିଦର୍ଶନ କରିବେ।

ଏ ସମ୍ପର୍କରେ ଟିପିସିଓଡିଏଲ୍‌ର ସିଇଓ ଏମ୍.ସେନ୍‌ବାଗମ୍ କହିଛନ୍ତି, ଏହା ଜରିଆରେ ଆମେ ଗ୍ରାମୀଣ ଗ୍ରାହକମାନଙ୍କ ନିକଟତର ହେବୁ। ଉକ୍ତ ସେବା କେନ୍ଦ୍ରଗୁଡ଼ିକ ଗ୍ରାହକ ଓ ଡିସ୍‌କମ୍ ମଧ୍ୟରେ ରହିଥିବା ଅନ୍ତର ହ୍ରାସ କରିବ। ଆମର ଗ୍ରାମୀଣ ଗ୍ରାହକମାନେ ନିୟମିତ ଭାବେ କମ୍ପାନୀର ଅଧିକାରୀମାନଙ୍କ ପାଖରେ ପହଞ୍ଚିପାରିବେ ବୋଲି ସେନ୍‌ବାଗମ୍ ମତବ୍ୟକ୍ତ କରିଛନ୍ତି।

# ଅରୁନ୍ଧତୀ ଜୁଏଲର୍ସ ପକ୍ଷରୁ ଡାଇମଣ୍ଡ ମହୋତ୍ସବର ଶୁଭାରମ୍ଭ



ହୀରା ଜୁଏଲେରି ଜିଭା କଲେକ୍ସନର ଉନ୍ମୋଚନ ଅବସରରେ ଅରୁନ୍ଧତୀର ବରିଷ୍ଠ ଅଧିକାରୀ ଓ ଅନ୍ୟମାନ ଉପସ୍ଥିତ ଅଛନ୍ତି।

ଭୁବନେଶ୍ୱର,୧୬।୮

ରାଜ୍ୟ ପ୍ରମୁଖ ଜୁଏଲେରି ବ୍ରାଣ୍ଡ୍ ଓ ଚେନ୍ ଷ୍ଟୋର ଅରୁନ୍ଧତୀ ଜୁଏଲର୍ସ ପକ୍ଷରୁ ୭୬ତମ ସ୍ୱାଧୀନତା ଦିବସ ଉପଲକ୍ଷେ 'ଡାଇମଣ୍ଡ ମହୋତ୍ସବ'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ପ୍ରତିବର୍ଷ ପରି ଗ୍ରାହକମାନଙ୍କ ରୁଚିକୁ ଦୃଷ୍ଟିରେ ରଖି ଅତ୍ୟନ୍ତ ସୂକ୍ଷ୍ମ ଓ ଅତ୍ୟାଧୁନିକ ଶୈଳୀରେ ତିଆରି କରାଯାଇଥିବା ଡାଇମଣ୍ଡର ନୂତନ କଲେକ୍ସନ 'ଜିଭା'ର ମଧ ଉନ୍ମୋଚନ କରାଯାଇଥିଲା। ଏହି ନୂତନ କଲେକ୍ସନ 'ଜିଭା'ର ଚାହିଦାକୁ ଦୃଷ୍ଟିରେ ରଖି ଆକର୍ଷଣୀୟ ଅଫର ୨୫% ପର୍ଯ୍ୟନ୍ତ ରିହାତି ସହ ଅରୁନ୍ଧତୀ ଜୁଏଲର୍ସର ସମସ୍ତ ୭ଟି ଶୋ'ରୁମ୍ ରେ ଏହି ନୂତନ ସଂଗ୍ରହ ଉପଲବ୍ଧ କରାଯାଇଛି। ଏହା ସହ ଗ୍ରାହକମାନଙ୍କ ପାଇଁ ଆକର୍ଷଣୀୟ ସର୍ବୋତ୍କୃଷ୍ଟ ଅଫର ଯେଉଁଥିରେ ସୁନାଗହଣାର ଗଢ଼ାମଜୁରି ଉପରେ ୨୦୨୨ ଟଙ୍କାର ରିହାତି ଓ ରୁପା ଗଢ଼ାମଜୁରି ଉପରେ ୫୦% ପର୍ଯ୍ୟନ୍ତ ରିହାତି ରଖାଯାଇଛି। ଏ ସମ୍ପର୍କରେ ଅରୁନ୍ଧତୀ ଜୁଏଲର୍ସର ପରିଚାଳନା ନିର୍ଦ୍ଦେଶକ ବ୍ରହ୍ମାନନ୍ଦ ମେହେର କହିଛନ୍ତି, ଆମର ଏହି ଜିଭା କଲେକ୍ସନ ଆଜିର ନାରୀମାନଙ୍କର ପସନ୍ଦ ଓ ଆବଶ୍ୟକତାକୁ ଧ୍ୟାନରେ ରଖି ଏକ ଉତ୍କୃଷ୍ଟ କଳାକୃତିରେ ପ୍ରସ୍ତୁତ କରାଯାଇଛି। ଏହି ଅବସରରେ ଅରୁନ୍ଧତୀର ଅପରେଶନ ମୁଖ୍ୟ ନିହାର ରଞ୍ଜନ ନନ୍ଦ, ଆଞ୍ଚଳିକ ମୁଖ୍ୟ ନିରଞ୍ଜନ ବେହେରା, ସତ୍ୟନଗର ଷ୍ଟୋର ହେଡ୍ (ଶାଖା ମୁଖ୍ୟ) ମୋହନ ସାହୁଙ୍କ ସମେତ ଲିଟୁ କାଳିଆ ଏବଂ ବାବିଷ୍ଟାନ ସେନାପତି ପ୍ରମୁଖ ଉପସ୍ଥିତ ଥିଲେ।

# ଆଜିଠୁ ୨ଟଙ୍କା ବଢ଼ିବ ଅମୂଲ, ମଦର ଡେରିର ଦୁଗ୍ଧ ମୂଲ୍ୟ

ନୂଆଦିଲ୍ଲୀ,୧୬।୮

ଦେଶର ଲୋକପ୍ରିୟ ଦୁଗ୍ଧ ବ୍ରାଣ୍ଡ ଅମୂଲ ଏବଂ ମଦର ଡେରି ପକ୍ଷରୁ ଦୁଗ୍ଧ ମୂଲ୍ୟ ବୃଦ୍ଧି ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି କ୍ରୟ ମୂଲ୍ୟ ବୃଦ୍ଧି ଯୋଗୁ କ୍ଷତିପୂରଣ ଦେବା ପାଇଁ ବୁଧବାରଠାରୁ ଉଭୟ କମ୍ପାନୀର ଦୁଗ୍ଧ ଲିଟର ପିଛା ୨ ଟଙ୍କା ବୃଦ୍ଧି କରିବାକୁ ନିଷ୍ପତ୍ତି ନିଆଯାଇଛି। ମଦର ଡେରିର ଫୁଲ୍ କ୍ରିମ୍ କ୍ଷୀରର ଲିଟର ପିଛା ୬୧ଟଙ୍କା, ଟୋନ୍‌ଡ୍ କ୍ଷୀରର ମୂଲ୍ୟ ୫୧ଟଙ୍କା ଏବଂ ଡବଲ୍ ଟୋନ୍ କ୍ଷୀରର ଲିଟର ପିଛା ୪୫ଟଙ୍କାକୁ ବୃଦ୍ଧି ପାଇବ ବୋଲି ଜଣାପଡିଛି। ଗାଈ କ୍ଷୀରର ମୂଲ୍ୟ ଲିଟର ପିଛା ୫୩ଟଙ୍କାକୁ ବୃଦ୍ଧି କରାଯାଇଛି। ବଲ୍କ ଭେଣ୍ଡେଡ୍ କ୍ଷୀର (ଟୋକେନ୍ କ୍ଷୀର) ମୂଲ୍ୟ ଲିଟର ପିଛା ୪୬ରୁ ୪୮ ଟଙ୍କାକୁ ବୃଦ୍ଧି କରାଯାଇଛି। ଅମୂଲ ବ୍ରାଣ୍ଡ ଅନ୍ତର୍ଗତ ଏହାର ସମସ୍ତ ଦୁଗ୍ଧ ବ୍ରାଣ୍ଡ୍ ଉପରେ ଲିଟର ପିଛା ୨ଟଙ୍କା ବୃଦ୍ଧି କରାଯାଇଛି।

# 'ଡିସିବି ରେମିଟ୍ ଅନ୍‌ଲାଇନ'

ନୂଆଦିଲ୍ଲୀ,୧୬।୮

ଡିସିବି ବ୍ୟାଙ୍କ ପକ୍ଷରୁ ପ୍ରବାସୀ ଭାରତୀୟଙ୍କ ପାଇଁ ଏକ ଅଭିନବ ସେବାର ଶୁଭାରମ୍ଭ କରାଯାଇଛି। ଏପରିକି ଭାରତର ଯେକୌଣସି ବ୍ୟାଙ୍କଖାତାରୁ ଗ୍ରାହକମାନେ ଇଣ୍ଟରନେଟ୍ ବ୍ୟାଙ୍କିଙ୍ଗ୍ ଜରିଆରେ 'ଡିସିବି ରେମିଟ୍ ଅନ୍‌ଲାଇନ' ସେବାକୁ ବ୍ୟବହାରକରି ଯେକୌଣସି ଦେଶକୁ ଟଙ୍କା ପଠାଇପାରିବେ। ଉକ୍ତ ସେବା ଚଳିତ ବର୍ଷ ଅଗଷ୍ଟ ୩୧ ପରଠାରୁ ଉପଲବ୍ଧ ହେବ। ସେହିଭଳି ପ୍ରିୟଜନଙ୍କ ପାଖକୁ ଅର୍ଥ ପ୍ରେରଣ କରିବାକୁ ଚାହୁଁଥିବା ଗ୍ରାହକମାନଙ୍କୁ କିଛି ଅଧିକ ପ୍ରଦାନ କରିବା ଲାଗି ବ୍ୟାଙ୍କ ପକ୍ଷରୁ ମଧ ସୁବିଧା ସହ ଅଫର ମଧ ପ୍ରଦାନ କରାଯାଇଛି। ଏଥିରେ ପ୍ରତି ୧ ଟଙ୍କାରେ ୧୫ ପଇସା ପର୍ଯ୍ୟନ୍ତ ହାସଲ କରିହେବ। ସେହିପରି ୩,୦୦୦ ରୁ ୧୦,୦୦୦ ଟଙ୍କାର ବିଦେଶୀ ମୁଦ୍ରା ପଠାଇବା ପାଇଁ ଡିସିବି ରେମିଟ୍‌ର ଗ୍ରାହକମାନେ ଡିସିବି ଫେଷ୍ଟ୧୦ କୋଡ୍‌କୁ ଏବଂ ୧୦,୦୦୦ ଟଙ୍କାରୁ ଅଧିକ ବିଦେଶୀ ମୁଦ୍ରା ପାଇଁ ଡିସିବି ଫେଷ୍ଟ୧୫ ବ୍ୟବହାର କରିପାରିବେ। ବିଶେଷକରି ଆମେରିକା, ଅଷ୍ଟ୍ରେଲିଆ, ବ୍ରିଟେନ୍, ୟୁରୋ, ଏସ୍‌ଜିଡି ଓ ସିଏଡି ମୁଦ୍ରାରେ ପାଣ୍ଠି ପଠାଇହେବ। ଅପରପକ୍ଷରେ ଡିସିବି ବ୍ୟାଙ୍କର ଗ୍ରାହକମାନେ ଏକ ଲକ୍ଷ ଟଙ୍କାର ଡଲାର ପର୍ଯ୍ୟନ୍ତ ଟ୍ରାନ୍ସଫର କିମ୍ବା ପଞ୍ଜୀକରଣ କରି ଡିସିବି ରେମିଟ୍ ସେବା ହାସଲ କରିପାରିବେ। ଅଣ ଡିସିବି ବ୍ୟାଙ୍କ ଗ୍ରାହକମାନେ ଆର୍ଥିକ ବର୍ଷରେ ୨୫,୦୦୦ ଟଙ୍କାର ଡଲାର ପଠାଇ ଏହି ସେବା ମଧ ପାଇପାରିବେ। ଡିସିବି ବ୍ୟାଙ୍କରେ ଖାତା ନ ରଖି ମଧ ଭାରତୀୟମାନେ ଡିସିବି ରେମିଟ୍‌କୁ ବ୍ୟବହାର କରିପାରିବେ। ସେମାନଙ୍କୁ ଥରେ ମାତ୍ର ପଞ୍ଜୀକରଣ କରିବାକୁ ପଡ଼ିବ ଏବଂ ଡିସିବି ରେମିଟ୍ ଜରିଆରେ ସେମାନେ ଟଙ୍କା ବିଦେଶ ପଠାଇପାରିବେ।

## ଫୁର୍‌ସତ୍



# ମା' ହେବେ ବିପାଶା

**ମୁମ୍ବାଇ:** ବଲିଉଡ୍ ଇଣ୍ଡଷ୍ଟ୍ରିର ବ୍ଲାକ୍‌ବ୍ୟୁଟି କୁହାଯାଉଥିବା ବିପାଶା ବସୁ ମା' ହେବାକୁ ଯାଉଛନ୍ତି। ତେବେ ଏହା କୌଣସି ଚର୍ଚ୍ଚା ନୁହେଁ, ବରଂ ନିଜେ ବିପାଶା ଏ ଖବର ପ୍ରକାଶ କରିଛନ୍ତି। ମଙ୍ଗଳବାର ନାୟିକା ଜଣକ ନିଜ ଇନ୍‌ଷ୍ଟାଗ୍ରାମରେ ଏକ ଫଟୋ ଶେୟାର କରିଛନ୍ତି, ଯେଉଁଥିରେ ତାଙ୍କ ବେବିବମ୍ପ ଦେଖିବାକୁ ମିଳିଛି। ଗର୍ଭବତୀ ଥିବା ଅବସ୍ଥାର ଏହା ବିପାଶାଙ୍କ ପ୍ରଥମ ଫଟୋ ଯାହା ସର୍ବସମ୍ମୁଖକୁ ଆସିଛି। ଏ ନେଇ ସେ ସ୍ୱତନ୍ତ୍ର ଫଟୋଶୁଟ୍ କରୁଥିବା ଦେଖିବାକୁ ମିଳିଛି। ବିପାଶା ଏକ ଧଳା ସାର୍ଟ ପିନ୍ଧିଥିବାବେଳେ ସ୍ୱାମୀ କରନ ସିଂ ଗ୍ରୋଭର ମଧ ହ୍ୱାଇଟ୍ ଆଉଟ୍‌ଫିଟ୍‌ରେ ଦେଖାଯାଉଛନ୍ତି। ବିପାଶା ଫଟୋ କ୍ୟାପ୍ସନ୍‌ରେ ଲେଖିଛନ୍ତି, ନୂଆ ସମୟ, ନୂଆ ସୋପାନ, ଏକ ନୂତନ ଆଲୋକ ଆମ ଜୀବନରେ ଯୋଡ଼ି ହେବାକୁ ଯାଉଛି। ଆମେ ଦୁଇରୁ ତିନି ହେବାକୁ ଯାଉଥିବା ସେ ଲେଖିଛନ୍ତି।

୨୦୧୫ରେ ଫିଲ୍ମ 'ଏଲୋନ୍'ରେ ଦୁହେଁ ଏକାଠି କାମ କରୁଥିବାବେଳେ ପ୍ରେମରେ ପଡ଼ିଥିଲେ। କିଛିଦିନ ପରସ୍ପରକୁ ଡେଟ୍ କରିବା ପରେ ୨୦୧୬ ଏପ୍ରିଲରେ ବିବାହ ବନ୍ଧନରେ ବାନ୍ଧି ହୋଇଥିଲେ। ଫିଲ୍ମରେ ଏକାଠି କାମ କରିବା ପରେ ସ୍ତ୍ରୀ, ସ୍ୱାମୀ 'ଡେଞ୍ଜରିୟସ୍' ନାମକ ଏକ ୱେବ୍ ସିରିଜ୍‌ରେ ମଧ ଏକାଠି ଦେଖିବାକୁ ମିଳିଥିଲେ। ୨୦୦୧ରେ ଫିଲ୍ମ ଅଜନବୀ ଜରିଆରେ ବିପାଶା ବଲିଉଡ୍‌ରେ ଏଣ୍ଟ୍ରି କରିଥିଲେ। ଜିସ୍ମ, ଧୁମ୍-୨, ଫିର୍ ହେରାଫେରି, ଦମ୍ ମାରୋ ଦମ୍ ଭଳି ଚଳଚ୍ଚିତ୍ରରେ ସେ ଅଭିନୟ କରିଛନ୍ତି। କିନ୍ତୁ ବିପାଶାଙ୍କୁ ଫିଲ୍ମ କ୍ୟାରିୟର୍‌ରୁ ଆଶାନୁରୂପ ସଫଳତା ମିଳିନାହିଁ।

# ଏଲିଅନ୍‌ଙ୍କ ରହସ୍ୟ ଖୋଲିବ ୟୁରୋପା



**ନୂଆଦିଲ୍ଲୀ:** ସୌର ମଣ୍ଡଳର ସବୁଠାରୁ ବୃହତ୍ତମ ଗ୍ରହ ବୃହସ୍ପତିର ବରଫାବୃତ ଚନ୍ଦ୍ର ୟୁରୋପାରୁ ଏଲିଅନ୍‌ମାନଙ୍କ ଖୋଜ୍ କରିବାକୁଯାଉଛି ନାସା। ନାସାର ସଦ୍ୟ ଗବେଷଣା ଅନୁସାରେ ୟୁରୋପାରେ ଜୀବନ ନିର୍ବାହର ସୁଯୋଗ ରହିଛି। ବର୍ତ୍ତମାନ ସମୟରେ ଏଲିଅନ୍‌ମାନଙ୍କ ଅବସ୍ଥିତି ବିଷୟରେ ତଥ୍ୟ ସଂଗ୍ରହ କରିବା ବୈଜ୍ଞାନିକଙ୍କ ପାଇଁ ବଡ଼ ଚ୍ୟାଲେଞ୍ଜ ପାଲଟିଥିବାବେଳେ ୟୁରୋପା ଗବେଷକଙ୍କ ମନରେ ଏ ନେଇ ଆଶା ସଞ୍ଚାର କରିଥିବା କୁହାଯାଇପାରିବ। ଏଲିଅନ୍‌ଙ୍କୁ ନେଇ ଥିବା ବିଭିନ୍ନ ଦ୍ୱନ୍ଦ୍ୱର ସମାଧାନ ୟୁରୋପାରୁ ମିଳିବ ବୋଲି ନାସା ପକ୍ଷରୁ କୁହାଯାଇଛି। ଜଳକଣିକା ମାଧ୍ୟମରେ ସମୁଦ୍ର ଜଳ ସ୍ଥାନାନ୍ତର ହେବା ସହ ପୃଷ୍ଠଭାଗରେ ପହଞ୍ଚୁଥିବା କଲରାଡୋଶ ସାଉଥ୍‌ୱେଷ୍ଟ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟର ମୁଖ୍ୟ ବୈଜ୍ଞାନିକ ଆଲିସା ରୋହେନ୍ କହିଛନ୍ତି। ତେବେ ବରଫ କଣିକାରେ ଜଳର ଅବସ୍ଥିତିର ପ୍ରମାଣ ମିଳିବା ନିହାତିଭାବେ ବୈଜ୍ଞାନିକଙ୍କ ପାଇଁ ଏକ ବଡ଼ ଉପଲବ୍ଧି। ପୃଥିବୀ ପୃଷ୍ଠର ଜଳବାୟୁ ଓ ପାରିପାର୍ଶ୍ୱିକ ସ୍ଥିତି ସହିତ ବୃହସ୍ପତିର ପରିବେଶ ଆଂଶିକ ଭାବେ ସମାନ ହୋଇଥିବାବେଳେ ଏହି ବୃହତ୍ତମ ଗ୍ରହରେ ଜୀବନ ନିର୍ବାହ କରିବା ସମ୍ଭବ ବୋଲି ୟୁ.ସି. ବର୍କଲିର ଆର୍ଥ ଆଣ୍ଡ ପ୍ଲାନେଟୋରୀ ସାଇନ୍ସ ଡିପାର୍ଟମେଣ୍ଟର ଭୌଗୋଳିକବିତ୍ ମାଇକେଲ ମାଙ୍ଗା କହିଛନ୍ତି। ଏଲିଅନ୍‌ମାନଙ୍କ ସ୍ଥିତି ପରଖିବା ପାଇଁ ନାସା ୨୦୨୪ ଅକ୍ଟୋବର ୧୦ରେ 'ୟୁରୋପା କ୍ଲିପର୍' ନାମରେ ଏକ ଅର୍ବିଟର ଲଞ୍ଚ କରିବ, ଯାହା ୟୁରୋପା ବିଷୟରେ ସମସ୍ତ ତଥ୍ୟ ସଂଗ୍ରହ କରିବାରେ ବୈଜ୍ଞାନିକଙ୍କୁ ସାହାଯ୍ୟ କରିବ।

### ୟୁରୋପାର ବିଶେଷତ୍ୱ

୧୬୧୦ ମସିହାରେ ଗାଲିଲିଓ ୟୁରୋପା ଚିହ୍ନଟ କରିବା ସହ ନାମକରଣ କରିଥିଲେ। ଚନ୍ଦ୍ରର ଆକାରଠାରୁ ୟୁରୋପାର ଆକାର ସାମାନ୍ୟ କମ୍। ମୁଖ୍ୟତଃ ସିଲିକେଟ୍ ରକ୍ (ସିଲିକନ୍ ଓ ଅମ୍ଳଜାନ) ଓ ବରଫକୁ ନେଇ ୟୁରୋପା ଗଠିତ। ବୃହସ୍ପତିର ଚନ୍ଦ୍ର କୁହାଯାଉଥିବା ୟୁରୋପା ପାଖାପାଖି ୬୦ରୁ ୧୫୦ କିଲୋମିଟର ଗଭୀର ସମୁଦ୍ର ମଧ୍ୟରେ ଅବସ୍ଥିତି। ଏହାର ଉପରିଭାଗକୁ ୧୫ରୁ ୨୫ କିଲୋମିଟର ବରଫ ଆଚ୍ଛନ୍ନ ହୋଇ ରହିଛି। ୟୁରୋପାର ଆକାର ପୃଥିବୀର ଆକାରର ଏକଚତୁର୍ଥାଂଶ। ପୃଥିବୀ ପୃଷ୍ଠରେ ଥିବା ଜଳର ଦୁଇଗୁଣା ଏଠାରେ ଥିବା ସାଗରରେ ରହିଛି।

# ସାପକୁ କାମୁଡ଼ି ମାରିଦେଲେ

**ଆଙ୍କାରା:** ପ୍ରତ୍ୟେକ ଦିନ ବିଭିନ୍ନ ପ୍ରକାର ଅଜବ ଘଟଣାମାନ ଖବରକାଗଜରେ ପଢ଼ିବାକୁ ମିଳୁଛି। ସେମିତି ଏକ ଆଶ୍ଚର୍ଯ୍ୟକର ଘଟଣା ତୁର୍କୀର କାନ୍ତାରରେ ଦେଖିବାକୁ ମିଳିଛି। ଜଣେ ୨ ବର୍ଷର କୁନି ଝିଅ ସାପକୁ କାମୁଡ଼ି ମାରିଦେଇଛନ୍ତି। ଉକ୍ତ ଖବର ଏବେ ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳାଇ ଦେଇଛି। କୁନି ଝିଅଟି ତା' ପାଟିରେ ସାପ କାମୁଡ଼ି ଧରିଥିବାର ପ୍ରଥମେ ତାଙ୍କ ପଡ଼ୋଶୀ ଦେଖିଥିଲେ। ସେ ଡରିଯାଇ ଚିତ୍କାର କରିବାରୁ କୁନି ଝିଅର ଘରଲୋକେ ଧାଇଁ ଆସିଥିଲେ। ଝିଅଟିର ଏ ପ୍ରକାର କାମକୁ ଯିଏ ଦେଖୁଥାଏ ସେ ଆବାକ୍ ହୋଇଯାଉଥାଏ। ତେବେ ପରିବାର ଲୋକେ ତାଙ୍କୁ ପ୍ରଥମେ ଡାକ୍ତରଖାନା ନେଇଯାଇଥିଲେ। ଚିକିତ୍ସା ପରେ କୁନି ଝିଅଟି ବର୍ତ୍ତମାନ ସୁସ୍ଥ ଥିବା କୁହାଯାଉଛି। ସୂଚନାଯୋଗ୍ୟ, ଘର ପଛପାଖ ବାଡ଼ିରେ କୁନି ଝିଅଟି ପ୍ରଥମେ ସାପ ସହ ଖେଳିଥିଲେ। କିନ୍ତୁ ଯେତେବେଳେ ସାପଟି ବିରକ୍ତ ହୋଇ ଝିଅର ଓଠକୁ କାମୁଡ଼ିଥିଲା ସେତେବେଳେ କୁନିଝିଅଟି ସାପକୁ କାମୁଡ଼ି ମାରି ଦେଇଥିବା କୁହାଯାଉଛି।



# ସ୍କଟ୍‌ଲାଣ୍ଡରେ ମାଗଣା ସାନିଟାରି ନାପ୍‌କିନ୍

**ଇଡିନ୍‌ବର୍ଗ:** ସ୍କଟଲାଣ୍ଡ ବିଶ୍ୱର ପ୍ରଥମ ଦେଶ ଯେ, ମହିଳାମାନଙ୍କୁ ମାଗଣା ସାନିଟାରି ନାପ୍‌କିନ୍ ବାଣ୍ଟିପାକୁ ଯାଉଛି। ପାର୍ଲାମେଣ୍ଟରେ ଏ ନେଇ ବିଲ୍ ପାରିତ ହୋଇସାରିଥିବାବେଳେ ସୋମବାରଠାରୁ ଏହା ଦେଶବ୍ୟାପୀ ଲାଗୁ କରାଯାଇଛି। ଫ୍ରି ସାନିଟାରି ନାପ୍‌କିନ୍ ବଣ୍ଟନ ନେଇ ସ୍କଟଲାଣ୍ଡ ଫାଷ୍ଟ ମିନିଷ୍ଟର ନିକୋଲା ଷ୍ଟରଜିଓନ ଏହି ପଲିସି ଆଣିବା ପାଇଁ ସଂସଦରେ ଦାବି କରିଥିଲେ। ଆଉ ଏବେ ବିଲ୍ ପାରିତ ହେବା ପରେ ଫାଷ୍ଟ ମିନିଷ୍ଟର ଏହାକୁ ପ୍ରଶଂସା କରିଛନ୍ତି। ଦରବୃଦ୍ଧି କାରଣରୁ ଲୋକମାନେ ନିଜର ଆବ୍ୟାକତା ପୂରଣ କରିବାରେ ଏବେ ସକ୍ଷମ ହୋଇପାରୁ ନ ଥିବାବେଳେ ଏଭଳି ଆଇନ ଆଣିବା ଫଳରେ ସାଧାରଣ ଜନତା ଲାଭବାନ୍ ହେବେ ବୋଲି ସାମାଜିକ ନ୍ୟାୟ ସଚିବ ଶୋନା ରୋବିସୋନ କହିଛନ୍ତି। ସରକାରୀ କାର୍ଯ୍ୟାଳୟ ସାଙ୍ଗକୁ ସମସ୍ତ ଶିକ୍ଷାନୁଷ୍ଠାନରେ ସାନିଟାରି ନାପକିନ୍ ମହଜୁଦ ରଖିବାକୁ ଗୃହୀତ ବିଲ୍‌ରେ ଉଲ୍ଲେଖ କରାଯାଇଛି। ମହିଳାଙ୍କୁ ଅଧିକ ସୁବିଧା ଯୋଗାଇଦେବା ପାଇଁ ସରକାର 'ହେ ଗାର୍ଲସ୍' ନାମରେ ଏକ ଆପ୍ ଲଞ୍ଚ କରିବେ, ଯାହାଦ୍ୱାରା ମହିଳା ବା ଯୁବତୀ ସହଜରେ ସାନିଟାରି ନାପ୍‌କିନ୍ ପାଇପାରିବେ।




### ହେ ଗାର୍ଲସ୍ ଆପ୍‌ରେ ଉପଲବ୍ଧ ହେବ ସୁବିଧା

## ପ୍ରଥମ ପୃଷ୍ଠାରୁ...

### ୧୧ ବଳାତ୍କାରୀଙ୍କୁ ...

ଅଞ୍ଚଳକୁ ପ୍ରାଣ ବିକଳରେ ଧାଇଁଥିଲେ। ସେଠାରେ ଥିବା ଏକ ଆଦିବାସୀ ପରିବାରରେ ଆଶ୍ରୟ ନେଇଥିଲେ। ବିଲ୍‌କିସ୍ ଜଣେ ନିରକ୍ଷର ମହିଳା, ଯାହାଙ୍କ ଆର୍ଥିକ ସ୍ଥିତି ଆଦୌ ଭଲ ନ ଥିଲା। ଏହାସତ୍ତ୍ୱେ ସେ ସାହସ ଜୁଟାଇ ପୋଲିସ ନିକଟକୁ ଯାଇ ବଳାତ୍କାର ମାମଲା ରୁଜୁ ଲାଗି ଏତଲା ଦେଇଥିଲେ। ଏହାର ବର୍ଷକ ପରେ ପୋଲିସ ତାଙ୍କ ବୟାନରେ ତାଳମେଳ ନ ଥିବା ଦର୍ଶାଇବାରୁ ମାଜିଷ୍ଟ୍ରେଟ୍ ପ୍ରମାଣ ଅଭାବରୁ ମାମଲା ବନ୍ଦ କରିଦେଇଥିଲେ। ବିଲ୍‌କିସ୍ ଜାତୀୟ ମାନବାଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି)ଙ୍କ ଦ୍ୱାରସ୍ଥ ହେବା ସହ ସୁପ୍ରିମକୋର୍ଟରେ ମଧ୍ୟ ଏକ ପିଟିଶନ ଦାଏର କରିଥିଲେ। ଏନ୍‌ଏଚ୍‌ଆର୍‌ସି ସର୍ବୋଚ୍ଚ ଅଦାଲତରେ ବିଲ୍‌କିସ୍‌ଙ୍କୁ ସମର୍ଥନ କରିଥିଲେ। ୨୦୦୩ ଡିସେମ୍ବରରେ ସୁପ୍ରିମକୋର୍ଟ ଏହି ମାମଲାର ତଦନ୍ତ ଭାର କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ)କୁ ଦେଇଥିଲେ। ୨୦୦୪ ଜାନୁୟାରୀରେ ସିବିଆଇ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଇତିମଧ୍ୟରେ ଅହମଦାବାଦରେ ଶୁଣାଣି ଚାଲିଥିବାବେଳେ ତାଙ୍କୁ ବାରମ୍ବାର ଧମକ ଦିଆଯାଉଥିବାରୁ ସେ ୨ ବର୍ଷରେ ୨୦ ଥର ନିଜ ବାସସ୍ଥାନ ପରିବର୍ତ୍ତନ କରିଥିଲେ। ଶେଷରେ ସେ ଗୁଜରାଟ ବାହାରେ ଏହି ମାମଲାର ଶୁଣାଣି କରିବା ପାଇଁ ସୁପ୍ରିମକୋର୍ଟଙ୍କୁ ନିବେଦନ କରିଥିଲେ। ୨୦୦୪ ଅଗଷ୍ଟରେ ସୁପ୍ରିମକୋର୍ଟ ଏହି ସମ୍ବେଦନଶୀଳ ମାମଲାର ଶୁଣାଣି ଗୁଜରାଟରୁ ମୁମ୍ବାଇକୁ ସ୍ଥାନାନ୍ତର କରିଥିଲେ। ୨୦୦୮ ଜାନୁୟାରୀ ୨୧ରେ ମୁମ୍ବାଇର ସ୍ୱତନ୍ତ୍ର ସିବିଆଇ କୋର୍ଟ ୨୦ ଅଭିଯୁକ୍ତଙ୍କ ମଧ୍ୟରୁ ୧୩ ଜଣଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ। ଟ୍ରାଏଲ୍ କୋର୍ଟ ବଳାତ୍କାର ଓ ହତ୍ୟା ମାମଲାରେ ୧୩ ଦୋଷୀଙ୍କ ମଧ୍ୟରୁ ୧୧ ଜଣଙ୍କୁ ଆଜୀବନ କାରାଦଣ୍ଡାଦେଶ ଦେଇଥିଲେ। ଦୋଷୀ ସାବ୍ୟସ୍ତ ହୋଇଥିବା ବ୍ୟକ୍ତିମାନେ ହେଲେ ଯଶୱନ୍ତ ନାଇ, ଗୋବିନ୍ଦ ନାଇ, ଶୈଳେଶ ଭଟ୍ଟ, ରାଧେଶ୍ୟାମ ଭଗବାନ ଦାଶ ଶାହା, ବିପିନ ଚନ୍ଦ୍ର ଜୋଷୀ, କେଶରଭାଇ ବୋହନିଆ, ପ୍ରଦୀପ ମୋଢ଼ଡ଼ିଆ, ବାକାଭାଇ ବୋହନିଆ, ରାଜୁଭାଇ ସୋନି, ମିତେଶ ଭଟ୍ଟ ଓ ରମେଶ ଚାନ୍ଦନା। ଏହି ଦଣ୍ଡାଦେଶକୁ ପରବର୍ତ୍ତୀ ସମୟରେ ବମ୍ବେ ହାଇକୋର୍ଟ ମଧ୍ୟ ବଳବତ୍ତର ରଖିଥିଲେ। ଏଥିସହ ସ୍ୱାଧୀନତା ପରେ କୌଣସି ଦଙ୍ଗା ସମ୍ପର୍କିତ ବଳାତ୍କାର ମାମଲାରେ ଦୋଷୀଙ୍କୁ ଦଣ୍ଡାଦେଶ ପ୍ରଦାନ କରାଇବାରେ ବିଲ୍‌କିସ୍ ଭାରତର ପ୍ରଥମ ମହିଳା ହେଲେ।

ଦୋଷୀମାନେ ୧୫ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଜେଲ ଦଣ୍ଡ ଭୋଗିସାରିଥିବାରୁ ସେମାନଙ୍କ ମଧ୍ୟରୁ ରାଧେଶ୍ୟାମ ଭଗବାନ ଶାହା ସିଆର୍‌ପିସି ଧାରା ୪୩୨ ଓ ୪୩୩ ଅନୁସାରେ ନିଜ ମୁକ୍ତି ପାଇଁ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଗତ ମେ’ରେ ଶୀର୍ଷ ଅଦାଲତ ଗୁଜରାଟ ସରକାରଙ୍କୁ ତାଙ୍କ ଦଣ୍ଡ କ୍ଷମା ପାଇଁ ଅନୁଧ୍ୟାନ କରିବାକୁ କହିଥିଲେ। ସରକାର ପଞ୍ଚମହଲ ଜିଲାପାଳ ସୁରଜ ମୟତ୍ରାଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରିଥିଲେ। ଉକ୍ତ କମିଟିର ସୁପାରିସ ଅନୁସାରେ ରାଜ୍ୟ ସରକାର ୧୧ ଦୋଷୀଙ୍କୁ ଖଲାସ କରିଥିବା କହିଛନ୍ତି। ମୁକ୍ତ ହେବା ପରେ ୬୩ ବର୍ଷୀୟ ଶୈଳେଶ ଭଟ୍ଟ ସେମାନେ ରାଜନୀତିର ଶିକାର ହୋଇ ଜେଲ ଦଣ୍ଡ ଭୋଗିଥିବା କହିଛନ୍ତି। ମଙ୍ଗଳବାର ଦୋଷୀମାନଙ୍କୁ ନିଙ୍ଗୋର ଗ୍ରାମରେ ଭବ୍ୟ ସ୍ୱାଗତ କରାଯାଇଛି। ବିଲ୍‌କିସ୍‌ଙ୍କ ସ୍ୱାମୀ ୟାକୁବ୍ ରସୁଲ କହିଛନ୍ତି, ଜଣେ ୩ ବର୍ଷର ଝିଅର ମା’ ତଥା ଗର୍ଭବତୀ ମୁସଲମାନ ମହିଳାଙ୍କୁ ବଳାତ୍କାର ଏବଂ ତାଙ୍କ ପରିବାର ସଦସ୍ୟଙ୍କୁ ହତ୍ୟା କରିଥିବା ଅପରାଧୀମାନେ କିପରି ଜେଲ୍‌ରୁ ମୁକୁଳି ଆସିଲେ ତାହା ବିସ୍ମିତ କରିଛି। ଦୋଷୀମାନେ କେବେ କ୍ଷମା ଆବେଦନ କଲେ ଏବଂ କେଉଁ ସରକାର ସେମାନଙ୍କୁ ମୁକ୍ତ କରିଛନ୍ତି ତାହା ଜଣାନାହିଁ। ଏପରି କି ଏନେଇ କୌଣସି ନୋଟିସ ମଧ୍ୟ ମିଳି ନାହିଁ। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଗୁଜରାଟ ସରକାର ୫୦ ଲକ୍ଷ ଟଙ୍କା କ୍ଷତିପୂରଣ ଦେଇଛନ୍ତି। କିନ୍ତୁ ଘର ଓ ପରିବାରର ଜଣକୁ ଚାକିରି ଏଯାଏ ମିଳିନାହିଁ। ସ୍ତ୍ରୀ ଓ ୫ ପୁଅଙ୍କୁ ଧରି ଏଠିସେଠି ଆତ୍ମଗୋପନ କରି ବଞ୍ଚିଛୁ ବୋଲି ୟାକୁବ୍ କହିଛନ୍ତି।

ଏନେଇ କଂଗ୍ରେସ ନେତା ପବନ ଖେରା କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସ୍ୱାଧୀନତା ଦିବସ ଅଭିଭାଷଣରେ ମହିଳା ସଶକ୍ତୀକରଣ କଥା କହୁଥିବାବେଳେ ତାଙ୍କ ରାଜ୍ୟର ଭାଜପା ସରକାର ବଳାତ୍କାରୀ ଓ ହତ୍ୟାକାରୀମାନଙ୍କୁ ମୁକୁଳା ଛାଡ଼ିଦେଇଛନ୍ତି। ଗୁଜରାଟ ସରକାରଙ୍କ ମୁକ୍ତି ନିର୍ଦ୍ଦେଶନାମା ଅପ୍ରତ୍ୟାଶିତ। ଏହା କ’ଣ ଅମୃତ ମହୋତ୍ସବ? ଗୁଜରାଟ ଦଙ୍ଗା ପରେ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ରାଜଧର୍ମ ପାଳନ କରିବାକୁ କହିଥିଲେ। ମୋଦିଙ୍କୁ କଂଗ୍ରେସ ସେହି କଥା ସ୍ମରଣ କରାଇଦେବାକୁ ଚାହେଁ।

### କ୍ରାଇମବ୍ରାଞ୍ଚ ଡିଏସ୍‌ପିଙ୍କ ...

ପାଇଥିଲେ। ଅପରପକ୍ଷେ ନିଜକୁ କଣ୍ଡଦୋରା ଜାତି ଦର୍ଶାଇ ଦୋରା ଚାକିରି କରୁଥିବା ମହାପାତ୍ର ଅଭିଯୋଗ କରିଛନ୍ତି। ସେହିପରି ତତ୍କାଳୀନ ସମ୍ବଲପୁର ଅତିରିକ୍ତ ଏସ୍‌ପି ପଣ୍ଡା ବରଗଡ଼ ତହସିଲ ଅଫିସରୁ ଦୋରାଙ୍କ ଜାତିଗତ ପ୍ରମାଣପତ୍ର ଆଣିଥିବା ତଦନ୍ତ ରିପୋର୍ଟରେ ଉଲ୍ଲେଖ କରିଥିଲେ। ମାତ୍ର ଦୋରାଙ୍କ ନାମରେ ସେଭଳି ଜାତିଗତ ପ୍ରମାଣପତ୍ର ଇସ୍ୟୁ କରାଯାଇ ନ ଥିବା ସୂଚନା ଅଧିକାର ଆଇନ ବଳରେ ଜଣାପଡିଥିଲା। ଏପରିକି ଗତ କିଛିଦିନ ତଳେ କ୍ରାଇମବ୍ରାଞ୍ଚର ଏକ ଟିମ୍ ମଧ୍ୟ ଉକ୍ତ ଘଟଣା ନେଇ ତଦନ୍ତ କରିବାକୁ ବରଗଡ଼ ଗସ୍ତ କରିଥିଲେ। ତେବେ ଦୋରାଙ୍କ ବିରୋଧରେ ମାମଲା ରୁଜୁ ହେବା ପରେ ତାଙ୍କ ପାଇଁ ଅଡୁଆ ବଢିଛି।

# ମା’ ସମ୍ମୁଖରେ ପୁଅକୁ ହାଣିଦେଲେ

- ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲ ଭିତରେ ବୀଭତ୍ସ ହତ୍ୟା
- ପୁଅକୁ ବଞ୍ଚାଇବାକୁ ଯାଇ ମା’ ଆକ୍ରମଣର ଶିକାର

ବଲାଙ୍ଗୀର ଅଫିସ,୧୬।୮

ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲ ଭିତରେ ମଙ୍ଗଳବାର ସକାଳୁ ଏକ ହତ୍ୟାକାଣ୍ଡ ଘଟିଛି। ମା’ ସମ୍ମୁଖରେ ଜଣେ ଯୁବକଙ୍କୁ ଖଣ୍ଡାରେ ହାଣି ୨ ଦୁର୍ବୃତ୍ତ ହତ୍ୟା କରି ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ମୃତକ ହେଲେ ସୁଦପଡା ନିବାସୀ ଅଜୟ ଦୋରା ଓରଫ୍ ଅଜୁ (୨୫)।

ହସ୍ପିଟାଲ କ୍ୟାମ୍ପସ ଚକ୍ଷୁ ଓପିଡି ସେଣ୍ଟର ସମ୍ମୁଖରେ ମୃତ ଅଜୁଙ୍କ ପିତା ରାଧେକୃଷ୍ଣ ଦୋରା ଗତ ୫ ବର୍ଷରୁ ଊର୍ଦ୍ଧ୍ୱ ହେବ ଠେଲାରେ ଇଡଲି ବିକ୍ରି କରିଥାନ୍ତି। ପ୍ରତିଦିନ ସକାଳୁ ଏହି ସ୍ଥାନକୁ ଅଜୁଙ୍କ ପିତା, ମାତା ଜୟନ୍ତୀ ଓ ବଡଭାଇ ରାଜୁ ଆସି ଇଡଲି ବିକ୍ରି କରିଥାନ୍ତି। ମଙ୍ଗଳବାର ଭୋର ୫ଟା୧୫ରେ ଅଜୁ ଏକ ସ୍କୁଟିରେ ତାଙ୍କ ମା ଜୟନ୍ତୀଙ୍କୁ ବସାଇ ନିକଟସ୍ଥ ସୁଦପଡାରୁ ହସ୍ପିଟାଲ ଅଭିମୁଖେ ଆସୁଥିଲେ। ନୂଆକରି ତିଆରି ହୋଇଥିବା ଅକ୍ସିଜେନ୍ ସେଣ୍ଟର ରାସ୍ତାରୁ ପୁରୁଣା ଡାଇରିଆ ୱାର୍ଡ ତଥା ସିକ୍ୟୁରିଟି ଅଫିସ ସମ୍ମୁଖ ଦେଇ ସେ ହସ୍ପିଟାଲରେ ପଶିଥିଲେ। ଏତିକିବେଳେ ସିକ୍ୟୁରିଟି ଅଫିସ ସମ୍ମୁଖ ବୁଲାଣିରେ ଛପି



ଅଜୟ ଦୋରା

ରହିଥିବା ମୁଖାପିନ୍ଧା ଦୁଇ ଦୁର୍ବୃତ୍ତ ଅଜୁଙ୍କୁ ଏକ ଖଣ୍ଡାରେ ଚୋଟ ମାରିଥିଲେ। ଏଥିରେ ସ୍କୁଟିରୁ ଅଜୁ ଓ ତାଙ୍କ ମା’ ଛିଟିକି ପଡିଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ତଳେ ପଡି ଅଜୁ ଛଟପଟ ହେଉଥିବାବେଳେ ଦୁର୍ବୃତ୍ତମାନେ ତାଙ୍କ ମୁଣ୍ଡକୁ ଆଉ ଏକ ଚୋଟ ମାରିଥିଲେ। ଜୟନ୍ତୀ ପୁଅକୁ ବଞ୍ଚାଇବାକୁ ଯିବାବେଳେ ସେ ମଧ୍ୟ ଆକ୍ରମଣର ଶିକାର ହୋଇଥିଲେ। ସେଠାରେ ଥିବା କେତେକ ଲୋକ ମା, ପୁଅଙ୍କୁ କାଜୁଆଲଟି ୱାର୍ଡକୁ ନେଇଥିଲେ। ହେଲେ ସେଠାରେ ଡାକ୍ତର ଅଜୁଙ୍କୁ ମୃତ ଘୋଷିତ କରିଥିଲେ। ଜୟନ୍ତୀ ଏବେ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ହତ୍ୟାକାଣ୍ଡର କାରଣ ସ୍ପଷ୍ଟ ହୋଇ ନ ଥିଲେ ମଧ୍ୟ ଇଡଲି ଠେଲା ଲଗାଇବାକୁ ନେଇ ବଚସା କାରଣରୁ ହୋଇଥିବା କୁହାଯାଉଛି। ତେବେ ଏହି ହତ୍ୟାକାଣ୍ଡ ପଛରେ କଫ୍ ସିରପ ବ୍ୟବସାୟ ଏବଂ ପୂର୍ବଶତ୍ରୁତା ରହିଥିବା ଅନୁମାନ କରି ପୋଲିସ ତଦନ୍ତ ଆରମ୍ଭ କରିଛି। ଟାଉନ୍ ଥାନାରେ ଏ ନେଇ ଏକ ମାମଲା (୪୧୨/୨୨) ରୁଜୁ କରାଯାଇଛି। ହସ୍ପିଟାଲ କ୍ୟାମ୍ପସରେ ଏଭଳି ଏକ ହତ୍ୟାକାଣ୍ଡ ପରେ ହସ୍ପିଟାଲ ଷ୍ଟାଫ୍, ରୋଗୀ, ରୋଗୀ ପରିଜନ ଓ ସହରବାସୀ ଭୟଭୀତ ହୋଇପଡିଛନ୍ତି। ଘଟଣା ସମ୍ପର୍କରେ ଅନୁସନ୍ଧାନ ଆରମ୍ଭ ହୋଇଥିବା ସଦର ଏସଡିପିଓ ତୋଫାନ ବାଗ କହିଛନ୍ତି।

# ମା’ପୁଅଙ୍କ ଝୁଲନ୍ତା ମୃତଦେହ ଜବତ

ଖଡ଼ିଆଳ,୧୬।୮(ଡି.ଏନ.ଏ.)

ନୂଆପଡା ଜିଲା ଖଡ଼ିଆଳ ଥାନା ଅନ୍ତର୍ଗତ ବାଦୀ ଗ୍ରାମର ଏକ ଆମ୍ବଗଛରୁ ସୋମବାର ମା’ ପୁଅଙ୍କ ଝୁଲନ୍ତା ମୃତଦେହ ଜବତ କରାଯାଇଛି। ମୃତ ମା’ ହେଲେ ଗାୟତ୍ରୀ ଅଗସ୍ତି (୬୩) ଓ ପୁଅ ଆଶିଷ ଖମାରୀ (୩୫)। ପୋଲିସ ଘଟଣାସ୍ଥଳରେ ୨ଟି ହାତଲେଖା ଚିଠି, ଗୋଟିଏ ଛତା ଓ ଟୁଲ୍ ଜବତ କରିଛି। ତେବେ ଉଭୟେ ନିଜ ଇଚ୍ଛାରେ ଆତ୍ମହତ୍ୟା କରିଥିବା ଏବଂ ଏଥିରେ ଅନ୍ୟ କାହାର ସମ୍ପୃକ୍ତି ନାହିଁ ବୋଲି ମିଳିଥିବା ହାତଲେଖା ଚିଠିରେ ଉଲ୍ଲେଖ ରହିଥିବା ପୋଲିସ କହିଛି। ଏହା ଆତ୍ମହତ୍ୟା କି ହତ୍ୟା ତଦନ୍ତ ପରେ ଜଣାପଡିବ ବୋଲି ଖଡ଼ିଆଳ ଏସ୍‌ଡିପିଓ ସନ୍ତକ ଜେନା ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ଉଭୟେ ଖଡ଼ିଆଳ ବାସିନ୍ଦା ହୋଇଥିବା ବେଳେ ବଲାଙ୍ଗୀର ଜିଲା ତୁରେକେଲା ଥାନା ଅନ୍ତର୍ଗତ ମହୁଲପାଟି ଗ୍ରାମରେ ଗାୟତ୍ରୀ ଅଙ୍ଗନୱାଡି କର୍ମୀ ଭାବେ କାର୍ଯ୍ୟ କରୁଥିଲେ। ଚାକିରିରୁ ଅବସର ପରେ ୩ ବର୍ଷ ହେବ ବାଦୀ ଗ୍ରାମରେ ଘର ଭଡା ନେଇ ରହୁଥିଲେ। ସେମାନେ ସମସ୍ତଙ୍କ ସହ ମିଶି ରହୁଥିଲେ, କ’ଣ ପାଇଁ ମା’ପୁଅ ଆତ୍ମହତ୍ୟା କଲେ ତାହା ଜାଣାପଡ଼ି ନ ଥିବା ଗ୍ରାମବାସୀଙ୍କଠାରୁ ପ୍ରକାଶ। ଖଡ଼ିଆଳ ପୋଲିସ ଶବ ବ୍ୟବଚ୍ଛେଦ ପରେ ସମ୍ପର୍କୀୟଙ୍କୁ ହସ୍ତାନ୍ତର କରିଥିଲା। ବାଦୀ ଗ୍ରାମବାସୀ ମିଶି ଶବ ଦାହ କରିଥିଲେ। ଏ ନେଇ ଖଡ଼ିଆଳ ଥାନାରେ ୨ଟି ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଉଲ୍ଲେଖନୀୟ ଯେ, ଗାୟତ୍ରୀଙ୍କ ସ୍ୱାମୀ ହରିବନ୍ଧୁ ଖମାରୀଙ୍କ ଏକ ସଡ଼କ ଦୁର୍ଘଟଣାରେ ୩୫ ବର୍ଷ ପୂର୍ବେ ମୃତ୍ୟୁ ଘଟିଛି।


**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION, GAJAPATI, PARLAKHEMUNDI**
**NATIONAL COMPETITIVE BIDDING THROUGH e-Procurement**

No:2740 Dtd: 12.08.2022

**1st Corrigendum to Tender Call Notice**
**Identification No. Online Tender 05/GJP/2022-23**
**T.O. Letter No: 2634 Dtd: 30.07.2022**

**No.O-828:** The tender for the works invited vide Tender Identification No. Online Tender 5/GJP/2022-23 is hereby modified as follows due to unavoidable circumstances. The modification dates are as below:

| Procurement Officer | Bid Identification No. | No. of Works | Availability of Tender online for bidding From | To | Date & Time of Opening of Tender |
|---|---|---|---|---|---|
| 1 | 2 | 3 | 4 | 5 | 6 |
| Superintending Engineer, Rural Works Division, Gajapati | Online Tender 05/GJP/ 2022-23 | 06 (Six) Nos. of Building Works | 20.08.2022 from 10.00 A.M. | 29.08.2022 upto 5.30 P.M. | 30.08.2022 at 11.30 A.M. |

All other contents will remain unchanged.
**Sd./- Superintending Engineer, R.W. Divn., Gajapati**
**OIPR-25158/11/0010/2223**

**GOVERNMENT OF ODISHA, "e"-PROCUREMENT NOTICE**
**WORKS DEPARTMENT**
E-mail:ceworldbankprojects@gmail.com
**1st Corrigendum of Bid Identification No. CE-W.B.P.(O)/13/2022-23**

**No.B-482:** The tender invited for the work "Construction of Bridge on right side approach of TEL Bridge on Tusura-Gudvela road at Ch.3.200 Km in the District of Balangir under NABARD Assistance RIDF-XXVII", Tender ID No.2022_EICCL_79638_1 is hereby cancelled.
**Sd./-Chief Manager,**
**World Bank Project, Odisha**
**OIPR-34003/11/0033/2223**

**OFFICE OF THE ROURKELA MUNICIPAL CORPORATION, ROURKELA**
**INVITATION FOR BID**
**No.10425 Dated 16.8.22**
**Bid Identification No.: MC/RMC/66/2022**

No.C-997:- The Municipal Commissioner, Rourkela Municipal Corporation on behalf of Rourkela Municipal Corporation invites bids for works on percentage rate basis in double cover on online Mode. Bid Identification **No. MC/RMC/66/2022 for 01 No.** Civil work with value of Rs.3.65 Crore.
1. Bid documents will be available in website www.tendersorissa.gov.in from 16.08.2022.
2. Bids must be submitted on "online" on or before 29.08.2022 by 17.00 hours.
3. Bids shall be opened at 11.00 hours on 30.08.2022 in the office of the undersigned in the presence of the bidders or their authorized agents.
4. Other details will be available in the website tendersorissa.gov.in

**Sd./- Municipal Commissioner,**
**Rourkela Municipal Corporation**
OIPR-13131/11/0081/2223

ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ
UTKAL UNIVERSITY OF CULTURE

**UTKAL UNIVERSITY OF CULTURE**
**Sanskruti Vihar, At/PO. Madanpur, Bhubaneswar- 752054**
**E-mail: mailboxuuc@gmail.com**
**Website:www.uuc.ac.in**
**No.1515/UUC, Dated 16.08.2022**

**ADVERTISEMENT FOR FACULTY POSITION**

**No.CAD-1487:** Applications are invited from interested candidates for recruitment of Professors, Associate Professors and Assistant Professors under Utkal University of Culture, Sanskruti Vihar, At/PO-Madanpur, Bhubaneswar-752054, Odisha. For details regarding posts, scale of pay, age, requisite qualifications as well as for application form, please visit University Website www.uuc.ac.in (Recruitment) from 09.9.2022 onwards. The last date of receipt of filled in downloaded application form alongwith API score and other documents is 11.10.2022.

**Sd/-**
**REGISTRAR**
**OIPR-03005/11/0006/2223**

**OFFICE OF THE DFO-CUM-DMU CHIEF**
**BOUDH FOREST DIVISION, Boudh-762014**
**Ph-06841222073, OFSDP, Phase-II, Email-dmuchiefboudh@gmail.com**

**Notice No.01** **Date:16.08.2022**

**CONTRACTUAL ENGAGEMENT FOR THE POSTS IN ODISHA FORESTRY SECTOR DEVELOPMENT PROJECT, PHASE-II**

**No.MM-120:** Divisional Forest Officer-cum-DMU Chief, Boudh invites application from suitable candidate for the following position under Boudh Forest Division for working in the Odisha Forestry Sector Development Project, Phase-II:

| Name of the Division | Name of the DMU/FMU | Name of the Post | Vacancy |
|---|---|---|---|
| Boudh Forest Division | Boudh DMU | Subject Matter Specialist (Livelihood & Rural Financing and Marketing) | 01 |
| | Manamunda FMU | FMU Coordinator (Training & Process Documentation | 01 |

Interested candidates may obtain Terms of Reference (ToR) and the Application Form from O/o the Divisional Forest Officer -Cum- DMU Chief, Boudh during office hours or may download the same from the official website of OFSDP, i.e www.ofsds.in and also from the District Web portal i.e www.boudh.nic.in. Filled in application complete in all respect along with Bank Demand Draft for Rs.500/-(Non-Refundable) in favour of **DFO-Cum-DMU Chief, Boudh** should reach the O/o the Divisional Forest Officer -Cum- DMU Chief, Boudh, At-OFSDP-II, DIVISIONAL MANAGEMENT UNIT(DMU), BOUDH FOREST DIVISION, BOUDH PO/Dist.-Boudh-762014 by Speed Post or Registered Post only on or before **05:00 P.M. on 09.09.2022.**

The undersigned reserves the right to accept or reject any or all application or postpone the selection process without assigning any reason thereof.

**OIPR-08090/11/0004/2223** **Sd./- DFO-Cum-DMU Chief, Boudh Forest Division**

**ପୌରପରିଷଦ କାର୍ଯ୍ୟାଳୟ, ତାଳଚେର**
**ଜିଲ୍ଲା- ଅନୁଗୋଳ**
ଫୋ.ନଂ. (୦୬୭୬୦) ୨୪୦୨୫୯ ଇ-ମେଲ୍ ଆଇ.ଡି.: e.o.talcher@gmail.com
ନଂ.3103/ ତା 12.8.22

**ଟେଣ୍ଡର ନୋଟିସ**

No.C-996:- ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି, ଚଳିତ ବର୍ଷ ଗଣେଶ ପୂଜା- ୨୦୨୨ ଉପଲକ୍ଷେ ତାଳଚେର ପୌରପରିଷଦର ପ୍ରଜାମଣ୍ଡଳ ଭବନ ପଡ଼ିଆଟି ମୀନା ବଜାର ପାଇଁ ତା ୩୧।୦୮।୨୦୨୨ରିଖ ଠାରୁ ତା୧୨।୦୯।୨୦୨୨ରିଖ ପର୍ଯ୍ୟନ୍ତ ଜଉମୁଦ ଟେଣ୍ଡର ଆହ୍ୱାନ କରାଯାଉଅଛି। ଟେଣ୍ଡରରେ ଭାଗନେବାକୁ ଇଚ୍ଛୁକ ଥିବା ବ୍ୟକ୍ତି ତା୧୬।୦୮।୨୦୨୨ରିଖଠାରୁ ତା୨୪।୦୮।୨୦୨୨ରିଖ ଅପରାହ୍ନ ୫.୦୦ ଘଟିକା ମଧ୍ୟରେ (ସରକାରୀ ଛୁଟିଦିନ ବ୍ୟତୀତ) ନିର୍ଦ୍ଦିଷ୍ଟ ଟେଣ୍ଡର ଫର୍ମ ଟ୩୦୦୦/–ଙ୍କା (ତିନି ହଜାର ଟଙ୍କା) ଦାଖଲ କରି ପୌର କାର୍ଯ୍ୟାଳୟରୁ କ୍ରୟ କରିପାରିବେ । ଟେଣ୍ଡର ତା୨୫।୦୮।୨୦୨୨ରିଖ ଦିବା ୧.୦୦ ଘଟିକା ପର୍ଯ୍ୟନ୍ତ ଗ୍ରହଣ କରାଯିବ ଓ ଉକ୍ତ ଦିନ ଅପରାହ୍ନ ଘ୩.୩୦ମି. ସମୟରେ ଟେଣ୍ଡର କମିଟି ଓ ଟେଣ୍ଡରଦାତା କିମ୍ବା ତାଙ୍କର କ୍ଷମତାପ୍ରାପ୍ତ ବ୍ୟକ୍ତିଙ୍କ ଉପସ୍ଥିତିରେ ଖୋଲାଯିବ । ଟେଣ୍ଡର ପକାଇବା ସମୟରେ ପୌରପରିଷଦର ସର୍ତ୍ତାବଳୀ ପାଳନ କରିବେ । ଉକ୍ତ ସର୍ତ୍ତାବଳୀ ପୌର କାର୍ଯ୍ୟାଳୟରେ କାର୍ଯ୍ୟ ଦିବସରେ ଉପଲବ୍ଧ ଅଟେ ।

**ସ୍ୱା./- ନିର୍ବାହୀ ଅଧିକାରୀ, ତାଳଚେର ପୌରପରିଷଦ**
OIPR–13077/11/0024/2223

**ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା**
**(ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର)**
**ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ୟୁନିଟ୍-୮**
**ଭୁବନେଶ୍ୱର-୭୫୧୦୧୨**

ସଂଖ୍ୟା ୧୪୬୦୫/IND-II-PH-1056 ତାରିଖ ୧୨.୦୮.୨୦୨୨
No. CAD-1494

**ବିଜ୍ଞାପନ**

ଏତଦ୍ୱାରା ସମସ୍ତଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆଠମଲ୍ଲିକ ତହସିଲଦାର, ଓଡ଼ିଶାର ଅନୁଗୁଳ ଜିଲ୍ଲା, ଆଠମଲ୍ଲିକ ତହସିଲ ଅନ୍ତର୍ଗତ ଟାଇଁସର ଗ୍ରାମରେ ୧୯.୫୯୫ ହେକ୍ଟର ପରିମିତ ଅଞ୍ଚଳରେସ୍ଥିତ ଟାଇଁସର ବାଲିଘାଟ ନିମନ୍ତେ ରାଜ୍ୟ ପରିବେଶ ପ୍ରଭାବ ମୂଲ୍ୟାଙ୍କନ କର୍ତ୍ତୃପକ୍ଷ [State Environment Impact Assessment Authority (SEIAA)] ଓଡ଼ିଶା ଦ୍ୱାରା ପରିବେଶୀୟ ମଞ୍ଜୁରୀ ନିମନ୍ତେ ଆବଶ୍ୟକ ପଡୁଥିବା ସର୍ବସାଧାରଣ ଶୁଣାଣି ନିମନ୍ତେ ଓଡ଼ିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ଆବେଦନ କରିଛନ୍ତି ।

ଭାରତ ସରକାର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ପରିବେଶୀୟ ମଞ୍ଜୁରୀ ନିମନ୍ତେ ଅଧିସୂଚନା ସଂଖ୍ୟା ଏସ୍.ଓ. ୧୫୩୩ (ଇ), ତା୧୪।୦୯।୨୦୦୬ ଅନୁଯାୟୀ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ଭୁବନେଶ୍ୱରଙ୍କୁ ସର୍ବସାଧାରଣ ଶୁଣାଣି କରିବାର କ୍ଷମତା ପ୍ରଦାନ କରିଛନ୍ତି । ଏଥିନିମନ୍ତେ ବୋର୍ଡ, ସର୍ବସାଧାରଣଙ୍କ ସମେତ ପ୍ରକୃତ ଅଧିବାସୀ, ପରିବେଶୀୟ ସଂସ୍ଥା ଏବଂ ପ୍ରସ୍ତାବିତ ପ୍ରକଳ୍ପ ସ୍ଥାପନ ହେଉଥିବା ସ୍ଥାନରେ ଜନବର୍ଗ, ପ୍ରକଳ୍ପ ଯୋଗୁ ଉଚ୍ଛେଦ ହେଉଥିବା ବାସିନ୍ଦା, ପ୍ରକଳ୍ପ ଯୋଗୁ ପ୍ରଭାବିତ ହେଉଥିବା ବାସିନ୍ଦାମାନଙ୍କଠାରୁ ପ୍ରକଳ୍ପ ସ୍ଥାପନ ଯୋଗୁ ପରିବେଶୀୟ ପ୍ରଭାବ ସମ୍ବନ୍ଧୀୟ ପ୍ରସ୍ତାବ, ମତାମତ, ମନ୍ତବ୍ୟ ଓ ଆପତ୍ତିପତ୍ର ଆହ୍ୱାନ କରୁଛନ୍ତି । ଏଥିନିମନ୍ତେ ବ୍ୟକ୍ତିର ଅର୍ଥ କେବଳ ନିମ୍ନମତେ ବୁଝାଯାଉଛି:

(କ) ପରିବେଶୀୟ ମଞ୍ଜୁରୀ ଦ୍ୱାରା ପ୍ରଭାବିତ ହେଉଥିବା ବା ହେବାକୁ ଥିବା ଯେ କୌଣସି ବ୍ୟକ୍ତି ।
(ଖ) ପ୍ରକଳ୍ପ ସମ୍ବନ୍ଧିତ ପରିବେଶୀୟ ମଞ୍ଜୁରୀ ପାଇଁ ଆଗତ ଦରଖାସ୍ତ ପରିପ୍ରେକ୍ଷୀରେ ତହିଁ ଉପରେ କର୍ତ୍ତୃତ୍ୱ ଜାହିର କରିପାରୁଥିବା କୌଣସି ବ୍ୟକ୍ତିବିଶେଷ।
(ଗ) ପରିବେଶ କ୍ଷେତ୍ରରେ କାର୍ଯ୍ୟ କରୁଥିବା କିମ୍ବା / ଏବଂ ପ୍ରସ୍ତାବିତ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେଉଥିବା (ପଞ୍ଜୀକୃତ ବା ଅଣପଞ୍ଜୀକୃତ) ଯେ କୌଣସି ବ୍ୟକ୍ତି ସମୂହଙ୍କ ସଂଘ ।
(ଘ) ପ୍ରସ୍ତାବିତ ପ୍ରକଳ୍ପର ସ୍ଥାନୀୟ ସୀମାଭୁକ୍ତ ନିକଟବର୍ତ୍ତୀ ଅଞ୍ଚଳରେ ଯେକୌଣସି ସ୍ଥାନୀୟ କର୍ତ୍ତୃପକ୍ଷ ।

ଉପରୋକ୍ତ ବ୍ୟକ୍ତିମାନେ ସେମାନଙ୍କର ପ୍ରସ୍ତାବ, ମତାମତ, ମନ୍ତବ୍ୟ ଏବଂ ଆପତ୍ତି ଇତ୍ୟାଦିକୁ ସଦସ୍ୟ ସଚିବ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାଙ୍କୁ ଲିଖିତ ଆକାରରେ ଏହି ବିଜ୍ଞାପନ ପ୍ରକାଶନର ୩୦ ଦିନ ମଧ୍ୟରେ ରେଜିଷ୍ଟ୍ରି ଡାକଯୋଗେ ଜଣାଇପାରିବେ । ଏହାଛଡା ଉକ୍ତ ପ୍ରସ୍ତାବିତ ପ୍ରକଳ୍ପ ଉପରେ ଲିଖିତ ବା ମୌଖିକ ଭାବେ ମତାମତ ଦେବା ପାଇଁ ଇଚ୍ଛୁକ ବ୍ୟକ୍ତିମାନେ ତା୨୦।୦୯।୨୦୨୨ରିଖ ଦିବା ୦୩.୦୦ ଘଟିକା ସମୟରେ **ଅନୁଗୁଳ ଜିଲ୍ଲା ଆଠମଲ୍ଲିକ ତହସିଲ ଅନ୍ତର୍ଗତ ଟାଇଁସର ଗ୍ରାମରେ** ଧାର୍ଯ୍ୟ ସର୍ବସାଧାରଣ ଶୁଣାଣି ସମୟରେ ମଧ୍ୟ ଉପସ୍ଥାପନ କରିପାରିବେ।

ପ୍ରସ୍ତାବିତ ପ୍ରକଳ୍ପ ବିଷୟରେ ବିଶଦ ଭାବରେ ଜାଣିବା ପାଇଁ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀ (Environmental Impact Assessment) ଏବଂ ଏହାର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ନିମ୍ନଲିଖିତ ସ୍ଥାନମାନଙ୍କରେ ମିଳିପାରିବ ।

୧. ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, **ଅନୁଗୁଳ** ।
୨. ଜିଲ୍ଲା ଶିଳ୍ପକେନ୍ଦ୍ର, **ଅନୁଗୁଳ**।
୩. ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ, **ଅନୁଗୁଳ**।
୪. ମୁଖ୍ୟ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ଭୁବନେଶ୍ୱର–୭୫୧୦୧୨ ।
୫. ଆଞ୍ଚଳିକ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, **ଅନୁଗୁଳ**।
୬. ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର ।

ଏତଦ୍‌ବ୍ୟତୀତ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ୱେବ୍‌ସାଇଟ www.ospcboard.orgରୁ ମଧ୍ୟ ମିଳିପାରିବ।

ଏ ବିଷୟରେ ସବିଶେଷ ବିବରଣୀ ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ଆଞ୍ଚଳିକ କାର୍ଯ୍ୟାଳୟ, **ଅନୁଗୁଳ**ସ୍ଥିତ ଆଞ୍ଚଳିକ ଅଧିକାରୀ କିମ୍ବା ଭୁବନେଶ୍ୱରସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ସଦସ୍ୟ ସଚିବଙ୍କ ସହ ଯୋଗାଯୋଗ କରାଯାଇପାରେ।

**OIPR-08012/11/0210/2223** **ସ୍ୱା./–ସଦସ୍ୟ ସଚିବ**

Government of Odisha
**Information & Public Relations Department**
**Lok Sampark Bhawan, Bhubaneswar**

No.9507/ I&PR, Bhubaneswar, Dated: 16.08.2022
(IPR-AVP-MISC-0027-2020)
No.Z-34:-

**SHORT TENDER CALL NOTICE**

1. Sealed tenders are invited from the registered manufacturer / firms for purchase of AV/ Photo equipments **during the financial year 2022-23**.
2. Name of items along with detailed technical Specifications, probable requirements against each item may be seen from the website of I & PR Department www.inpr.odisha.gov.in / website of Odisha Govt. http://www.odisha.gov.in. The quantity may vary during indent of the items depending upon budgetary allocation.
3. The detail tender documents may be downloaded from the website of I&PR Department / website of Odisha Government.
4. Last date for receipt of sealed tender on **dtd. 06.09.2022 upto 5.00 P.M.**
5. Date for opening of sealed tenders / technical bids & financial bids on dtd. 07.09.2022 at 03.30 P.M. in the Office of the **Director, I&PR, Lok Sampark Bhawan, Unit-V, Pin- 751001**.
6. **Bidders data sheet:**

| Sl. No. | Particular | Details |
|---|---|---|
| 1 | Name of the Client | Director, I &PR Department, Govt. of Odisha |
| 2 | Method of Selection | Least Cost Based Selection (LCBS) Method (L-1) |
| 3 | Short Tender Call Notice Due Date | **Dtd. 06.09.2022 upto 5.00 P.M.** |
| 4 | Address for Submission of Proposal | The Director, Information & Public Relations Department, Government of Odisha, Lok Sampark Bhawan, Unit-V, Bhubaneswar, Odisha- 751001, Telephone No.-2394890, E mail: iprenews@gmail.com<br>Mode of submission : Speed Post/ Registered Post / Courier only to the address as specified above during the office hours only. Submission of bid through other mode and late bid will be rejected. |

OIPR-15001/11/0112/2223 **Sd./- Director, I&PR**

**COLLECTORATE, MALKANGIRI**
**(SPORTS SECTION)**
**Tender Call Notice No.244** **Date:16.08.22**

**SHORT TENDER CALL NOTICE**

**No.TT-13:** Sealed Quotations/ Tender are hereby invited from the intending reputed Suppliers/ Firms / Agencies for supply of Sports uniform / Shoes material with shocks & Game equipment Etc. for Sports Hostel, Malkangiri. The intending Suppliers are requested to submit their sealed quotation on or before 02-09-2022 by 3.00 P.M. through Regd. Post/ Speed Post only in the Office of the Coach-in-charge, Sports Hostel, Malkangiri, At-Sports Complex, PO/Dist- Malkangiri, Pin-764048. The sealed Quotation will be opened on the same day at 4.30 P.M. by the purchasing committee in presence of the tenderers or their authorized representatives in the Office Chamber of Addl. Dist. Magistrate, Malkangiri. The details terms & conditions of the Tender Paper will be available in the Office of the Coach-in-charge, Sports Hostel, Malkangiri with effect from the date of Publication of the advertisement & for details it can be downloaded from website NIC, Collectorate, Malkangiri. (www.malkangiri.nic.in).

**Sd./- District Sports Officer, Malkangiri**
**OIPR-29017/11/0002/2223**

## ସଂକ୍ଷେପରେ

### ୮ ଜଣଙ୍କୁ ଆଜୀବନ କାରାଦଣ୍ଡ
### ସିଙ୍ଗିରି ସରପଞ୍ଚଙ୍କୁ ହତ୍ୟା ମାମଲା

କେନ୍ଦ୍ରାପଡ଼ା ଅଫିସ/ ଆଳି, ୧୬।୮ (ଡି.ଏନ୍.ଏ.): କେନ୍ଦ୍ରାପଡ଼ା ଜିଲାର ବହୁଚର୍ଚ୍ଚିତ ଆଳି ଥାନା ସିଙ୍ଗିରି ସରପଞ୍ଚ ଚିତ୍ରସେନ ଦାସଙ୍କ ହତ୍ୟା ମାମଲାର ଶୁଣାଣି ମଙ୍ଗଳବାର ଶେଷ ହୋଇଛି। ୨୦୧୬ର ଏହି ମାମଲା (ଥାନା କେସ୍ ନଂ.୧୪୫/୧୬)ରେ ଜିଲା ଦୌରାଜଜ୍ ଗୋପାଳ ଚରଣ ବେହେରା ୮ ଜଣଙ୍କୁ ଆଜୀବନ କାରାଦଣ୍ଡ ଦେଇଛନ୍ତି। ଏଥିସହ ପ୍ରତ୍ୟେକଙ୍କୁ ଜରିମାନା ବାବଦ ୧୦ ହଜାର ଓ ଅନାଦେୟ ଗୋଟିଏ ବର୍ଷ ଲେଖାଏଁ ଅତିରିକ୍ତ ଦାରାଦଣ୍ଡ ପାଇଁ ରାୟରେ ଉଲ୍ଲେଖ କରିଛନ୍ତି। ପବ୍ଲିକ ପ୍ରସିକ୍ୟୁଟର ମାନସ ରଞ୍ଜନ ବେହେରାଙ୍କ ସୂଚନା ଅନୁଯାୟୀ, ଚିତ୍ରସେନ ତତ୍କାଳୀନ ସମୟରେ ସରପଞ୍ଚ ଥିଲେ। ତାଙ୍କର ବେଲାରି ଗ୍ରାମର ସୁମନ୍ତ ଦାସଙ୍କ ସହିତ ପୂର୍ବରୁ ଶତ୍ରୁତା ଥିଲା। ଏପରି କି ଚିତ୍ରସେନଙ୍କ ଘର ଉପରକୁ ସୁମନ୍ତ ବୋମା ଫୋପାଡ଼ିବା ଅଭିଯୋଗ ହୋଇଥିଲା। ଏଥିରେ ସେ ଜୀବନ ସୁରକ୍ଷା ପାଇଁ ପୋଲିସର ସହଯୋଗ ଲୋଡ଼ିଥିଲେ। ୨୦୧୬ ଜୁନ୍ ୮ରେ ଚିତ୍ରସେନ ଘରୁ ଆଳି ଯାଉଥିବା ବେଳେ ଚଣ୍ଡିବଜାର ଛକରେ ସୁମନ୍ତ, ସିଙ୍ଗିରି ଗ୍ରାମର କ୍ଷୀରୋଦ ଦାସ, ସଚ୍ଚିଦାନନ୍ଦ ପୃଷ୍ଟି, ବସନ୍ତ ସେଠୀ, ଅଳିହାର ପୀତାମ୍ବର ନାୟକ, ବେଲାରିର ଆଶିଷ ଦାସ, ରାଉତାର ସୁମନ୍ତ ପାଢ଼ୀ ଓ ମହାସାହାଣୀ ଗାଁର ବିଜୟ ନାୟକ ମରଣାନ୍ତକ ଆକ୍ରମଣ କରିଥିଲେ। ଏହି ଆକ୍ରମଣରେ ଚିତ୍ରସେନଙ୍କ ମୃତ୍ୟୁ ହୋଇଥିଲା। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ସୃଷ୍ଟି ହେବା ସହ କଟକ-ଚାନ୍ଦବାଲି ରାସ୍ତାକୁ ଚଣ୍ଡିବଜାରଠାରେ ଅବରୋଧ କରି ଲୋକେ ଆନ୍ଦୋଳନ କରିଥିଲେ। ଏହି ମାମଲାକୁ ୨୦୧୬ ଅଗଷ୍ଟ ୨୯ରେ କ୍ରାଇମବ୍ରାଞ୍ଚକୁ ହସ୍ତାନ୍ତର ହୋଇଥିଲା। ଏଥିସହ ତତ୍କାଳୀନ ଆଇଆଇସି ନୀଳକଣ୍ଠ ପାତ୍ରଙ୍କ ବଦଳି କରାଯାଇଥିଲା। ଏହି ମାମଲାରେ ମୋଟ ୩୯ ଜଣଙ୍କ ସାକ୍ଷ୍ୟ ଗ୍ରହଣ କରାଯାଇଥିବା ପିପି ବେହେରା ସୂଚନା ଦେଇଛନ୍ତି।

### ୧୫୦ ଲୋକଙ୍କୁ ସ୍ଥାନାନ୍ତର

ବାଲିଆ,୧୬।୮(ସ୍ୱ.ପ୍ର.): ବିରିଡି ବ୍ଲକର ଦେବୀ ନଦୀ ଓ ବିଲୁଆଖାଇ ନଦୀର ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି। ଏନେଇ ବ୍ଲକ ପ୍ରଶାସନ ସଜାଗ ରହିଥିବା ବେଳେ ନଦୀ କୂଳରେ ବସବାସ କରୁଥିବା ଉତ୍ତରଶାସନ ପଞ୍ଚାୟତ ଅନ୍ତର୍ଗତ ସାମଲ ସାହିର ୧୫୦ ଜଣ ଲୋକଙ୍କୁ ସ୍ଥାନାନ୍ତର କରାଯାଇଛି। ବ୍ଲକ ପ୍ରଶାସନ ନଦୀ ତଟ ଅଞ୍ଚଳ ବୁଲି ଦେଖିବା ସହ ସେମାନଙ୍କୁ ସେଠାରୁ ସ୍ଥାନାନ୍ତର କରିନେବାକୁ ସରପଞ୍ଚ ସୁରେନ୍ଦ୍ର ଶତପଥୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ଉକ୍ତ ପରିବାରଗୁଡ଼ିକୁ ସ୍ଥାନାନ୍ତର କରଯାଇ  କଲ୍ୟାଣ ମଣ୍ଡପ ଗୃହ ପରିସରରେ ରଖାଯାଇଛି।

### ପଞ୍ଚାୟତ ଅଫିସରୁ ଭତ୍ତା ଟଙ୍କା ୯୦ ହଜାର ଚୋରି

ପାରାଦୀପ,୧୬।୮(ସ୍ୱ.ପ୍ର.): ପାରାଦୀପ ଲକ୍‌ଥାନା ନୂଆଗଡ ପଞ୍ଚାୟତ ଅଫିସରେ ସୋମବାର ରାତିରେ ୯୦ ହଜାର ଟଙ୍କା ଚୋରି ହୋଇଯାଇଛି। ଏନେଇ ପଞ୍ଚାୟତ ନିର୍ବାହୀ ଅଧିକାରୀ ପ୍ରସନ୍ନ ଦାସ ମଙ୍ଗଳବାର ଥାନାରେ ଅଭିଯୋଗ କରିଛନ୍ତି। ଏ ନେଇ ଥାନାରେ ମାମଲା (ନଂ.୨୪୬/୨୨)ରୁଜୁ କରାଯାଇଛି। ଅପରାହ୍ନରେ ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ ଟିମ୍ ସହାୟତାରେ ଘଟଣାସ୍ଥଳରେ ଯାଞ୍ଚ କରାଯାଇଛି। ପଞ୍ଚାୟତ ଅଫିସର ଆଲମିରା ଭିତରେ ଭତ୍ତା ପାଇଁ ଆସିଥିବା ୯୦ ହଜାର ଟଙ୍କା ଥିଲା। ସୋମବାର ସ୍ୱାଧୀନତା ଦିବସ ଛୁଟି ଥିବାରୁ ଟଙ୍କା ବଣ୍ଟନ ହୋଇ ନ ଥିଲା। କୌଣସି ଦୁର୍ବୃତ୍ତ ଆଲମିରା ତାଲା ଭାଙ୍ଗି ଉକ୍ତ ଟଙ୍କା ନେଇଯାଇଥିବା ଦର୍ଶାଯାଇଛି।

### ସବୁଠି ଉଡ଼ିଲା ତ୍ରିରଙ୍ଗା

ପାରାଦୀପ,୧୬।୮(ସ୍ୱ.ପ୍ର.)ପାରାଦୀପ ବନ୍ଦର ଶିଳ୍ପାଞ୍ଚଳର ବିଭିନ୍ନ ସ୍ଥାନରେ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ପାରାଦୀପ ବନ୍ଦର ପ୍ରଶାସନ ପକ୍ଷରୁ ନୂଆବଜାର ଗୋପବନ୍ଧୁ ଷ୍ଟାଡିୟମରେ ଆୟୋଜିତ ପ୍ୟାରେଡ଼ରେ ଅଧକ୍ଷ ପି.ଏଲ ହାରାନ୍ଧ ପତାକା ଉତ୍ତୋଳନ କରି ସମବେତ ପ୍ୟାରେଡରେ ଅଭିବାଦନ ଗ୍ରହଣ କରିଥିଲେ। ସେହିପରି ତୈଳ ବିଶୋଧନାଗାର ପକ୍ଷରୁ ନିର୍ବାହୀ ନିର୍ଦ୍ଦେଶକ ଭି.ଏସ ଜୈନ ପତାକା ଉତ୍ତୋଳନ କରିଥିଲେ। ପିପିଏଲ ପକ୍ଷରୁ ସିଏମଓ ପ୍ରଣବ ଭଟ୍ଟାଚାର୍ଯ୍ୟ, ଇଫକୋରେ ନିର୍ଦ୍ଦେଶକ କେ.ଜେ ପଟେଲ,  ଜେଏସଡବ୍ଲ୍ୟୁ ପକ୍ଷରୁ ବରିଷ୍ଠ ଅଧିକାରୀ ବିଭୁପ୍ରସାଦ ନନ୍ଦ ପତାକା ଉତ୍ତୋଳନ କରିଥିଲେ। ପୌରପାଳିକା ପକ୍ଷରୁ ଅଧକ୍ଷ ବସନ୍ତ ବିଶ୍ୱାଳ ,ପୋର୍ଟ ବଣିକସଂଘ ପକ୍ଷରୁ ସଭାପତି ସନ୍ତୋଷ କୁମାର ପଟ୍ଟନାୟକ ପତାକା ଉତ୍ତୋଳନ କରିଥିଲେ। ସଂଖ୍ୟାଲଘୁ ସମ୍ପ୍ରଦାୟ ଆଜାଦ ଭାରତ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ବଡପଡିଆ ଠାରେ ପତାକା ଉତ୍ତୋଳନ କରାଯାଇଥିଲା। ସଭାପତି ଅବଦୁଲ ଇନ୍ତେକାମ ଓ ଅନ୍ୟମାନେ ଏଥିରେ ସାମିଲ ହୋଇଥିଲେ।

# ଦେବୀ ନଦୀ ବନ୍ଧ ବିପଦସଙ୍କୁଳ, ଲୋକେ ଆତଙ୍କିତ

### ଜଗତ୍‌ସିଂହପୁର ଜିଲାରେ ବନ୍ୟା ଭୟ

ଜଗତ୍‌ସିଂହପୁର ଅଫିସ, ୧୬।୮

ଲଘୁଚାପଜନିତ ଲଗାଣ ବର୍ଷା ପ୍ରଭାବରେ ଜଗତ୍‌ସିଂହପୁର ଜିଲାର ବ୍ୟାପକ ଅଞ୍ଚଳ ଜଳମଗ୍ନ ହୋଇଯାଇଛି। ଏରସମା, ବାଲିକୁଦା ଓ କୁଜଙ୍ଗ ଆଦି ବ୍ଲକର ତଳିଆ ଅଞ୍ଚଳ ବିଶେଷ ଭାବେ ପ୍ରଭାବିତ ହୋଇଛି। କେତୋଟି ଗାଁ ଜଳବନ୍ଦୀ ଥିବାବେଳେ ବର୍ଷା ଜଳ ଅନେକ ଲୋକଙ୍କ ପ୍ରଭୁତ କ୍ଷତି କରିଛି। ଅନ୍ୟପକ୍ଷେ ମହାନଦୀ, ପାଇକା ଓ ଦେବୀ ନଦୀରେ ବନ୍ୟାଜଳ ପ୍ରବେଶ କରିଛି। ଏହାଦ୍ୱାରା ଏକାଧିକ ସ୍ଥାନରେ ଦୁର୍ବଳ ଥିବା ନଦୀବନ୍ଧ ପ୍ରତି ବିପଦ ସୃଷ୍ଟି ହୋଇଛି। ଜିଲା ସଦର ମହକୁମାଠାରୁ ମାତ୍ର ୬ କିମି ଦୂର ଆଳିପିଙ୍ଗଳ ନିକଟବର୍ତ୍ତୀ ଦେବୀ ନଦୀ ବନ୍ଧର ଏକାଧିକ ସ୍ଥାନରେ ମୁଷା ଓ କୋକିଶିଆଳି ଗାତ ରହିଛି। ଯାହାଦ୍ୱାରା ବନ୍ୟା ଜଳ ଏହି ଗାତରେ ପଶି ଘାଇ କରିବାର ଭୟ ସୃଷ୍ଟି କରିଛି। ଏ ସମ୍ପର୍କରେ କୋଳର, ଫୁଲାର, କୋରୁଆ ଆଦି ଗ୍ରାମର ଲୋକେ କହିଛନ୍ତି, ପାଖାପାଖି ୨ ମାସ ପୂର୍ବରୁ ସେମାନଙ୍କ ସୂଚନା ଆଧାରରେ ଜଳ ସମ୍ପଦ ବିଭାଗର ଯନ୍ତ୍ରୀ ଓ କର୍ମଚାରୀମାନେ ନଦୀ ବନ୍ଧ ପରିଦର୍ଶନରେ ଆସିଥିଲେ। ସେମାନଙ୍କୁ ମୁଷା ଓ କୋକିଶିଆଳିଙ୍କ ଦ୍ୱାରା କରାଯାଇଥିବା ଗାତ ଦେଖାଯିବା ସହ ବର୍ଷାଦିନେ ବିପଦ ଥିବା ଦର୍ଶାଯାଇଥିଲା। କର୍ମଚାରୀମାନେ ଛୋଟ ଗାତ ଖୋଳି ବଡ କରିବା ସହ ଏକାଧିକ କୋକିଶିଆଳି ଧରିଥିଲେ। ସେତେବେଳେ ଏହାକୁ ନେଇ ଆଲୋଚନା ଜୋର ଧରିଥିଲା। ତେବେ ଖୁବ୍‌ଶୀଘ୍ର ଗାତ ବନ୍ଦ କରାଯାଇ ନଦୀ ବନ୍ଧକୁ ସୁରକ୍ଷା ଦିଆଯିବ ବୋଲି ବିଭାଗୀୟ ଯନ୍ତ୍ରୀମାନେ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ପ୍ରତିଶ୍ରୁତି ପାଣିର ଗାର ହୋଇଛି। ଏହା ଉପରେ କୌଣସି ପଦକ୍ଷେପ ଗ୍ରହଣ କରା ନ ଯିବାରୁ ଏବେ ଏହି ଗାତ ଭୟ ସୃଷ୍ଟି କରିଛି। ବନ୍ୟା ଜଳ ଏହି ଗାତରେ ପସି ଘଳିଆ ସୃଷ୍ଟି କରିଛି। ଏଥିଯୋଗୁ ଆଖପାଖ ଗ୍ରାମର ଲୋକେ ଭୟଭୀତ ହୋଇ ପଡିଛନ୍ତି। ଜଳସମ୍ପଦ ବିଭାଗ ପକ୍ଷରୁ କେବଳ ଉପରଠାଉରିଆ ଭାବେ ବାଲିବସ୍ତା ଓ ପଲିଥିନ ମହଜୁଦ କରି ରଖାଯାଇଛି। ଜଣେ ମାତ୍ର ଖଲାସୀ ଉପସ୍ଥିତ ରହିଥିବାରୁ ଲୋକେ ଭୟଭୀତ ହୋଇପଡିଛନ୍ତି। ସମ୍ଭାବ୍ୟ ପରିସ୍ଥିତିକୁ ଏଡାଇବା ପାଇଁ ଅର୍ଥାତ୍ ଘଳିଆ ବନ୍ଦ ପାଇଁ ବାଲିବସ୍ତା ପକାଯାଉଛି। ଖବର ଲେଖାହେବା ବେଳକୁ ନଦୀ ଜଳ କେତୋଟି ଗାତ ଛୁଇଁ ଥିବାରୁ ନିକଟବର୍ତ୍ତୀ ଗ୍ରାମର ସହସ୍ରାଧିକ ଲୋକ ଆତଙ୍କିତ ଅବସ୍ଥାରେ ଅଛନ୍ତି। ଯେହେତୁ ଏହି ସ୍ଥାନ ଜିଲା ମୁଖ୍ୟାଳୟଠାରୁ କମ୍ ଦୂରରେ ତେଣୁ ଜଗତ୍‌ସିଂହପୁର ସହର ଓ ଆଖପାଖ ଅଞ୍ଚଳର ଲୋକେ ମଧ୍ୟ ଚିନ୍ତାରେ ପଡିଛନ୍ତି। କେବଳ ଆଳିପିଙ୍ଗଳ ନୁହେଁ, ଜଗତ୍‌ସିଂହପୁର ଜଳସମ୍ପଦ ବିଭାଗ ଅଧିକ ନଦୀ ବନ୍ଧଗୁଡିକର ବିଭିନ୍ନ ସ୍ଥାନରେ ଅନୁରୂପ ପରିସ୍ଥିତି ସୃଷ୍ଟି ହୋଇଛି। ଏ ସମ୍ପର୍କରେ ସ୍ଥାନୀୟ ଅଞ୍ଚଳର କେତେକ ବୁଦ୍ଧିଜୀବୀ ପ୍ରତିକ୍ରିୟାରେ କହିଛନ୍ତି ଜଳସମ୍ପଦ ବିଭାଗ ଯନ୍ତ୍ରୀ ଓ ଠିକାଦାରଙ୍କ ସଲାସୁତରାରେ ନଦୀ ଓ କେନାଲ ବନ୍ଧ ମରାମତି, ପୁନରୁଦ୍ଧାର ଆଳରେ ବହୁ ଟଙ୍କା ଆତ୍ମସାତ ହୋଇଛି।



କୋଳର ନିକଟ ଦେବୀ ନଦୀବନ୍ଧ ଘଳିଆରେ ବାଲିବସ୍ତା ପକାଯାଉଛି ।

# ରାସ୍ତାରେ ୪ ଫୁଟ ଉଚ୍ଚର ପାଣି



କୋରକୋରା ଖରିପଡ଼ିଆ ରାସ୍ତାରେ ୪ ଫୁଟ ଉଚ୍ଚର ପାଣି ଚାଲୁଛି ।

ରଘୁନାଥପୁର,୧୬।୮(ଡି.ଏନ୍.ଏ.)

ରଘୁନାଥପୁର ବ୍ଲକ ତଥା ପଞ୍ଚାୟତର କୋରକୋରାଠାରୁ ଜଗନ୍ନାଥପୁର ପଞ୍ଚାୟତ ଖରିପଡ଼ିଆକୁ ସଂଯୋଗ କରୁଥିବା ରାସ୍ତା ଉପରେ ୪ ଫୁଟ ଉଚ୍ଚର ପାଣି ଲହଡା ମାରୁଛି। ଫଳରେ କୋରକୋରା ଗ୍ରାମ ସହ ମହାଦେବତୋଳା, ପଣ୍ଡୁଆ ଓ ପଦ୍ମପୁର ଗ୍ରାମବାସୀ ଯାତାୟତ ପାଇଁ ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। ଉକ୍ତ ରାସ୍ତାଟି ପାଇକା ସଫେଇ ମଧ୍ୟ ଦେଇ ୨ ଗ୍ରାମକୁ ସଂଯୋଗ କରିଛି। ଲୋକଙ୍କ ଯାତାୟତ ପାଇଁ ପାଇକା ସଫେଇରେ ବ୍ରିଜ୍ ଥିଲେ ସୁଧା ଏହା ପାଣିରେ ବୁଡି ରହିଛି। ପାଇକା ସଫେଇଟି କନ୍ଦରପୁରରୁ ବାହାରି କୂଳସାହି ଠାରେ ମହାନଦୀରେ ମିଶିଛି। ମହାନଦୀରେ ବନ୍ୟାଜଳ ବୃଦ୍ଧି ପାଉଥିବାରୁ ପାଇକା ସଫେଇ ଶେଷମୁଣ୍ଡରେ ଥିବା ନିଷ୍କାସନ ପଥ ଗେଟକୁ ବନ୍ଦ କରାଯାଇଛି। ଫଳରେ ବିଲବାଡିରୁ ନିଗୁଡୁଥିବା ବର୍ଷାଜଳ ପାଇକା ସଫେଇରେ ମିଶୁଥିବା ଯୋଗୁ ଜଳସ୍ତର ବଢ଼ିବାରେ ଲାଗିଛି। ଏନେଇ ଲୋକଙ୍କ ଚିନ୍ତା ବଢ଼ିଯାଇଛି।

# ୮୦୯ ଗାଁର ୫ ହଜାର ଲୋକ କ୍ଷତିଗ୍ରସ୍ତ

**ଜଗତ୍‌ସିଂହପୁରରେ ବର୍ଷା, ବନ୍ୟାର ପ୍ରଭାବ**

- ଆଶ୍ରୟସ୍ଥଳକୁ ଗଲେ ୧୧୯୧ ଜଣ
- ୫୯୦୨ ଗୋ ସମ୍ପଦ, ୧୪ ହଜାର ହେକ୍ଟର ଧାନ ଓ ୬୮ ହେକ୍ଟର ଉଦ୍ୟାନ କୃଷି ପ୍ରଭାବିତ
- କୁଜଙ୍ଗରେ ୯ଟି ରାସ୍ତା, ୫ ପୋଲ, ୨୦ ବିଦ୍ୟାଳୟ ଜଳମଗ୍ନ

ଜଗତ୍‌ସିଂହପୁର ଅଫିସ, ୧୬।୮

ମହାନଦୀର ଉପରମୁଣ୍ଡ ଓ ତଳିଆ ଅଞ୍ଚଳରେ ଲଘୁଚାପଜନିତ ଲଗାଣ ବର୍ଷା ଯୋଗୁ ଜଗତ୍‌ସିଂହପୁର ଜିଲା ପ୍ରଭାବିତ ହୋଇଛି। ମହାନଦୀ ଓ ଏହାର ଶାଖା ଯଥା ବିଲୁଆ ଖାଇ, ଦେବୀ, ପାଇକା ଆଦି ନଦୀରେ ବନ୍ୟାଜଳ ପ୍ରବାହିତ ଯୋଗୁ ବିପଦ ବଢିବାରେ ଲାଗିଛି। ଖବର ଲେଖାହେଲା ବେଳକୁ ଜିଲାର ୮୦୯ଟି ଗ୍ରାମର ୫,୧୨୬ ଜଣ ଲୋକ କ୍ଷତିଗ୍ରସ୍ତ ହୋଇଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଏହି ସଂଖ୍ୟା ବଢିବାର ସମ୍ଭାବନା ରହିଛି। କେବଳ ଏତିକି ନୁହେଁ, ଜଗତ୍‌ସିଂହପୁର ପୌରାଞ୍ଚଳର ୭ଟି ୱାର୍ଡର ଲୋକ ପ୍ରଭାବିତ ହୋଇଛନ୍ତି। ଜିଲାର ୧୧୯୧ ଜଣ ଲୋକଙ୍କୁ ୫ଟି ବହୁମୁଖୀ ବାତ୍ୟା ଓ ବନ୍ୟା ଆଶ୍ରୟସ୍ଥଳକୁ ସ୍ଥାନାନ୍ତର କରାଯାଇ ଶୁଖିଲା ଓ ରନ୍ଧା ଖାଦ୍ୟ ଦିଆଯାଉଛି। ଜିଲାରେ ୫୯୦୨ଟି ଗୋସମ୍ପଦ ବନ୍ୟା ଦ୍ୱାରା ପ୍ରଭାବିତ ହୋଇଛନ୍ତି। ଆନୁମାନିକ ୧୪,୨୨୫ ହେକ୍ଟର ଧାନ ଓ ୬୮ ହେକ୍ଟର ଉଦ୍ୟାନ କୃଷି ପ୍ରଭାବିତ ହୋଇଛି। ମଙ୍ଗଳବାର ଜିଲାପାଳ ପାରୁଲ ପଟାୱରୀଙ୍କ ଦ୍ୱାରା ବନ୍ୟାର ମୁକାବିଲା ସମ୍ପର୍କିତ ସମୀକ୍ଷା ବୈଠକରେ ଏହା କୁହାଯାଇଛି। ଏକଥା ମଧ୍ୟ ସୂଚନା ଦିଆଯାଇଛି, କ୍ଷତିଗ୍ରସ୍ତ ଅଞ୍ଚଳରେ ୧୦ଟି ଡାକ୍ତରୀ ଓ ୧୩ଟି ପ୍ରାଣୀ ସମ୍ପଦ ବିଭାଗ ଡାକ୍ତର ଦଳ ନିୟୋଜିତ ହୋଇଛନ୍ତି। ୨ଟି ସରକାରୀ ଓ ୫ଟି ବେସରକାରୀ ବୋଟରେ ପ୍ରଭାବିତ ଲୋକ ଓ ଗୋରୁଗାଈଙ୍କୁ ସ୍ଥାନାନ୍ତର କାର୍ଯ୍ୟରେ ନିୟୋଜିତ କରାଯାଉଛି। ଗୋ ସମ୍ପଦ ପାଇଁ ୧୦ କୁଇଣ୍ଟାଲ ଗ୍ରୀନ୍ ଫୁଡ ବଣ୍ଟନ କରାଯାଉଛି। ବିପନ୍ନ ଲୋକଙ୍କ ପାଇଁ ୧୬.୭୭ କୁଇଣ୍ଟାଲ ଚୁଡା ଓ ୩.୪୬ କୁଇଣ୍ଟାଲ ଗୁଡ କ୍ଷତିଗ୍ରସ୍ତ ଅଞ୍ଚଳରେ ବଣ୍ଟନ କରାଯାଇଛି। କୁଜଙ୍ଗ ବ୍ଲକରେ ୯ଟି ରାସ୍ତା, ୫ଟି ପୋଲ, ୨୦ଟି ବିଦ୍ୟାଳୟ ଓ ଗୋଟିଏ କଲ୍ୟାଣ ମଣ୍ଡପ ଜଳମଗ୍ନ ହୋଇଛି। ଜଗତ୍‌ସିଂହପୁର ଜିଲା ପ୍ରଶାସନ ପଅରୁ ବନ୍ୟା ସମ୍ବନ୍ଧୀୟ ୨୪ ଘଣ୍ଟିଆ ଜରୁରୀକାଳୀନ ନିୟନ୍ତ୍ରଣ କକ୍ଷ ଖୋଲାଯାଇଛି। ନିୟନ୍ତ୍ରଣ କକ୍ଷକୁ ଯୋଗାଯୋଗ ପାଇଁ ଫୋନ୍ ନଂ. ୦୬୭୨୪-୨୨୦୩୬୮କୁ କଲ୍ କରିବାକୁ କୁହାଯାଇଛି। ବରିଷ୍ଠ ଅଧିକାରୀମାନେ ଜିଲାର ବିଭିନ୍ନ ଅଞ୍ଚଳର ପରିଦର୍ଶନ କରି ତଦାରଖ କରୁଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

### ବନ୍ୟା ପ୍ରଭାବିତ ଅଞ୍ଚଳରେ ବିଦ୍ୟାଳୟ ବନ୍ଦ ନିଷ୍ପତ୍ତି

ଜଗତସିଂହପୁର ଅଫିସ, ୧୬।୮

ଜଗତସିଂହପୁର ଜିଲାର କିଛି ସ୍ଥାନରେ ବର୍ଷା ଯୋଗୁ ସାଧାରଣ ଜୀବନ ଯାତ୍ରା ବ୍ୟାହତ ହୋଇଛି। ମହାନଦୀ ଓ ଦେବୀ ନଦୀର ଜଳସ୍ତର ବୃଦ୍ଧି ପାଇବା ସହ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ବିପଦ ଆଶଙ୍କାକୁ ଦୃଷ୍ଟିରେ ରଖି ବନ୍ୟା ପ୍ରଭାବିତ ଅଞ୍ଚଳରେ ବୁଧବାର ପର୍ଯ୍ୟନ୍ତ ବିଦ୍ୟାଳୟ ବନ୍ଦ ରଖିବାକୁ ଜିଲାପାଳ ପାରୁଳ ପଟୱାରି ବ୍ଲକ ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ବିଦ୍ୟାଳୟଗୁଡିକରେ ଥିବା ମୂଲ୍ୟବାନ ସାମଗ୍ରୀ, ବୈଦ୍ୟୁତିକ, ଇଲେକ୍ଟ୍ରୋନିକ ସାମଗ୍ରୀ, କାଗଜପତ୍ର, ମଧ୍ୟାହ୍ନ ଭୋଜନ ଚାଉଳ ଆଦି ସୁରକ୍ଷିତ ରଖିବା ପାଇଁ ପଦକ୍ଷେପ ନେବାକୁ ନିର୍ଦ୍ଦେଶନାମା ଜାରି କରିଛନ୍ତି।



ପ୍ରାଣୀ ଚିକିତ୍ସା ବିଭାଗ ପକ୍ଷରୁ ବନ୍ୟାଞ୍ଚଳ ପରିଦର୍ଶନ କରାଯାଉଛି ।

# ଦଳେଇଘାଇରେ ବିପଦ ସଙ୍କେତ ସ୍ଥିତି ଅନୁଧ୍ୟାନ କଲେ ମୁଖ୍ୟମନ୍ତ୍ରୀ

ବିରିଡି/ବାଲିଆ, ୧୬।୮। (ଡି.ଏନ.ଏ)

ବିରିଡି ବ୍ଲକ ଅଧୀନ ବିଲୁଆଖାଇ କେନାଲ ସବଡିଭିଜନ ବାଲିଆ ଅଧିନରେ ରହିଛି ଓଡିଶାର ସର୍ବ ବୃହତ ଦଳେଇ ଘାଇ। ଏଠାରେ ବିପଦ ସଙ୍କେତ ୫୭ ଫୁଟ ଥିବା ବେଳେ ମଙ୍ଗଳବାର ଦିନ ୧୦ଟା ସୁଦ୍ଧା ୫୯ ଫୁଟ ରହିଥିଲା । ବର୍ତ୍ତମାନ ଜଗତସିଂହପୁର ଜିଲାର ପ୍ରାୟ ସବୁ ନଦୀରେ ବନ୍ୟା ଜଳ ପ୍ରବାହିତ ହେଉଛି । ଏହାକୁ ନିୟନ୍ତ୍ରଣ କରିବା ଲାଗି ପୂର୍ବରୁ ଏଠାରେ ନିୟୋଜିତ ଥିବା ଅଭିଜ୍ଞ ଯନ୍ତ୍ରୀ ତଥା ବର୍ତ୍ତମାନର ରେଙ୍ଗାଲି ମୁଖ୍ୟ ଯନ୍ତ୍ରୀ ବିଜୟ କୁମାର ସାମଲଙ୍କୁ ରାଜ୍ୟ ସରକାର ଜଗତସିଂହପୁର ପଠାଇଛନ୍ତି। ମୁଖ୍ୟ ଯନ୍ତ୍ରୀ ସାମଲ ଦଳେଇଘାଇରେ ପହଞ୍ଚି ବନ୍ୟା ସ୍ଥିତି ଅନୁଧ୍ୟାନ କରିଥିଲେ । ସେ କହିଛନ୍ତି, ଆଗ ତୁଳନାରେ ଦଳେଇଘାଇର ବନ୍ଧ ସୁଦୃଢ଼ ରହିଛି । ଆଉ ଏଠାରେ ଅଧିକ ୨ ଫୁଟ ବନ୍ୟାଜଳ ପ୍ରବାହିତ ହେବାର ସମ୍ଭାବନା ରହିଛି। ସେହିପରି ୨୨ ମୌଜାକୁ ଘେରି ରହିଥିବା ବିଲୁଆଖାଇ ନଦୀ ଦକ୍ଷିଣ ପାର୍ଶ୍ୱ ବନ୍ଧର ମଙ୍ଗୁଲି ମଲ୍ଲିକ ସାହି, ବଣ୍ଡୁଆ ସାହି, ଚାଷୀଖଣ୍ଡ ଓ ମଇଁନ୍ଦିପୁର ଠାରେ ନଦୀ ବନ୍ଧ କଟାଯାଇ ହୋଇଥିବା ଗଡାଗୁଡିକ ମରାମତି ନ ହୋଇ ମୁକୁଳା ହୋଇ ପଡିଥିବା ମୁଖ୍ୟଯନ୍ତ୍ରୀଙ୍କ ନଜରକୁ ଅଣାଯାଇଥିଲା । ଏହି ମୌଜାର ଉଦ୍‌ବୃତ୍ତ ଜଳ ନିଷ୍କାସନ ପାଇଁ ଜଳ ସମ୍ପଦ ବିଭାଗ ପକ୍ଷରୁ ସ୍ଲୁଇସ୍ ଗେଟ୍ ମରାମତି ହୋଇ ନଥିବା ଯୋଗୁ ବନ୍ୟାଜଳ ଗେଟ୍ ବାଟ ଦେଇ ବାରଡିଆ, ନଈଁଲ, ଗେଲପୁର, ଡିହସାଇବିରି, ରହମ୍ମା, ବଳପୁର ଓ ନହରବାରି ଆଦି ଗ୍ରାମର ଚାଷ ଜମିରେ ଜମା ହୋଇଛି  ବୋଲି ଲୋକେ ମୁଖ୍ୟଯନ୍ତ୍ରୀଙ୍କୁ ଜଣାଇଥିଲେ। ଜଗତସିଂହପୁର ଜଳସେଚନ ବିଭାଗ ନିର୍ବାହୀ ଯନ୍ତ୍ରୀ ପ୍ରତାପ ଶତପଥୀ,ବିଲୁଆ ଖାଇ କେନାଲ ସବଡିଭିଜନର ସହକାରୀ ନିର୍ବାହୀ ଯନ୍ତ୍ରୀ ରବୀନ୍ଦ୍ର ସେଠୀ ଓ ବୈଦ୍ୟନାଥ ଦାଶ ପ୍ରମୁଖ ଉପସ୍ଥିତ ଥିଲେ । ଜଗତସିଂହପୁର ଏଡିଏମ୍ ସଚ୍ଚିଦାନନ୍ଦ ସାହୁ ବ୍ଲକର ଦଳେଇଘାଇ, ଉତ୍ତର ଶାସନର ସାମଲ ସାହି, ୨୨ ମୌଜା ଉକୁନ୍ଦରା ପଞ୍ଚାୟତର ଅଳିପଡା ଗ୍ରାମ ପରିଦର୍ଶନ କରି ଫେରିଛନ୍ତି।

# ବରପୁତ୍ରଙ୍କ ଯୋଗୁ ଜଗତ୍‌ସିଂହପୁର ଗର୍ବିତ

ଜଗତ୍‌ସିଂହପୁର ଅଫିସ, ୧୬।୮

ଜଗତ୍‌ସିଂହପୁର ଜିଲାର ନବକୃଷ୍ଣ ଚୌଧୁରୀ, ମାଳତୀ ଦେବୀ, ଗୋପବନ୍ଧୁ ଚୌଧୁରୀ, ପ୍ରାଣକୃଷ୍ଣ ପଢିହାରୀ, ଭାଗୀରଥି ମହାପାତ୍ର ଓ ରମାଦେବୀଙ୍କ ତ୍ୟାଗପୁତ ଜୀବନ ସ୍ୱାଧୀନତା ଆନ୍ଦୋଳନକୁ ଆଗେଇ ନେଇଥିଲା। ପ୍ରାଣକୃଷ୍ଣ ପରିଜା ତାଙ୍କ ବୈଜ୍ଞାନିକ ପ୍ରତିଭାର ପାଦ ଚିହ୍ନ ଛାଡି ଯାଇଛନ୍ତି। ସୋମବାର ସ୍ଥାନୀୟ ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମ ପରିସରରେ ୭୬ତମ ଜିଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ ଅବସରରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଜିଲାପାଳ ପାରୁଲ ପଟୱାରୀ ଏହା କହିଛନ୍ତି। ସେ ଜାତୀୟ ପତାକା ଉତ୍ତୋଳନ କରିବା ସହ ଅଭିବାଦନ ଗ୍ରହଣ ପରେ ଉପସ୍ଥିତ ଲୋକଙ୍କୁ ସମ୍ବୋଧନ କରି ଏ କଥା ମଧ୍ୟ  କହିଥିଲେ ଏ ମାଟିର ବରପୁତ୍ର ଓ କାଳଜୟୀ ସ୍ରଷ୍ଟାଙ୍କ ପାଇଁ ଜଗତ୍‌ସିଂହପୁର ଆଜି ବିଶ୍ୱବନ୍ଦ୍ୟ। ଶୁଦ୍ରମୁନୀ ଶାରଳା ଦାସ, ଡ.ପରିଜାଙ୍କ ଭଳି ବୈଜ୍ଞାନିକ ପାଇଁ ଆମେ ଆଜି ଗର୍ବିତ ବୋଲି କହିଥିଲେ। ସ୍ୱାଧୀନତା ପରେ ବିଭିନ୍ନ କ୍ଷେତ୍ରରେ ବିଶେଷକରି ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ବାଣିଜ୍ୟ, ଶିଳ୍ପ ଅଭିବୃଦ୍ଧି ଆଦି ବହୁବିଦ୍ଧ ଜନକଲ୍ୟାଣକାରୀ ଯୋଜନା ପ୍ରଣୟନ ହୋଇଛି। ପ୍ରାକୃତିକ ଦୁର୍ବିପାକ ଓଡ଼ିଶାର ଚିରଶତ୍ରୁ। ତଥାପି ତାକୁ ମୁକାବିଲା କରିବାରେ ଆମ ଦକ୍ଷତା ଆଜି ବିଶ୍ୱ ଦରବାରରେ ପ୍ରଶଂସନୀୟ ବୋଲି ଜିଲାପାଳ କହିଥିଲେ। କାର୍ଯ୍ୟକ୍ରମ ଆରମ୍ଭରୁ ଅତିରିକ୍ତ ଏସ୍‌ପି ଉମେଶ କୁମାର ପଣ୍ଡା ମୁଖ୍ୟଅତିଥିଙ୍କୁ ପତାକା ସ୍ତମ୍ଭ ନିକଟକୁ ପାଛୋଟି ନେଇଥିଲେ। ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ ଯୁଗ୍ମ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରୀ ବିଦିଶା ପ୍ରଧାନ ଓ ପ୍ରିୟଦର୍ଶନୀ ସାହୁଙ୍କୁ ମୁଖ୍ୟଅତିଥି ପଞ୍ଚଜନ୍ୟ ସାଂସ୍କୃତିକ ଓ ସାମାଜିକ ପରିଷଦ ପକ୍ଷରୁ ପ୍ରଦତ୍ତ ଜଣକା ୧୫୦୦ ଟଙ୍କା ଲେଖାଏ, ପ୍ରମାଣ ପତ୍ର ଓ ଟ୍ରପି ପ୍ରଦାନ କରିଥିଲେ। ଜିଲାରେ କୋଭିଡ୍ ସଂକ୍ରମଣକୁ ପ୍ରତିରୋଧ କରିବା ଓ କୋଭିଡ ରୋଗୀଙ୍କୁ ଚିକିତ୍ସା କରିବାରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଜଲା ସଦର ମହକୁମା ଚିକିତ୍ସାଳୟ ଡାକ୍ତର, ନର୍ସ, ପାରା ମେଡିକାଲ ଷ୍ଟାଫ, ଜଗତ୍‌ସିଂହପୁର ଓ ପାରାଦୀପ ପୌର ପରିଷଦ ପରିମଳ କର୍ମଚାରୀଙ୍କୁ ମୁଖ୍ୟଅତିଥି ସମ୍ବର୍ଦ୍ଧିତ କରିଥିଲେ।



ଜିଲାସ୍ତରୀୟ ସ୍ୱାଧୀନତା ଦିବସରେ ଜିଲାପାଳ ଅଭିବାଦନ ଗ୍ରହଣ କରୁଛନ୍ତି ।

ବିରିଡି/ବାଲିଆ (ଡି.ଏନ.ଏ)

ବିରିଡି ବ୍ଲକ କାର୍ଯ୍ୟାଳୟରେ ଅଧକ୍ଷା ମମତା ପାତ୍ର ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଜାତୀୟ ପତାକା ଉତ୍ତୋଳନ କରିଥିଲେ । ତହସିଲ କାର୍ଯ୍ୟାଳୟରେ ତହସିଲଦାର ସହଦେବ ସାହୁ ପତାକା ଉତ୍ତୋଳନ କରିଥିଲେ ।ସେହିପରି ବ୍ଲକର ଅନ୍ୟାନ୍ୟ ସରକାରୀ କାର୍ଯ୍ୟାଳୟ ଓ ପୋଷ୍ଟ ଅଫିସରେ ପତାକା ଉତ୍ତୋଳନ କରାଯାଇଥିଲା ।

### ୭୬ ତମ ଜିଲାସ୍ତରୀୟ ସ୍ୱାଧୀନତା ଦିବସ

କୁଜଙ୍ଗ,(ଡି.ଏନ୍.ଏ.):

କୁଜଙ୍ଗର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। କୁଜଙ୍ଗ ଜୁଡିସିଆଲ୍ କମ୍ପ୍ଲେକ୍ସରେ ଅତିରିକ୍ତ ଜିଲା ଓ ଦୌରାଜଜ୍ ପାର୍ଥସାରଥୀ ପଟ୍ଟନାୟକ ପତାକା ଉତ୍ତୋଳନ କରି ଅଭିବାଦନ ଗ୍ରହଣ କରିଥିଲେ। ତହସିଲ କାର୍ଯ୍ୟାଳୟ ପରିସରରେ ତହସିଲଦାର ପ୍ରୀତିପର୍ଣ୍ଣା ମିଶ୍ର, ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ସମିତି ଅଧ୍ୟକ୍ଷା ନୀନାରାଣୀ ସାହୁ ପତାକା ଉତ୍ତୋଳନ କରିଥିଲେ।

ଏରସମା,(ସ୍ୱ.ପ୍ର.):

ଏରସମା ପଞ୍ଚାୟତସ୍ଥିତ ଅମୃତ ସରୋବର ନିକଟରେ ଅନୁଷ୍ଠିତ ସ୍ୱାଧୀନତା ଦିବସ କାର୍ଯ୍ୟକ୍ରମରେ ବାଲିକୁଦାଏରସମା ବିଧାୟକ ରଘୁନନ୍ଦନ ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପତାକା ଉତ୍ତୋଳନ କରିଥିଲେ। ଏରସମା ବ୍ଲକ କାର୍ଯ୍ୟାଳୟ ପରିସରରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ଲକ୍ଷ୍ମୀ ପ୍ରିୟା ମହାପାତ୍ର ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ । ବିଡିଓ କୈଳାସ ଚନ୍ଦ୍ର ବେହେରା ଏଥିରେ ସଭାପତିତ୍ୱ କରିଥିଲେ।

ନାଉଗାଁ,(ସ୍ୱ.ପ୍ର)

ନାଉଗାଁ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଉପାଧ୍ୟକ୍ଷ ସୁଜିତ ପୁହାଣ, ତହସିଲ କାର୍ଯ୍ୟାଳୟରେ ତହସିଲଦାର ଜେ.କଳ୍ପନା ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସେହିପରି ନାଉଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଡ. ମାନସ ରଞ୍ଜନ ମହାପାତ୍ର, ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟରେ ଅଧ୍ୟକ୍ଷ ଡ. ଚାଇନା ପ୍ରଧାନ,ନାଉଗାଁ ଥାନାରେ ଆଇଆଇସି ଅନିରୁଦ୍ଧ ନାୟକ ପ୍ରମୁଖ ପତାକା ଉତ୍ତୋଳନ କରିଥିଲେ।

ରଘୁନାଥପୁର,(ଡି.ଏନ୍.ଏ.)

ରଘୁନାଥପୁର ପଞ୍ଚାୟତସମିତିରେ ଏବିଡ଼ିଓ ଅଶୋକ ମହାନ୍ତିଙ୍କ ପରିଚାଳନାରେ ତିର୍ତ୍ତୋଲ ବିଧାୟକ ବିଜୟ ଶଙ୍କର ଦାସ ପତାକା ଉତ୍ତୋଳନ କରିଥିଲେ। ତାରପୁର ପଞ୍ଚାୟତ କାର୍ଯ୍ୟାଳୟରେ ପିଇଓ ବିଶ୍ୱଜିତ ମହାପାତ୍ରଙ୍କ ସହଯୋଗରେ ସରପଞ୍ଚ ସୁଷମା ମଲ୍ଲିକ, ଚିର୍କିଣିଆରେ ସରପଞ୍ଚ ବିଷ୍ଣୁ ଚରଣ ସେଠି, ବିଦ୍ୟାଧରପୁରରେ ସରପଞ୍ଚ ସାହେଦା ତବସୁମ ପ୍ରମୁଖ ପତାକା ଉତ୍ତୋଳନ କରିଥିଲେ ।ସେହିପରି ବିଭିନ୍ନ ସରକାରୀ କାର୍ଯ୍ୟାଳୟ,ସ୍କୁଲ ଓ କଲେଜରେ ସ୍ୱାଧୀନତା ଦିବସ ପାଳନ କରାଯାଇଥିଲା।

# ବନ୍ୟା ସମୟରେ ପ୍ରାଣୀଙ୍କ ଯତ୍ନ



ଡା. ବୀରକିଶୋର ପରିଡ଼ା




ବର୍ତ୍ତମାନ ଆମ ରାଜ୍ୟରେ ଲଘୁଚାପଜନିତ ବର୍ଷା ଯୋଗୁ କେତେକ ପ୍ରମୁଖ ନଦୀରେ ବନ୍ୟା ଆଶଙ୍କା ସୃଷ୍ଟି ହୋଇଛି। ତେଣୁ ବର୍ଷା ଦିନେ ବନ୍ୟାର ଆଶଙ୍କା ଦେଖାଦେଲେ ଆମେ ନିଜ ପ୍ରତି ଏବଂ ପ୍ରାଣୀଙ୍କ ଜୀବନ ପ୍ରତି ସତର୍କ ରହିବା ନିହାତି ଜରୁରୀ। ତେବେ ଏହି ସମୟରେ ଯେଉଁ କେତୋଟି ବିଷୟ ପ୍ରତି ସଚେତନ ରହିବାକୁ ପଡ଼େ ସେ ସମ୍ପର୍କରେ ଏଠାରେ ସୂଚିତ କରାଯାଉଛି।

ନଦୀରେ ଅଧିକ ପାଣି ଆସିବା ଖବର ଜାଣିବା ପାଇଁ ନିୟମିତ ବ୍ୟବଧାନରେ ଟିଭି ଦେଖନ୍ତୁ, ରେଡିଓ ଶୁଣନ୍ତୁ ଏବଂ ଦୈନିକ ଖବରକାଗଜ ମଧ ପଢ଼ନ୍ତୁ। ବନ୍ୟା ସମୟରେ ପ୍ରତି କୂଅରେ ବ୍ଲିଚିଂ ପାଉଡର, ଚୂନ ବା ଫିଟିକିରି ପକାଇ କୂଅ ପାଣିକୁ ବିଶୋଧନ କରନ୍ତୁ। କାରଣ ଏହି ସମୟରେ ପାଣିରେ ବିଭିନ୍ନ ପ୍ରକାର ଜୀବାଣୁ ନିଜର ବଂଶ ବିସ୍ତାର କରିଥାଆନ୍ତି। ଏଭଳି ପାଣି ପିଇଲେ ଉଭୟ ମନୁଷ୍ୟ ଏବଂ ପ୍ରାଣୀଙ୍କଠାରେ ପେଟଜନିତ ରୋଗ ସୃଷ୍ଟି ହୋଇଥାଏ। ତେଣୁ ଏହି ସମୟରେ କେବଳ ଶୁଷ୍କ ସ୍ଥାନରେ ଥିବା ନଳକୂପ କିମ୍ବା ବିଶୋଧିତ କୂଅର ପାଣି ବ୍ୟବହାର କରିବା ଆବଶ୍ୟକ। ଖାସ୍ କଥା ହେଲା ଏହି ସମୟରେ ପାଣିକୁ ୨୦ ମିନିଟ୍ ପର୍ଯ୍ୟନ୍ତ ଫୁଟାଇ କିମ୍ବା ନିର୍ଦ୍ଦିଷ୍ଟ ମାତ୍ରରେ ହାଲୋଜେନ୍ ବଟିକା ପକାଇ ପିଇବା ଜରୁରୀ। ନଡ଼ା ବା ପାଳକୁ ସର୍ବଦା ଶୁଖିଲା ସ୍ଥାନରେ ରଖିବାକୁ ଚେଷ୍ଟା କରନ୍ତୁ। କାରଣ ବର୍ଷା କିମ୍ବା ବନ୍ୟା ସମୟରେ ନଡା ବା ପାଳ ପଚି ଶଢ଼ି ନଷ୍ଟ ହେବାର ଆଶଙ୍କା ଥାଏ। ଏପରିକି ଅଳ୍ପ ପାଣି ବାଜିଲେ ବି ସେଗୁଡିକ ଫିମ୍ପି ମାରିଯାଏ। ଯଦି ଏହି ଫିମ୍ପିମରା ବା ପଚାଶଢ଼ା ନଡ଼ା ଗୋରୁ ଖାଇବେ, ତେବେ ସେମାନେ ଅକାଳରେ ମୃତ୍ୟୁବରଣ କରିବେ। ତେଣୁ ଏବେଠାରୁ ନଡ଼ା ବା ପାଳକୁ ଶୁଷ୍କ ସ୍ଥାନରେ ଗଦା ମାରି ପଲିଥିନ ଚାଦରରେ ଘୋଡାଇ ରଖନ୍ତୁ। ଗୁହାଳର ଉପରି ଭାଗରେ ମାଣ୍ଡୁରେ ସାଇତି ରଖିପାରିବେ। ସେହିଭଳି ଘରେ ଥିବା ଦାନା ବା କୁଣ୍ଡାକୁ ଉଚ୍ଚ ଶୁଖିଲା ସ୍ଥାନରେ ରଖନ୍ତୁ, ଯେପରି କି ସେଗୁଡ଼ିକ ବର୍ଷା ଛିଟିକାରେ ଭିଜି ନ ଯାଏ। କାରଣ ନଡ଼ା, କୁଟା, କୁଣ୍ଡା ଦାନାରେ ପାଣି ପଡ଼ିଲେ ତାହା ଫିମ୍ପି ମାରିଯାଏ। ଫଳରେ ଏଥିରେ କବକ ବା ଫିମ୍ପି ସୃଷ୍ଟି ହେବା ଯୋଗୁ ସେଥିରୁ ଏକ ବିଷ ବା ଆଫଲାଟକ୍ସିନ୍ ନିର୍ଗତ ହୋଇ ଖାଦ୍ୟକୁ ବିଷରେ ପରିଣତ କରିଦିଏ। ସେଥିପାଇଁ କେବଳ ଉଷୁମ ବା ସଦ୍ୟ ତଟକା ଖାଦ୍ୟ କିମ୍ବା ମାଛି ବସି ନ ଥିବା ବା ଗମୁରିଆ ଉକୁଣିଆ ପୋକ ହୋଇ ନ ଥିବା ଖାଦ୍ୟ ପ୍ରାଣୀଙ୍କୁ ଖାଇବାକୁ ଦେବା ଆବଶ୍ୟକ। ପଚାଶଢ଼ା ଫଳମୂଳ ବା ଯେକୌଣସି ଖାଦ୍ୟ ପ୍ରାଣୀଙ୍କୁ ଖାଇବାକୁ ଦିଅନ୍ତୁ ନାହିଁ। ନଡା, କୁଟା କିମ୍ବା କୁଣ୍ଡା ବା ଦାନା ଯଦି ପାଣିରେ ଓଦା ହୋଇଯାଏ, ତେବେ ସେଗୁଡ଼ିକୁ ତୁରନ୍ତ ଶୁଖାଇ ସାଇତି ରଖନ୍ତୁ। ବାସି ଖାଦ୍ୟ, ଭାତ, ଖିରି, ତରକାରି ଇତ୍ୟାଦି ଗୋରୁଙ୍କୁ ଖାଇବାକୁ ଦେଇପାରିବେ। ରୋଷେଇ ଘରର ବ୍ୟବହାର ଅନୁପଯୋଗୀ ପଦାର୍ଥ ଯଥା-ପରିବା ଚୋପା, ଅକାଣ୍ଡିଆ ଖୁଦ, ପେଯ, ଶାଗ, କାଣ୍ଡ ଓ ଅନ୍ୟାନ୍ୟ ପଦାର୍ଥକୁ ବାହାରେ ନ ଫୋପାଡ଼ି ଗୋଖାଦ୍ୟ ଭାବେ ବ୍ୟବହାର କରିବା ଦରକାର। ଗୁହାଳ ଚତୁଃପାର୍ଶ୍ୱରେ ଗଛଲତା ସଫା କରି ପରିଷ୍କାର ପରିଚ୍ଛନ୍ନ ରଖନ୍ତୁ। ଏହାର ଚାରିପଟରେ ଥିବା ସମସ୍ତ ଖାଇ ବା ଗାତ ପୋତି ସମତୁଲ କରିଦିଅନ୍ତୁ। ଏହାଦ୍ୱାରା ଗୁହାଳ ଚାରିପଟରେ ପାଣି ଜମି ରହିବ ନାହିଁ। ଗୁହାଳ ଚଟାଣକୁ ସର୍ବଦା ଶୁଷ୍କ ରଖିବାକୁ ଚେଷ୍ଟା କରନ୍ତୁ। ଗୁହାଳଠାରୁ ଦୂରରେ ଗୋବରଖାତ କରି ଗୋବର ପକାନ୍ତୁ। ସନ୍ଧ୍ୟା ସମୟରେ ଗୁହାଳେ ଧୂଆଁ ଦେବା ବ୍ୟବସ୍ଥା କରନ୍ତୁ କିମ୍ବା ଗୁହାଳ ଝରକାରେ ମଶା ନିରୋଧକ ତାରଜାଲି ଲଗାନ୍ତୁ। ଗୁହାଳ ଭିତରେ ଓ ବାହାର କାନ୍ଥରେ ଡିଡିଟି ସିଞ୍ଚନ କରନ୍ତୁ ଏବଂ ପ୍ରତି ସାତଦିନ ବ୍ୟବଧାନରେ ଥରେ ଫିନାଇଲ୍, ବ୍ଲିଚିଂ ପାଉଡର କିମ୍ବା ଲାଇସୋଲ୍ ମିଶା ପାଣିରେ ଗୁହାଳକୁ ବିଶୋଧନ କରନ୍ତୁ। ଗୁହାଳ ପାଖରେ ସାପ ଗାତକୁ ମାଟିରେ ପୋତି ଦିଅନ୍ତୁ ଏବଂ ଉଇ ହୁଙ୍କା ଭାଙ୍ଗି ଦିଅନ୍ତୁ। ଯଦି ପାରୁଛନ୍ତି ଗୁହାଳ ଚାରିପଟେ କାର୍ବୋଲିକ୍ ଏସିଡ ରଖନ୍ତୁ।

"ଯଦି ବନ୍ୟା ହେବାର ଖବର ପାଉଛନ୍ତି ତେବେ ବିଳମ୍ବ ନ କରି ତୁରନ୍ତ ଗୃହପାଳିତ ପ୍ରାଣୀଙ୍କ ସହ ସପରିବାର ଉଚ୍ଚ ସ୍ଥାନରେ ଆଶ୍ରୟ ନିଅନ୍ତୁ। ତା'ସହ ସାଙ୍ଗରେ ପ୍ରାଣୀଙ୍କ ପାଇଁ ଏବଂ ନିଜ ଲାଗି ଖାଦ୍ୟ ନେଇଯାଆନ୍ତୁ। ବନ୍ୟା ହେବାର ଆଶଙ୍କା ଥିବା ଅଞ୍ଚଳରେ ପ୍ରାଣୀ ଚିକିତ୍ସକ, ଅତିରିକ୍ତ ପ୍ରାଣୀ ଚିକିତ୍ସକ, ପ୍ରାଣୀଧନ ନିରୀକ୍ଷକ ଏବଂ ଗୋମିତ୍ରମାନଙ୍କ ମଧ୍ୟରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥାଏ। ସେମାନଙ୍କର ପରାମର୍ଶକୁ ପାଳନ କରନ୍ତୁ।"



ଯଦି ବନ୍ୟା ହେବାର ଖବର ପାଉଛନ୍ତି ତେବେ ବିଳମ୍ବ ନ କରି ତୁରନ୍ତ ଗୃହପାଳିତ ପ୍ରାଣୀଙ୍କ ସହ ସପରିବାର ଉଚ୍ଚ ସ୍ଥାନରେ ଆଶ୍ରୟ ନିଅନ୍ତୁ। ତା'ସହ ସାଙ୍ଗରେ ପ୍ରାଣୀଙ୍କ ପାଇଁ ଏବଂ ନିଜ ଲାଗି ଖାଦ୍ୟ ନେଇଯାଆନ୍ତୁ। ବନ୍ୟା ହେବାର ଆଶଙ୍କା ଥିବା ଅଞ୍ଚଳରେ ପ୍ରାଣୀ ଚିକିତ୍ସକ, ଅତିରିକ୍ତ ପ୍ରାଣୀ ଚିକିତ୍ସକ, ପ୍ରାଣୀଧନ ନିରୀକ୍ଷକ ଏବଂ ଗୋମିତ୍ରମାନଙ୍କ ମଧ୍ୟରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥାଏ। ସେମାନଙ୍କର ପରାମର୍ଶକୁ ପାଳନ କରନ୍ତୁ। ବନ୍ୟା ହେବା ପୂର୍ବରୁ ସମସ୍ତ ଗୃହପାଳିତ ପ୍ରାଣୀଙ୍କୁ ସରକାରଙ୍କ ତରଫରୁ ଯୋଗାଇ ଦିଆଯାଉଥିବା ବିଭିନ୍ନ ସଂକ୍ରାମକ ରୋଗର ପ୍ରତିଷେଧକ ଟିକା ଦେଇଦେବା ଦରକାର। ଏ ନେଇ ସ୍ଥାନୀୟ ପ୍ରାଣୀ ଚିକିତ୍ସକଙ୍କ ସହ ଆଲୋଚନା କରନ୍ତୁ। ପ୍ରାଣୀଙ୍କ ଗୋବର ବା ଝାଡ଼ା ପରୀକ୍ଷା ତୁରନ୍ତ ପ୍ରାଣୀ ଚିକିତ୍ସା କେନ୍ଦ୍ରରେ କରାଇ ନିଅନ୍ତୁ। ତା'ସହ ଚିକିତ୍ସକଙ୍କ ପରାମର୍ଶ ଅନୁସାରେ ପ୍ରାଣୀମାନଙ୍କୁ କୃମିନାଶକ ଔଷଧ ଖାଲି ପେଟରେ ସକାଳୁ ଆବଶ୍ୟକ ମାତ୍ରାରେ ଦିଅନ୍ତୁ। ଯଦି କୌଣସି କାରଣ ଯୋଗୁ ପ୍ରାଣୀଟିର ମୃତ୍ୟୁ ହୋଇଯାଏ, ତେବେ ଉଚ୍ଚ ସ୍ଥାନରେ ଗଭୀର ଗାତ କରି ତହିଁରେ ଚୂନ ଦେଇ ପୋତିଦେବା ଦରକାର। ସେମାନଙ୍କ ମୃତ ଶରୀରକୁ ବାହାରେ ଫୋପାଡି ଦିଅନ୍ତୁ ନାହିଁ। ବନ୍ୟା ସମୟରେ ପ୍ରାଣୀଙ୍କ ଯତ୍ନ ବିଷୟରେ ଜିଲା ପ୍ରାଣୀ ଚିକିତ୍ସା ଅଧିକାରୀ କିମ୍ବା ନିକଟସ୍ଥ ପ୍ରାଣୀ ଚିକିତ୍ସାଳୟରେ ଥିବା ଚିକିତ୍ସକଙ୍କ ସହ ଯୋଗାଯୋଗ କରନ୍ତୁ।

-ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ,
ଜଗତ୍‌ସିଂହପୁର
ମୋ : ୯୪୩୭୬୦୭୩୧୨



## ବର୍ଷାଦିନେ ପନିପରିବା ଚାଷ

ବର୍ଷା ଦିନରେ ଉଚ୍ଚା ନିଗିଡ଼ା ଜମିରେ ସଅଳ କିସମ କୋବି ଲଗାନ୍ତୁ । ଲଙ୍କାମରିଚ ଓ ବାଇଗଣ ଫସଲରୁ ଘାସ ବାଛି ହୁଡ଼ା ଦିଅନ୍ତୁ । ଜହ୍ନି, କଖାରୁ, କଲରା, ଛଚିନ୍ଦ୍ରା, କାକୁଡ଼ି, ଭେଣ୍ଡି, ବରଗୁଡ଼ି ଇତ୍ୟାଦି ଫସଲକୁ କୋଡ଼ାଖୁସା କରି ସାର ଦିଅନ୍ତୁ । ପୋକ ଦମନ ପାଇଁ ଜୈବ କୀଟନାଶକ ଏବଂ ନିମ୍ବଜାତୀୟ କୀଟନାଶକ ଅନୁମୋଦିତ ହାରରେ ପ୍ରୟୋଗ କରନ୍ତୁ। ପତ୍ରଦାଗ ଓ ପତ୍ରପୋଡ଼ା ରୋଗ ପାଇଁ ମାଙ୍କୋଜେବ୍ (୩ ଗ୍ରାମ୍ ୧ ଲିଟର ପାଣିରେ) ଓ କାର୍ବେଣ୍ଡାଜିମ୍ (୧ ଗ୍ରାମ୍ ୧ ଲିଟର ପାଣିରେ) ଅଦଳବଦଳ କରି ଦୁଇତିନି ଥର ସିଞ୍ଚନ କରନ୍ତୁ । ଝାଉଁଳା ରୋଗ ପାଇଁ ପ୍ଲାଣ୍ଟୋମାଇସିନ୍ (୧ ମି.ଲି. ଲିଟର ପ୍ରତି) ସହ କପର ଅକ୍ସିକ୍ଲୋରାଇଡ୍ (୨ ଗ୍ରାମ୍ ଲିଟର ପିଛା) ମିଶାଇ ମୂଳମାଟିକୁ ଭିଜାଇ ଦିଅନ୍ତୁ। ଆଭ୍ୟନ୍ତରୀଣ ଜିଲାରେ ଅଦିନିଆ ଫୁଲକୋବି ଲଗାନ୍ତୁ । ପୁଷା ଅର୍ଲି ସିନ୍ଥେଟିକ୍, ପୁଷା ମାଘି, ପୁଷା ଦୀପାଳି ଓ ଅନ୍ୟାନ୍ୟ ସଙ୍କର କିସମ ଆଦି ଅତି ସଅଳ କିସମ ଫୁଲକୋବି ଚାଷ କରନ୍ତୁ। ଆଭ୍ୟନ୍ତରୀଣ ଜିଲାରେ ଅଦିନିଆ ସଙ୍କର କିସମ ଟମାଟୋ ଚାଷ କରନ୍ତୁ।

## ଜାଣିରଖନ୍ତୁ

ବର୍ଷା ସମୟରେ ଗୋରୁଙ୍କୁ ଚରିବାକୁ ଛାଡ଼ନ୍ତୁ ନାହିଁ। ଗାଈ ଚରୁଥିବା ସମୟରେ ହଠାତ୍ ବର୍ଷା ହେଲେ ସେମାନଙ୍କୁ ଗୁହାଳକୁ ଫେରାଇ ଆଣି ବାନ୍ଧି ଦିଅନ୍ତୁ। ସେମାନଙ୍କୁ ଅଧିକ ଦାନା ବା ଘାସ କାଟି ଆଣି ଖାଇବାକୁ ଦିଅନ୍ତ। ଓଦା ହେଲେ ଜ୍ୱର ଓ ନିମୋନିଆ ହେବା ଆଶଙ୍କା ଥାଏ। ଅଧିକ ବର୍ଷା ସମୟରେ ଗୁହାଳ ଭିତରକୁ ପାଣି ନ ଛାଟିବାର ବନ୍ଦୋବସ୍ତ କରନ୍ତୁ। ସାହାଣ ଓ ବଜବଜିଆ ରୋଗର ଟିକା ୬ ମାସ ମଧ୍ୟରେ ନ ଦିଆ ହୋଇଥିଲେ ପ୍ରାଣୀ ଚିକିତ୍ସକଙ୍କ ପରାମର୍ଶରେ ଦିଅନ୍ତୁ। -ହାଇବ୍ରିଡ୍ ନାପିଅର, ମକା, ବରଗୁଡ଼ି ଇତ୍ୟାଦି ଘାସ ଚାଷ ଆରମ୍ଭ କରନ୍ତୁ। ବର୍ଷା ସମୟରେ ଛେଳି ଓ ମେଣ୍ଢାଙ୍କୁ ଗୁହାଳରେ ରଖି ଦାନା ବା ଡାଳପତ୍ର କାଟି ଖାଇବାକୁ ଦିଅନ୍ତୁ। ଏଣ୍ଟାରୋଟକ୍ସେମିଆ ଓ ପିପିଆର୍ ରୋଗର ଟିକା ଦିଆ ନ ହୋଇଥିଲେ ପ୍ରାଣୀ ଚିକିତ୍ସକଙ୍କ ପରାମର୍ଶରେ ଦିଅନ୍ତୁ। ବର୍ଷାଦିନେ ଫିମ୍ପି ମାରିଥିବା ଦାନା ଖାଇବାକୁ ଦିଅନ୍ତୁ ନାହିଁ । କୁକୁଡ଼ା ଘରକୁ ପ୍ରବେଶ କରିବା ସମୟରେ ଜୋତାକୁ ଫିନାଇଲ୍ (୨ ପ୍ରତିଶତ) ପାଣିରେ ବୁଡ଼ାଇ ପ୍ରବେଶ କରନ୍ତୁ । କୁକୁଡ଼ାଘର ଭିତରକୁ ବର୍ଷାପାଣି ନ ଛାଟିବାର ବନ୍ଦୋବସ୍ତ କରନ୍ତୁ। ଲିଟର ଓଦା ହେଲେ କାଢ଼ି ଦିଅନ୍ତୁ ଓ ଶୁଖିଲା କୁଣ୍ଡା ବା କରତଗୁଣ୍ଡ ପକାନ୍ତୁ।

## କପା ଫସଲ ୯୦ ଦିନ ହୋଇଥିଲେ...



ବର୍ତ୍ତମାନ କପା ଫସଲରେ କୋଡ଼ାଖୁସା କରି ହୁଡ଼ା ଟେକି ଦିଅନ୍ତୁ । ଫସଲ ୯୦ ଦିନ ପରେ କିମ୍ବା ୩ ଫୁଟ ଉଚ୍ଚ ହୋଇଥିଲେ ଅଗ ଛିଣ୍ଡାଇ ଦିଅନ୍ତୁ । ଗଛ ୪୫ ଦିନର ହୋଇଯାଇଥିଲେ ସାଢ଼େ ୪ଲିଟର ପାଣିରେ ୧ ମି.ଲି. ହିସାବରେ ପ୍ଲାନୋଫିକ୍ସ ସିଞ୍ଚନ କରନ୍ତୁ। ୧୫ ଦିନ ପରେ ପୁନର୍ବାର ପ୍ରତି ୪.୫ ଲିଟର ପାଣିରେ ୧ ମି.ଲି. ପ୍ଲାନୋଫିକ୍ସ ମିଶାଇ ସ୍ପ୍ରେ କରନ୍ତୁ । ପତ୍ରଡିଆଁ ପୋକ ଅର୍ଭକ ଦେଖାଗଲେ ପ୍ରତି ଲିଟର ପାଣିରେ ୨ ମି.ଲି. ଡାଇମେଥୋଏଟ୍ କିମ୍ବା ୩ ଲିଟର ପାଣିରେ ୧ ମି.ଲି. ଇମିଡାକ୍ଲୋପ୍ରିଡ୍ କିମ୍ବା ୧ ଗ୍ରାମ୍ ଥାୟାମେଥାକ୍‌ଜାମ୍ ମିଶାଇ ସକାଳବେଳା ଶୁଖିଲା ପାଗ ଦେଖି ସିଞ୍ଚନ କରନ୍ତୁ । ଏହାଛଡ଼ା ଅଠାଳିଆ ଯନ୍ତାର ବ୍ୟବହାର କରାଯାଇପାରେ।

## ମାଛ ଯାଆଁଳ ଛାଡୁଥିଲେ...



ବର୍ଷାଦିନରେ ପ୍ରାୟ ସବୁ ପୋଖରୀରେ ଯାଆଁଳ ଛଡ଼ାଯାଏ । ଜାତିଆ ମାଛ ଯାଆଁଳ ଉପଯୁକ୍ତ ସ୍ଥାନ ବା ଅନୁଷ୍ଠାନରୁ କିଣି ପୋଖରୀରେ ଛାଡ଼ନ୍ତୁ । ଯାଆଁଳ ଛାଡ଼ିବା ପରଠାରୁ ପୋଖରୀରେ ମାସିକ ହେକ୍ଟର ପିଛା ୨୫ କି.ଗ୍ରା. ଚୂନପାଣିରେ ଗୋଳାଇ ଥଣ୍ଡାକରି ପୋଖରୀରେ ପକାନ୍ତୁ । ଏହାଦ୍ୱାରା ପାଣିର ଗୁଣ ବଜାୟ ରହିବ। ଅତ୍ୟଧିକ ବର୍ଷା ଯୋଗୁ ପାଣି ଗୋଳିଆ ହେଲେ ଚୂନ ପକାଇବା ଦ୍ୱାରା ପାଣି ପରିଷ୍କାର ହୋଇଯାଏ। ଖାଦ୍ୟ ପାଇଁ ହେକ୍ଟର ପ୍ରତି ଦୈନିକ ୧ କି.ଗ୍ରା. ୭୫୦ ଗ୍ରାମ୍ କାଣ୍ଡିଆକୁଣ୍ଡା ଓ ୧.୭୫୦ ଗ୍ରାମ୍ ଚିନାବାଦାମ ପିଡ଼ିଆର ମିଶ୍ରଣ ପୋଖରୀରେ ପକାନ୍ତୁ । ସଘନ ମାଛଚାଷ ପାଇଁ ଏକ ହେକ୍ଟର ବିଶିଷ୍ଟ ପୋଖରୀରେ ପ୍ରାୟ ୧୦,୦୦୦ ଗୋଟି ମିଶ୍ରିତ ଯାଆଁଳ (୨୧-୪୦ ମି.ମି.) କିମ୍ବା ୫୦୦୦ ଗୋଟି ମିଶ୍ରିତ ବଡ଼ ଯାଆଁଳ (୪୧-୬୦ ମି.ମି.) ଏବେଠାରୁ ଛଡ଼ାଯାଏ। କେବଳ ତିନୋଟି ପ୍ରଜାତିର ମାଛ ଚାଷ କରିବାକୁ ଚାହୁଁଥିଲେ ଭାକୁର ୩୦ ଭାଗ, ରୋହି ୪୦ ଭାଗ ଏବଂ ମିରିକାଳି ୩୦ ଭାଗ ହିସାବରେ ହେକ୍ଟର ପିଛା ୩୦୦୦ଟି ଭାକୁର, ୪୦୦୦ଟି ରୋହି ଏବଂ ୩୦୦୦ଟି ମିରିକାଳି (୨୧ ରୁ ୪୦ ମି.ମି.) ଛାଡ଼ିବାକୁ ହେବ । ଚାରୋଟି ପ୍ରଜାତିର ମାଛ ଚାଷକରିବା ପାଇଁ ହେଲେ ଭାକୁର ୩୦ ଭାଗ, ରୋହି ୪୦ ଭାଗ, ମିରିକାଳି ୨୦ ଭାଗ ଏବଂ ବିଲାତି ରୋହି ୧୦ ଭାଗ ହିସାବରେ ହେକ୍ଟର ପିଛା ଭାକୁର ୩୦୦୦ଟି, ରୋହି ୪୦୦୦ଟି, ମିରିକାଳି ୨୦୦୦ଟି ଏବଂ ବିଲାତି ରୋହି ୧୦୦୦ଟି (୨୧-୪୦ ମି.ମି.) ଛାଡ଼ି ପାରିବେ। ୬ ପ୍ରକାର ମାଛ ଚାଷ ପାଇଁ ସାଧାରଣତଃ ଭାକୁର ୩୦%, ରୋହି ୨୦%, ମିରିକାଳି ୧୦%, ସିଲ୍‌ଭର କାର୍ପ ୨୦%, ଗ୍ରାସ୍‌କାର୍ପ ୧୫% ଓ ବିଲାତି ରୋହି ୫% ହିସାବରେ ଯାଆଁଳ ଛାଡ଼ିବାକୁ ହୋଇଥାଏ ।

## ଡାଲିଜାତୀୟ ଫସଲରେ କୋଡ଼ାଖୁସା

ମୁଗ, ବିରି, ହରଡ଼ ବୁଣାହେବାର ୩ ସପ୍ତାହ ବେଳକୁ କୋଡ଼ାଖୁସା କରି ଘାସ ବାଛି ଦିଅନ୍ତୁ କିମ୍ବା କୁଇଜାଲୋଫପ୍ ଇଥାଇଲ୍ (ହେକ୍ଟର ପ୍ରତି ୧୦୦୦ ମି.ଲି. ଟାର୍ଗାସୁପର ୫% ତରଳ) ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରି ଘାସ ଦମନ କରନ୍ତୁ । ଜମିକୁ ନିଗିଡ଼ା ରଖନ୍ତୁ । ପତ୍ରଦାଗ ଓ ପତ୍ରପୋଡ଼ା ରୋଗ ଦମନ ପାଇଁ ମାଙ୍କୋଜେବ୍ ସହ କାର୍ବେଣ୍ଡାଜିମ୍ (୧.୫ ଗ୍ରାମ୍ ୧ ଲିଟର ପାଣିରେ ମିଶାଇ) ସିଞ୍ଚନ କରନ୍ତୁ । ଜଉପୋକ ଓ ସାହେବି ରୋଗ ନ ନିୟନ୍ତ୍ରଣ ଲାଗି ହେକ୍ଟର ପ୍ରତି ୧ ଲିଟର ରୋଗର କିମ୍ବା ୧୨୫ ମି.ଲି. ଇମିଡାକ୍ଲୋପ୍ରିଡ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ମୁଗ, ବିରି, ହରଡ଼ ଆଦି ଫସଲରେ ପତ୍ରକଟା ପୋକ ଦମନ ପାଇଁ ହେକ୍ଟର ପ୍ରତି ୨୫ ରୁ ୩୦ କି.ଗ୍ରା. କ୍ଲୋରୋପାଇରିଫସ୍ ୧.୫% ଗୁଣ୍ଡ ପ୍ରୟୋଗ କରନ୍ତୁ କିମ୍ବା ୧ ଲିଟର ପ୍ରୋଫେନୋଫସ୍ କିମ୍ବା ୧ ଲିଟର କ୍ୱିନାଲଫସ୍ ବା ୫୦୦ ମି.ଲି. ଇଣ୍ଡାକ୍ସାକାର୍ବ ହେକ୍ଟର ପ୍ରତି ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ସଅଳ ବୁଣାଯାଇଥିବା ମୁଗ, ବିରି ଫସଲରେ ଏ ମାସ ମଧ୍ୟଭାଗରେ ଛୁଇଁ ପାକଳ ହେବା ମାତ୍ରେ ତୋଳି ଦିଅନ୍ତୁ ନଚେତ୍ ବର୍ଷା ଦ୍ୱାରା ନଷ୍ଟ ହୋଇଯିବ। ଧାନ ବିଲ ହିଡ଼ରେ ବିରି ଓ ହରଡ଼ ଆଦି ଧାଡ଼ିରେ ବୁଣନ୍ତୁ ।



## ଚିନାବାଦାମ ଚାଷ ପାଇଁ ପ୍ରସ୍ତୁତି



ଚିନାବାଦାମ ଚାଷ ପୂର୍ବରୁ ଜମିକୁ ଗଭୀର ଚାଷ କରି ମାଟି ଗୁଣ୍ଡ କରନ୍ତୁ। ହେକ୍ଟର ପ୍ରତି ୧୨୦ କି.ଗ୍ରା. ମଞ୍ଜି ବ୍ୟବହାର କରନ୍ତୁ (୧୭୫ କି.ଗ୍ରା. ଚୋପାଲଗା ଚିନାବାଦାମ) । ଧାଡ଼ିକୁ ଧାଡ଼ି ୩୦ ସେ.ମି. ଓ ମଞ୍ଜିକୁ ମଞ୍ଜି ୧୦ ସେ.ମି. ବ୍ୟବଧାନ ରଖନ୍ତୁ । କିନ୍ତୁ ଲୋଟଣି ଜାତୀୟ ଚିନାବାଦାମ କରୁଥିଲେ ମଞ୍ଜିକୁ ମଞ୍ଜି ୧୫ ସେ.ମି. ବ୍ୟବଧାନ ରଖିବା ଆବଶ୍ୟକ । ହେକ୍ଟର ପ୍ରତି ୨୫ ଗାଡ଼ି ଶଢ଼ା ଗୋବର ଖତ ବା କମ୍ପୋଷ୍ଟ, ୫୦୦ କି.ଗ୍ରା. କାଗଜକଳ ମଇଳା ସହ ୨୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫରସ୍ ଓ ୪୦ କି.ଗ୍ରା. ପଟାସ୍ ଶେଷଓଡ଼ ଚାଷ ସମୟରେ ପ୍ରୟୋଗ କରନ୍ତୁ । ଚିନାବାଦାମ ଗନ୍ଧକ ଓ ଚୂନ ଚାହିଦା ମେଣ୍ଟାଇବା ପାଇଁ ଫସ୍‌ଫରସ୍ ସାରକୁ ସିଙ୍ଗଲ୍ ସୁପର ଫସ୍‌ଫେଟ୍ ଆକାରରେ ପ୍ରୟୋଗ କରନ୍ତୁ ନଚେତ୍ ହେକ୍ଟର ପ୍ରତି ୨୫୦ କି.ଗ୍ରା. ଜିପ୍‌ସମ୍ ପ୍ରୟୋଗ କରନ୍ତୁ । ଉଇ ଉପଦ୍ରୁତ ଅଞ୍ଚଳରେ ଶେଷଓଡ଼ ଚାଷବେଳେ ହେକ୍ଟର ପ୍ରତି ୨୫ କି.ଗ୍ରା. କ୍ଲୋରପାଇରିଫସ୍ ଗୁଣ୍ଡ ପ୍ରୟୋଗ କରି ମାଟିରେ ମିଶାଇ ଦିଅନ୍ତୁ ।

## ଆଖୁ କିଆରିର ଯତ୍ନ

ଆଖୁ କିଆରିରେ ପାଣି ଜମିବାକୁ ଦିଅନ୍ତୁ ନାହିଁ। ଅଗବିନ୍ଧା ପୋକ ଦମନ ଲାଗି ଟ୍ରାଇକୋଗାମା ଚିଲୋନିସ୍ ନାମକ ପରାଶ୍ରୟୀ କୀଟକୁ ହେକ୍ଟର ପ୍ରତି ୧,୨୫,୦୦୦ ହିସାବରେ ଛାଡ଼ନ୍ତୁ। ଏହା ବ୍ୟତୀତ ଆଲୋକ ଜନ୍ତା ବସାଇ ପୂର୍ଣ୍ଣାଙ୍ଗ କୀଟଗୁଡ଼ିକୁ ଧରି ମାରିଦିଅନ୍ତୁ ଅଥବା ହେକ୍ଟର ପ୍ରତି ୫୦୦ ଲିଟର ପାଣିରେ ୧ ଲିଟର ପ୍ରୋଫେନୋଫସ୍ କିମ୍ବା କ୍ଲୋରାଣ୍ଟ୍ରାନିଲିପ୍ରୋଲ୍ (ଫେର୍‌ଟେରା ୦.୪ ଜି.) ୧୫ କି.ଗ୍ରା. ହେକ୍ଟର ପ୍ରତି ଦାନାଦାର ବିଷ ପ୍ରୟୋଗ କରନ୍ତୁ କିମ୍ବା କ୍ଲୋରାଣ୍ଟ୍ରାନିଲିପ୍ରୋଲ୍ ୧୮.୫ ଏସ୍.ସି. ୩୭୫ ମି.ଲି. ୫୦୦ ଲିଟର ପାଣିରେ ମିଶାଇ ସ୍ପ୍ରେ କରନ୍ତୁ। ବର୍ତ୍ତମାନ ଦହିଆପୋକ ଲାଗିବାର ଆଶଙ୍କା ରହିଛି। ଏହାର ନିୟନ୍ତ୍ରଣ ପାଇଁ ପ୍ରତି ଲିଟର ପାଣିରେ ୨ ମି.ଲି. ହିସାବରେ ପ୍ରୋଫେନୋଫସ୍ କିମ୍ବା ୩ ଲିଟର ପାଣିରେ ୧ ଗ୍ରାମ୍ ଥାୟାମେଥୋକ୍‌ଜାମ୍ ମିଶାଇ ସିଞ୍ଚନ କରନ୍ତୁ। ଥାୟାମେଥୋକ୍‌ଜାମ୍ ବଦଳରେ ଆସିଟାମ୍ପ୍ରିଡ୍ ୧ ଗ୍ରାମ୍ ପ୍ରତି ୪ ଲିଟର ପାଣିରେ ଗୋଳାଇ ପତ୍ର ସିଞ୍ଚନ କରାଯାଇପାରିବ। ନାଳିଶଢ଼ା ରୋଗରେ ଆକ୍ରାନ୍ତ ବୁଦାକୁ ଉପାଡ଼ି କିଆରି ବାହାରେ ନଷ୍ଟ କରନ୍ତୁ। ଆକ୍ରାନ୍ତ ସ୍ଥାନରେ କାର୍ବେଣ୍ଡାଜିମ୍ ସହ ମାଙ୍କୋଜେବ୍ ୨ ଗ୍ରାମ୍ ଲିଟର ପିଛା ୫୦୦ ରୁ ୬୦୦ ମି.ଲି. ମାଟି ଭିଜା କରନ୍ତୁ। ଆକ୍ରାନ୍ତ ବୁଦାକୁ ଉପାଡ଼ି ନଷ୍ଟ କରିଦିଅନ୍ତୁ ।



# ବନ୍ଧୁକ ବିକ୍ରି ବେଳେ ମାଡ଼ିବସିଲା ଏସ୍‌ଟିଏଫ୍

## ୫ ପିସ୍ତଲ, ୬ ଗୁଳି ଜବତ: ଅଭିଯୁକ୍ତ ଗିରଫ

ଢେଙ୍କାନାଳ ଅଫିସ, ୧୬।୮

ଢେଙ୍କାନାଳରେ ଚାଲିଥିବା ଏକ ଚୋରା ବନ୍ଧୁକ କାରବାରର ଖିଅ ପାଇଛି କ୍ରାଇମ୍‌ବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍)। ସଦର ଥାନା ଅଞ୍ଚଳରେ ବନ୍ଧୁକ ବିକ୍ରି ପାଇଁ ଯୋଜନା ଚାଲିଥିବାବେଳେ ସଦର ଥାନା ପୋଲିସ ସହାୟତାରେ ଏସ୍‌ଟିଏଫ୍ ଟିମ୍ ଚଢ଼ାଉ କରି ଏହାକୁ ପଣ୍ଡ କରିଛି। ଏଭଳି କାରବାରରେ ସମ୍ପୃକ୍ତି ଅଭିଯୋଗରେ ସ୍ଥାନୀୟ ରୋହିତ ନାୟକ ନାମକ ଜଣେ ଯୁବକଙ୍କୁ ଗିରଫ କରାଯାଇଛି। ତାଙ୍କ ନିକଟରୁ ୫ ପିସ୍ତଲ, ୬ ଅଫୁଟା ଗୁଳି ଓ ଗୋଟିଏ ମୋବାଇଲ ଜବତ କରାଯାଇଛି। ରୋହିତ ଜଣେ ବ୍ୟକ୍ତିଙ୍କୁ ପିସ୍ତଲ ବିକ୍ରି କରିବା ନିମନ୍ତେ ଯୋଗାଯୋଗ କରିଥିଲେ। ତାଙ୍କଠାରୁ କିଛି ଅଗ୍ରିମ ଟଙ୍କା ମଧ୍ୟ ନେଇଥିଲେ। ଡିଲ୍ ମୁତାବକ ମଙ୍ଗଳବାର ବନ୍ଧୁକ ହସ୍ତାନ୍ତର କରିଥାଆନ୍ତେ। ଏଥିପୂର୍ବରୁ କୌଣସି ସୂତ୍ରରୁ ସୂଚନା ପାଇ ଏସ୍‌ଟିଏଫ୍ ଟିମ୍ ଚଢ଼ାଉ କରି ଛାଟିଆ ଏବଂ ଡେଙ୍ଗବୋରେଇ ଅଞ୍ଚଳରୁ ରୋହିତଙ୍କୁ କାବୁ କରିବାରେ ସକ୍ଷମ ହୋଇଥିଲା। ଏ ସଂକ୍ରାନ୍ତରେ ସଦର ଥାନାରେ କେସ୍ ନଂ. ୩୬୨/୨୨ରେ ଏକ ମାମଲା ରୁଜୁ ହୋଇଛି।



ଜବତ ପିସ୍ତଲ ସହିତ ଗିରଫ ଅଭିଯୁକ୍ତ।

ଉଲ୍ଲେଖଯୋଗ୍ୟ, ଢେଙ୍କାନାଳରେ ପୂର୍ବରୁ ଏକାଧିକ ଚୋରା ବନ୍ଧୁକ କାରଖାନା ଠାବ ହୋଇଛି। ଏହାର ଲିଙ୍କ୍ ପଡୋଶୀ ଜିଲାକୁ ଲମ୍ବିଥିବା ଜଣାପଡ଼ିଛି। ଶସ୍ତା ଓ ସୁଲଭ ଦରରେ ମିଳୁଥିବାରୁ ଏଭଳି ବନ୍ଧୁକ କିଣି ଅପରାଧୀମାନେ ଅପରାଧ ଘଟାଉଛନ୍ତି। କିଛିଦିନ ତଳେ ଢେଙ୍କାନାଳ ସହରର ମଣପ୍ପୁରମ୍ ସ୍ୱର୍ଣ୍ଣ ଋଣ ପ୍ରଦାନକାରୀ ସଂସ୍ଥାରେ ସଶସ୍ତ୍ର ଡକାୟତି ଉଦ୍ୟମ ହୋଇଥିଲା। ଦୁର୍ବୃତ୍ତମାନେ ପିସ୍ତଲ ଧରି ସଂସ୍ଥା କାର୍ଯ୍ୟାଳୟରେ ପଶିଥିଲେ। ତେବେ ଠିକ୍ ସମୟରେ ସାଇରନ ବାଜିବାରୁ ସେମାନଙ୍କ ଉଦ୍ୟମ ପଣ୍ଡ ହୋଇଯାଇଥିଲା। ଏଥିପୂର୍ବରୁ ମଧ୍ୟ ଏକାଧିକ ହତ୍ୟାକାଣ୍ଡରେ ଏଭଳି ଚୋରା ବନ୍ଧୁକର ବ୍ୟବହାର ହୋଇଥିବା ପୋଲିସ ସ୍ପଷ୍ଟ କରିଛି।

ସଦ୍ୟତମ ଘଟଣାରେ ଧରାପଡ଼ିଥିବା ଅଭିଯୁକ୍ତ ରୋହିତ କାହା ସହ ଯୋଗାଯୋଗରେ ଥିଲେ, ସେ ଏଭଳି ବନ୍ଧୁକ ପୂର୍ବରୁ ବିକ୍ରି କରିଛନ୍ତି କି ନାହିଁ, ଏହାର ଚେର କୁଆଡ଼େ ଲମ୍ବିଛି ତାହାକୁ ନେଇ ଏସ୍‌ଟିଏଫ୍ ଖୋଳତାଡ଼ କରୁଛି। ମୋବାଇଲ କଲ୍ ରେକର୍ଡରୁ ଏ ସମ୍ପର୍କିତ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମିଳିବା ସମ୍ଭାବନା ରହିଥିବା ପୋଲିସ କହିଛି।

# ୨୮ ଟନ୍‌ରୁ ଊର୍ଦ୍ଧ୍ୱ ଅଷ୍ଟ୍ରେଲିଆ ହାର୍ଡ କୋକ୍ ଜବତ

## ଭଦ୍ରକରେ ଏସ୍‌ଟିଏଫ୍ ଚଢ଼ାଉ

- ଧାମରା ବନ୍ଦରରୁ ଚୋରା ଚାଲାଣ ହେଉଥିଲା
- ଟ୍ରକ ସହ ବୋଲେରୋ ଜବତ
- ଡ୍ରାଇଭର ଗିରଫ, ୩ ଖସିଗଲେ

ଭୁବନେଶ୍ୱର,୧୬।୮(ବ୍ୟୁରୋ)

ଧାମରା ବନ୍ଦରକୁ ଅଷ୍ଟ୍ରେଲିଆ ସମେତ ବିଭିନ୍ନ ଦେଶରୁ ଖଣିଜ ପଦାର୍ଥ ଆମଦାନୀ ହେଉଛି। ତେବେ ସେଠାରେ କେତେଜଣ କର୍ମଚାରୀଙ୍କୁ ହାତବାରିସି କରି ଖଣିଜପଦାର୍ଥ ଚୋରା ଚାଲାଣ କରାଯାଉଛି। ସୋମବାର ରାତିରେ ଅଷ୍ଟ୍ରେଲିଆ ହାର୍ଡକୋକ୍ ଚୋରା ଚାଲାଣ ବେଳେ ଭଦ୍ରକ ଜିଲା ଚରମ୍ପା ନିକଟରେ କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ଚଢ଼ାଉ କରି ଏକ ଟ୍ରକ୍ ଓ ବୋଲେରୋ ଜବତ କରିଛି। ଟ୍ରକରୁ ୨୮ ଟନ୍‌ରୁ ଊର୍ଦ୍ଧ୍ୱ ହାର୍ଡକୋକ୍ ଜବତ କରାଯାଇଛି। ସମ୍ପୃକ୍ତ ଟ୍ରକ୍ ଡ୍ରାଇଭର ବାଂଶଡ଼ା ଥାନା ଅଧୀନ ଗୌଡୁଣୀ ପୋଖରୀ ଗ୍ରାମର ପର୍ଶୁରାମ ମଲ୍ଲିକଙ୍କୁ ଗିରଫ କରାଯାଇଛି। ବୋଲେରୋରେ ଥିବା ୩ଜଣ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ଗିରଫ ପରେ ପର୍ଶୁରାମଙ୍କୁ ଏସ୍‌ଟିଏଫ୍ ଭଦ୍ରକ ଗ୍ରାମାଞ୍ଚଳ ଥାନା ପୋଲିସକୁ ହସ୍ତାନ୍ତର କରିଥିଲା। ଏନେଇ ସ୍ଥାନୀୟ ପୋଲିସ ପକ୍ଷରୁ ଏକ ମାମଲା (ନଂ. ୪୨୬/୨୨) ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ସୂଚନା ଅନୁଯାୟୀ, ସୋମବାର ରାତିରେ ଧାମରା ବନ୍ଦରରୁ ଏକ ଟ୍ରକ୍‌ରେ ଅଷ୍ଟ୍ରେଲିଆ ହାର୍ଡକୋକ୍ ଭର୍ତ୍ତି କରାଯାଇ ଯାଜପୁର ଏବଂ ଅନ୍ୟ ଅଞ୍ଚଳକୁ ଚାଲାଣ ହେଉଥିବା ଏସ୍‌ଟିଏଫ୍ ସୂଚନା ପାଇଥିଲା। ଏକ ବୋଲେରୋରେ ୩ଜଣ ରହି ଉକ୍ତ ଟ୍ରକ୍‌କୁ ବାଟ କଢ଼େଇ ନେଉଥିଲେ। ଏସ୍‌ଟିଏଫ୍ ଓ ସ୍ଥାନୀୟ ପୋଲିସର ଏକ ମିଳିତ ଟିମ୍ ଚରମ୍ପା ନିକଟରେ ଚଢ଼ାଉ କରି ଟ୍ରକ୍‌କୁ ଧରିଥିଲା। ହେଲେ ବୋଲେରୋରେ ଥିବା ୩ଜଣ ଗାଡ଼ି ଛାଡ଼ି ଦୌଡ଼ି ପଳାଇଥିଲେ। ସେମାନଙ୍କୁ ଧରିବାକୁ ପ୍ରୟାସ ଜାରି ରହିଥିବା ପୋଲିସ ପକ୍ଷରୁ କୁହାଯାଇଛି।



ଜୁମଡାଙ୍ଗ ଗ୍ରାମବାସୀ ସ୍ୱାଧୀନତା ଦିବସ ପାଳନ କରୁଛନ୍ତି।

# ଜୁମଡାଙ୍ଗରେ ପ୍ରଥମ ଥର ଉଡ଼ିଲା ତ୍ରିରଙ୍ଗା

ଚିତ୍ରକୋଣ୍ଡା,୧୬।୮ (ଡି.ଏନ.ଏ.)

ଦିନେ ଜୁମଡାଙ୍ଗ ଥିଲା ମାଓବାଦୀଙ୍କ ଗଡ। ମାଓବାଦୀଙ୍କ ଭୟରେ ସେଠାରେ ସ୍ୱାଧୀନତା ଦିବସରେ ଆଜିଯାଏ ଜାତୀୟ ପତାକା ଉଡିପାରୁ ନ ଥିଲା। ମାଓବାଦୀମାନେ କଳାପତାକା ଉତ୍ତୋଳନ କରୁଥିଲେ। ତେବେ ବିଭିନ୍ନ ସ୍ଥାନରେ ବିଏସଏଫ୍ କ୍ୟାମ୍ପ ପ୍ରତିଷ୍ଠା ପରେ ଉକ୍ତ ଅଞ୍ଚଳରୁ ମାଓବାଦୀଙ୍କ ପ୍ରଭାବ କମିଥିଲା। ଫଳରେ ସୋମବାର ଚିତ୍ରକୋଣ୍ଡା ବ୍ଲକର ଜୁମଡାଙ୍ଗ ଗ୍ରାମବାସୀ ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଅବସରରେ ଜାତୀୟ ପତାକା ଉତ୍ତୋଳନ କରି ଏହି ଦିବସକୁ ମହାଆଡମ୍ବର ସହକାରେ ପାଳନ କରିଛନ୍ତି। ପ୍ରଥମେ ଗ୍ରାମବାସୀ ତ୍ରିରଙ୍ଗା ପତାକା ଧରି ଗ୍ରାମ ପରିକ୍ରମା କରିଥିଲେ। ପରେ ସମସ୍ତେ ଏକାଠି ହୋଇ ଶିକ୍ଷକ ବୁଲୁ ସେଠୀଙ୍କ ନେତୃତ୍ୱରେ ଜାତୀୟ ପତାକା ଉତ୍ତୋଳନ କରି ଜାତୀୟ ସଙ୍ଗୀତ ଗାନ କରିଥିଲେ। ସୂଚନାଯୋଗ୍ୟ, ଜୁମଡାଙ୍ଗ ଓଡ଼ିଶାର ହୋଇଥିଲେ ମଧ୍ୟ ଆନ୍ଧ୍ର ସୀମାନ୍ତରେ ଥିବାରୁ ଏହି ଗ୍ରାମ ଉପରେ ଆନ୍ଧ୍ରର ସର୍ବଦା ନଜର ରହିଛି। ଆନ୍ଧ୍ର ଏହି ଗ୍ରାମକୁ ଅକ୍ତିଆର କରିନେବାକୁ ବିଭିନ୍ନ ସମୟରେ ଉଦ୍ୟମ କରୁଛି।

# 'ଅହିଂସା ରଥ'ର ଶୁଭାରମ୍ଭ

## ଅକ୍ଟୋବର ୨ ପର୍ଯ୍ୟନ୍ତ ସବୁ ଜିଲା ବୁଲିବ

ଭୁବନେଶ୍ୱର, ୧୬।୮(ବ୍ୟୁରୋ)

ରାଜ୍ୟସ୍ତରୀୟ ସ୍ୱାଧୀନତା ଦିବସ ପାଳନ ଅବସରରେ ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭ୍ରାମ୍ୟମାଣ ଭିଡିଓ ରଥ ଅଭିଯାନ 'ଅହିଂସା ରଥ'ର ଶୁଭାରମ୍ଭ କରିଛନ୍ତି। ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଅବସରରେ ମହାତ୍ମାଙ୍କ ବାର୍ତ୍ତା ସହ ବହୁ ସ୍ୱାଧୀନତା ସଂଗ୍ରାମୀଙ୍କ ମହାନ ଅବଦାନ ସମ୍ପର୍କରେ ସୂଚନା ଦେଉଥିବା ଏହି ରଥ ସମସ୍ତ ଜିଲା ପରିକ୍ରମା କରିବ। ମୁଖ୍ୟମନ୍ତ୍ରୀ କହିଥିଲେ, ଦାରିଦ୍ର୍ୟ ଓ ସାମାଜିକ ଅବିଚାର ସବୁଠାରୁ ବଡ଼ ହିଂସା। ଯେ ପର୍ଯ୍ୟନ୍ତ ଦାରିଦ୍ର୍ୟ ରହିଥିବ, ସେ ପର୍ଯ୍ୟନ୍ତ ସ୍ୱାଧୀନତାର ମୂଲ୍ୟ ଅର୍ଥହୀନ। ଦାରିଦ୍ର୍ୟ ଦୂରୀକରଣ ଯେ କୌଣସି ସରକାର ଲାଗି ସବୁଠାରୁ ବଡ଼ ଆହ୍ୱାନ। ଅହିଂସା ବିନା ଏହା ହାସଲ କରାଯାଇ ପାରିବ ନାହିଁ। ପ୍ରଗତି ପାଇଁ ଶାନ୍ତି ଅପରିହାର୍ଯ୍ୟ। ଗାନ୍ଧିଜୀ ଓ ଓଡ଼ିଶା ଶୀର୍ଷକ ଚଳଚ୍ଚିତ୍ର ଏବଂ ମୁଖ୍ୟମନ୍ତ୍ରୀଙ୍କ ରାଜ୍ୟବାସୀଙ୍କ ଉଦ୍ଦେଶ୍ୟରେ ବାର୍ତ୍ତା 'ଅହିଂସା ରଥ' ମାଧ୍ୟମରେ ପ୍ରଚାରିତ ହେବ। ଏହାଛଡ଼ା ବିଭାଗ ପକ୍ଷରୁ ପ୍ରସ୍ତୁତ ହୋଇଥିବା ଉତ୍କଳମଣି ଗୋପବନ୍ଧୁ ଦାସ, ଶହୀଦ ଲକ୍ଷ୍ମଣ ନାୟକ, ସ୍ୱାଧୀନତା ସଂଗ୍ରାମୀ ରଘୁ ଦିବାକର, ଦେଶର ସର୍ବକନିଷ୍ଠ ଶହୀଦ ବାଜି ରାଉତଙ୍କ ଜୀବନାଦର୍ଶ ସମ୍ପର୍କିତ ପ୍ରମାଣିକ ଚଳଚ୍ଚିତ୍ର ଅହିଂସା ରଥର ଭିଡିଓ ୱାଲ୍‌ରେ ପ୍ରଦର୍ଶିତ ହେବ। ଏହା ମାଧ୍ୟମରେ ରାଜ୍ୟବାସୀ ସ୍ୱାଧୀନତା ସଂଗ୍ରାମରେ ଏହି ବରପୁତ୍ରମାନଙ୍କ ଅବଦାନ ସମ୍ପର୍କରେ ଅବଗତ ହୋଇପାରିବେ। ପ୍ରତି ଜିଲା ମୁଖ୍ୟାଳୟରେ ଏହି ରଥ ପହଞ୍ଚିବା ପରେ ବିଭିନ୍ନ ବ୍ଲକ୍ ବୁଲିବ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେବ। ଏଥିରେ ବିଭିନ୍ନ ଗୋଷ୍ଠୀ, ସ୍ଥାନୀୟ ଲୋକପ୍ରତିନିଧି, ସାଧାରଣ ଜନତା ଯୋଗଦେବେ। ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଆରମ୍ଭ ହୋଇଥିବା ଏହି ଅହିଂସା ରଥ ପରିକ୍ରମା କାର୍ଯ୍ୟକ୍ରମ ଅକ୍ଟୋବର ୨ ପର୍ଯ୍ୟନ୍ତ ଚାଲିବ।



ଅହିଂସା ରଥ






# ଆତ୍ମସମର୍ପଣ କରିଥିବା ୧୧ ମହିଳା ମାଓବାଦୀଙ୍କୁ ନିଯୁକ୍ତି

ମାଲକାନଗିରି,୧୬।୮ (ଡି.ଏନ୍.ଏ.)

ମାଲକାନଗିରି ଜିଲାରେ ସୋମବାର ୭୬ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଡି.ଏନ.କେ. ଖେଳପଡିଆଠାରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ପତାକା ଉତ୍ତୋଳନ କରି ଅଭିବାଦନ ଗ୍ରହଣ କରିବା ସହ ବିଭିନ୍ନ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏହି ଅବସରରେ ପୂର୍ବରୁ ଆତ୍ମସମର୍ପଣ କରିଥିବା ୧୧ ମହିଳା ମାଓବାଦୀଙ୍କୁ ମଙ୍ଗଳ ବିଭାଗର ରୋଷେୟା ଭାବେ ନିଯୁକ୍ତିପତ୍ର ପ୍ରଦାନ କରାଯାଇଛି। ସେମାନେ ମଙ୍ଗଳ ବିଭାଗର ବିଭିନ୍ନ ଆବାସିକ ବିଦ୍ୟାଳୟରେ ରୋଷେୟା ଭାବେ କାର୍ଯ୍ୟ କରିବେ। ପ୍ରଶାସନର ଏପରି ପଦକ୍ଷେପ ଆଗାମୀ ଦିନରେ ଅଧିକରୁ ଅଧିକ ସଂଖ୍ୟକ ମାଓବାଦୀଙ୍କୁ ଆତ୍ମ ସମର୍ପଣ କରିବାକୁ ପ୍ରେରଣା ଯୋଗାଇବ ବୋଲି କୁହାଯାଉଛି।




ରୋଷେୟା ଭାବେ ନିଯୁକ୍ତି ପାଇଥିବା ୧୧ ମହିଳା ମାଓବାଦୀ।

# ଶ୍ୱଶୁରଙ୍କ ତଣ୍ଟି କାଟିଲେ ଜ୍ୱାଇଁ

ଭୋଗରାଇ, ୧୬।୮ (ଡ଼ି.ଏନ.ଏ.): ବାଲେଶ୍ୱର ଜିଲା କୁସୁଡା ଗ୍ରାମରେ ଜ୍ୱାଇଁ ଶ୍ୱଶୁର ସୁଶାନ୍ତ ମହୁରିଙ୍କ ତଣ୍ଟି କାଟି ହତ୍ୟା କରିବା ସହ ଶାଶୁ ଓ ଶାଳୀଙ୍କୁ ଛୁରି ଭୁସିଛନ୍ତି। ଜ୍ୱାଇଁଙ୍କୁ ସ୍ଥାନୀୟ ଲୋକେ ପୋଲିସ ଜିମା ଦେଇଛନ୍ତି। ଗିରଫ ଜ୍ୱାଇଁ ହେଲେ ଭୋଗରାଇ ଥାନା ପିଠାପୁର ଗ୍ରାମର ଜଗା ମହୁରୀ। ଜଗାଙ୍କ ସ୍ତ୍ରୀ ବାପଘରକୁ ଆସିଥିଲେ। ଶ୍ୱଶୁର ଘରକୁ ଆସି ଜଗା ତାଙ୍କ ସ୍ତ୍ରୀଙ୍କୁ ନେବାକୁ ଜିଦ୍ ଧରିବାରୁ ଯୁକ୍ତିତର୍କ ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ଜଗା ଶ୍ୱଶୁରଙ୍କ ତଣ୍ଟି କାଟିଦେଇଥିଲା।






# ଜୁଏଲେରି ମାଲିକଙ୍କ ମାଡ଼ରେ ମ୍ୟାନେଜରଙ୍କ ମୃତ୍ୟୁ

- ଅଳଙ୍କାର ବ୍ୟାଙ୍କରେ ବନ୍ଧକ ରଖି ଅନ୍‌ଲାଇନରେ ଜୁଆ ଖେଳୁଥିଲେ
- ମାଲିକଙ୍କ ସମେତ ୩ ଗିରଫ

ଝାରସୁଗୁଡ଼ା ଅଫିସ,୧୬।୮

ଝାରସୁଗୁଡା ସହରର ଏକ ଜୁଏଲେରୀ ଦୋକାନ ମାଲିକଙ୍କ ମାଡ଼ରେ ଦୋକାନ ମ୍ୟାନେଜରଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବୌଦ୍ଧ ଜିଲା ମନମୁଣ୍ଡା ଥାନା ମହେଶପଡା ଗ୍ରାମର ସୁରେଶ ପାଣ୍ଡେ। ଏ ନେଇ ମୃତକଙ୍କ ମା' କୌଶଲ୍ୟାଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ଝାରସୁଗୁଡା ଟାଉନ ଥାନାରେ ଆଇପିସି ଦଫା ୩୦୨ରେ ମାମଲା (ନଂ୪୬୭/୨୨) ରୁଜୁକରି ତଦନ୍ତ ଚଳାଇଛି। ପୋଲିସ ଏହି ଘଟଣାରେ ୩ ଅଭିଯୁକ୍ତ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଜୁଏଲେରୀ ମାଲିକ ନବନିତ ସରାଗୀ(୨୯), କର୍ମଚାରୀ ବନହରପାଲି ଗ୍ରାମର ମେଘନାଦ ପଟେଲ(୨୦) ଓ ବେହେରାପାଟ ଗ୍ରାମର ମହେନ୍ଦ୍ର କିଷାନ(୩୦)।

ସୂଚନା ଅନୁସାରେ ଝାରସୁଗୁଡ଼ା ସହରରେ ଥିବା ଓଡ଼ିଶୀ ଜୁଏଲେରୀରେ ସୁରେଶ ମ୍ୟାନେଜର ଭାବେ କାମ କରୁଥିଲେ। ଗତ ଏପ୍ରିଲ ମାସରୁ ସେ ଦୋକାନରୁ ସୁନା ଅଳଙ୍କାର ଚୋରିକରି ଚାଲିଥିଲେ। ଯାଞ୍ଚ ପରେ ଷ୍ଟକ୍ ଶର୍ଟେଜ ଦେଖାଇଥିଲା। ତଦନ୍ତ ପରେ ଜଣାପଡିଥିଲା ଏଥିରେ ସୁରେଶ ସମ୍ପୃକ୍ତ ରହିଛନ୍ତି। ପ୍ରାୟ ୪୩ ଲକ୍ଷ ଟଙ୍କାର ଗହଣା ଷ୍ଟକରୁ ଚୋରି କରିଥିଲେ। ସେ ଏହାକୁ ବିଭିନ୍ନ ବ୍ୟାଙ୍କରେ ବନ୍ଧକରଖି ଟଙ୍କା ଆଣି ଅନ୍‌ଲାଇନରେ ଜୁଆଖେଳି ସବୁଟଙ୍କା ହରାଇ ଦେଇଥିଲେ। ଏହା ଜଣାପଡିବା ପରେ ଜୁଏଲେରୀ ମାଲିକ ଆଇନ ହାତକୁ ନେଇ କର୍ମଚାରୀଙ୍କ ସହିତ ମିଶି ତାଙ୍କୁ ନିସ୍ତୁକ ମାଡ଼ ମାରି ରକ୍ତାକ୍ତ କରିଦେଇଥିଲେ। ପରେ ସେ ଆହତ ଅବସ୍ଥାରେ ତାଙ୍କୁ ଟାଉନ ଥାନାରେ ଦେବା ସହ ତାଙ୍କ ନାମରେ ଚୋରି ଅଭିଯୋଗ କରିଥିଲେ। ପୋଲିସ ଜୁଏଲେରୀ ମାଲିକଙ୍କ ଅଭିଯୋଗ ଆଧାରରେ ମ୍ୟାନେଜରଙ୍କ ନାମରେ ମାମଲା (ନଂ୪୬୬/୨୨) ରୁଜୁକରି ତଦନ୍ତ ଚଳାଇଥିଲା। ଅନ୍ୟପକ୍ଷେ ପୋଲିସ ଗୁରୁତର ଆହତ ସୁରେଶଙ୍କୁ ଚିକିତ୍ସା ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲା। ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ବୁର୍ଲା ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ରବିବାର ତାଙ୍କର ମୃତ୍ୟୁ ଘଟିଛି।



ଗିରଫ ୩ ଅଭିଯୁକ୍ତ।



ମୃତକଙ୍କ ଫାଇଲ ଫଟୋ ।


4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

# ସରକାରୀ କାର୍ଯ୍ୟରେ ସ୍ୱଚ୍ଛତା ଆଣିବା ଉପରେ ଗୁରୁତ୍ୱ



ଜିଲାସ୍ତରୀୟ ସ୍ୱାଧୀନତା ଦିବସରେ ଜିଲାପାଳ ପତାକା ଉତ୍ତୋଳନ କରୁଛନ୍ତି।

## ଯାଜପୁରରେ ଜିଲାସ୍ତରୀୟ ସ୍ୱାଧୀନତା ଦିବସ ସମାରୋହ

ଯାଜପୁର ଅଫିସ,୧୬।୮

ଯାଜପୁର ଜିଲା ସ୍କୁଲ ପଡ଼ିଆରେ ଜିଲାସ୍ତରୀୟ ସ୍ୱାଧୀନତା ଦିବସ ସୋମବାର ପାଳିତ ହୋଇଯାଇଛି । ଜିଲାପାଳ ଚକ୍ରବର୍ତ୍ତି ସିଂହ ରାଠୋର ମୁଖ୍ୟଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ । ଦେଶକୁ ସ୍ୱାଧୀନତା ଦେବା ପାଇଁ ପ୍ରାଣବଳି ଦେଇଥିବା ବରେଣ୍ୟ ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ସହ ସେମାନଙ୍କ ତ୍ୟାଗପୂତ ଜୀବନ ସମ୍ପର୍କରେ ଆଲୋକପାତ କରିଥିଲେ । ଯାଜପୁରର ସ୍ୱାଧୀନତା ସଂଗ୍ରାମଙ୍କ ସ୍ମୃତିଚାରଣ କରି ସଂଗ୍ରାମୀ ମାୟାଧର ଭୂୟାଁ, ସାନନ୍ଦ ସ୍ୱାଇଁ, ସାଉଁଟି ମଲ୍ଲିକ ଓ ହାଡିବନ୍ଧୁ ପଣ୍ଡାଙ୍କ ବୀରତ୍ୱକୁ ସ୍ମରଣ କରିଥିଲେ । ସରକାରୀ କାର୍ଯ୍ୟରେ ସ୍ୱଚ୍ଛତା, ସମନ୍ୱୟ, ସମୟାନୁବର୍ତ୍ତିତା, ବୈଷୟିକ ଜ୍ଞାନର ଉପଯୋଗ, ରୂପାନ୍ତରକରଣ ପାଇଁ ୫-ଟି ଆଇନକୁ ଅଧିକ କ୍ରିୟାଶୀଳ କରିବାକୁ ସମସ୍ତଙ୍କ ସହଯୋଗ କାମନା କରିଥିଲେ।

ଏଥିରେ ଆରକ୍ଷୀ ବିଭାଗର ଗୋଟିଏ ପ୍ଲାଟୁନ ଫୋର୍ସ ଯୋଗ ଦେଇଥିବା ବେଳେ ପୋଲିସ ବ୍ୟାଣ୍ଡ ଦ୍ୱାରା ରାଷ୍ଟ୍ରୀୟ ସଙ୍ଗୀତ ପରିବେଷଣ କରାଯାଇଥିଲା । ଏହି ଅବସରରେ ୨୨ ଜଣ କୋଭିଡ୍ ଯୋଦ୍ଧାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ପ୍ରାରମ୍ଭରେ ମୁଖ୍ୟଅତିଥି ଗାନ୍ଧୀ ଛକ ସ୍ଥିତ ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ଓ ସଂସ୍କୃତି ଭବନ ଠାରେ ଥିବା ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ସେହିପରି ଜିଲା କାର୍ଯ୍ୟାଳୟଠାରେ ଜିଲାପାଳ ରାଠୋର, ଅତିରିକ୍ତ ଜିଲାପାଳ ଅକ୍ଷୟ କୁମାର ମଲ୍ଲିକ, ଉପଜିଲାପାଳ ଗୋପୀନାଥ କୁଅଁରଙ୍କ ସମେତ ଅନ୍ୟାନ୍ୟ ଅଧିକାରୀଙ୍କ ଉପସ୍ଥିତିରେ ପତାକା ଉତ୍ତୋଳନ କରାଯାଇଥିଲା । ଉତ୍କଳ ବାଳାଶ୍ରମ ପରିସରରେ ଅତିରିକ୍ତ ଜିଲାପାଳ ମଲ୍ଲିକ ଜାତୀୟ ପତାକା ଉତ୍ତୋଳନ କରିଥିଲେ । ପ୍ରତ୍ୟୁଷରୁ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଡାକବାଜି ଯନ୍ତ୍ର ଦ୍ୱାରା ସହରରେ ରାମଧୂନ ପରିବେଷଣ କରାଯାଇଥିଲା । ଜିଲା ପରିଷଦ ସଭାପତି ନଳିନୀପ୍ରଭା ଜେନା, ଉପସଭାପତି ଗଣେଶ୍ୱର ବରାଳ, ଜିଲା ଆରକ୍ଷୀ ଅଧୀକ୍ଷକ ରାହୁଲ ପି.ଆର୍, ପ୍ରକଳ୍ପ ନିର୍ଦ୍ଦେଶକ ଅଶୋକ କୁମାର ବେଉରିଆ, ଉପଜିଲାପାଳ ଗୋପୀନାଥ କୁଅଁର, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ବିରଞ୍ଚି ନାରାୟଣ ବାରିକ, ସୁଧାଂଶୁ ଶେଖର ବଳ, ଅନୁପ କୁମାର ନାଥଶର୍ମା, ଜିଲା ଜରୁରୀ ଅଧିକାରୀ ଉମେଶ ଚନ୍ଦ୍ର ଲେଙ୍କା, ଜିଲା ସମାଜ କଲ୍ୟାଣ ଅଧିକାରୀ ସୁବାସ ଚନ୍ଦ୍ର ସାମଲ, ଜିଲା ସଂସ୍କୃତି ଅଧିକାରୀ ଦୁର୍ଯ୍ୟୋଧନ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ । ବାଳାଶ୍ରମ ଓ ଜେଲର ଅନ୍ତେବାସୀମାନଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା ।

**ଜେନାପୁର,(ଡି.ଏନ.ଏ.):** ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ରବୀନ୍ଦ୍ର କୁମାର ଦାଶ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଅଧ୍ୟାପକ ରତ୍ନାକର ନାୟକ, କାର୍ତ୍ତିକେଶ୍ୱର ଦାସ, କିଶୋର କୁମାର ମିଶ୍ର, ସୌରେନ୍ଦ୍ର କୁମାର ପଣ୍ଡା, ଡ. ସୁରେଶ ଚନ୍ଦ୍ର ଦ୍ୱିବେଦୀ, ଅଶୋକ କୁମାର ବରାଳ, ଅଧ୍ୟାପିକା ଚିନ୍ମୟୀ ନାୟକଙ୍କ ସମେତ ଛାତ୍ରୀଛାତ୍ର ଓ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

ସେହିପରି ଧର୍ମଶାଳା ମିଡିଆ କ୍ଲବ ପକ୍ଷରୁ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। କ୍ଲବ ସଭାପତି ବିମଳ ପତି ପତାକା ଉତ୍ତୋଳନ କରିଥିବାବେଳେ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ପରେ ଧର୍ମଶାଳା ମେଡିକାଲ ପରିସରରେ ରୋଗୀଙ୍କୁ ଫଳ ବଣ୍ଟନ କରାଯାଇଥିଲା। ମେଡିକାଲ ଅଫିସର ସୁଧୀର କୁମାର ସାହୁ, ଧର୍ମଶାଳା ଥାନା ଅଧିକାରୀ ରାକେଶ କୁମାର ତ୍ରିପାଠୀ, ଜିଲା ପରିଷଦ ସଦସ୍ୟ ଜଳଧର ମହାନ୍ତି, ଖବରଦାତା ଅମୂଲ୍ୟ ପତି ଯୋଗଦେଇ ରୋଗୀଙ୍କୁ ଫଳ ଓ ଖବରକାଗଜ ହକରଙ୍କୁ ଛତା ବଣ୍ଟନ କରିଥିଲେ। କ୍ଲବର ସମସ୍ତ ସଭ୍ୟ ଉପସ୍ଥିତ ରହି ସହଯୋଗ କରିଥିଲେ। ସେହିପରି ଜେନାପୁର ଓ କବାଟ ବନ୍ଧ ଅଞ୍ଚଳର ବିଭିନ୍ନ ଶିକ୍ଷାନୁଷ୍ଠାନ, ଜେନାପୁର ପୋଲିସ ଷ୍ଟେଶନ, ପଞ୍ଚାୟତ କାର୍ଯ୍ୟାଳୟ ଓ ସରକାରୀ ଏବଂ ବେସରକାରୀ କାର୍ଯ୍ୟାଳୟରେ ସ୍ୱାଧୀନତା ଦିବସ ପାଳନ କରାଯାଇଛି।

**ଚଣ୍ଡିଖୋଲ,(ଡି.ଏନ୍.ଏ.):** ବଡ଼ଚଣାର ବିଭିନ୍ନ ସ୍ଥାନରେ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ବଡ଼ଚଣା ବ୍ଲକ ପରିସରରେ ବିଧାୟକ ଅମର ପ୍ରସାଦ ଶତପଥୀ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ସେହିଭଳି ବିଜୁ ଜନତାଦଳ କାର୍ଯ୍ୟାଳୟ ଚଣ୍ଡିଖୋଲଠାରେ ମଧ୍ୟ ବିଧାୟକ ପତାକା ଉତ୍ତୋଳନ କରିଥିଲେ। ଦର୍ପଣ ତହସିଲ କାର୍ଯ୍ୟାଳୟ ପରିସରରେ ତହସିଲଦାର ପ୍ରଦୀପ କୁମାର ସେଠୀ ପତାକା ଉତ୍ତୋଳନ କରିଥିଲେ। ବଡ଼ଚଣା କଂଗ୍ରେସ ତରଫରୁ ବାଲିଚନ୍ଦ୍ରପୁର କାର୍ଯ୍ୟାଳୟଠାରେ କଂଗ୍ରେସ ନେତା ଅଜୟ କୁମାର ସାମଲ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପୂର୍ବତନ ସରପଞ୍ଚ ସେକ୍ରିଆସତ୍ ଅଲ୍ଲି, ବିଶ୍ୱପ୍ରକାଶ ସାମଲ, ଯୁବକଂଗ୍ରେସ ସଭାପତି ସଞ୍ଜୟ କୁମାର କର, ଚାନ୍ଦ ଖାଁ, ମହନି ମହାନ୍ତି, ଅଶୋକ ରାଉତ, ଅଶୋକ ବେହେରା ଓ ସରୋଜ ଜେନା ପ୍ରମୁଖ ବହୁ କଂଗ୍ରେସ କର୍ମୀ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ।



ବଡ଼ଚଣା କଂଗ୍ରେସ ପକ୍ଷରୁ ବାଲିଚନ୍ଦ୍ରପୁର କାର୍ଯ୍ୟାଳୟରେ ପତାକା ଉତ୍ତୋଳନ କରାଯାଉଛି।

**ଧର୍ମଶାଳା,(ଡି.ଏନ.ଏ.):** ଧର୍ମଶାଳା ବ୍ଲକର ବିଭିନ୍ନସ୍ଥାନରେ ୭୬ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଧର୍ମଶାଳା ବ୍ଲକ ଅଫିସଠାରେ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ, ଶ୍ୟାମସୁନ୍ଦର ମହିଳା ବିକାଶ କେନ୍ଦ୍ର ଅରଙ୍ଗାବାଦଠାରେ ଅନୁଷ୍ଠାନର ଉପଦେଷ୍ଟା ତଥା ପୂର୍ବତନ ବିଧାୟକ ରବି ଲାବଣ୍ୟ ପତାକା ଉତ୍ତୋଳନ କରିଥିଲେ। ବିଜୁ ଜନତା ଦଳ କାର୍ଯ୍ୟାଳୟ ପରିସରରେ ବିଧାୟକ ପ୍ରଣବ ବଳବନ୍ତରାୟ ପତାକା ଉତ୍ତୋଳନ କରିଥିଲେ। ଧର୍ମଶାଳା ପ୍ରେସ୍‌କ୍ଲବରେ ସଭପତି ରମାକାନ୍ତ ଜେନା ପତାକା ଉତ୍ତୋଳନ କରିଥିଲେ। ଧର୍ମଶାଳା ତହସିଲ ଅଫିସରରେ ତହସିଲଦାର ସ୍ୱାଗତ ଦାସ, ଥାନାରେ ଆଇଆଇସି ରାକେଶ ତ୍ରିପାଠୀ, ଜେନାପୁର ଥାନାରେ ଆଇଆଇସି ଉମାକାନ୍ତ ନାୟକ, ଭାଜପା କାର୍ଯ୍ୟାଳୟରେ ନାରୀରେତ୍ରୀ ସ୍ମୃତିରେଖା ପହି, ଗୋପବନ୍ଧୁ ଛକଠାରେ ବ୍ଲକ କଂଗ୍ରେସ ସଭାପତି କିଷାନ ପଣ୍ଡା, ଆରୁହାଠାରେ ଜିଲା କ୍ରଶର ମାଲିକ ସଂଘ ସଭାପତି ଚନ୍ଦନ ନାୟକ, ଧର୍ମଶାଳା ମହୋତ୍ସବ ପୂଜା କମିଟିରେ ସମ୍ପାଦକ ସତ୍ୟପ୍ରିୟ ମହାନ୍ତି, ଜାରକା ଜଳ ସମ୍ପଦ ବିଭାଗ କାର୍ଯ୍ୟାଳୟରେ ଅଧୀକ୍ଷଣ ଯନ୍ତ୍ରୀ କାମଦେବ ଦାସ, ଜାରକା ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟାଳୟରେ ବିଶ୍ୱନାଥ ମାରାଣ୍ଡି, ଧର୍ମଶାଳା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ କାର୍ଯ୍ୟାଳୟରେ ସଭାପତି ଯୁଧିଷ୍ଠିର ସ୍ୱାଇଁ ପତାକା ଉତ୍ତୋଳନ କରିଥିଲେ। ଏତଦ୍‌ବ୍ୟତୀତ ଧର୍ମଶାଳା ଅଞ୍ଚଳରେ ଥିବା ସମସ୍ତ ସ୍କୁଲ, କଲେଜ ଓ ବିଭିନ୍ନ କାର୍ଯ୍ୟାଳୟରେ ପତାକା ଉତ୍ତୋଳନ କରାଯାଇଛି।

**ରସୁଲପୁର,(ଡି.ଏନ.ଏ.):** ରସୁଲପୁର ବ୍ଲକ ଅଞ୍ଚଳର ବିଭିନ୍ନ ସ୍ଥାନରେ ୭୬ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ବ୍ଲକ୍ ଅଫିସରେ ଅଧ୍ୟକ୍ଷ ଅରୁଣ କୁମାର ରାଉତ, ଭୋଟକା ପଞ୍ଚାୟତରେ ସରପଞ୍ଚ ସ୍ମୃତିରେଖା ରାଉତ, ସମିତିସଭ୍ୟ ରଞ୍ଜିତ କୁମାର ସାହୁ, ବଡ଼କଇଞ୍ଚି ପଞ୍ଚାୟତରେ ସରପଞ୍ଚ ଅଶୋକ କୁମାର ମଳିକ, ରାଉତରାପୁର ପଞ୍ଚାୟତରେ ପୂର୍ବତନ ସରପଞ୍ଚ ବିଶ୍ୱମ୍ଭର ଖୁଣ୍ଟିଆ, ସରପଞ୍ଚ ଲୋପାମୁଦ୍ର ଘଡ଼ାଇ ଉପସ୍ଥିତ ରହି ପତାକା ଉତ୍ତୋଳନ କରିଥିଲେ। ମୁଗୁପାଳ ପଞ୍ଚାୟତରେ ସରପଞ୍ଚ ପ୍ରଜ୍ଞାପରମିତା ମଳିକ, ରାଉତରାପୁରରେ ସରପଞ୍ଚ ସ୍ୱର୍ଣ୍ଣଲତା ସାହୁ ପ୍ରମୁଖ ପତାକା ଉତ୍ତୋଳନ କରିଥିଲେ।

ଚନ୍ଦନେଶ୍ୱର ଭାଜପା ମଣ୍ଡଳ ପକ୍ଷରୁ ସଭାପତି ଲକ୍ଷ୍ମୀଧର ପତିଙ୍କ ପୌରୋହିତ୍ୟରେ ପୂର୍ବତନ ସୈନିକ ପ୍ରତାପ ସିଂ ପତାକା ଉତ୍ତୋଳନ କରିଥିବାବେଳେ ଯାଜପୁର ଜିଲା ସମ୍ପାଦକ ମୁକୁନ୍ଦଦେବ ମହାନ୍ତି, ଚକ୍ରଧର କର, ଲକ୍ଷ୍ମଣ ଭୋଇ, ଭରତ ସେନାପତି, ସର୍ବେଶ୍ୱର ଦାସ, କେଶବ ଚନ୍ଦ୍ର ଗୁଇଁ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଭାରତୀୟ ଯୁବ କୃଷକ ସଂଘ ରସୁଲପୁର ଶାଖା ତରଫରୁ ଲିଗାଲ ସେଲର ଆବାହକ ଆଇନଜୀବୀ ସୁନିଲ ପଣ୍ଡା ପତାକା ଉତ୍ତୋଳନ କରିଥିବାବେଳେ ସଂଘ ରାଜ୍ୟ ସଭାପତି ପ୍ରଭାକର ନାୟକ ଅତିଥି ଭାବେ ଯୋଗ ଦେଇଥିଲେ। ପଲ୍ଲିପ୍ରଭା ବରିଷ୍ଠ ନାଗରିକ ସଂଘ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ସଭାପତି ରମାକାନ୍ତ ଦାସ ପତାକା ଉତ୍ତୋଳନ କରିଥିବାବେଳେ ଶିକ୍ଷାବିତ୍ ବିନୋଦ ବିହାରୀ ବେହେରା, ରଘୁନାଥ ଦାସ, ସୁରେନ୍ଦ୍ର ରାଉତ, ନଗେନ୍ଦ୍ର ପତି, କାର୍ତ୍ତିକ ଦାସ ଓ ମଦନ ମୋହନ ପତି ପ୍ରମୁଖ ଉପସ୍ଥିତ ଥିଲେ।

**ଯାଜପୁର ଟାଉନ, (ଡି.ଏନ.ଏ.):** ଯାଜପୁର ଟାଉନ ଡିଏଭି ପବ୍ଲିକ୍ ସ୍କୁଲରେ ୭୬ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଯାଜପୁର ବିଡିଓ ସୌରଭ ଚକ୍ରବର୍ତ୍ତୀ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ଉଦ୍‌ବୋଧନ ଦେଇଥିଲେ। ସ୍କୁଲ୍ ଅଧ୍ୟକ୍ଷ ଦେବେନ୍ଦ୍ର ପ୍ରଧାନଙ୍କ ସଭାପତିତ୍ୱରେ ମ୍ୟାନେଜିଂ କମିଟି ସଭ୍ୟା ସୁଭ୍ରାମଲ୍ଲିକ ଦ୍ୱିବେଦୀ ଉପସ୍ଥିତ ଥିଲେ। ପରେଡ୍, ସାଂସ୍କୃତିକ କାର୍ଯ୍ୟକ୍ରମ ଓ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ସୁଚାରୁ ରୂପେ ଅନୁଷ୍ଠିତ ହୋଇଥିଲା।

ସେହିପରି ଅନ୍ତର୍ଜାତୀୟ ସଙ୍ଗଠନ (ଆଲ୍‌ଟ) ଭୁବନେଶ୍ୱର ଓ ସମ୍ପର୍କ-ଗୋବିନ୍ଦପୁର ତରଫରୁ ସଭାପତି ଡ. ନାରାୟଣ ବାରିକ୍ ଓ ସମ୍ପାଦିକା ଡ. କୁଞ୍ଜଲତା ଦାସଙ୍କ ପୃଷ୍ଠପୋଷକତାରେ ଯାଜପୁର ବ୍ଲକ ଅଧୀନ ଶିବାଛକଠାରେ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଏଥିରେ ଯାଜପୁର ବ୍ଲକ ଉପାଧ୍ୟକ୍ଷ କମଳ କୁମାର ମଲ୍ଲିକ ମୁଖ୍ୟଅତିଥି ଭାବେ ଯୋଗଦାନ କରି ଅନ୍ତେବାସୀଙ୍କ ଗହଣରେ ପତାକା ଉତୋଳନ କରିବା ପରେ ଜାତୀୟ ସଂଗୀତ ଗାନ କରାଯାଇଥିଲା। ଶେଷରେ ରାକେଶ କୁମାର ବାରିକ୍ ଧନ୍ୟବାଦ ଦେଇଥିଲେ। ଏହାପରେ ୨ଟି ଅନୁଷ୍ଠାନର ଯୁବକର୍ମୀଙ୍କ ଦ୍ୱାରା ଗ୍ରାମ ରାସ୍ତା ଓ ଧବଳେଶ୍ୱର ମନ୍ଦିର ପ୍ରାଙ୍ଗଣରେ ସଫେଇ କାର୍ଯ୍ୟ କରାଯାଇଥିଲା।

# ସବୁଠି ଉଡ଼ିଲା ତ୍ରିରଙ୍ଗା



କଳିଙ୍ଗନଗର ଟାଟା ଷ୍ଟିଲ ପକ୍ଷରୁ ଆନୁଷ୍ଠିତ ସ୍ୱାଧୀନତା ଦିବସରେ ଯୋଗ ଦେଇଥିବା ଅତିଥି ଓ ଅନ୍ୟମାନେ।

ଯାଜପୁର ଅଫିସ,୧୬।୮

ଯାଜପୁର ଜିଲାର ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନରେ ସ୍ୱାଧୀନତାର ଅମୃତ ମହୋତ୍ସବ ପାଳିତ ହୋଇଯାଇଛି। ସବୁଠି ତ୍ରିରଙ୍ଗା ଉତ୍ତୋଳନ ସହିତ ମୈତ୍ରୀ, ବିବିଧତା ମଧ୍ୟରେ ଏକତା, ଭାଇଚାରା, ଜାତି ଧର୍ମ ନିର୍ବିଶେଷରେ ଅଖଣ୍ଡ ଭାରତର ବାର୍ତ୍ତା ଦେଇଛି।

### କଳିଙ୍ଗନଗର ଟାଟା ଷ୍ଟିଲ

ଟାଟାଷ୍ଟିଲ କଳିଙ୍ଗନଗର ଲଜିଷ୍ଟିକ୍ ଅପରେଶନ ବିଭାଗ ମୁଖ୍ୟ ସି.ଏଲ୍. କର୍ଣ୍ଣ ଜାତୀୟ ପତାକା ଉତ୍ତୋଳନ କରିଥିବାବେଳେ ସେଣ୍ଟ୍ରାଲ୍ ଇଣ୍ଡଷ୍ଟ୍ରିଆଲ ସିକ୍ୟୁରିଟି ଫୋର୍ସ (ସିଆଇଏସ୍ଏଫ୍)ର ଡେପୁଟି କମାଣ୍ଡାଣ୍ଟ ମହେଶ କୁମାର ଏବଂ ଟାଟାଷ୍ଟିଲ କଳିଙ୍ଗନଗରର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ କର୍ଣ୍ଣ କହିଥିଲେ, ଆମେ ସମସ୍ତେ ଦେଶକୁ ଏହାର ୭୬ତମ ସ୍ୱାଧୀନତା ଦିବସରେ ସଲାମ ଜଣାଇବା। ନିଜ କଠିନ ପରିଶ୍ରମ ମାଧ୍ୟମରେ ଗତ ୭୫ ବର୍ଷ ମଧ୍ୟରେ ଦେଶକୁ ରୂପ ଦେବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିବା ଶହୀଦ ଓ ନେତୃବର୍ଗଙ୍କୁ ଆସନ୍ତୁ ସଲାମ ଜଣାଇବା। ଟାଟାଷ୍ଟିଲ ଏକ ଅଗ୍ରଣୀ ବ୍ରାଣ୍ଡରୂପେ ଆଧୁନିକ ଭାରତର ଭିତ୍ତିଭୂମି ନିର୍ମାଣରେ ଏକ ପ୍ରମୁଖ ଭୂମିକା ନିର୍ବାହ କରିଆସୁଛି। ସ୍ୱାଧୀନତା ପରିବର୍ତ୍ତନ ଆଣିବାର ଶକ୍ତି ପ୍ରଦାନ କରିବା ସହିତ ସକରାତ୍ମକ ଫଳାଫଳ ଦେଇଥାଏ ବୋଲି ଟାଟାଷ୍ଟିଲରେ ଆମେ ବିଶ୍ୱାସ କରୁ ଓ ଆମେ ଦେଶର ବିକାଶ ଓ ସମୃଦ୍ଧି ପାଇଁ ନିଜ ଉଦ୍ୟମ ପ୍ରତି ପ୍ରତିଶ୍ରୁତିବଦ୍ଧ ରହିଛୁ। ସିଆଇଏସ୍ଏଫ୍ ଦଳର ପ୍ୟାରେଡ଼ ଓ ଡ୍ରିଲ୍ ଉପସ୍ଥିତ ଗଣ୍ୟମାନ୍ୟ ବ୍ୟକ୍ତିଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ନିରାପତ୍ତା ଓ ଅଗ୍ନିଶମ ଅଧିକାରୀଙ୍କୁ ସେମାନଙ୍କ ଅନୁକରଣୀୟ ପ୍ରଦର୍ଶନ ପାଇଁ ସମ୍ମାନିତ କରିବା ସହିତ ଏହି ସମାରୋହର ସମାପନ ହୋଇଥିଲା। ଆଜାଦୀ କା ଅମୃତ ମହୋତ୍ସବ ଅନ୍ତର୍ଗତ ହର୍ ଘର ତ୍ରିରଙ୍ଗା ଅଭିଯାନର ଅଂଶ ବିଶେଷ ଭାବେ ଅଗଷ୍ଟ ୧୩ ରୁ ଟାଟାଷ୍ଟିଲ କଳିଙ୍ଗନଗରର ପ୍ରତ୍ୟେକ ବିଭାଗରେ ଜାତୀୟ ପତାକା ପ୍ରଦର୍ଶିତ କରାଯାଇଥିଲା। ଏହାବାଦ୍ ଗତ ଜୁଲାଇରେ ଟାଟାଷ୍ଟିଲ କଳିଙ୍ଗନଗର ପକ୍ଷରୁ ଏକ ବିଶାଳ ବୃକ୍ଷରୋପଣ ଅଭିଯାନର ଆୟୋଜନ କରାଯାଇଥିଲା। ବୃକ୍ଷରୋପଣ ଅଭିଯାନର ଅଂଶ ବିଶେଷଭାବେ କାରଖାନା ପରିସରରେ ୧୨୦୦ରୁ ଉର୍ଦ୍ଧ୍ୱ ଚାରା ରୋପଣ କରାଯାଇଥିଲା।

### କଳିଙ୍ଗନଗର ଭିସା ଗ୍ରୁପ

କାରଖାନା ପରିସରରେ ଆୟୋଜିତ ସ୍ୱାଧୀନତା ଦିବସରେ କାରଖାନାର ନିର୍ଦ୍ଦେଶକ ମନୋଜ କୁମାର ମୁଖ୍ୟଅତିଥିଭାବେ ଯୋଗଦେଇ ପତାକା ଉତ୍ତୋଳନ କରିବା ସହିତ କାରଖାନାର ସମସ୍ତ କର୍ମଚାରୀ ଓ ଶ୍ରମିକଙ୍କୁ ଅଭିନନ୍ଦନ ଜଣାଇଥିଲେ। ସ୍ୱାଧୀନତା ପାଇଁ ବଳିଦାନ ଦେଇଥିବା ବୀର ଶହୀଦଙ୍କ ସ୍ମୃତିଚାରଣ କରିଥିଲେ। ପରେ ସୁରକ୍ଷା ବିଭାଗ ଦ୍ୱାରା ଦେଶାତ୍ମବୋଧକ ନୃତ୍ୟଗୀତ ତଥା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ସ୍ଲୋଗାନ ଓ କବିତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ଓ ସୁରକ୍ଷା ବିଭାଗର କର୍ମଚାରୀଙ୍କୁ ସୁରକ୍ଷା ଦିଗରେ ସାହାସିକତା କାର୍ଯ୍ୟ ପାଇଁ ମୁଖ୍ୟଅତିଥି ମନୋଜ କୁମାର ପୁରସ୍କୃତ କରିଥିଲେ। ଆଜାଦୀ କା ଅମୃତ ମହୋତ୍ସବ କାର୍ଯ୍ୟକ୍ରମରେ କଳିଙ୍ଗନଗରସ୍ଥିତ ଭିସା କାରଖାନା ସାମିଲ ଅଗଷ୍ଟ ୧ ରୁ ୧୫ ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ କରିଛି । ଏଥିରେ ସମସ୍ତ କର୍ମଚାରୀ ଓ ଶ୍ରମିକମାନଙ୍କ ମଧ୍ୟରେ ସ୍ଲୋଗାନ ଓ କବିତା ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। ହରଘର ତ୍ରିରଙ୍ଗା କାଯର୍ୟକ୍ରମରେ କାରରଖାନାର ସମସ୍ତ ପ୍ରାସାଦ ଉପରେ ତ୍ରିରଙ୍ଗା ପତାକା ଉଡିଥିଲା। କାରଖାନାର ପାରିପାର୍ଶ୍ୱିକ ଅଞ୍ଚଳରେ ଥିବା ମାଣତିରା ଓ ଯଖପୁରା ହାଇସ୍କୁଲରେ ସପ୍ତମ, ଅଷ୍ଟମ ଓ ନବମ ଶ୍ରେଣୀ ଏବଂ ଯାଜପୁରରୋଡସ୍ଥିତ ସେଣ୍ଟମେରୀ ଓ ଜୀ ସ୍କୁଲର ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଚିତ୍ରାଙ୍କନ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲ। ଅଗଷ୍ଟ ୧୩ରେ ଦାନଗଦି ଓ ଯାଜପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସାଧୀନ ରୋଗୀ, ବ୍ୟାସନଗରସ୍ଥିତ ବ୍ୟାସଭୂମି ଅନାଥାଶ୍ରମର ଅନ୍ତେବାସୀ ଓ ଶାନ୍ତି ନିବାସ ଅନ୍ତେବାସୀମାନଙ୍କୁ ଫଳବଣ୍ଟନ କରାଯାଇଥିଲା।



ଭିସା ଷ୍ଟିଲରେ ସ୍ୱାଧୀନତା ଦିବସ ପାଳନ କାର୍ଯ୍ୟରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

# ଧର୍ମଶାଳା ବ୍ଲକର ୧,୧୧୬ ହେକ୍ଟର ଚାଷଜମି ଜଳମଗ୍ନ

ଧର୍ମଶାଳା,୧୬।୮(ଡି.ଏନ.ଏ.)

ମହାନଦୀର ଶାଖାନଦୀ ବିରୂପା ଓ ତା'ର ଶାଖାନଦୀ ଗେଙ୍ଗୁଟି ନଦୀରେ ବନ୍ୟା ଆସିବା ଫଳରେ ଧର୍ମଶାଳା ବ୍ଲକ ଅଧୀନ ୬ ପଞ୍ଚାୟତର ଧାନ ଚାଷ ଜଳମଗ୍ନ ହୋଇଥିବା କୃଷି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଧର୍ମଶାଳା କୃଷି ବିଭାଗ ବିଏଓ ପ୍ରଦୀପ କୁମାର ମହାନ୍ତି କହିଛନ୍ତି, ଗେଙ୍ଗୁଟି ନଦୀ ବନ୍ୟାଦ୍ୱାରା ପରୁଣିଆ, କଣ୍ଟିଗଡ଼ିଆ, ପାଟପୁର, କ୍ଷେତ୍ରପାଳ, ମିର୍ଜାପୁର, କୋତପୁର ପଞ୍ଚାୟତର ୨୯ଟି ମୌଜାରେ ୧୧୧୬ ହେକ୍ଟର ଧାନଚାଷ ମଙ୍ଗଳବାର ଅପରାହ୍ନ ୧ଟା ସୁଦ୍ଧା ଜଳମଗ୍ନ ହୋଇଛି। ମହାନଦୀରେ ଅଧିକ ବନ୍ୟାଜଳ ଆସୁଥିବାରୁ ବୁଧବାର ଅଧିକ ଚାଷ ଜମି କ୍ଷତିଗ୍ରସ୍ତ ହେବ। କୃଷକନେତା ବସନ୍ତ ପରିଡ଼ା, ନେତ୍ରାନନ୍ଦ ଦାସ କହିଛନ୍ତି ଯେ, ଗେଙ୍ଗୁଟି ନଦୀ ଦ୍ୱାରା ବ୍ଲକର ୮ଟି ପଞ୍ଚାୟତରେ ୨ ହଜାର ହେକ୍ଟର ଧାନ ଫସଲ ବୁଡି ରହିଛି। ଜାରକା ଜଳ ସମ୍ପଦ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ କାମଦେବ ଦାସ କହିଛନ୍ତି, ବ୍ରାହ୍ମଣୀ ଓ କେଲୁଅରେ ବନ୍ୟା ନ ଥିବାରୁ ଗେଙ୍ଗୁଟି ନଦୀ ବନ୍ୟାପାଣି ବିଶେଷ କ୍ଷୟକ୍ଷତି କରିପାରିବ ନାହିଁ। ବୁଧବାର ଅଧିକ ବନ୍ୟାପାଣି ଆସିଲେ ମଧ୍ୟ ବିଭାଗ ମୁକାବିଲା ପାଇଁ ପ୍ରସ୍ତୁତ ରହିଛି।

# ବ୍ରାହ୍ମଣୀ ନଦୀବନ୍ଧରେ ଘଳିଆ

ରସୁଲପୁର,୧୬।୮(ଡି.ଏନ.ଏ.)



ନଦୀବନ୍ଧରେ ସୃଷ୍ଟି ହୋଇଥିବା ଘଳିଆ।

ରସୁଲପୁର ବ୍ଲକ ଅନ୍ତର୍ଗତ ବାରବାଟୀ ପଞ୍ଚାୟତର ବ୍ରାହ୍ମଣୀ ନଦୀବନ୍ଧ ବାମପାର୍ଶ୍ୱରେ ଦୁର୍ଗାପୁର ଗାଁର ସଂଖ୍ୟାଲଘୁ ସାହି ଅବସ୍ଥିତ। ତେବେ ବନ୍ଧମୂଳରେ ଏକ ଘଳିଆ ପଡ଼ିଥିବାରୁ ଏହି ସାହିରେ ଥିବା ୪୦୦ରୁ ଉର୍ଦ୍ଧ୍ୱ ଜନସାଧାରଣଙ୍କୁ ବନ୍ୟାଭୟ ଘାରିଛି। ତେଣୁ ଏଠାରେ ଉପୁଜିଥିବା ସମସ୍ୟାକୁ ସୁଧାରିବା ପାଇଁ ସରପଞ୍ଚ ଆୟୁଷମତି ଦାସ ଓ ସମିତିସଭ୍ୟା ସୌଦାମିନ ସ୍ୱାଇଁ ଦାବି କରିଛନ୍ତି। ଏ ଦିଗରେ ଉଭୟ ପ୍ରତିନିଧି ରସୁଲପୁର ବିଡିଓ ଅବନିକାନ୍ତ ସାହୁଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁ ବ୍ରାହ୍ମଣୀରେ ପ୍ରଥମ ବନ୍ୟାଜଳ ପ୍ରବାହିତ ହେଉଛି। ଏବେ ନଦୀଜଳ କୂଳପାଳ ଛୁଇଁବା ଆରମ୍ଭ କରିଛି। ବନ୍ଧତଳ ସ୍ତରରେ ସୃଷ୍ଟି ହୋଇଥିବା ଘଳିଆ ଦେଇ ନଦୀଜଳ ବନ୍ଧର ଅପରପାର୍ଶ୍ୱକୁ ପ୍ରବାହିତ ହେଉଛି। ନଦୀରେ ପାଣି ବଢିବା ସହ ଏହି ଘଳିଆରେ ପାଣିର ପରିମାଣ ବଢିବା ଆଶଙ୍କା କରାଯାଉଛି। ଏଭଳି ସ୍ଥିତି ୨୦୨୦ରେ ବ୍ରାହ୍ମଣୀରେ ଆସିଥିବା ପ୍ରଳୟଙ୍କାରୀ ବନ୍ୟା ସମୟରେ ଉପୁଜିଥିଲା। ସେତେବେଳେ ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଇ ଶତାଧିକ ବାଲିବସ୍ତା ପକାଯାଇ ଘଳିଆ ମରାମତି କରାଯାଇଥିଲା। ବନ୍ୟା ପରେ ଜଳସମ୍ପଦ ବିଭାଗ ଉକ୍ତ ଦୁର୍ବଳ ନଦୀବନ୍ଧ ସ୍ଥାନଟିକୁ ଅଣଦେଖା କରିଆସୁଛି। ତେବେ ଉକ୍ତ ସ୍ଥାନକୁ ସୁଦୃଢ଼ୀକରଣ କରାଯିବା ପାଇଁ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଇ ନ ଥିବା ଅଭିଯୋଗ ହେଉଛି। ଚଳିତ ବର୍ଷ ପ୍ରଥମ ବନ୍ୟାରେ ପୁରୁଣା ଘଳିଆ ସ୍ଥାନରେ ପୁଣି ନଦୀଜଳ ପ୍ରବାହିତକୁ ଦେଖି ଅଞ୍ଚଳବାସୀଙ୍କ ଆଖିରୁ ନିଦ ହଜିଯାଇଛି। ଆଗକୁ ଲଘୁଚାପ ବର୍ଷା ହେବାର ସମ୍ଭାବନା ରହିଛି। ଆସନ୍ତା ଦିନରେ ନଦୀରେ ବନ୍ୟା ସ୍ଥିତି ଉତ୍କଟ ହେଲେ ଏହି ସ୍ଥାନରେ ଘାଇ ସୃଷ୍ଟି ହେବା ସମ୍ଭାବନାକୁ ଏଡାଇ ଦିଆଯାଇ ନ ପାରେ। ତେଣୁ ଏ ଦିଗରେ ତୁରନ୍ତ ପ୍ରଶାସନ ଦୃଷ୍ଟି ଦେବା ଆବଶ୍ୟକ। ଏ ସମ୍ପର୍କରେ ବିଡିଓ ସାହୁଙ୍କୁ ପଚାରିବାରେ ସେ କହିଛନ୍ତି, ସ୍ଥିତି ଅନୁଧ୍ୟାନ ପରେ ପଦକ୍ଷେପ ନିଆଯିବ।

# ବୁଡ଼ିଲା ପଣସାର ହେକ୍ଟର ହେକ୍ଟର ଚାଷ ଜମି

ଯାଜପୁର ଟାଉନ,୧୬।୮(ଡି.ଏନ.ଏ.)

ବୈତରଣୀ ନଦୀରେ ବନ୍ୟା ଆସିବାରୁ ଯାଜପୁର ବ୍ଲକର ପଣସା ପଞ୍ଚାୟତ ସମେତ ସିମିଳିଆ, ବେରୁଦା, ଭୁବନେଶ୍ୱରପୁର ଆଦି ଅଞ୍ଚଳ ପ୍ରଭାବିତ ହୋଇଛି। ପଣସା ପଞ୍ଚାୟତର ହେକ୍ଟରହେକ୍ଟର ଚାଷ ଜମି ବୁଡ଼ିଯାଇଛି। ୨ ବର୍ଷ ହେବ ଫସଲ କ୍ଷତିଗ୍ରସ୍ତ ହେଉଥିବା ବେଳେ ଚଳିତ ବର୍ଷ ଭଲ ଧାନ ଅମଳର ଆଶା ରଖିଥିବା ଚାଷୀ ଏବେ ମୁଣ୍ଡରେ ହାତଦେଇ ବସିଛନ୍ତି। ଧାନ ରୁଆପୋତା ସରିଥିବା ବେଳେ ବନ୍ୟାଜଳ ବଇରି ସାଜିଛି। ଅନ୍ୟପଟେ ପଣସା ପଞ୍ଚାୟତରେ ବନ୍ୟା ଆସିବା ଯୋଗୁ ଅନେକ ଆଦିବାସୀ ପରିବାର ନଦୀ ବନ୍ଧରେ ଆଶ୍ରୟ ନେଇଛନ୍ତି। ୨୫/୩୦ ଆଦିବାସୀ ପରିବାର ପାଇଁ ଏହି ସମସ୍ୟା ଦେହସୁଆ ହୋଇଥିବା ବେଳେ ସେମାନଙ୍କୁ ସ୍ଥାୟୀ ଭାବେ ପ୍ରଶାସନ ପକ୍ଷରୁ ଥଇଥାନ କରାଯାଇନାହିଁ। ବନ୍ୟା ଆସିଲେ ସେମାନଙ୍କ ମାଟି ଘର ଧୋଇଯାଉଥିବା ବେଳେ ସେମାନେ ବନ୍ଧରେ ଆଶ୍ରୟ ନେଇଥାନ୍ତି। ବନ୍ୟା ଛାଡ଼ିଲେ ପୁନର୍ବାର ଘର ସଜାଡ଼ିବାରେ ଲାଗିପଡ଼ନ୍ତି। ଏବେ ସେମାନେ ଅନ୍ଧାର ରାତିରେ ନଦୀ ବନ୍ଧରେ ଗୋରୁ ଓ ନିଜର ଛୁଆପିଲାଙ୍କୁ ଧରି ଆଶ୍ରୟ ନେଇଛନ୍ତି। ମାତ୍ର ପ୍ରଶାସନ ପକ୍ଷରୁ ସେମାନଙ୍କୁ ଠିକ୍‌ରେ ରିଲିଫ୍ ମିଳି ନ ଥିବାରୁ ଅସନ୍ତୋସ ପ୍ରକାଶ କରିଛନ୍ତି।



ଚାଷ ଜମିରେ ବନ୍ୟା ପାଣି ମାଡ଼ିଯାଇଛି।

## ସଂକ୍ଷେପରେ

### ଜାତୀୟ ପତାକାକୁ ଅସମ୍ମାନ

ନୟାଗଡ଼ ଅଫିସ,୧୬।୮: ସ୍ୱାଧୀନତା ଦିବସରେ ନୟାଗଡ଼ ଡାଲି ଗବେଷଣାଗାରରେ ସୋମବାର ଜାତୀୟ ପତାକା ଉତ୍ତୋଳନ ହୋଇଥିଲା । ମଙ୍ଗଳବାର ଅପରାହ୍ନ ୩ଟା ପର୍ଯ୍ୟନ୍ତ ପତାକା ଖୋଲାଯାଇ ନ ଥିଲା । ଜାତୀୟ ପତାକାକୁ ଅସମ୍ମାନ ନେଇ ସମାଲୋଚନା ପରେ ଡାଲି ଗବେଷଣାଗାରର ଜଣେ କର୍ମଚାରୀ ପହଞ୍ଚି ତରବରିଆ ଭାବେ ପତାକା ଖୋଲୁଥିବା ଦେଖିବାକୁ ମିଳିଥିଲା ।

### ୧୬ ୟୁନିଟ୍ ରକ୍ତ ସଂଗ୍ରହ

ନୟାଗଡ଼ ଅଫିସ,୧୬।୮:ସ୍ୱାଧୀନତା ଦିବସ ଅବସରରେ ନୟାଗଡ଼ ରେଡକ୍ରସ ସୋସାଇଟି ସତ୍ୟମ କମ୍ପ୍ୟୁଟରର ମିଳିତ ଆନୁକୂଲ୍ୟରେ ନୟାଗଡ଼ରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା । ଏଥିରେ ୧୬ ୟୁନିଟ ରକ୍ତ ସଂଗହ କରାଯାଇଥିଲା । ଏହାକୁ ପରିଚାଳନା ବିଭୂତି ଭୂଷଣ ପଟ୍ଟନାୟକ, ଧିରେନ୍ଦ୍ର କୁମାର ପଟ୍ଟନାୟକ, ସନ୍ତୋଷ ଷଡ଼ଙ୍ଗୀ ପ୍ରମୁଖ କରିଥିଲେ। ସେହିପରି ସୋଲପଟା ଜଗତିସାହି କମ୍ୟୁନିଟି ସେଣ୍ଟରରେ ଅନୁଷ୍ଠିତ ରକ୍ତଦାନ ଶିବିରରେ ୮୬ ୟୁନିଟ୍ ରକ୍ତ ସଂଗୃହିତ ହୋଇଥିଲା ।

### ସାହିତ୍ୟ ଏକାଡେମୀ ପକ୍ଷରୁ କବିତା ପାଠ ଉତ୍ସବ

ନୟାଗଡ଼ ଅଫିସ,୧୬।୮: ସ୍ୱାଧୀନତାର ଅମୃତ ମହୋତ୍ସବ ପାଳନ ଅବସରରେ ଓଡ଼ିଶା ସାହିତ୍ୟ ଏକାଡେମୀର ନୟାଗଡ଼ ଶାଖା ପକ୍ଷରୁ କବିତା ପାଠ ଉତ୍ସବ ନୟାଗଡ଼ ବ୍ଲକର ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ନୟାଗଡ଼ ଜଲା ସାହିତ୍ୟ ଏକାଡେମୀର ସଦସ୍ୟ ଅଶୋକ କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ନୟାଗଡ଼ ମ୍ୟୁନିସିପାଲିଟିରେ ଅଧକ୍ଷା ନିରୁପମା ଖଟେଇ, ନୟାଗଡ଼ ବ୍ଲକ ଅଧକ୍ଷ କିଶୋର ଚନ୍ଦ୍ର ସାହୁ, ସାହିତ୍ୟିକ ବସିରନ ବିବି, ସେକ୍ ଅବଦୁଲ ଖାଲିକ୍ ଓ ପୂର୍ଣ୍ଣଚନ୍ଦ୍ର ମହାପାତ୍ର ପ୍ରମୁଖ ମଞ୍ଚାସିନ ଥିଲେ । ଏଥିରେ ୨୦ ରୁ ଉର୍ଦ୍ଧ୍ୱ ସାହିତ୍ୟିକ ସ୍ୱରଚିତ କବିତା ଆବୃତ୍ତି କରିଥିଲା ।

### ଗ୍ରାହକ ସେବାକେନ୍ଦ୍ର ଉଦ୍‌ଘାଟିତ

ଖଣ୍ଡପଡ଼ା,୧୬।୮(ସ୍ୱ.ପ୍ର.): ବିଦ୍ୟୁତ୍ ବିତରକ କମ୍ପାନୀ ଟାଟା(ଟିପିସିଓଡିଏଲ)ର ନୟାଗଡ଼ ବିଦ୍ୟୁତ୍ ଡ଼ିଭିଜନ ଅଧୀନ ଖଣ୍ଡପଡ଼ା ସହର ଓ କଣ୍ଟିଲୋରେ ଗ୍ରାହକ ସେବା କେନ୍ଦ୍ର ସୋମବାର ଉଦ୍‌ଘାଟିତ ହୋଇଛି । ଖଣ୍ଡପଡ଼ାରେ ଏନ୍‌ଏସି ଅଧକ୍ଷା ଆରତୀ ପ୍ରଧାନ ଓ କଣ୍ଟିଲୋରେ ସରପଞ୍ଚ ଶ୍ରୀୟାରାଣୀ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ଗ୍ରାହସେବା କେନ୍ଦ୍ରକୁ ଉଦ୍‌ଘାଟନ କରିଥିଲେ । ଆୟୋଜିତ କାର୍ଯ୍ୟକ୍ରମରେ ଖଣ୍ଡପଡ଼ା ଏସ୍‌ଡିଓ ଅନୀଲ କୁମାର ସାହୁ, ଖଣ୍ଡପଡ଼ା ସେକ୍ସନ ମ୍ୟାନେଜର ବିନୋଦ କୁମାର ମହାରଣା ଓ କଣ୍ଟିଲୋ ସେକ୍ସନ ମ୍ୟାନେଜର ରମେଶ କୁମାର ସାହୁ ଓ ସ୍ଥାନୀୟ ଜନ ପ୍ରତିନିଧିମାନେ ଉପସ୍ଥିତ ଥିଲେ ।

### କାର୍ ଧକ୍କାରେ ବାପା, ଝିଅ ଗୁରୁତର

ଖଣ୍ଡପଡ଼ା,୧୬।୮(ସ୍ୱ.ପ୍ର.): ଖଣ୍ଡପଡ଼ା ବ୍ଲକ ଅଧୀନ ବାଣପୁର ବଡ଼ସାହିର ଏକ କ୍ୟାବିନ ନିକଟରେ ଠିଆ ହୋଇଥିବା ବାପା, ଝିଅକୁ ଏକ ଗାଡ଼ି ଧକ୍କା ଦେବାରୁ ଉଭୟ ଗୁରୁତର ହୋଇଛନ୍ତି । ଆହତଦ୍ୱୟଙ୍କୁ ଖୋର୍ଦ୍ଧା ଡାକ୍ତରଖାନକୁ ପଠାଯାଇଛି । ସୋମବାର ଏହି ଦୁଃଖଦ ଘଟଣା ଘଟିଛି । ସୂଚନା ଅନୁଯାୟୀ, ବାଣପୁରର ପୂର୍ଣ୍ଣ ଚନ୍ଦ୍ର ରାଉତ ଓ ତାଙ୍କ ଝିଅ ପ୍ରିୟଦର୍ଶିନୀ କୌଣସି କାମରେ ଆସି ରାସ୍ତା ପାର୍ଶ୍ୱରେ ଠିଆ ହୋଇଥିଲେ । ଏହି ସମୟରେ ଦ୍ରୁତ ଗତିରେ ଆସୁଥିବା ଏକ ଏକ କାର ପାଖରେ ଥିବା କ୍ୟାବିନକୁ ଧକ୍କା ଦେଇ ପୂର୍ଣ୍ଣଚନ୍ଦ୍ର ଓ ପ୍ରିୟଦର୍ଶିନୀଙ୍କ ଉପରକୁ ମାଡିଯାଇଥିଲା । କଣ୍ଟିଲୋ ଫାଣ୍ଡି ଅଧିକାରୀ ମିହିର କୁମାର ମିଶ୍ର ଦୁର୍ଘଟଣା ଘଟାଇ ଥିବା ଗାଡ଼ି(ନଂ.ଓଡି ୦୨-୩୪୨୨)କୁ ଜବତ କରି ତଦନ୍ତ ଚଳାଇଛି ।

### ପେଟେଇଚଣ୍ଡୀ ମନ୍ଦିର ହୁଣ୍ଡି ଭାଙ୍ଗି ଚୋରି

ନୂଆଗାଁ,୧୬।୮(ଡି.ଏନ.ଏ.): ନୟାଗଡ଼ ଜିଲା ନୂଆଗାଁ ବ୍ଲକ ଓଡ଼ଗାଁ ଥାନା ସିଙ୍ଗାରପଲି ପଞ୍ଚାୟତ ମା'ପେଟେଇଚଣ୍ଡୀ ମନ୍ଦିରର ହୁଣ୍ଡି ଭାଙ୍ଗି ସୋମବାର ରାତିରେ ଚୋରି ହୋଇଛି । ମନ୍ଦିରର ପୂଜକ ସକାଳୁ ପୂଜା କରିବାକୁ ଆସି ଏହି ଚୋରି ସଂକ୍ରାନ୍ତରେ ଜାଣିବାକୁ ପାଇଥିଲେ । ପରେ ସିସି ଟିଭି ଫୁଟେଜ ଦେଖିବାରେ ଜଣେ ଯୁବକ ଆସି ହୁଣ୍ଡି ଭାଙ୍ଗୁ ଥିବା ଦେଖିବାକୁ ପାଇଲେ । ଏ ସଂକ୍ରାନ୍ତରେ ବାହାଡ଼ାଝୋଲା ଫାଣ୍ଡିରେ ଲିଖିତ ଅଭିଯୋଗ କରାଯାଇଛି । ଗତବର୍ଷ ଏଭଳି ହୁଣ୍ଡି ଭାଙ୍ଗି ଚୋରି ହୋଇଥିଲା । ପୋଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା ।

# ଗଣିଆର ୩୪ ଗାଁରେ ବନ୍ୟାଜଳ


ଭାପୁର ବ୍ଲକ ମାଣିତ୍ରୀ ଗ୍ରାମରେ ବନ୍ୟାଜଳ।


ବନ୍ୟା ବିପନ୍ନଙ୍କୁ ନିରାପଦ ସ୍ଥାନକୁ ଅଣାଯାଉଛି।

**ନୟାଗଡ ଅଫିସ/ଗଣିଆ/ଭାପୁର,୧୬।୮(ଡି.ଏନ୍.ଏ.)**

■ ୩ ଦିନ ହେଲା ନାହିଁ ବିଦ୍ୟୁତ୍
■ ପାନୀୟ ଜଳ ମିଳୁ ନାହିଁ

ହୀରାକୁଦ ଗେଟ୍ ଖୋଲିବା ଓ ବନ୍ଦ କରିବା ପ୍ରକ୍ରିୟା ଜାରି ରହିଥିବା ବେଳେ ନୟାଗଡ ଜିଲାରେ ବନ୍ୟା ପରିସ୍ଥିତି ଟଳି ନାହିଁ । ମହାନଦୀରୁ ଯଦିଓ ବନ୍ୟାଜଳ ହ୍ରାସ ପାଇଛି ତେବେ ରାସ୍ତା ଉପରେ ୪ରୁ ୫ ଫୁଟର ବନ୍ୟା ଜଳ ଜମି ରହିଥିବାରୁ ଯାତାୟତ ବନ୍ଦ ରହିଛି । ଗଣିଆ ବ୍ଲକ ଛାମୁଣ୍ଡିଆ ପଞ୍ଚାୟତର ମାଳିସାହି, କୁତୁରୀ, ବଡମୂଳ, ବେଠିଆସାହି, ମୁଦୁଲିଗାଡିଆ, କନ୍ଧ ଜିଲିଣ୍ଡା, ଛାମୁଣ୍ଡିଆ, ଗୋପିନାଥପୁର, ବେଣ୍ଟପଡା, ଇଶ୍ବରପୁର, ମସ୍କାଝୋଲ, ବେଣ୍ଟପଡା ମାଳିସାହି, ରାଇଗଡିଆ, ରାସଙ୍ଗ ପଞ୍ଚାୟତର ଡଙ୍କାରିସାହି, କେନ୍ଦୁପଲ୍ଲୀ, କାଦୁଆ, ରାସଙ୍ଗ, ବେଲପଡା ପଞ୍ଚାୟତର ରାଉତପଡା, ୱାଲିପୁର, କିଶୋରପ୍ରସାଦ ପଞ୍ଚାୟତର ପତୁରିଆ ପରି ଗାଁ ଏପରି ମୋଟରେ ୩୪ ଗାଁ ଜଳବନ୍ଦୀ ହୋଇ ରହିଛି । ସେହିଭଳି ଭାପୁର ବ୍ଲକର ୫, ଖଣ୍ଡପଡ଼ ବ୍ଲକର ଗୋଟିଏ ଗାଁ ଅନୁରୂପ ଭାବେ ଜଳବନ୍ଦୀ ହୋଇ ଅଛି । ଗଣିଆ ବ୍ଲକର ୩୪ ଟି ଗାଁରେ ୩ ଦିନ ହେଲା ବିଦ୍ୟୁତ୍ ନାହିଁ । ଘରେ ଡିବରି ଜାଳିବା ପାଇଁ କିରୋସିନି ନାହିଁ । କିରୋସିନି ରାଶନ ଦୋକାନରେ ମିଳୁନି । ପୁଣି ବନ୍ୟାଜଳରେ ନଳକୂପ ବୁଡି ରହିଥିବାରୁ ପାନୀୟ ଜଳର ଅଭାବ ଲାଗି ରହିଛି । ଲୋକେ ଘରୁ ପାଦ କାଢ଼ି ପାରି ନାହାନ୍ତି । ପ୍ରଶାସନ ପକ୍ଷରୁ ଯେଉଁ ଡଙ୍ଗା ଅଥବା ବୋଟ୍ ଦିଆ ଯାଇଛି ସେଥିରେ ବିପନ୍ନ ଲୋକେ ଉପକୃତ ହେଉ ନ ଥିବା ଅଭିଯୋଗ ରହିଛି । ପୁଣି ବନ୍ୟା ଲାଗି ରହିଥିବାବେଳେ ପ୍ରଶାସନ ପକ୍ଷରୁ ଏଯାବତ ରିଲିଫ ମିଳିଲା ନାହିଁ । ବହୁ ଲୋକଙ୍କ ଘରେ ବନ୍ୟାଜଳ ପଶି ଥିବାରୁ ରୋଷୋଇ କରିବା ସମ୍ଭବ ହେଉନାହିଁ । ବନ୍ୟା ଅଞ୍ଚଳ ଲୋକ ଅଭିଶପ୍ତ ଜୀବନଯାପନ କରୁଛନ୍ତି । ଅପରାହ୍ନରୁ ବନ୍ୟା ଅଞ୍ଚଳ ଖାଁ ଖାଁ ଲାଗୁଛି ।

**କାଳିଗିରି ପୋଲ ଉପରେ ୬ ଫୁଟର ବନ୍ୟାଜଳ**

ମହାନଦୀରେ ବନ୍ୟା ଯୋଗୁ ଭାପୁର ବ୍ଲକ କରବର ପଞ୍ଚାୟତର କରବର, ମାଣିତ୍ରୀ, ବଡପୁର, ଗୁଡୁପଡା, ନଣ୍ଡାବର, ଫତେଗଡ ପଞ୍ଚାୟତର ମଣିପୁର ଆଦି ୬ଟି ଗାଁ ବନ୍ୟା ଘେରରେ ରହିଛି । କଳାପଥର ଫତେଗଡ ୪୮ ନଂ.ଜାତୀୟ ରାଜପଥର କାଳିଗିରି ବ୍ରିଜ ଉପରେ ୬ ଫୁଟର ବନ୍ୟା ଜଳ ଚାଲିଛି । ଏଣୁ କରବର ବୈଦେଶ୍ୱର ରାସ୍ତାରେ ଯୋଗଯୋଗ ବିଚ୍ଛି ନ୍ନ ହୋଇଛି ।

**୪ ପାୱାର ବୋଟ୍, ୭ ଡଙ୍ଗା**

ଉପଜିଲାପାଳ ଲଗ୍ନଜିତ୍ ରାଉତ୍ କୁହଛନ୍ତି, ଗଣିଆ ବ୍ଲକ ପାଇଁ ୨ଟି ପାୱାର ବୋଟ୍ ଓ ୬ ଦେଶୀ ଡଙ୍ଗା, ଭାପୁର ବ୍କ ପାଇଁ ୨ ବୋଟ୍ ଓ ଗୋଟିଏ ଦେଶୀ ଡଙ୍ଗାର ବ୍ୟବସ୍ଥା ହୋଇଛି । ଗଣିଆ ଅଞ୍ଚଳକୁ ଶୁଖିଲା ଖାଦ୍ୟ ଚୁଡା ଓ ଗୁଡ, ଗୋ ଖାଦ୍ୟ ପଠା ଯାଇଛି । ଭାପୁର ଓ କଣ୍ଟିଲୋରେ ରନ୍ଧାଖାଦ୍ୟ ଦିଆଯାଇଛି । ଇମରଜେନ୍ସି ଅଫିସର ଦିଲ୍ଲୀପ କୁମାର ଜେନା କୁହନ୍ତି, ଗଣିଆ ବ୍ଲକର ୩୪, ଭାପୁର ବ୍ଲକର ୫, ଖଣ୍ଡପଡା ବ୍ଲକର ୧ ଓ ୭ ଗାଁ ଯେଉଁଠାରେ ଲୋକ ନାହାନ୍ତି ବନ୍ୟା ପାଣି ଘେରି ରହିଛି । ପ୍ରଶାସନ ପକ୍ଷରୁ ଗଣିଆର ୩ଟି ଘର ଭାଙ୍ଗି ଯାଇଥିବା ପରିବାରକୁ ପାଲ ଯୋଗାଇ ଦିଆଯାଇଛି । ଅନ୍ୟ କେଉଁଠାରେ ଘର ଭାଙ୍ଗିଛି ରିପୋର୍ଟ ଆସିନି । ଜିଲାପାଳ ପୋମା ଟୁଡୁ କୁହନ୍ତି, ଭିଡିଓ କନଫେରନ୍ସ ଜରିଆରେ ବନ୍ୟାର ସମୀକ୍ଷା କରାଯାଇଛି । ବିଡିଓ, ତହସିଲଦାରଙ୍କୁ ବନ୍ୟା ସମ୍ପର୍କରେ ଟିକିନିଖି ଖବର ଅବଗତ କରାଯାଇଛି । ବନ୍ୟା ଅଞ୍ଚଳର ସ୍ଥିତି ଉପରେ ଗୁରୁତ୍ୱ ଦିଆଯାଉଛି ।

## ସୂର୍ଯ୍ୟକନ୍ଧ ହତ୍ୟା ଘଟଣା, ଜେଲ ଗଲେ ଅଭିଯୁକ୍ତ

**ଖଣ୍ଡପଡ଼ା,୧୬।୮(ସ୍ୱ.ପ୍ର.)**

କୁଖ୍ୟାତ ଅପରାଧି ସୂର୍ଯ୍ୟ କନ୍ଧ ହତ୍ୟା ଘଟଣାରେ ସଂପୃକ୍ତ ଅନ୍ୟତମ ଅଭିଯୁକ୍ତ ସୁବ୍ରତ କୁମାର ନାଏକ ଓରଫ୍ ଟିକିନାଙ୍କୁ ଖଣ୍ଡପଡ଼ା ପୋଲିସ ଗଡିଆସାହି ଗ୍ରାମରୁ ଗତ ୧୪ରେ ଗିରଫ କରିଥିଲା । ଖଣ୍ଡପଡ଼ା ଥାନାରେ ତାଙ୍କୁ ପୋଲିସ ପଚରାଉଚୁରା କରିବା ପରେ କୋର୍ଟ ଚାଲାଣ କରିଥିଲା । ଜାମିନ ନାମଞ୍ଜୁର ପରେ ତାଙ୍କୁ ଖଣ୍ଡପଡ଼ା ଉପକାରାଗାରକୁ ପଠାଇ ଦିଆଯାଇଛି । ଏହି ଘଟଣାରେ ପୋଲିସ ଅଦ୍ୟାବଧି ୮ଜଣଙ୍କୁ ଗିରଫ କରିଥିବା ଖଣ୍ଡପଡ଼ା ଥାନା ଅଧିକାରୀ ରମେଶ କୁମାର ଦେବତା କହିଛନ୍ତି । ସୂଚନାଯୋଗ୍ୟ, ହନୁମାନ ପଇସାକୁ କେନ୍ଦ୍ର କରି ଗତ ଜୁନ ୧୩ ରେ ଖଣ୍ଡପଡ଼ା ବ୍ଲକ ଅଧୀନ କିଆଝର ପଞ୍ଚାୟତ ଭଇଁରପଲ୍ଲୀ ଗ୍ରାମ ନିକଟସ୍ଥ କୁଆଁରିଆ ନଦୀ ପଠାରେ ସୂର୍ଯ୍ୟ କନ୍ଧଙ୍କୁ ହତ୍ୟା କରାଯାଇଥିଲା ।

## ଦେଶାତ୍ମବୋଧ କବିତା ପାଠୋତ୍ସବ

ଓଡ଼ଗାଁ,୧୬।୮(ସ୍ୱ.ପ୍ର.)–ଓଡ଼ିଆ ଭାଷା,ସାହିତ୍ୟ,ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ସୋମବାର ଓଡ଼ଗାଁ ବ୍ଲକ ସମ୍ମିଳନୀ କକ୍ଷରେ ଆଜାଦୀ କା ଅମୃତ ମହୋତ୍ସବ ଅବସରରେ ଏକ ଦେଶାତ୍ମବୋଧକ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଉତ୍ସବରେ କବି ଦିବାକର ନାୟକ ଅଧ୍ୟକ୍ଷତା କରିଥିଲେ। ଲୋକନାଥ ମିଶ୍ର, ଦୀନବନ୍ଧୁ ମହାପାତ୍ର ମୁଖ୍ୟବକ୍ତା ଓ କବି ପ୍ରଫୁଲ୍ଲ ମାଝି ସ୍ୱତନ୍ତ୍ର ଅତିଥିଭାବେ ଯୋଗଦେଇ ନିଜ ବକ୍ତବ୍ୟ ରଖିବା ସହିତ କବିତା ପାଠ କରିଥିଲେ। ସାମୁହିକ ଜାତୀୟ ସଙ୍ଗୀତ ଗାନ କରାଯାଇ ଏହି ଉତ୍ସବର ଶୁଭାରମ୍ଭ କରାଯାଇଥିଲା । ଯଶୋବନ୍ତ ପଟ୍ଟନାୟକ ସ୍ୱାଗତ ଭାଷଣ ଏବଂ କବି ରଞ୍ଜନ କୁମାର ଦାଶ ଅତିଥି ପରିଚୟ ପ୍ରଦାନ କରିଥିଲେ । ଭାବଗ୍ରାହୀ ମହାପାତ୍ର ଓ ପ୍ରଶାନ୍ତ କୁମାର ଦାଶଙ୍କ ସଂଯୋଜନାରେ ପଞ୍ଚାନନ ପଣ୍ଡା, ଶରତ ଚନ୍ଦ୍ର ଷଡ଼ଙ୍ଗୀ, ରମାକାନ୍ତ ପ୍ରଧାନ,ଅରୁଣ କୁମାର ସାହୁ, ନିରଞ୍ଜନ ସାହୁ,ଗୋଦାବରୀ ବସନ୍ତିଆ,ନିରାକାର ସ୍ୱାଇଁ,ପରମାନନ୍ଦ ସ୍ୱାଇଁ,ସୁଦୀପ୍ତ କୁମାର ଦଳେଇ,ରବୀନ୍ଦ୍ର କୁମାର ଘଡେଇ,ପ୍ରଭାତି ପଟ୍ଟନାୟକ, କମଳିନୀ ବେହେରା,ମନୋଜ କୁମାର ମହାପାତ୍ର ପ୍ରମୁଖ ୨୦ ଜଣ କବି,କବୟିତ୍ରୀ ଦେଶାତ୍ମବୋଧକ କବିତା ପାଠ କରିଥିଲେ ।

# ସବୁଠି ଉଡ଼ିଲା ତ୍ରିରଙ୍ଗା

**ସୋମବାର ନୟାଗଡ଼ ଜିଲାରେ ବିଭିନ୍ନ ସ୍ଥାନରେ ୭୬ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି । ବିଭିନ୍ନ ଶିକ୍ଷାନୁଷ୍ଠାନ ଓ ସରକାରୀ,ବେସରକାରୀ ଅନୁଷ୍ଠାନ ପକ୍ଷରୁ ଜାତୀୟ ପତାକା ଉତ୍ତୋଳନ ସହିତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି ।**



ଦଳପଲ୍ଲାରେ ଆୟୋଜିତ ଉତ୍ସବରେ ଯୋଗ ଦେଇଥିବା ଅତିଥି।

ରଣପୁର,୧୬।୮(ସ୍ୱ.ପ୍ର.)

ନୟାଗଡ଼ ଜିଲା ରଣପୁର ବିଜ୍ଞାପିତ ଅଞ୍ଚଳ ଓ ବ୍ଲକରେ ସୋମବାର ୭୬ ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ସ୍ୱାଧୀନତାର ୭୫ବର୍ଷ ପୂର୍ତ୍ତି ତଥା ଆଜାଦ୍ କା ଅମୃତ ମହୋତ୍ସବ ସହିତ ସ୍ୱାଧୀନତା ଦିବସ ଅବସରରେ ପ୍ରତି ଘରେ ତୀରଙ୍ଗା ଉଡୁଥିବା ଦେଖିବାକୁ ମିଳିଥିଲା । ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନ ଓ ଅନୁଷ୍ଠାନରେ ଜାତୀୟ ପତାକା ଉତ୍ତୋଳନ ସହିତ ପ୍ରଭାତ ଫେରି କରାଯାଇଥିଲା । ଶିକ୍ଷାନୁଷ୍ଠାନ ଶିକ୍ଷୟିତ୍ରୀ,ଶିକ୍ଷକ ଓ ଅନୁଷ୍ଠାନର କର୍ମକର୍ତ୍ତା ଏଥିରେ ସାମିଲ ହୋଇଥିଲେ। କରୋନା କଟକଣାକୁ ଆଖି ଆଗରେ ରଖି ରଣପୁର ପଞ୍ଚୁଦୋଳ ପଡ଼ିଆରେ ଜାତୀୟ ପତାକା ଉତ୍ତୋଳନ କରାଯାଇଥିଲେ ମଧ୍ୟ କୌଣସି ବିଦ୍ୟାଳୟର ଛାତ୍ରୀଛାତ୍ର ପ୍ୟାରେଡରେ ଅଂଶ ଗ୍ରହଣ କରିନ ଥିଲେ। ଖଣ୍ଡପଡ଼ା,(ସ୍ୱ.ପ୍ର.): ଖଣ୍ଡପଡ଼ା ମଧୁବନ ମିନି ଷ୍ଟାଡିୟମରେ ତହସିଲଦାର ପାର୍ଥସାରଥୀ ହାଁସଦା ଜାତୀୟ ପତାକା ଉତ୍ତୋଳନ କରିଥିଲେ । ଖଣ୍ଡପଡ଼ା ସହରର ବିଭିନ୍ନ ଶିକ୍ଷାନୁଷ୍ଠାନ ପରିସରରେ ପ୍ରଧାନ ଶିକ୍ଷକ ଓ ବରିଷ୍ଠ ଶିକ୍ଷକମାନେ ଜାତୀୟ ପତାକା ଉତ୍ତୋଳନ କରିବା ସହ ଦେଶପାଇଁ କାମ କରିବାକୁ ଆହ୍ୱାନ କରିଥିଲେ । ଖଣ୍ଡପଡ଼ା କୋର୍ଟ ପରିସର, ଏନଏସି କାର୍ଯ୍ୟାଳୟ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, କୋଭିଡ୍ ହସପିଟାଲ, ଆଞ୍ଚଳିକ ସାମ୍ବାଦିକ ସଂଘ ସମେତ ବିଭିନ୍ନ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟରେ ଜାତୀୟ ପତାକା ଉତ୍ତୋଳନ କରାଯାଇଥିଲା । ଖଣ୍ଡପଡ଼ା ବ୍ଲକ କାର୍ଯ୍ୟାଳୟ ପରିସରରେ ବ୍ଲକ ଅଧକ୍ଷ ଶିଶିର କୁମାର ସାହୁ ଜାତୀୟ ପତାକା ଉତ୍ତୋଳନ କରିଥିଲେ । ଖଣ୍ଡପଡ଼ା ବ୍ଲକ ଅଧୀନ ୨୨ ପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚମାନଙ୍କ ଦ୍ୱାରା ଜାତୀୟ ପତାକା ଉତ୍ତୋଳନ କରାଯାଇଥିଲା । ବେଳେ ନୀଳମାଧବ ମହାବିଦ୍ୟାଳୟ, କଣ୍ଟିଲୋ ନାଗରିକ ମଞ୍ଚ ପକ୍ଷରୁ ସ୍ୱାଧୀନତା ଦିବସ ପାଳନ କରାଯାଇଥିଲା । ସିଧାମୂଳା ଦି ବିଏସ୍ କ୍ଲବ ଆନୁକୁଲ୍ୟରେ ଅନୁଷ୍ଠିତ ସ୍ୱାଧୀନତା ଦିବସ କାର୍ଯ୍ୟକ୍ରମରେ ୨ ବରିଷ୍ଠ କଳାକାର ଗୋପୀନାଥ ମହାଳିକ ଓ ଚରଣ ରାଉତଙ୍କୁ ଅବସରପ୍ରାପ୍ତ ଶିକ୍ଷକ ମହେଶ୍ୱର ରଣାଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା । ନୂଆଗାଁ,(ଡି.ଏନ.ଏ.): ନୟାଗଡ଼ ଜିଲା ନୂଆଗାଁ ବ୍ଲକର ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନରେ ୭୬ ତମ ସ୍ୱାଧୀନତା ଦିବସ ପାଳିତ ହୋଇ ଯାଇଛି । ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଓ ଆଜାଦୀ କା ଅମୃତ ମହୋତ୍ସବ ଅବସରରେ ପ୍ରତି ଘର ଆଗରେ ତ୍ରିରଙ୍ଗା ପତାକା ଶୋଭା ପାଉଥିଲା । ସମସ୍ତ ଛାତ୍ରୀଛାତ୍ରଙ୍କ ଉପସ୍ଥିତିରେ ଜାତୀୟ ପତାକା ଉତ୍ତୋଳନ କରାଯାଇଥିଲା । ନୂଆଗାଁ ହାଇସ୍କୁଲ , ନୂଆଗାଁ ପ୍ରାଥମିକ ବିଦ୍ୟାଳୟ, ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ହାଇସ୍କୁଲଠାରୁ ବାହାରି କଲେଜ ଯାଏ ପ୍ରଭାତଫେରି କରି ଗ୍ରାମ ପରିକ୍ରମା କରିଥିଲେ । ଶିକ୍ଷୟିତ୍ରୀ, ଶିକ୍ଷକ , ବ୍ଲକ ପ୍ରଶାସନ ଅଧିକାରୀ, କର୍ମଚାରୀଙ୍କ ଉପସ୍ଥିତିରେ ନୂଆଗାଁ ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ବେହେରା ଜାତୀୟ ପତାକା ଉତ୍ତୋଳନ କରିଥିଲେ । ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଲାଭ କରିଥିବା ଏବଂ ମାଟ୍ରିକ ପରୀକ୍ଷାରେ ଅଧିକ ନମ୍ବର ରଖିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା । ନୂଆଗାଁ ବିଡିଓ ପ୍ରମୋଦ କୁମାର ନାୟକ , ବ୍ଲକ ଉପାଧ୍ୟକ୍ଷ ପର୍ଶୁରାମ ସ୍ୱାଇଁଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ । ଓଡ଼ଗାଁ,(ସ୍ୱ.ପ୍ର.): ଓଡ଼ଗାଁ ବ୍ଲକ ମୁଖ୍ୟାଳୟଠାରେ କୋଭିଡ୍ କଟକଣା ମଧ୍ୟରେ ସୋମବାର ୭୬ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି । ଓଡ଼ଗାଁ ମିନି ଷ୍ଟାଡିୟମରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷ ଲୋକନାଥ ସାହୁ ଜାତୀୟ ପତାକା ଉତ୍ତୋଳନ କରିଥିଲେ । ଏହି ଉତ୍ସବରେ ବିଡିଓ ସ୍ୱାତୀଲେଖା ଦାସ,ସହକାରୀ ଯନ୍ତ୍ରୀ ଅରୁନ୍ଧତୀ ପଣ୍ଡା,ଜିଲା ପରିଷଦ ସଭ୍ୟା ଝିଲି ପ୍ରଧାନ,ବିରଜାଲକ୍ଷ୍ମୀ ସାହୁ, ସାମାଜିକ ସୁରକ୍ଷା ଅଧିକାରିଣୀ ରାଜସ୍ୱିନୀ ପ୍ରଧାନ ଯୋଗଦେଇଥିଲେ । ନୀଳମାଧବ ମିଶ୍ର ସଂଯୋଜନା କରିଥିଲେ । ସେହିପରି ତହସିଲରେ ତହସିଲଦାର ବିଜୟିତା ସାମନ୍ତସିଂହାର,ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡା.ଅବିନାଶ ନାୟକ,ଓଡ଼ଗାଁ ବିଜ୍ଞାପିତ ଅଞ୍ଚଳ ପରିଷଦରେ କାର୍ଯ୍ୟନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ଜେନା,ଓଡ଼ଗାଁ ଆଦର୍ଶ ଥାନାରେ ଥାନାଧିକାରୀ ପୂର୍ଣ୍ଣଚନ୍ଦ୍ର ପଟ୍ଟାୟତ,ରଘୁନାଥ ସମବାୟ ମହାବିଦ୍ୟାଳୟରେ ଅଧକ୍ଷ ରାଜକିଶୋର ସାହୁ,କୋମଣ୍ଡ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ରାଜସ୍ୱ ନିରୀକ୍ଷକ ସୁଧୀର କୁମାର ପରିଡା,କମାଣ୍ଡ ପଞ୍ଚାୟତରେ ସରପଞ୍ଚ ଦୀପିକା ସେଠୀ,ରୋହିବାଙ୍କରେ ସରପଞ୍ଚ ମହନ୍ତ ବେହେରା,କୁରାଳରେ ସରପଞ୍ଚ ବିଜନ ପାଇକରାୟ, କୁରାଳ କଲେଜରେ ଅଧକ୍ଷ ଭାବଗ୍ରାହୀ କର,ମେଡ଼ିକାଲରେ ଡ.ରାମପ୍ରସାଦ ସାହୁ, ଗିରିଡିପଲ୍ଲୀରେ ସରପଞ୍ଚ ମିନତି ପ୍ରଧାନ, ସୁନାମୁହିଁରେ ସରପଞ୍ଚ ରିନା ନାୟକ, ରଙ୍ଗଣୀପାଟଣାରେ ସରପଞ୍ଚ ସସ୍ମିତା ପାତ୍ର, ପଣ୍ଡିଖାରି ପଞ୍ଚାୟତରେ ସରପଞ୍ଚ ଶ୍ରାବଣୀ ବିଶାଳ ପତାକା ଉତ୍ତୋଳନ କରିଥିଲେ । ଓଡ଼ଗାଁ ବ୍ଲକର ବିଭିନ୍ନ ପଞ୍ଚାୟତ,ବିଦ୍ୟାଳୟ,ମହାବିଦ୍ୟାଳୟ ଓ ସେବା ସମବାୟ ସମିତିଗୁଡ଼ିକରେ ସ୍ୱାଧୀନତା ଦିବସ ପାଳିତ ହୋଇଛି । ସେହିପରି ଓଡ଼ଗାଁ ରଘୁନାଥ ବିଦ୍ୟାପୀଠରେ ଆୟୋଜିତ ଉତ୍ସବରେ ଚଳିତ ମାଟ୍ରିକ ପରୀକ୍ଷାରେ ୫୭୫ ନମ୍ବର ରଖିଥିବା ବ୍ଲକରେ ଟପ୍ପର ଖବର କାଗଜ ବିକ୍ରେତା ନାରାୟଣ ପାଣିଗ୍ରାହୀଙ୍କ ପୁଅ ଦ୍ୱିବେଶ ପାଣିଗ୍ରାହୀଙ୍କୁ ନିତ୍ୟାନନ୍ଦ ବିଶ୍ୱାଳ ସ୍ମୃତି ମେଧା ସମ୍ମାନ ଓ ବ୍ରଜବନ୍ଧୁ ଦାଶଙ୍କ ପରିବାର ତରଫରୁ ନଗଦ ୨୪ ହଜାର ଟଙ୍କା ଉଚ୍ଚ ଶିକ୍ଷା ପାଇଁ ପ୍ରଦାନ କରାଯାଇଥିଲା । **ଦଶପଲ୍ଲା,(ଡି.ଏନ.ଏ.):** ଦଶପଲ୍ଲା ବିଜ୍ଞାପିତ ଅଞ୍ଚଳ ପରିଷଦ ଅନ୍ତର୍ଗତ ନେତାଜୀ ପଡ଼ିଆ ଠାରେ ୭୬ତମ ସ୍ୱାଧୀନତା ଦିବସ ପାଳନ କରାଯାଇଛି । ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନ ପକ୍ଷରୁ ସ୍ୱାଧୀନତା ଦିବସ ପାଳିତ ହୋଇଥିଲା । ନେତାଜୀ ମଇଦାନ ଠାରେ ଆୟୋଜିତ ମୁଖ୍ୟ ଉତ୍ସବରେ ବିଧାୟକ ରମେଶଚନ୍ଦ୍ର ବେହେରା ମୁଖ୍ୟଅତିଥି ରୂପେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଜ୍ଞାପିତ ଅଞ୍ଚଳ ପରିଷଦର ଅଧ୍ୟକ୍ଷା ପୁନମ୍ ପ୍ରିୟଦର୍ଶିନୀ, ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧିକାରୀ ଦେବବ୍ରତ କର, ଅତିରିକ୍ତ ତହସିଲଦାର ଭେଙ୍କଟେଶ ରାଓଙ୍କ ସମେତ ସମସ୍ତ କାଉନସିଲର ଉପସ୍ଥିତ ଥିଲେ । ଶେଷରେ କରୋନା ଯୋଦ୍ଧାଙ୍କ ସମେତ କୃତି ବିଦ୍ୟାର୍ଥୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ଦୁର୍ଗାବଜାର କଲୋନୀ ପରିସରରେ ଏକ ଶୋଭାଯାତ୍ରା ବାହାରିକଲୋନୀ ସାରା ପରିଭ୍ରମଣ କରିଥିଲା । ଡାକ୍ତର ବୈଦ୍ୟନାଥ ସାହୁ ପତାକା ଉତ୍ତୋଳନ କରିଥିଲେ ଏଥିରେ ଅତିଥି ରୁପେ ରଙ୍କନିଧି ସାହୁ, ଅଜୟ କୁମାର ପୃଷ୍ଟି ,ଲାଲା ସାହୁ, ପପୁନା ବେହେରା ଯୋଗଦାନ କରିଥିଲେ । ସେହିପରି ପ୍ରେସ କ୍ଲବ ଠାରେ ସଭାପତି ପ୍ରଶାନ୍ତ ସାହୁ ଦୂର୍ଗାବଜାର ଠାରେ ସଭାପତି ଉମାକାନ୍ତ ସାହୁ, ଡିଜାବଲ ରିଲିଫ ଅର୍ଗାନାଇଜେଶନରେ ଡ.ପ୍ରଫୁଲ୍ଲ କୁମାର ଦାଶ ଓ ଥାନାରେ ଆଇଆଇସି ବସନ୍ତ କୁମାର ସାହୁ ପତାକା ଉତୋଳନ କରିଥିଲେ। **ଭାପୁର,(ଡି.ଏନ.ଏ.):** ଭାପୁର ବ୍ଲକ୍‌ର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ୭୬ ତମ ସ୍ୱାଧୀନତା ଦିବସ ପାଳିତ ହୋଇଥିଲା । ଭାପୁର ବ୍ଲକ ପରିସରରେ ଭାପୁର ବ୍ଲକ ଅଧକ୍ଷା ସାବିତ୍ରୀ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ । ଭାପୁର ବ୍ଲକର ବିଡିଓ ଜନ୍ମେଜୟ ସାହୁ ,ବ୍ଲକର ସମସ୍ତ ଅଧିକାରୀ ଓ ସମସ୍ତ ପଞ୍ଚାୟତର ଜନପ୍ରତିନିଧି ଉପସ୍ଥିତ ଥିଲେ । ଭାପୁର ଇଣ୍ଡିଆନ ଓଭରସିଜ ବ୍ୟାଙ୍କଠାରେ ବ୍ୟାଙ୍କ ମ୍ୟାନେଜର ପତାକା ଉତ୍ତୋଳନ କରିଥିଲେ, ଭାପୁର ବ୍ରାହ୍ମଣୀ ବଣିକ ମହାସଂଘ କମିଟିର ସଭାପତି କାର୍ତ୍ତିକ ନାୟକ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ବଜାରରେ ପତାକା ଉତ୍ତୋଳନ କରିଥିଲେ । ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡକ୍ଟର ସତ୍ୟ ପ୍ରିୟ ସାହୁ , ଭାଜପା ତରଫରୁ ଭାପୁର ଯୁବ ମଣ୍ଡଳ ସଭାପତି ସୁରେଶ ରାଉତ ଭାପୁର ବଜାର ଉପକଣ୍ଠରେ ପତାକା ଉତ୍ତୋଳନ କରିଥିଲେ ।


ଖଣ୍ଡପଡ଼ା ବ୍ଲକରେ ଜାତୀୟ ପତାକା ଉତ୍ତୋଳନ କରାଯାଇଛି।

## ସଂକ୍ଷେପରେ

### ତଦନ୍ତ କଲେ ଲୋକାୟୁକ୍ତଙ୍କ ଟିମ୍

#### ରାସ୍ତା ନ କରି ଟଙ୍କା ହଡ଼ପ ଘଟଣା

ଧର୍ମଶାଳା,୧୬।୮(ଡି.ଏନ.ଏ.): ଧର୍ମଶାଳା ବ୍ଲକ୍ ଗଙ୍ଗାଧରପୁର ପଞ୍ଚାୟତ ଅନାମନଗର ଗ୍ରାମରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆର୍‌ଇଜିଏସ୍)ରେ ରାସ୍ତା କାମ ନ କରି ଟଙ୍କା ଚଲୁ କରିଥିବା ଅଭିଯୋଗ ପରେ ଲୋକାୟୁକ୍ତଙ୍କ ପକ୍ଷରୁ ମଙ୍ଗଳବାର ତଦନ୍ତ କରାଯାଇଛି। ଲୋକାୟୁକ୍ତ ଉପନିର୍ଦ୍ଦେଶକ ମଦନ ମୋହନ ବିଶ୍ୱାଳଙ୍କ ନେତୃତ୍ୱରେ ଏକ ଟିମ୍ ଧର୍ମଶାଳା ବ୍ଲକରେ ପହଞ୍ଚି ବିଡିଓ ଅରବିନ୍ଦ ବେହେରା, କନିଷ୍ଠ ଯନ୍ତ୍ରୀ ଓ ପିଇଓଙ୍କୁ ସାଙ୍ଗରେ ଧରି ଘଟଣାସ୍ଥଳକୁ ଯାଇ ମାପଚୁପ କରିବା ସହ ସ୍ଥାନୀୟ ଲୋକଙ୍କୁ ପଚରା ଉଚରା କରିଥିଲେ। ତେବେ ପଚରା ଉଚରା ସମୟରେ ସେଠାରେ କେତେଜଣ ଲୋକ ଲୋକାୟୁକ୍ତ ଟିମ୍‌କୁ ବିରୋଧ କରିଥିଲେ। ଫଳରେ ସେମାନେ ବ୍ଲକକୁ ଆସି କାଗଜପତ୍ର ଯାଞ୍ଚ କରି ଫେରି ଯାଇଥିଲେ। ଗ୍ରାମର ଅକ୍ଷୟ ପାଳଙ୍କ ଘରଠାରୁ ସୁନାକର ରାଉତଙ୍କ ଘର ପର୍ଯ୍ୟନ୍ତ କଂକ୍ରିକ ରାସ୍ତା ପାଇଁ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ୨୦୨୦/୨୧ ଆର୍ଥିକ ବର୍ଷରେ ବ୍ଲକ ପକ୍ଷରୁ ୨ଲକ୍ଷ ୭୦ ହଜାର ଟଙ୍କାର ଅନୁଦାନ ଦିଆଯାଇଥିଲା। ତେବେ ଏଠାରେ ମାଟି ମୁଠାଏ ନ ପକାଇ ତତ୍‌କାଳୀନ ସରପଞ୍ଚ, ପିଇଓ ଏବଂ ବ୍ଲକର କନିଷ୍ଠ ଯନ୍ତ୍ରୀ ମିଳିତ ଭାବେ ଉକ୍ତ ଟଙ୍କାକୁ ହଡ଼ପ କରିଥିବା ଜଣାପଡ଼ିଥିଲା। ଏନେଇ ସୂଚନା ଅଧିକାର କର୍ମୀ ସର୍ବେଶ୍ୱର ବେହୁରା ବ୍ଲକରୁ ତଥ୍ୟ ଆଣିବା ପରେ ଲୋକାୟୁକ୍ତଙ୍କ ନିକଟରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଆଧାର କରି ଲୋକାୟୁକ୍ତ ଏହି ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଥିଲେ।

### ବରୀ ଅଞ୍ଚଳରେ ପ୍ରଥମ ବନ୍ୟା ଜଳ

ବରୀ,୧୬।୮(ଡି.ଏନ.ଏ.): ଖରସ୍ରୋତା ନଦୀର ଶାଖା ତନ୍ତିଘାଇ /ଦୁଧେଇ ନଦୀରେ ପ୍ରଥମ ବନ୍ୟା ଜଳ ପ୍ରବେଶ କରିଛି। ସୋମବାର ରାତିରୁ ବରୀ କଳାମାଟିଆ ପୂର୍ତ୍ତ ବିଭାଗ ରାସ୍ତାର ଖେମେଶ୍ୱର ନିକଟସ୍ଥ କଲଭର୍ଟ ଦେଇ ଦୁଧେଇ ନଦୀରୁ ବନ୍ୟା ଜଳ ଦ୍ରୁତ ଗତିରେ ପ୍ରବେଶ କରୁଥିବାରୁ ବରୀ ବ୍ଲକ ଅଧୀନ ଖେମେଶ୍ୱର, କୋରଡାପିପଲ, ବାଲିବିଲ, ଅଲିପୁର, ବରୀ ପ୍ରଭୃତି ଅଞ୍ଚଳର ଚାଷଜମି ଜଳମଗ୍ନ ହୋଇ ରହିଛି। ଏତଦ୍ବ୍ୟତୀତ ଦୁଧେଇ ନଦୀର ବାମ ପାର୍ଶ୍ୱରେ ଥିବା ଫୁଲୁପୁର, ରଜାପୁର, ଢ଼ିଅସାହି, ଉଦୟନାଥପୁର, ରତଲାଙ୍ଗ, ମଢ଼ିଆଳି ପ୍ରଭୃତି ଅଂଚଳର ଚାଷଜମି ଜଳମଗ୍ନ ହେବା ଓ ଧାନ ଥୋର ମୁଖା ହୋଇଥିବାରୁ ଚାଷ ବ୍ୟାପକ କ୍ଷତିଗ୍ରସ୍ତ ହେବାର ଆଶଙ୍କା ପ୍ରକାଶ ପାଇଛି। ବନ୍ୟାଜଳସ୍ତର କ୍ରମଶଃ ବୃଦ୍ଧି ପାଉଥିବା ଓ ଆଗାମୀ ୧୮ ତାରିଖରେ ଭାରତୀୟ ପାଣିପାଗ ବିଭାଗ ସୂଚନା ଅନୁଯାୟୀ ଆଉ ଏକ ଲଘୁଚାପ ସୃଷ୍ଟି ହେବାକୁ ଆଶଙ୍କା କରାଯାଉଥିବାରୁ ସ୍ଥାନୀୟ ଅଞ୍ଚଳରେ ବନ୍ୟା ସ୍ଥିତି ଆଶଙ୍କାକୁ ନେଇ ସାଧାରଣରେ ଭୟର ବାତାବରଣ ସୃଷ୍ଟି ହୋଇଛି।

# ବନ୍ୟା ସ୍ଥିତି ସମୀକ୍ଷା କଲେ ରାଜସ୍ୱ ମନ୍ତ୍ରୀ

ଯାଜପୁର ଟାଉନ,୧୬।୮(ଡି.ଏନ.ଏ.)


ବୈଠକରେ ଯୋଗ ଦେଇଥିବା ମନ୍ତ୍ରୀ, ବିଧାୟିକା, ବିଧାୟକ, ଜିଲାପାଳ ଓ ଅନ୍ୟ ଅଧିକାରୀ।

ଯାଜପୁର ଜିଲାରେ ଲଘୁଚାପ ଜନିତ ଲଗାଣ ବର୍ଷା ଓ ତଦ୍‌ଜନିତ ସମ୍ଭାବ୍ୟ ବନ୍ୟା ଆଶଙ୍କାକୁ ନେଇ ଏକ ସମୀକ୍ଷା ବୈଠକ ଜିଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ପରିଚାଳନା ବିଭାଗ ମନ୍ତ୍ରୀ ପ୍ରମିଳା ମଲ୍ଲିକଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଜିଲାରେ ଲଘୁଚାପ ଜନିତ ଲଗାଣ ବର୍ଷା ଫଳରେ ବ୍ରାହ୍ମଣୀ, ବୈତରଣୀ ଓ ମହାନଦୀ କ୍ରମାଗତ ଭାବେ ବନ୍ୟାଗ୍ରସ୍ତ ଓ ଚଳିତ ବର୍ଷ ଦଶରଥପୁର କାଣୀ ନଦୀରେ ଘାଇ ସୃଷ୍ଟି ହୋଇ ୫ଟି ପଞ୍ଚାୟତ କ୍ଷତିଗ୍ରସ୍ତ ହୋଇଛି। ପ୍ରଭାବିତ ଅଞ୍ଚଳରେ ଗମନା ଗମନ ପାଇଁ ତୁରନ୍ତ ଡଙ୍ଗା ପଠାଇବା ସହ ଆବଶ୍ୟକ ସ୍ଥଳେ ଦେଶୀ ଡଙ୍ଗା ଗୁଡ଼ିକୁ ଜିଲା ପ୍ରଶାସନ ଅନୁମତି ପ୍ରଦାନ କରୁ ବୋଲି ମନ୍ତ୍ରୀ ମଲ୍ଲିକ କହିଛନ୍ତି। ବନ୍ୟା ଛାଡ଼ିଲା ପରେ କ୍ଷୟକ୍ଷତିର ତୁରନ୍ତ ଆକଳନ କରି କ୍ଷତିପୂରଣ ଦେବାକୁ ବିଭାଗୀୟ ଅଧିକାରୀମାନଙ୍କୁ ମନ୍ତ୍ରୀ ମଲ୍ଲିକ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ପର୍ଯ୍ୟାପ୍ତ ପରିମାଣର ଗୋଖାଦ୍ୟ ମହଜୁଦ୍ ରଖିବା ସହ ସାପ, ବିଲୁଆ କାମୁଡ଼ା ଔଷଧ ଉପଲବ୍ଧ ହେବା ଦରକାର। ନିୟମିତ ବ୍ୟବଧାନରେ ନଦୀ ଅବବାହିକା ଗୁଡିକୁ ତଦାରଖ କରିବା ସହ ଦୁର୍ବଳ ସ୍ଥାନରେ ତ୍ୱରିତ ପଦକ୍ଷେପ ନେବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

- ସାପ, ବିଲୁଆ କାମୁଡ଼ା ଔଷଧ ଉପଲବ୍ଧ କରିବାକୁ ନିର୍ଦ୍ଦେଶ
- ଗମନ ପାଇଁ ତୁରନ୍ତ ଡଙ୍ଗା ପଠାଇବାକୁ ପରାମର୍ଶ

ଏହି ବୈଠକରେ ଗ୍ରାମ୍ୟ ଉନ୍ନୟନ ବିଭାଗ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼ାଇ ଯୋଗଦେଇ ବନ୍ୟା ସମୟରେ ସାଧାରଣଲୋକ ଏବଂ ଜୀବଜନ୍ତୁମାନଙ୍କ ସୁରକ୍ଷା ଆମର କର୍ତ୍ତବ୍ୟ ବୋଲି କହିବା ସହ ତୁରନ୍ତ ପଦକ୍ଷେପ ପାଇଁ ପର୍ଯ୍ୟାପ୍ତ ପଲିଥିନ, ଗୋଖାଦ୍ୟ ଓ ଔଷଧ ରଖିବା ସହିତ ବଣ୍ଟନ ବ୍ୟବସ୍ଥାକୁ ଆହୁରି କ୍ରିୟାଶୀଳ କରିବାକୁ ଜିଲାପାଳଙ୍କୁ ପରାମର୍ଶ ଦେଇଥିଲେ। ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ ଯୋଗଦେଇ ଯାଜପୁର ଜିଲା ଏକ ବନ୍ୟା ପ୍ରବଣ ଅଞ୍ଚଳ। ମହାନଦୀ, ବୈତରଣୀ, ଓ ବ୍ରାହ୍ମଣୀ ନଦୀର ଅବବାହିକାରେ ପରିବର୍ତ୍ତନ ଘଟୁଛି। ଯନ୍ତ୍ରୀମାନେ ଏହାର ଠିକ୍ ମୂଲ୍ୟାଙ୍କନ ସହ ପରିଚାଳନାକୁ ଦୃଢ଼ କରିବାର ଆବଶ୍ୟକତା ରହିଛି। କ୍ରମାଗତ ବର୍ଷା ଯୋଗୁ ଜିଲାର ବିସ୍ତୃତ ଜମି ଜଳମଗ୍ନ ରହିଛି। ଆଗକୁ ଲଘୁଚାପ ଜନିତ ବର୍ଷା ଯୋଗୁ ଏକ ବଡ ବନ୍ୟା ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ। ଏଣୁ ବିଭାଗ ପୂର୍ଣ୍ଣ ପ୍ରସ୍ତୁତି ରହିବା ଜରୁରୀ ବୋଲି ଶତପଥୀ କହିଥିଲେ।

କୋରେଇ ବିଧାୟକ ଅଶୋକ କୁମାର ବଳ ଯୋଗଦେଇ ଆମ ନଦୀ ଅଞ୍ଚଳ ପାଇଁ କାର୍ଯ୍ୟ କରୁଥିବା ମହାନଦୀ ନର୍ଥ ଡିଭିଜନ୍ ଏବଂ କେନ୍ଦ୍ରାପଡା ଡିଭିଜନ୍ ଏହି ବୈଠକରେ ଯୋଗଦେବାର ଆବଶ୍ୟକ ବୋଲି କହିବା ସହିତ ସମ୍ଭାବ୍ୟ ବନ୍ୟା ପରିସ୍ଥିତିରେ ପ୍ରଶାସନ ସଜାଗ ରହୁ ବୋଲି ମତପ୍ରକାଶ କରିଥିଲେ। ବରୀ ବିଧାୟିକା ସୁନନ୍ଦା ଦାସ ଯୋଗଦେଇ ବନ୍ୟାପ୍ଲାବିତ ଅଂଚଳରେ ତୁରନ୍ତ ରିଲିଫ୍ ଓ ଥଇଥାନ କାର୍ଯ୍ୟ ସମ୍ପ୍ରସାରିତ କରିବା ସହ ବରୀ ଅଞ୍ଚଳରେ ଥିବା ଘାଇ ଗୁଡିକୁ ତଦାରଖ କରିବାକୁ ବିଗାଗୀୟ ଅଧିକାରୀଙ୍କୁ କହିଥିଲେ। ପ୍ରାରମ୍ଭରେ ଅତିରିକ୍ତ ଜିଲାପାଳ ଅକ୍ଷୟ କୁମାର ମଲ୍ଲିକ ସମସ୍ତଙ୍କୁ ସ୍ୱାଗତ କରିବା ସହ ବନ୍ୟା ପରିସ୍ଥିତିରେ ମୁକାବିଲା ପାଇଁ ଜିଲା ପ୍ରଶାସନ କିପରି ସଜାଗ ରହିଛି ଏବଂ କି ପ୍ରକାର ପ୍ରସ୍ତୁତି ଆରମ୍ଭ କରିଛି ତାହା ପିପିଟି ମାଧ୍ୟମରେ ମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ଜିଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋର ସମ୍ଭାବ୍ୟ ବନ୍ୟାର ମୁକାବିଲା ପାଇଁ ସମସ୍ତଙ୍କ ସହଯୋଗ କାମନା କରିବା ସହ ଧନ୍ୟବାଦ ଦେଇଥିଲେ। ଏହି ସମୀକ୍ଷା ବୈଠକରେ ଜିଲାର ସମସ୍ତ ବିଡିଓ, ତହସିଲଦାର ଏବଂ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

## ଦେଶାତ୍ମବୋଧକ କବିତା ଆସର


କବିତା ପାଠ କରାଯାଉଛି।

ଯାଜପୁର ରୋଡ,୧୬।୮(ଡି.ଏନ.ଏ.)

ଓଡିଶା ସାହିତ୍ୟ ଏକାଡେମୀ ପକ୍ଷରୁ ସୋମବାର ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ତଥା ଆଜାଦି କା ଅମୃତ ମହୋତ୍ସବ ଅବସରରେ ବ୍ୟାସନଗର ସ୍ୱୟଂ ଶାସିତ କଲେଜରେ ଦେଶାତ୍ମବୋଧକ କବିତା ଆସର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ୟାସନଗର ଓ କୋରେଇ ଅଞ୍ଚଳର ବିଶିଷ୍ଟ କବିମାନେ ଦେଶ ସ୍ୱାଧୀନତା ସଂଗ୍ରାମର ଇତିହାସ, ସଂଗ୍ରାମୀ, ବୀରତ୍ୱ ଓ ବଳିଦାନର କାହାଣୀକୁ ସେମାନଙ୍କ ସ୍ୱରଚିତ କବିତା ମାଧ୍ୟମରେ ଆବୃତ୍ତି କରିଥିଲେ। କଲେଜର ଅଧ୍ୟକ୍ଷ କୁଶ ଚନ୍ଦ୍ର ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ଆସରକୁ ଉଦ୍‌ଘାଟନ କରିବା ସହ ଓଡିଶା ସାହିତ୍ୟ ଏକାଡେମୀର ଏହି ଅଭିନବ ପ୍ରୟାସକୁ ଭୂୟସୀ ପ୍ରସଂଶା କରିଥିଲେ। କବି, ଶିକ୍ଷାବିତ୍ ତଥା ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ ସାହିତ୍ୟିକ ପଣ୍ଡିତ ସୂର୍ଯ୍ୟମଣି ଖୁଣ୍ଟିଆ, ପ୍ରାଧ୍ୟାପକ ଶିବ ଚରଣ ମାଝି, ଅଧ୍ୟାପିକା ପ୍ରଜ୍ଞାପ୍ରବର୍ତ୍ତିକା ଦାଶ ଏବଂ ଜିଲା ସଂଯୋଜକ ଭାବେ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସରୋଜ କୁମାର ଶତପଥୀ ସମ୍ମାନୀତ ଅତିଥି ଭାବେ ଯୋଗଦେଇ କବିତା ଆବୃତ୍ତି ସହ ଆଜିର ଦିବସର ମହନୀୟତା ଉପରେ ଆଲୋକପାତ କରିଥିଲେ। ଏକାଡେମୀର ଯାଜପୁର ଜିଲା ସଦସ୍ୟା ରୀତାରାଣୀ ନାୟକଙ୍କ ପରିଚାଳନାରେ ୨୦ ଜଣ କବିଙ୍କୁ ଏକାଡେମୀ ପ୍ରଦ ଉପଢୌକନ ଓ ପାରିତୋଷିକ ପ୍ରଦାନ କରାଯାଇଥିଲା। ଶେଷରେ କବି ମହେଶ୍ୱର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରକାଶ ଥାଉ କି ମଙ୍ଗଳପୁର, ଧର୍ମଶାଳା, ରତ୍ନଗିରି, ସୁକିନ୍ଦା ଓ ବ୍ୟାସନଗର ଜୋନ ସମେତ ପ୍ରତି ଜୋନରୁ ୨୦ ଜଣ କବିଙ୍କୁ ନେଇ ୨୫ ଜିଲାରେ ଦେଶାତ୍ମବୋଧକ କବିତା ଆସର ଆୟୋଜନ କରାଯାଇଥିଲା।

### ଯୌତୁକ ପାଇଁ ନବବଧୂଙ୍କୁ ହତ୍ୟା, ସ୍ୱାମୀ ଅଟକ

ଧର୍ମଶାଳା,୧୬।୮(ଡି.ଏନ.ଏ.)

ଧର୍ମଶାଳା ଥାନା ଅଚ୍ୟୁତପୁର ଗ୍ରାମରେ ଯୌତୁକ ପାଇଁ ଜଣେ ନବବଧୂଙ୍କୁ ଶାଶୁଘର ଲୋକେ ହତ୍ୟା କରିଥିବା ଅଭିଯୋଗ ହୋଇଛି। ପୋଲିସ ଏକ ହତ୍ୟା ମାମଲା ରୁଜୁ କରିବା ସହ ନବବଧୂଙ୍କ ସ୍ୱାମୀଙ୍କୁ ଅଟକ ରଖି ତଦନ୍ତ ଚଳାଇଛି।ଅଚ୍ୟୁତପୁର ଗ୍ରାମର ରବୀନ୍ଦ୍ର ଜେନାଙ୍କ ପୁଅ ଜିତେନ୍ଦ୍ର ଜେନା କଟକ ଜିଲା ମାହାଙ୍ଗା ଥାନା ବରଅଠା ଅଲିନଗର ଗ୍ରାମର ମାଧବାନନ୍ଦ ବଳଙ୍କ ଝିଅ ରଶ୍ମିତାଙ୍କୁ ଗତବର୍ଷ ମେ'ରେ ବିବାହ କରିଥିଲେ। ବିବାହ ସମୟରେ ସମସ୍ତ ଯୌତୁକ ରଶ୍ମିତାଙ୍କ ପରିବାର ପକ୍ଷରୁ ଦିଆଯାଇଥିଲା। ମାତ୍ର ବିବାହର କିଛି ମାସ ପରେ ଅଧିକ ଯୌତୁକ ଆଣିବାକୁ ଶାଶୁଘର ଲୋକେ ରଶ୍ମିତାଙ୍କ ଉପରେ ଚାପ ପକାଇବା ସହ ତାଙ୍କୁ ନିର୍ଯାତନା ଦେଇଥିଲେ। ନିର୍ଯାତନା ବଢ଼ିବାରୁ ରଶ୍ମିତାଙ୍କ ବାପା ଆସି ଅନେକ ଥର ଆପୋସ ସମାଧାନ କରିଥିଲେ। ହେଲେ ସୋମବାର ତାଙ୍କ ଝିଅ ରଶି ଲଗାଇ ଆତ୍ମହତ୍ୟା କରିଥିବା ଜ୍ୱାଇଁ ଜିତେନ୍ଦ୍ର ଫୋନ କରି ଜଣାଇଥିଲେ। ମାତ୍ର ରଶ୍ମିତା ଅତ୍ମହତ୍ୟା କରିନାହାନ୍ତି, ଅଧିକ ଯୌତୁକ ପାଇଁ ତାଙ୍କୁ ହତ୍ୟା କରି ଆତ୍ମହତ୍ୟାର ରୂପ ଦେବା ପାଇଁ ଶାଶୁଘର ଲୋକେ ଯୋଜନା କରିଥିବା ରଶ୍ମିତାଙ୍କ ବାପା ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ଅନ୍ୟପକ୍ଷରେ ରଶ୍ମିତା ବେକରେ ଶାଢ଼ି ବାନ୍ଧି ଆତ୍ମହତ୍ୟା କରିଥିବା ତାଙ୍କ ସ୍ୱାମୀ ଜିତେନ୍ଦ୍ର ସଫେଇ ଦେଇଛନ୍ତି। ଥାନାରେ ନଂ.୪୭୬/୨୨ରେ ଏକ ମାମଲା ରୁଜୁ ହୋଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ଥାନା ଅଧିକାରୀ ରାକେଶ କୁମାର ତ୍ରିପାଠୀ ସୂଚନା ଦେଇଛନ୍ତି।

## ବ୍ୟାସ ବକ୍ତୃତା ମାଳା ଉଦ୍‌ଯାପିତ


ବ୍ୟାସ ବକ୍ତୃତାମାଳାରେ ଯୋଗଦେଇଥିବା ଅତିଥିମାନେ।

ଯାଜପୁର ରୋଡ,୧୬।୮(ଡି.ଏନ.ଏ.)

ବ୍ୟାସନଗର ସ୍ୱୟଂଶାସିତ କଲେଜରେ ବ୍ୟାସ ବକ୍ତୃତାର ଉଦ୍‌ଯାପନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଉତ୍ସବକୁ କଲେଜ ପରିଚାଳନା ସମିତିର ସଭାପତି ପ୍ରଦୀପ କୁମାର ବିଶ୍ୱାଳ ଉଦ୍ଘାଟନ କରିଥିଲେ। ଉତ୍ସବର ଆରମ୍ଭରେ କଲେଜର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ଗାନ କରାଯାଇଥିଲା। କଲେଜର ଅଧ୍ୟକ୍ଷ କୁଶ ଚନ୍ଦ୍ର ପ୍ରଧାନ ଅତିଥିମାନଙ୍କୁ ସ୍ୱାଗତ କରିଥିବାବେଳେ ବକ୍ତୃତାମାଳାର ସଂଯୋଜକ କ୍ୟାପ୍‌ଟେନ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଗ୍ରନ୍ଥକାର ଗୌରହରି ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଦାସ ଜିଜ୍ଞାସା କଳ୍ପନା ଓ କରୁଣା ଶୀର୍ଷକ ଉପରେ ବକ୍ତୃତା ଉପସ୍ଥାପନ କରିଥିଲେ। ସମିତିର ସଭାପତି ପ୍ରଦୀପ କୁମାର ବିଶ୍ୱାଳ ମୁଖ୍ୟ ଅତିଥି ଦାସଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ବକ୍ତୃତାମାଳାର ସହସଂଯୋଜିକା ଅଧ୍ୟାପିକା ପ୍ରମୋଦିନୀ ତରାଇ ଧନ୍ୟବାଦ ପ୍ରଦାନ କରିଥିଲେ। କଲେଜରୁ ଅବସର ଗ୍ରହଣ କରିଥିବା ପ୍ରାକ୍ତନ ଅଧ୍ୟକ୍ଷ ସୌରଭମୟ ଦାସ, ଶିବ ଚରଣ ମାଝୀ, ପ୍ରାଧ୍ୟାପକ ଅଲେଖ ଚନ୍ଦ୍ର ସାମଲ, କାମଦେବ ଦାସ, କବି ବାଇଧର ମାଝି, ଇଞ୍ଜିନିୟର ବିଶ୍ୱଜିତ ମହାନ୍ତି, ଯୋଗଗୁରୁ ବିଭିଷଣ ନାୟକ, ନବୋଦୟ ବିଦ୍ୟାଳୟର ଅଧ୍ୟାପକ ସୁଦର୍ଶନ ମିଶ୍ରଙ୍କ ସମେତ କଲେଜର ସମସ୍ତ ଅଧ୍ୟାପିକାଅଧ୍ୟାପକ, କର୍ମଚାରୀ, ଏନ୍‌ସିସି କ୍ୟାଡେଟ ଓ ଛାତ୍ରୀଛାତ୍ରମାନେ ଯୋଗଦାନ କରିଥିଲେ। ବକ୍ତୃତାମାଳାର ସହସଂଯୋଜକ ଅଧ୍ୟାପକ ଜୀବନବନ୍ଧୁ ଦାସ, ଗୋଲକ ବିହାରୀ ମହାକୁଡ, ଅଧ୍ୟାପିକା ସନ୍ଧ୍ୟାରାଣୀ ଦାସ, ଦୀଲ୍ଲିପ କୁମାର ରାଉତ, ବିବେକା ନନ୍ଦ ଜେନା, ପ୍ରାଧ୍ୟାପକ ଅମୂଲ୍ୟ କୃଷ୍ଣ ପାଢ଼ୀ, ଦଶରଥ ସାହୁ, ରଞ୍ଜିତ କୁମାର ପହି, ସନାତନ ଦାସ, ଅଜୟ କୁମାର ପଣ୍ଡା, ଅଧ୍ୟାପିକା ପୁନପୁନ୍ ଦାସ, ପ୍ରଜ୍ଞାପ୍ରବର୍ତ୍ତିକା ଦାଶ ପ୍ରମୁଖ ସହଯୋଗ କରିଥିଲେ।

## ଧର୍ମଶାଳା ଭାଜପାର ତ୍ରିରଙ୍ଗା ପଦଯାତ୍ରା



ତ୍ରିରଙ୍ଗା ପତଯାତ୍ରାର ଶୁଭାରମ୍ଭ କରାଯାଉଛି।

ଧର୍ମଶାଳା,୧୬।୮(ଡି.ଏନ.ଏ.)

ଆଜାଦୀ କା ଅମୃତ ମହୋତ୍ସବ ଅବସରରେ ଧର୍ମଶାଳା ଭାଜପା ପକ୍ଷରୁ ତ୍ରିରଙ୍ଗା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ପଦଯାତ୍ରାର ଶୁଭାରମ୍ଭ କରିଥିଲେ। ଏଥିସହ ଶତାଧିକ କର୍ମୀଙ୍କ ଗହଣରେ ପଦଯାତ୍ରାରେ ଶାନ୍ତିବଜାର, ଜାରକା ବଜାର, ବାଲୁକାଇ, ଚହଟା ଓ ଧର୍ମଶାଳା ବଜାର ପରିକ୍ରମା କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ସ୍ୱାଧୀନତାର ୭୫ବର୍ଷ ପୂର୍ତ୍ତି ଉତ୍ସବ ପାଳନ ଅବସରରେ ହର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ମାଧ୍ୟମରେ ଲୋକଙ୍କୁ ସଚେତନ କରାଯାଉଛି। ଏହି କାର୍ଯ୍ୟକ୍ରମ ଆଗାମୀ ଏକ ବର୍ଷ ଧରି ଅର୍ଥାତ୍ ୨୦୨୩ ଅଗଷ୍ଟ ୧୫ ପର୍ଯ୍ୟନ୍ତ ଜାରି ରହିବ। ସଶକ୍ତ ଭାରତ ଗଠନ ଦିଗରେ ଯୁବ ପିଢି ଏହାକୁ ସଂକଳ୍ପ ଭାବେ ଗ୍ରହଣ କରି କାର୍ଯ୍ୟକ୍ରମକୁ ଆଗେଇ ନେବେ ବୋଲି ମହାନ୍ତି ଏହି ଅବସରରେ କହିଥିଲେ। ଧର୍ମଶାଳା ଭାଜପା ନେତ୍ରୀ ସ୍ମୃତିରେଖା ପହିଙ୍କ ନେତୃତ୍ୱରେ ଅନୁଷ୍ଠିତ ପଦଯାତ୍ରାରେ ଜିଲା ସଭାପତି ଗୌତମ ରାୟ, ଜିଲା ପ୍ରଭାରୀ ଶାରଦା ପ୍ରସନ୍ନ ଶତପଥୀ, ପର୍ଯ୍ୟବେକ୍ଷକ ରବି ନାରାୟଣ ବେହେରା ପ୍ରମୁଖଙ୍କ ସମେତ ଶହଶହ କର୍ମୀ ୨ଶହ ମିଟର ଲମ୍ବର ଜାତୀୟ ପତାକା ସହ ଶୋଭାଯାତ୍ରାରେ ପରିକ୍ରମା କରିଥିଲେ। ପରେ ଭାଜପା କାର୍ଯ୍ୟାଳୟ ପରିସରରେ ଆୟୋଜିତ ସଭାରେ ଅତିଥି ଯୋଗଦେଇ ଉପସ୍ଥିତ କର୍ମୀଙ୍କ ସହ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ।

### ବିରୂପା, ଗେଙ୍ଗୁଟିରେ ବନ୍ୟା ଜଳ

ଚଣ୍ଡିଖୋଲ,୧୬।୮(ଡି.ଏନ୍.ଏ.)

ବଡ଼ଚଣା ବ୍ଲକ ଦେଇ ବିରୂପା ଓ ଗେଙ୍ଗୁଟି ନଦୀ ପ୍ରବାହିତ ହୋଇଛି। ମହାନଦୀର ଶାଖା ନଦୀ ଭାବେ ବିରୂପାରେ ବନ୍ୟାଜଳ ଆସୁଥିବାବେଳେ ଏହାର ଶାଖା ନଦୀ ଗେଙ୍ଗୁଟି ଦେଇ ବନ୍ୟାଜଳ ପ୍ରବାହିତ ହେଉଛି। ତେବେ ମଙ୍ଗଳବାର ଅପରାହ୍ଣ ସୁଦ୍ଧା ନଦୀ ଫୁଲୁଥିବା ବେଳେ କୌଣସି ଗାଁ ଗଣ୍ଡାରେ ବନ୍ୟାଜଳ ପ୍ରବେଶ କରିନାହିଁ। ଜଳ ସମ୍ପଦ ବିଭାଗ ତରଫରୁ ମିଳିଥିବା ସୂଚନା ଅନୁଯାୟୀ, ମଙ୍ଗଳବାର ହୀରାକୁଦ ଡ୍ୟାମରୁ ଛଡ଼ା ଯାଉଥିବା ଜଳ ମୁଣ୍ଡଳୀ ଦେଇ ପ୍ରବାହିତ ହେଉଥିବା ବେଳେ ବିରୂପା ନଦୀରେ ମାତ୍ର ୨୫ ହଜାର କ୍ୟୁସେକ୍ ଜଳ ପ୍ରବାହିତ ହେଉଛି। ଏହି ଜଳ ବିରୂପା ଓ ତା'ର ଶାଖା ନଦୀ ଗେଙ୍ଗୁଟିରେ ଗଲେ ସେଭଳି ବଡ଼ ବନ୍ୟା ହେବା ଆଶଙ୍କା ନାହିଁ। ବ୍ରାହ୍ମଣୀର ଶାଖା ନଦୀ କେଲୁଅ ବିରୂପା ଓ ଗେଙ୍ଗୁଟି ସହିତ ସାଉଡ଼ିଆଠାରେ ମିଶ୍ରଣ ହୋଇଛି। ତେବେ କେଲୁଅରେ ପାଣି ନ ଥିବା ହେତୁ ବନ୍ୟାର ସେଭଳି ପ୍ରଭାବ ନାହିଁ ବୋଲି ଜଳ ସମ୍ପଦ ବିଭାଗ ତରଫରୁ କୁହାଯାଇଛି। ବିଭାଗୀୟ ସହକାରୀ ନିର୍ବାହୀ ଯନ୍ତ୍ରୀ ଶକ୍ତି ପ୍ରସାଦ ଦାସ କୁହନ୍ତି, ଜଗତ୍‌ପୁରଠାରେ ବିରୂପା ନଦୀ ବିପଦ ସଙ୍କେତର ମାତ୍ର ୨ ମିଲିମିଟର ଉପରେ ପ୍ରବାହିତ ହେଉଛି। ତେଣୁ ବନ୍ୟାଜଳ କେବଳ ଚାଷ ଜମି ଉପରେ ମାଡ଼ି ପାରେ। ବର୍ତ୍ତମାନ ସେଭଳି କ୍ଷୟକ୍ଷତି ହେବାର ଆଶଙ୍କା ନାହିଁ। ପରବର୍ତ୍ତୀ ମୁହୂର୍ତ୍ତରେ ଯଦି ଅଧିକ ବନ୍ୟାଜଳ ଆସେ ତାହାଲେ ମଧ୍ୟମ ଧରଣର ବନ୍ୟା ହୋଇପାରେ ବୋଲି ସେ ସୂଚନା ଦେଇଛନ୍ତି।

## ଧାନମଣ୍ଡଳ ବିଦ୍ୟାଳୟ ପାଚେରି ଭୁଶୁଡ଼ିଲା



ବିଦ୍ୟାଳୟ ପାଚେରି ଭୁଶୁଡି ପଡିଛି।

ଚଣ୍ଡିଖୋଲ,୧୬।୮(ଡି.ଏନ୍.ଏ.)

ରାଜ୍ୟ ସରକାର ପିଲାଙ୍କୁ ଆକର୍ଷିତ କରିବା ପାଇଁ ବିଦ୍ୟାଳୟ ଗୁଡ଼ିକୁ ନୂତନ ଢାଞ୍ଚାରେ ୫–ଟି ଜରିଆରେ ନିର୍ମାଣ କରୁଛନ୍ତି। ତେବେ ବଡ଼ଚଣା ବ୍ଲକରେ ନିର୍ମାଣ ହେଉଥିବା ୫–ଟି ସ୍କୁଲ ଗୁଡ଼ିକ ଅବସ୍ଥା କହିଲେ ନ ସରେ। ୪ ମାସ ତଳେ ୫–ଟି ଜରିଆରେ ବଡ଼ଚଣା ବ୍ଲକ ଅନ୍ତର୍ଗତ ଧାନମଣ୍ଡଳ ସରକାରୀ ଉଚ୍ଚ ବିଦ୍ୟାଳୟର ରୂପାନ୍ତରକରଣ କରାଯାଇଥିଲା। ତେବେ ଏହି ବିଦ୍ୟାଳୟର ସମ୍ମୁଖ ଭାଗ ପାଚେରିଟି ସୋମବାର ରାତିରେ ଭୁଶୁଡ଼ି ପଡ଼ିଛି। ମଙ୍ଗଳବାର ସକାଳୁ ବିଦ୍ୟାଳୟର ଶିକ୍ଷକମାନେ ଆସି ପହଞ୍ଚିବା ପରେ ପାଚେରି ଭୁଶୁଡ଼ି ପଡ଼ିଥିବା ଦେଖିବାକୁ ପାଇଥିଲେ। ବିଦ୍ୟାଳୟ ରୂପାନ୍ତରିକରଣ ପାଇଁ ୫୦ଲକ୍ଷରୁ ୬୦ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଉଥିବା ବେଳେ ଏହି ବିଦ୍ୟାଳୟର କାମ କେତେ ନିମ୍ନ ମାନର ହୋଇଛି ତାହା ପାଚେରି ଭୁଶୁଡ଼ିବା ପରେ ପଦାକୁ ଆସିଛି। ମାତ୍ର ୬ମାସ ନ ପୁରୁଣୁ ବିଦ୍ୟାଳୟର ପାଚେରି ଭୁଶୁଡ଼ିବା ଘଟଣା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। କେବଳ ଏହି ଗୋଟିଏ ନୁହେଁ ବଡ଼ଚଣାରେ ୫–ଟି ଜରିଆରେ ନିର୍ମାଣ କରାଯାଇଥିବା ୨୯ଟି ହାଇସ୍କୁଲର ଅବସ୍ଥା ଏହି ଭଳି ହୋଇଛି ବୋଲି ସାଧାରଣରେ ଅଭିଯୋଗ ହୋଇଛି। ତୁରନ୍ତ ଏହି ଘଟଣାର ତଦନ୍ତ କରି କାର୍ଯ୍ୟ କରିଥିବା ଠିକାଦାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି। ଏ ସମ୍ପର୍କରେ ବଡ଼ଚଣା ବ୍ଲକ ଶିକ୍ଷାଅଧିକାରୀ ହରିହର ଦଳାଇଙ୍କୁ ପଚାରିବାରେ ସେ କୁହନ୍ତି, ଘଟଣା ସମ୍ପର୍କରେ ମୁଁ ଆଜି ଖବର ପାଇଲି। ବିଡିଓଙ୍କ ସହିତ କଥା ହୋଇ ଯାହାକିଛି କରାଯାଇ ପାରିବ।

## ଦୋକାନକୁ ବୋମା ମାଡ଼ ଘଟଣାରେ ପୁଣି ଜଣେ ଗିରଫ

ଗଞ୍ଜାମ: (ଡି.ଏନ.ଏ.)-ଗଞ୍ଜାମ ଥାନା ୧୬ନଂ ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଏକ ଦୋକାନ ଉପରକୁ ଗତ କିଛି ଦିନ ତଳେ ବୋମା ମାଡ଼ ହୋଇଥିଲା। ଏହି ଘଟଣାରେ ପୋଲିସ ପୂର୍ବରୁ ୩ଜଣଙ୍କୁ ଗିରଫ କରିଥିଲା। ମଙ୍ଗଳବାର ପୁଣି ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ ସୁଦୀପ୍ତ କୁମାର ସାହୁ ସୂଚନା ଦେଇଛନ୍ତି। ଗିରଫ ବ୍ୟକ୍ତି ହେଲେ ଛତ୍ରପୁର ଥାନା ଗୁମର ଗ୍ରାମର ରଞ୍ଜନ ବେହେରା।

# କଳାବାଲି ପରିବହନକୁ ନେଇ ୨ ଟ୍ରକ୍ ମାଲିକ ସଂଘ ମୁହାଁମୁହିଁ

**ଛତ୍ରପୁର,୧୬।୮(ଡି.ଏନ.ଏ.)**

ଛତ୍ରପୁର ଉପକଣ୍ଠ ଆଇଆର୍‌ଇଏଲ କମ୍ପାନୀରୁ ବାହାରୁଥିବା କଳାବାଲି ପରିବହନକୁ ନେଇ ୨ ଟ୍ରକ ମାଲିକ ସଂଘ ମୁହାଁମୁହିଁ ହୋଇଛନ୍ତି। ଗତ କିଛି ଦିନଧରି ଏମାନଙ୍କ ମଧ୍ୟରେ ଛକାପଞ୍ଝା ଲାଗିରହିଥିବା ବେଳେ ମଙ୍ଗଳବାର ଏହା ଉଗ୍ରରୂପ ଧାରଣ କରିଛି। ଏଥିରେ ଆଇଆରଇଏଲ କମ୍ପାନୀ ନିକଟ ମାଟିଖାଲ ଗ୍ରାମର ସଭାପତି ବାବୁଲା ପ୍ରଧାନଙ୍କ ସମେତ ୪ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି । ଖବରପାଇ ଚମାଖଣ୍ଡି ପୋଲିସ ଘଟଣା ସ୍ଥଳରେ ପହଞ୍ଚିବା ପୂର୍ବରୁ ଗୋଟିଏ ଟ୍ରକ ୟୁନିୟନ ସଂଘର ସମର୍ଥକ ମାନେ ଛତ୍ରଭଙ୍ଗ ଦେଇଛନ୍ତି।

କଳାବାଲି ପରିବହନ କରିବା ପାଇଁ କିଛି ବର୍ଷଧରି ଗଞ୍ଜାମ ଜିଲା ଟ୍ରକ ମାଲିକ ସଂଘ କାର୍ଯ୍ୟକରୁଥିବା ବେଳେ ଗୋପାଳପୁର ପୋର୍ଟ ଟ୍ରକ ମାଲିକ ସଂଘ (କାଳିଆବାଲି ) ଏହାକୁ ବିରୋଧ କରି ସ୍ଥାନୀୟ ସଂଘର ଟ୍ରକ ମାଲିକମାନଙ୍କୁ ଏହି କାର୍ଯ୍ୟରେ ସାମିଲ କରିବା ପାଇଁ ଜିଲା ପ୍ରଶାସନକୁ ଅନୁରୋଧ କରିଥିଲେ। ଏନେଇ ଆଇଆରଇଏଲ ,ଜିଲା ପ୍ରଶାସନ,ପୋଲିସ ଓ ଟ୍ରକ ମାଲିକ ସଂଘକୁ ନେଇ ବହୁବାର ବୈଠକ ହୋଇଥିଲେ ସୁଦ୍ଧା କୌଣସି ନିଷ୍କର୍ଷ ବାହାରି ପାରିନଥିଲା । ଏହାକୁ ନେଇ ଦୁଇ ଟ୍ରକ ମାଲିକ ସଂଘ ମଧ୍ୟରେ ବାରମ୍ବାର ଛକାପଞ୍ଝା ଲାଗିରହିଥିଲା ବେଳେ ଅପରାହ୍ନରେ ଆଇଆରଇ କମ୍ପାନିକୁ ଯାତାୟତ ରାସ୍ତା ତଥା ମାଟିଖାଲ ଗ୍ରାମ ନିକଟ ଏକ ଟାୱାର ସମ୍ମୁଖରେ ଥିବା ରାସ୍ତାରେ ଦୁଇ ଟ୍ରକ ମାଲିକ ସଂଘର ସମର୍ଥକ ମଧ୍ୟରେ ହାତାହାତି ହୋଇଥିଲା। ଏପରିକି ଗୋଟିଏ ଗୋଷ୍ଠୀ ଅନ୍ୟ ଏକ ଗୋଷ୍ଠୀର ଲୋକଙ୍କୁ ଠେଙ୍ଗାରେ ଆକ୍ରମଣ କରିଥିବା ଜଣାପଡ଼ିଛି । ଖବର ପାଇ ମାଟିଖାଲ ଗ୍ରାମର ସଭାପତି ବାବୁଲା ପ୍ରଧାନଙ୍କ ସମେତ ଗ୍ରାମର କିଛି ଭଦ୍ର ବ୍ୟକ୍ତି ବୁଝାସୁଝା କରିବାରୁ ତାଙ୍କ ସମେତ ୪ ଜଣଙ୍କୁ ଆକ୍ରମଣ ହୋଇଥିଲା । ଅନ୍ୟ ପକ୍ଷରେ କୌଣସି ଅପ୍ରୀତିକର ପରିସ୍ଥିତିକୁ ଦୃଷ୍ଟି ରଖି ଚମାଖଣ୍ଡି ପୋଲିସ ଉକ୍ତ ଅଂଚଳରେ ପଇଁତରା ମାରୁଥିବା ଦେଖିବାକୁ ମିଳିଛି । ରାସ୍ତା ରେ କିଛି ଟ୍ରକ ଅଟକି ରହିଛି ।



ପୋଲିସର ଅନୁଧ୍ୟାନ

## ସଂକ୍ଷେପରେ

### ଗ୍ୟାସ୍ ଲିକ୍ ଯୋଗୁ ଶ୍ୱାସରୁଦ୍ଧ ହୋଇ ଦମ୍ପତି ଗୁରୁତର

ପୋଲସରା,୧୬।୮(ଡି.ଏନ.ଏ.)

ପୋଲସରା ବ୍ଲକ୍ ଅନ୍ତର୍ଗତ ଜକର ପଞ୍ଚାୟତର ଜେନାପୁର ଗ୍ରାମର ରାଧାକୃଷ୍ଣ ନଗର ସାହିରେ ଏକ ଅଭାବନୀୟ ଘଟଣା ଘଟିଛି। ଏକ ରୁଦ୍ଧ କୋଠରୀରେ ଏଲ୍‌ପିଜି ଗ୍ୟାସ ଲିକ୍ ଯୋଗୁଁ ବୃଦ୍ଧଦମ୍ପତି ଗୁରୁତର ଆହତ ହୋଇ ଚିକିତ୍ସିତ ହେଉଛନ୍ତି। ଆହତ ଦମ୍ପତି ହେଲେ ବାଉରୀବନ୍ଧୁ ନାହାକ(୭୫) ଓ ସରସ୍ୱତୀ ନାହାକ(୭୦)। ପ୍ରକାଶ ଯେ, ମଙ୍ଗଳବାର ବୃଦ୍ଧା ଜଣକ ରୋଷେଇ ଲଗି ଗ୍ୟାସ ଲଗାଇଥିଲେ। କିନ୍ତୁ ଚୁଲାରେ ଅଗ୍ନି ସଂଯୋଗ ହୋଇନଥିଲା। ତାଙ୍କ ଆଖିକୁ ସ୍ପଷ୍ଟ ଦେଖା ଯାଉନଥିବାରୁ ସେ ଜାଣିପାରିନଥିଲେ। ଗ୍ୟାସ ଲିକ୍ ହୋଇ ରୁଦ୍ଧ କୋଠରୀରେ ହାଇଡ୍ରୋକାର୍ବନ ଭର୍ତ୍ତି ହୋଇଯାଇଥିଲା। ଫଳରେ ଦମ୍ପତି ଶ୍ୱାସରୁଦ୍ଧ ହୋଇଯାଇଥିଲେ। ଗ୍ରାମରେ ବାର୍ଦ୍ଧକ୍ୟ ଭତ୍ତା ବାଣ୍ଟୁଥିବା ପଞ୍ଚାୟତ ନିର୍ବାହୀ ଅଧିକାରୀ, ସରପଞ୍ଚ ପ୍ରତିନିଧି ନବଘନ ପ୍ରଧାନ ଓ ସମିତିସଭ୍ୟ ଶିବଶଙ୍କର ନାହାକ ଭତ୍ତା ଦେବାକୁ ଡାକିଥିଲେ ମଧ ବୃଦ୍ଧ ଦମ୍ପତି ଆସିନଥିଲେ। ଫଳରେ ସରପଞ୍ଚ ପ୍ରତିନିଧି ଓ ସମିତିସଭ୍ୟ ଦମ୍ପତିଙ୍କ ଘରକୁ ଆସି ଡ଼ାକିଥିଲେ। କିନ୍ତୁ ସେମାନେ କବାଟ ଖୋଲି ନଥିଲେ। ଘରୁ ଗ୍ୟାସ୍ ଗନ୍ଧ ବାହାରୁ ଥିବାରୁ ନିର୍ବାଚିତ ପ୍ରତିନିଧିଙ୍କ ସମେତ ଗ୍ରାମବାସୀ କବାଟ ଭାଙ୍ଗି ବୃଦ୍ଧଦମ୍ପତିଙ୍କୁ ଉଦ୍ଧାର କରି ପୋଲସରା ମେଡ଼ିକାଲରେ ଭର୍ତ୍ତି କରିଥିଲେ। ସେମାନଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ଥିବାରୁ ଉଭୟଙ୍କୁ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଥିଲା।

### ରାମଗିରିରେ ସ୍ୱାଧୀନତା ଦିବସ ପାଳିତ

ରାମଗିରି,୧୬।୮(ଡି.ଏନ.ଏ.)-ଗଜପତି ଜିଲା ଆର. ଉଦୟଗିରି ବ୍ଲକ ରାମଗିରି ପଞ୍ଚାୟତର ବିଭିନ୍ନ ସ୍ଥାନରେ ୭୬ ତମ ସ୍ୱାଧୀନତା ଦିବସ ପାଳନ କରାଯାଇଛି। ହାଟପଦା ଗାନ୍ଧୀଛକ ଠାରୁ ଆରମ୍ଭ କରି ପଞ୍ଚାୟତ କାର୍ଯ୍ୟାଳୟ, ଯୁବକ ସଂଘ, ଥାନା, ମେଡିକାଲ, ବନପାଳଙ୍କ କାର୍ଯ୍ୟାଳୟ, ମହେନ୍ଦ୍ରଗିରି ମହାବିଦ୍ୟାଳୟ, ବି. ଆର ଆମ୍ବେଦକର କଲେଜ, ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ପ୍ରାଥମିକ ବିଦ୍ୟାଳୟ, ଅଙ୍ଗନୱାଡି କେନ୍ଦ୍ର, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ରାଜସ୍ୱ କାର୍ଯ୍ୟାଳୟ, ପୂର୍ତ୍ତ ବିଭାଗ କାର୍ଯ୍ୟାଳୟ ଗୁଡିକରେ ୭୬ ତମ ସ୍ୱାଧୀନତା ଦିବସ ପାଳନ କରିବା ସହ ଗ୍ରାମର ପ୍ରତ୍ୟେକ ଘରେ ତ୍ରିରଙ୍ଗା ପତାକା ଲଗେଇ ସ୍ୱାଧୀନତା ଦିବସ ପାଳନ କରିଥିବା ଦେଖିବାକୁ ମିଳିଛି।

### ବ୍ୟବସାୟୀ ସଂଘର ରୌପ୍ୟ ଜୟନ୍ତୀ

ଜି.ଉଦୟଗିରି,୧୬।୮(ଡି.ଏନ.ଏ.)-ସ୍ଥାନୀୟ ବ୍ୟବସାୟୀ ସଂଘ ତରଫରୁ ମଙ୍ଗଳବାର ରୌପ୍ୟ ଜୟନ୍ତୀ ପାଳନ କରାଯାଇଛି। ବ୍ୟବସାୟୀ ସଂଘ ସଭାଗୃହରେ ସଂଘ ସଭାପତି ମନୋଜ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ସହ ସମ୍ପାଦକ ଅରୁଣ କୁମାର ଷଡ଼ଙ୍ଗୀ, ସମ୍ପାଦକ ସନ୍ତୋଷ ଆଚାର୍ଯ୍ୟ, ଉପସଭାପତି କାଳୁଚରଣ ପଣ୍ଡା, କୋଷାଧ୍ୟକ୍ଷ ସଞ୍ଜୟ କୁମାର ସୁବୁଦ୍ଧି ଯୋଗଦେଇଥିଲେ। ସଂଘ ଗଠନ କରିବାରେ ପ୍ରମୁଖ ଭୂମିକା ନେଇଥିବା ପୂର୍ବତନ ସଭାପତି ବିନୋଦ ବିହାରୀ ଦାସ, ରାଜେନ୍ଦ୍ର କୁମାର ମହାପାତ୍ର, ପ୍ରମୋଦ କୁମାର ପତି, ସମୀର କୁମାର ପାଢ଼ୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବରିଷ୍ଠ ନାଗରିକ ଉଦୟନାଥ ସାହୁ, କାର୍ଯ୍ୟକାରୀ ସଭ୍ୟ ଚନ୍ଦନ ପାଣିଗ୍ରାହୀ, ଦେବୀ ପ୍ରସାଦ ଦାସ, କୃଷ୍ଣମୂର୍ତ୍ତି ପାତ୍ର, ମାନସ ରଞ୍ଜନ ଦାସ, ପ୍ରଶାନ୍ତ କୁମାର ସୁବୁଦ୍ଧି ଯୋଗ ଦେଇଥିଲେ।

## ଛେଳିଗଡ଼ ଜଳସେଚନ କାର୍ଯ୍ୟାଳୟରେ ଉଡ଼ିଲା ସର୍ବବୃହତମ ତ୍ରିରଙ୍ଗା

ଆର.ଉଦୟଗିରି,୧୬।୮(ଡି.ଏନ.ଏ.)

ଗଜପତି ଜିଲା ଛେଳିଗଡ଼ ଜଳ ସେଚନ ପ୍ରକଳ୍ପ କାର୍ଯ୍ୟାଳୟ ମହେନ୍ଦ୍ରଗଡ଼ଠାରେ ଜିଲାପାଳ ଲିଙ୍ଗରାଜ ପଣ୍ଡା ଜିଲାର ସର୍ବବୃହତ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ପତାକା ସ୍ତମ୍ଭର ଉଚ୍ଚତା ୧୨ମିଟର ହୋଇଥିବା ବେଳେ ତ୍ରିରଙ୍ଗା ପତାକା ୧୫ଫୁଟକୁ ୧୦ଫୁଟ ଆକାର ହୋଇଥିବା ଜଣାପଡିଛି। ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ରୋମାଞ୍ଚଳ ଖମାରି, ଜିଲା ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ଫାଲଗୁନି ମାଝୀ, ଜିଲା ମଙ୍ଗଳ ଅଧିକାରୀ ସନ୍ତୋଷ କୁମାର ରଥ, ସ୍ଥାନୀୟ ପ୍ରକଳ୍ପ ଅଧିକ୍ଷଣ ଯନ୍ତ୍ରୀ ଇଂ. ନଗେନ୍ଦ୍ର ନାଥ ମହାରଣା, ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀ ନାରାୟଣ ଶବର, ବିଜେଡି ବ୍ଲକ ସଭାପତି ଭୀମ ପାଇକ, ତିବତୀଅନ ଧର୍ମ ଗୁରୁଙ୍କ ସମେତ ତାଙ୍କ ସହଯୋଗୀ ସ୍ଥାନୀୟ ପଞ୍ଚାୟତ ସରପଞ୍ଚ ପ୍ରମୁଖ ଉପସ୍ଥିତ ଥିଲେ।

## ପୁଣି ସମୁଦ୍ରରେ ଲୀନହେଲା ୩ ଘର



ସମୁଦ୍ରର ଉଚ୍ଚ ଜୁଆରରେ ଭାଙ୍ଗି ଯାଇଥିବା ଘର

**ଗଞ୍ଜାମ,୧୬।୮(ଡି.ଏନ୍.ଏ.)**

ଲଘୁଚାପ କାରଣରୁ ଅଶାନ୍ତ ସମୁଦ୍ରର ଉଚ୍ଚ ଜୁଆରରେ ଗଞ୍ଜାମ ବ୍ଲକର ପୁରୁଣା ପୋଡ଼ମପେଟା ଗ୍ରାମର ପୁଣି ୩ଟି ଘର ସମୁଦ୍ରରେ ଲୀନ ହୋଇଯାଇଛି। ପ୍ରଶାସନ ପକ୍ଷରୁ ଓଡ଼ିଶା ବିପର୍ଯ୍ୟୟ ଓ ଥଇଥାନ ପ୍ରକଳ୍ପ (ଓଡ଼ିଆରପି) ଯୋଜନାରେ ଘର ମିଳି ନ ଥିବାରୁ ଗ୍ରାମର ସି.ଏଚ. ନାର୍ସା, ଜେ. ସୁକାନ୍ତି, ଜେ. ଟିଟୁ, ସି.ଏଚ. ବୁଲଡୁ ଓ ଜେ.ଶିବାନନ୍ଦଙ୍କ ପରିବାର ସେଠାରେ ରହିଆସୁଛନ୍ତି। ମଙ୍ଗଳବାର ସି.ଏଚ. ବୁଲଡୁଙ୍କ ଘର ସମୁଦ୍ରରେ ମିଶିଗଲା ପରେ ସେ ସମ୍ପର୍କୀୟଙ୍କ ଘରକୁ ଚାଲିଯାଇଛନ୍ତି। ଅନ୍ୟ ଦୁଇଟି ଘରେ କେହି ରହୁନଥିଲେ ମଧ ସେଗୁଡ଼ିକ ଜୁଆର ମାଡ଼ରେ ଭାଙ୍ଗିଯାଇଛି। ତହସିଲଦାର ଅରୁଣ କୁମାର ନାୟକ ପୋଡ଼ମପେଟା ଯାଇ ପରିସ୍ଥିତି ଅନୁଧ୍ୟାନ କରିଛନ୍ତି। ସୂଚନାଯୋଗ୍ୟ, ଗତ କିଛି ଦିନ ମଧ୍ୟରେ ପ୍ରାୟ ୨୦ରୁ ଊର୍ଦ୍ଧ୍ୱ ଘର ସମୁଦ୍ରରେ ମିଶିଗଲାଣି। ଓଡିଆରପି ଯୋଜନାରେ ୨୦୦୪ ମସିହାରେ ୧୧୦ ପରିବାରକୁ ରାମଗଡ଼ ପଞ୍ଚାୟତର ଡୁମୁନାଗିରି ପାଦଦେଶ ପାଲୁର ସାହେବ କେନାଲ ପାର୍ଶ୍ୱରେ ଥଇଥାନ କରାଯାଇଥିବା ବେଳେ ୨୦୧୮ ମସିହାରେ ମୟୂରପଦା ଗ୍ରାମ ନିକଟସ୍ଥ ସାହେବ କେନାଲ ପାର୍ଶ୍ୱରେ ପ୍ରାୟ ୪୦୦ ପରିବାରକୁ ଥଇଥାନ କରାଯାଇଛି।

## ଅବସରପ୍ରାପ୍ତ ସେନା କର୍ମଚାରୀଙ୍କ ଧାରଣା

ଫୁଲବାଣୀ ଅଫିସ, ୧୬।୮

ପାରିବାରିକ ପ୍ରତାରଣା, ହିଂସାର ଶିକାର ହୋଇ ସମ୍ପତ୍ତିରୁ ବଞ୍ଚିତ ହୋଇଥିବା ଜଣେ ଅବସରପ୍ରାପ୍ତ ସେନା କର୍ମଚାରୀ ସ୍ୱାଧୀନତା ଦିବସରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି। ଗତ ୫ ବର୍ଷ ଧରି ସେ ନ୍ୟାୟ ପାଇଁ ଲଢ଼ି ଆସୁଥିଲେ ମଧ୍ୟ ନ୍ୟାୟ ମିଳିନାହିଁ। ପ୍ରଶାସନର କାଳ କ୍ଷେପଣ ନୀତିକୁ ବିରୋଧ କରି ସେ ଏହି ଧାରଣା ଦେଇଛନ୍ତି। ନ୍ୟାୟ ନ ମିଳିବା ପର୍ଯ୍ୟନ୍ତ ଆମରଣ ଅନଶନ କରିବେ ବୋଲି ଅବସରପ୍ରାପ୍ତ ସେନା କର୍ମଚାରୀ ପ୍ରଦୀପ ପଟ୍ଟନାୟକ କହିଛନ୍ତି। ରାତି ୧୧ଟାରେ ସଦର ଏସ.ଡି.ପି.ଓ ମହେନ୍ଦ୍ରନାଥ ମୁର୍ମୁ, ଟାଉନ ଥାନାଧିକାରୀ ସୁଶାନ୍ତ କୁମାର ସେଠୀ ଘଟଣାସ୍ଥଳରେ ପହଂଚି ୧୫ ଭିତରେ ସମସ୍ୟାର ସମାଧାନ କରାଯିବା ବୋଲି ପ୍ରଦୀପଙ୍କୁ ପ୍ରତିଶ୍ରୁତି ଦେଇଥିଲେ । ପ୍ରଶାସନ ଉପରେ ବିଶ୍ୱାସ ରଖି ପ୍ରଦୀପ ଅନଶନରୁ ଉଠିଥିଲେ।

## ଭଞ୍ଜନଗର ଉପଖଣ୍ଡରେ ସ୍ୱାଧୀନତା ଦିବସ

**ଭଞ୍ଜନଗର,୧୬।୮(ଡି.ଏନ.ଏ)**

ଭଞ୍ଜନଗର ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସ୍ଥାନୀୟ ଜେଲ ପଡ଼ିଆରେ ଉପଖଣ୍ଡସ୍ତରୀୟ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି । ଏଥିରେ ଉପଜିଲାପାଳ ଜ୍ୟୋତି ଶଙ୍କର ରାୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ବିଭିନ୍ନ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ଏସ୍‌ଡ଼ିପିଓ ଶୁଭ୍ରାଂଶୁ ମିଶ୍ର, ଥାନା ଅଧିକାରୀ ଧିରେଶ ଦାସ, ମେଡ଼ିକାଲ ଅଧୀକ୍ଷକ ଡ଼.ସିତାଂଶୁ ଶତପଥୀ, ଭାରପ୍ରାପ୍ତ ତହସିଲଦାର ନିହାର ରଞ୍ଜନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଶୁଳପାଣି ଶତପଥୀ, ଏଡ଼ିପିଆରଓ ଗୌରୀ ଶଙ୍କର ଶତପଥୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସେହିପରି କେବିବିବ୍ରହ୍ମପୁର ବିଦ୍ୟାଳୟରେ ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ ଡ଼.କମ୍ବୁପାଣି ସାମନ୍ତ ଜାତୀୟ ପତାକା ଉତ୍ତୋଳନ କରିଥିବା ବେଳେ ପ୍ରଧାନ ଶିକ୍ଷକ ସୁବ୍ରତ ପାତ୍ର, ସିଆରସିସି ନୀଳକଣ୍ଠ ନନ୍ଦ, ସନ୍ତୋଷ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଭଞ୍ଜନଗର ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ସଭାପତି କୃତିବାସ ବିଶ୍ୱାଳ, ସାଇ ଗୁରୁକୂଳ ଆବାସିକ ବିଦ୍ୟାଳୟରେ ସଭାପତି ଶୁଳପାଣି ଶତପଥୀ, କେଏସ୍‌ୟୁବି କଲେଜରେ ଭାରପ୍ରାପ୍ତ ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ଦାସ, ସାବିତ୍ରୀ କଲେଜରେ ଅଧ୍ୟକ୍ଷ ଡ଼.ଜୟରାମ ସେନାପତି, ଜିଲୁଣ୍ଡିରେ ସରପଞ୍ଚ ରଞ୍ଜିତ ଆରୁଖ, ଗୋବରା ବିଶ୍ୱ ଭାରତୀ ଆବାସିକ ବିଦ୍ୟାଳୟରେ ଗାଙ୍ଗପୁର ଥାନା ଅଧିକାରୀ ଶୁଭେନ୍ଦୁ କୁମାର ସାହୁ, ଧୁମୁଛାଇ ହାଇସ୍କୁଲରେ ବେଲଗୁଣ୍ଠା ବ୍ଲକ ଅଧ୍ୟକ୍ଷ ପ୍ରଶାନ୍ତ ନାୟକ, କେଏସ୍‌ୟୁବି ଯୁକ୍ତ ୨ ଭୋକେସନାଲ କଲେଜରେ ଭାରପ୍ରାପ୍ତ ଅଧ୍ୟକ୍ଷ ବୁଦ୍ଧିନାଥ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏହି ଅବସରରେ ବିପଦର ବନ୍ଧୁ ଏବଂ କେଏସ୍‌ୟୁବି କଲେଜ ଏନସିସି ଛାତ୍ରୀଛାତ୍ରଙ୍କ ମିଳିତ ସହଯୋଗରେ ୭୫ ମିଟର ଲମ୍ବର ଏକ ଜାତୀୟ ପତାକା ଧରି ସହରରେ ଶୋଭାଯାତ୍ରା କରିଥିଲେ ।



## ଏବିଭିପି ପକ୍ଷରୁ ୧୦୦ ଫୁଟର ତ୍ରିରଙ୍ଗା ଶୋଭାଯାତ୍ରା

ପାରଳାଖେମୁଣ୍ଡି,୧୬।୮(ଡି.ଏନ୍.ଏ.)

ପାରଳାଖେମୁଣ୍ଡିଠାରେ ଥିବା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରଠାରେ ମଙ୍ଗଳବାର ୧୦୦ଫୁଟିଆ ତ୍ରିରଙ୍ଗା ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ପରିଚାଳନା କରାଯାଇ ଶୋଭାଯାତ୍ରାର ଆୟୋଜନ କରିଥିଲେ। ଏଥିରେ ଜିଲା ପ୍ରମୁଖ ବାଳକୃଷ୍ଣ ଜେନାଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ମଞ୍ଚରେ ସମସ୍ତ ସଦସ୍ୟମାନେ ଏହି ୧୦୦ ଫୁଟିଆ ତ୍ରିରଙ୍ଗା ଧରି ନଗର ପରିକ୍ରମା କରି ଆଜାଦିକା ଅମୃତ ମହୋତ୍ସବ ପାଳନ ପୂର୍ବକ ସାଧାରଣଙ୍କୁ ସଚେତନ କରିଥିଲେ । ଶୋଭାଯାତ୍ରାରେ ଏବିଭିପିର ସଦସ୍ୟଙ୍କ ସହ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବିଦ୍ୟାର୍ଥୀମାନେ ଅଂଶ ଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ମାନସ ରଞ୍ଜନ ମହନ୍ତ, ଜିଲା ସହ ପ୍ରମୁଖ ସମୀର ପାଣିଗ୍ରାହୀ, ବିଶ୍ୱ ହିନ୍ଦୁ ପରିଷଦର ସଭାପତି କୈଳାସ ଗୌଡ଼,ସହସମ୍ପାଦକ ଲୋକନାଥ ମିଶ୍ର, କୋଷାଧ୍ୟକ୍ଷ ହରିମୋହନ ପଟ୍ଟନାୟକ ପ୍ରମୁଖଙ୍କ ସହ ଶତାଧିକ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।



ଛାତ୍ରମାନେ ଶୋଭାଯାତ୍ରାରେ ଯାଉଛନ୍ତି ।

## ନିଖୋଜ ମହିଳା ଉଦ୍ଧାର, ଦୁଇ ମାମୁ ଗିରଫ

ଗଞ୍ଜାମ,୧୬।୮(ଡି.ଏନ.ଏ.)

ବିରୁଳିଗଡ଼ ଗ୍ରାମର ଜଣେ ମହିଳା ନିଖୋଜ ଥିବା ନେଇ ତାଙ୍କ ଶଶୁର ରମ୍ଭା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ତଦନ୍ତ କରି ମହିଳାଜଣଙ୍କ ଆନ୍ଧ୍ରପ୍ରଦେଶର ହାଇଦ୍ରାବାଦରେ ଥିବା ଖବର ପାଇ ଚାରି ଜଣିଆ ପୋଲିସ ଟିମ ସେଠାରୁ ତାଙ୍କୁ ଉଦ୍ଧାର କରିଛନ୍ତି। ଏହି ଘଟଣାରେ ସମ୍ପୃକ୍ତ ଥିବା ମହିଳାଙ୍କ ଦୁଇ ମାମୁଙ୍କୁ ପୋଲିସ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଥିବା ଆଇଆଇସି ପି ସ୍ୱରୂପ କିଷାନ ସୂଚନା ଦେଇଛନ୍ତି। ଗିରଫ ବ୍ୟକ୍ତି ହେଲେ ଉତ୍ସବ ପଲାଇ ଓ କୈଳାଶ ପଲାଇ। ପୋଲିସ ସୂଚନାନୁଯାୟୀ ନିଖୋଜ ମହିଳାଙ୍କ ଦୁଇ ମାମୁ ମହିଳାଙ୍କୁ ଡାକି ପ୍ରଥମେ ଏକ ମନ୍ଦିରକୁ ନେଇଥିଲେ। ସେଠାରେ ଖାଦ୍ୟରେ କଣ ଦେଇ ଚେତାଶୂନ୍ୟ କରାଇ ଦେଇଥିଲେ। ଚେତା ଫେରିବା ବେଳକୁ ସେ ହାଇଦ୍ରାବାଦରେ ଥିବା ଜାଣିବାକୁପାଇଥିଲେ ବୋଲି ମହିଳା ଜଣକ ପୋଲିସକୁ କହିଛନ୍ତି। ଅନ୍ୟପଟେ ମହିଳାଙ୍କ ପରିବାର ପକ୍ଷରୁ ମଧ ତାଙ୍କ ଝିଅକୁ ତାର ଶଶୁର ଘରଲୋକେ ନିର୍ଯାତନା ଦେଇଆସୁଥିବା ରମ୍ଭା ଥାନାରେ ଅଭିଯୋଗ କରିଥିଲେ।

## ବଳାତ୍କାର ମାମଲାରେ ଯୁବକ କୋର୍ଟ ଚାଲାଣ

ଗୋପାଳପୁର,୧୬।୮(ଡି.ଏନ.ଏ.)

ନାବାଳିକାଙ୍କୁ ପ୍ରଲୋଭନ ଦେଖାଇ ଅପହରଣ କରି ବଳାତ୍କାର ମାମଲାରେ ମଙ୍ଗଳବାର ଗୋଲନ୍ଥରା ପୋଲିସ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଜଣକ ହେଲେ ବଲାଙ୍ଗୀର ଜିଲା ବେଲପଡା ଥାନା ଅଞ୍ଚଳ ପଦ୍ମପୁର ଗ୍ରାମର ପବିତ୍ର ମଲ୍ଲିକ। ସୂଚନାନୁସାରେ ବଲାଙ୍ଗୀର ଜିଲା ସଇଁତଲା ଥାନା ଅଞ୍ଚଳର ନାବାଳିକାଙ୍କ ପରିବାର ଗୋଲନ୍ଥରା ଥାନା ଅଞ୍ଚଳରେ ଏକ ଇଟା ଭାଟିରେ କାମ କରୁଥିଲେ। ଗତ ମେ ୯ ତାରିଖ ରାତିରେ ସେଠାରେ କାମ କରୁଥିବା ପବିତ୍ର ମଲ୍ଲିକ ନାବାଳିକାଙ୍କୁ ଅପହରଣ କରି ନେଇଥିଲେ। ନାବାଳିକା ଓ ପବିତ୍ର ବାଙ୍ଗାଲୋରରେ ଥିବା ପୋଲିସ ଜାଣିବାକୁ ପାଇ ସ୍ଥାନୀୟ ପୋଲିସ ସାହାଯ୍ୟରେ ସୋମବାର ନାବାଳିକାଙ୍କୁ ଉଦ୍ଧାର କରିଥିଲା।

# ଭତ୍ତା ବାଣ୍ଟିଲେ ବାଚସ୍ପତି

**ଭଞ୍ଜନଗର,୧୬।୮(ଡି.ଏନ.ଏ)**

ଭଞ୍ଜନଗର ବ୍ଲକ ଲାଲସିଂ କାହ୍ନୁ ରାଉତ ଉଚ୍ଚ ବିଦ୍ୟାଳୟରେ ସୋମବାର ଆୟୋଜିତ ଏକ କାର୍ଯ୍ୟକ୍ରମରେ ବାଚସ୍ପତି ବିକ୍ରମ କେଶରୀ ଆରୁଖ ମୁଖ୍ୟ ଅତିଥି ଭାବେ ଯୋଗଦେଇ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରିଥିଲେ। ଏହି ଅବସରରେ ବାଚସ୍ପତି କହିଥିଲେ, ଲାଲସିଂ କାହ୍ନୁ ରାଉତ ଉଚ୍ଚ ବିଦ୍ୟାଳୟ ସମେତ ବ୍ଲକର ୬ଟି ସ୍କୁଲକୁ ସ୍ମାର୍ଟ ସ୍କୁଲରେ ସାମିଲ କରାଯାଇଛି । ସ୍ମାର୍ଟ ସ୍କୁଲ ନିର୍ମାଣ ଦ୍ୱାରା ବିଦ୍ୟାଳୟ ଭିତ୍ତିଭୂମି ସୁଦୃଢ଼ ହେବାସହ ଛାତ୍ରୀଛାତ୍ରମାନେ ତାହାର ସୁଫଳ ପାଇପାରୁଛନ୍ତି। ଲାଲସିଂ ଠାରୁ ଛେଦାଭୂମି ରାସ୍ତା ଆଧୁନିକିକରଣ ପାଇଁ ୬୦ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ରାଜକୁଣ୍ଡ ଗ୍ରାମକୁ ପିଇବା ପାଣି ବ୍ୟବସ୍ଥା କରାଯାଇଛି । ଆଗାମୀ ଦିନରେ ସମ୍ପୃକ୍ତ ଗ୍ରାମବାସୀ ଯୋଜନାର ସୁଫଳ ପାଇବେ । ପଞ୍ଚାୟତରେ ଏକ ଉନ୍ନତଧରଣର କଲ୍ୟାଣମଣ୍ଡପ ନିର୍ମାଣ ହେବ । ଆଗକୁ ଆହୁରି ଅନେକ ଉନ୍ନତିମୂଳକ କାର୍ଯ୍ୟକ୍ରମ କରାଯିବାକୁ ପଦକ୍ଷେପ ନିଆଯାଇଛି ବୋଲି ବାଚସ୍ପତି କହିଥିଲେ । ବିଡ଼ିଓ ଶଶିଭୂଷଣ ମହାପାତ୍ର ବାଚସ୍ପତିଙ୍କ ସହଯୋଗରେ ଆଗାମୀ ଦିନରେ ଭଞ୍ଜନଗରକୁ ରାଜ୍ୟର ଏକ ପ୍ରମୁଖ ବ୍ଲକ ଭାବେ ଗଢ଼ିତୋଳିବା ପାଇଁ ପ୍ରଚେଷ୍ଟା ଚାଲିଛି ବୋଲି କହିଥିଲେ। ଶୁଳପାଣି ଶତପଥିଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷ ନରିସଭା ନାୟକ, ଉପାଧ୍ୟକ୍ଷା ରାଜଲକ୍ଷ୍ମୀ ପ୍ରଧାନ, ବରିଷ୍ଠ ସଙ୍ଗଠକ ବିଷ୍ଣୁ ପ୍ରଧାନ, ସରପଞ୍ଚ ଶିବରାମ ସାହୁ, ପୂର୍ବତନ ସରପଞ୍ଚ ପ୍ରତାପ ସିଂ ରାଉତ,ଏନ୍‌ଏସି ଏମ୍‌ପି ପ୍ରତିନିଧି ପଞ୍ଚାନନ ପାଳ, ସିଡ଼ିପିଓ ବିଷ୍ଣୁପ୍ରିୟା ସେଠୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ।



ବାଚସ୍ପତି ଭତ୍ତା ବଣ୍ଟନ କରୁଛନ୍ତି ।

## କନିଷ୍ଠ ଯନ୍ତ୍ରୀଙ୍କୁ ଛୁରିରେ ଆକ୍ରମଣ

**ଫୁଲବାଣୀ ଅଫିସ, ୧୬।୮**

କନ୍ଧମାଳ ଜିଲା ଫୁଲବାଣୀ ପୂର୍ତ୍ତ ବିଭାଗ କନିଷ୍ଠ ଯନ୍ତ୍ରୀଙ୍କୁ ସହରର ଜଣେ ଯୁବକ ସୋମବାର ଅପରାହ୍ନରେ ଛୁରାମାଡ଼ କରିଛନ୍ତି। ଏଥିରେ ଯନ୍ତ୍ରୀ ଜଣକ ଆହତ ହୋଇଛନ୍ତି। ତାଙ୍କର ହାତ ଓ ପେଟରେ କ୍ଷତ ସୃଷ୍ଟି ହୋଇଛି । ଯନ୍ତ୍ରୀ ଜଣକ ଏ ନେଇ ଟାଉନ ଥାନାରେ ଏତଲା ଦେଇଛନ୍ତି। ପୋଲିସ ଏହାର ତଦନ୍ତ ଆରମ୍ଭ କରିଛି। ସୂଚନା ଅନୁସାରେ, ଯନ୍ତ୍ରୀ ଜଣକ ଫୁଲବାଣୀ ସ୍ୱୟଂଶାସିତ ମହାବିଦ୍ୟାଳୟରେ ହେବାକୁ ଥିବା ଏକ ମିଟିଂରେ ଯୋଗଦେବା ପାଇଁ ବାଇକ୍‌ରେ ଯାଉଥିଲେ । ପଛପଟୁ ସମ୍ପୃକ୍ତ ଯୁବକ ଜଣକ ଏକ ଗାଡିରେ ଆସି ତାଙ୍କୁ ଅଟକାଇବା ସହ ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ପରେ ଏକ ଛୁରି କାଢ଼ି ଆକ୍ରମଣ କରିଥିଲେ । ସ୍ଥାନୀୟ କିଛି ଯୁବକ ତାଙ୍କୁ ଅଟକାଇଥିଲେ ମଧ୍ୟ ସେ ଖସି ପଳାଇଥିଲେ । କେଉଁ କାରଣକୁ ନେଇ ଯନ୍ତ୍ରୀଙ୍କୁ ଆକ୍ରମଣ ହୋଇଛି ତାହା ଜଣା ପଡିନାହିଁ।

# ରାଇକିଆ-ଦାରିଙ୍ଗିବାଡ଼ି ଯୋଗାଯୋଗ ବିଚ୍ଛିନ୍ନ

**ଧୋଇଗଲା ଅସ୍ଥାୟୀ ପୋଲ**



**ରାଇକିଆ,୧୬।୮(ଡି.ଏନ.ଏ)**

ଗତ ୩ଦିନ ଲଗାଣ ବର୍ଷାରେ କନ୍ଧମାଳ ଜିଲା ରାଇକିଆ ବ୍ଲକ ସୁଗଡବାଡି ପଞ୍ଚାୟତ ମୁରୁଡି କୁପୁଡାଠାରେ ରାଇକିଆ – ଦାରିଙ୍ଗିବାଡିକୁ ସଂଯୋଗ କରୁଥିବା ଅସ୍ଥାୟୀ ପୋଲ ଧୋଇ ହୋଇଯାଇଛି। ଫଳରେ ବାଡାବାଙ୍ଗା, ସିମନବାଡି, ଦାରୀଙ୍ଗିବାଡି, ବ୍ରାହ୍ମଣୀଗାଁ ଅଞ୍ଚଳକୁ ଯାତାୟାତ ସମ୍ପୂର୍ଣ ବନ୍ଦ ରହିଛି । ରାଇକିଆ ସହର ଉପରେ ନିର୍ଭର କରୁଥିବା ୧୦ରୁ ଊର୍ଦ୍ଧ୍ୱଗ୍ରାମବାସୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରିକି ଏହିସବୁ ଗ୍ରାମବାସୀଙ୍କ ଜୀବନ ଜୀବିକା ମଧ ପ୍ରଭାବିତ ହୋଇଛି। ପରିସ୍ଥିତି ଏପରି ଉପୁଜିଛି ଅଟୋ, ବାଇକ୍ ମଧ ଚଳାଚଳ ପାଇଁ କୌଣସି ବିକଳ୍ପ ନାହିଁ। ଏହି ରାସ୍ତାରେ ପ୍ରତ୍ୟେକ ଦିନ ପର୍ଯ୍ୟଟକଙ୍କ ଦାରିଙ୍ଗିବାଡ଼ି ଚଳ ପ୍ରଚଳ ରହୁଥିବା ବେଳେ ତାହା ମଧ ପ୍ରଭାବିତ ହୋଇଛ। ଅତି ଜରୁରୀ କାର୍ଯ୍ୟରେ ଲୋକେ ଜୀବନକୁ ବିପଦରେ ପକାଇ ପାଣିରେ ପଶି ଯାତାୟାତ କରୁଛନ୍ତି। ଏ ନେଇ ପୂର୍ତ୍ତ ବିଭାଗ ଯନ୍ତ୍ରୀ କେଦାର ନାୟକ କହିଛନ୍ତି, ଦୁଇ ଦିନ ହେଲା ରିଷ୍ଟୋରେଶନ ପାଇଁ ଉଦ୍ୟମ ଆରମ୍ଭ କରାଯାଇଥିଲେ ମଧ୍ୟ ଜଳ ସ୍ରୋତ ଅଧିକା ଥିବାରୁ କାମ କରିବା ସମ୍ଭବପର ହୋଇପାରୁନାହିଁ । ପାଣି କମିଲେ ତୁରନ୍ତ କାର୍ଯ୍ୟକ୍ଷମ କରାଯିବ । ଅନ୍ୟ ପକ୍ଷରେ ଚାରିବର୍ଷ ହେଲା ଏହି ପୋଲ ଧୋଇ ଯାଇଥିଲେ ମଧ୍ୟ ଏହାର ସ୍ଥାୟୀ ପ୍ରତିକାର କରାଯାଉନଥିବାରୁ ପ୍ରତ୍ୟେକ ବର୍ଷା ଦିନେ ଏହିପରି ପରିସ୍ଥିତି ଉପୁଜିଛି।

## କେନାଲକୁ ଟ୍ରକ୍ ଓଲଟି ୮ ଟନ୍ କୁକୁଡ଼ା ଖାଦ୍ୟ ନଷ୍ଟ

ଓଡ଼ଗାଁ, ୧୬।୮(ସ୍ୱ.ପ୍ର.):ଓଡ଼ଗାଁ ବ୍ଲକ ରହିବାଙ୍କ ଛକ ଓ ବାଣପୁରଠାରୁ ବଡ଼ପୁଟ ଛକ ପର୍ଯ୍ୟନ୍ତ ନିର୍ମାଣ ହୋଇଛି ପିଚୁ ରାସ୍ତା । କିନ୍ତୁ ଦୁଃଖର ବିଷୟ ବାଣପୁର ପଞ୍ଚାୟତର ଧବଳେଇ ଗ୍ରାମ ନିକଟସ୍ଥ କେନାଲ ଉପରେ ନିର୍ମାଣ ହୋଇଛି ଏକ ପୋଲ । ୨ ବର୍ଷ ହେଲା ଏହି ପୋଲ ନିର୍ମାଣ ହୋଇଥିଲେ ମଧ୍ୟ ରାସ୍ତା ସଂଯୋଗ ପାଇଁ ମାଟି ପଡି ନ ଥିବାରୁ କେନାଲ ଉପରେ ଡାଇଭର୍ଶନ ରାସ୍ତାରେ ବିପଦସଙ୍କୁଳ ଅବସ୍ଥାରେ ଗାଡିମୋଟର ଯାତାୟତ କରୁଛି । ଏଥିପାଇଁ ପ୍ରତିଦିନ ଛୋଟବଡ଼ ଦୁର୍ଘଟଣା ଘଟୁଛି । ସୋମବାର ସକାଳେ ଏକ ୧୬ଚକିଆ ଟ୍ରକ କେନାଲକୁ ଖସିପଡ଼ିଥିଲା । ଏଥିରେ ଥିବା ୧୦ଜଣ ଶ୍ରମିକ ଅଳ୍ପକେ ବର୍ତ୍ତି ଯାଇଛନ୍ତି । କିନ୍ତୁ ଏହି ଟ୍ରକରେ ଆନ୍ଧ୍ରରୁ ଆସିଥିବା ୧୮ଟନ କୁକୁଡ଼ା ଖାଦ୍ୟ କେନାଲ ପାଣିରେ ପଡ଼ି ନଷ୍ଟ ହୋଇଛି ।




# ମହାନଦୀ,କମେଇ ବିପଦ ସଙ୍କେତ ଟପିଲା

## ବନ୍ୟାଜଳରେ ବୁଡ଼ି ରହିଛି ଶତାଧିକ ଏକର ଚାଷଜମି

ଖଣ୍ଡପଡ଼ା,୧୬।୮(ସ୍ୱ.ପ୍ର.)

ଗତ ୪ ଦିନ ହେବ ଲଘୁଚାପ ଜନିତ ଲଗାଣ ବର୍ଷା ଓ ଉପରମୁଣ୍ଡରେ ବର୍ଷା ଫଳରେ ମହାନଦୀରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ମହାନଦୀର ବିପଦ ସଙ୍କେତ ୪୭.୯୦ ମିଟର ରହିଥିବା ବେଳେ ମଙ୍ଗଳବାର ସନ୍ଧ୍ୟା ସୁଦ୍ଧା ଜଳ ପତ୍ତନ ୪୮.୮୦ ମିଟର ରହିଛି । କମେଇ ନଦୀର ବିପଦ ସଙ୍କେତ ୪୭.୪୩ ମିଟର ଥିବା ବେଳେ ସେଠାରେ ବି ଜଳ ପତ୍ତନ ୪୮.୮୦ ମିଟର ରହିଥିବା ବିଭାଗୀୟ ଅଧିକାରୀ ସୂଚନା ଦେଇଛନ୍ତି । ଅର୍ଥାତ୍ ଏହି ୨ ନଦୀର ବନ୍ୟା ଜଳ ବିପଦ ସଙ୍କେତ ଉପରେ ପ୍ରଭାବିତ ହୋଇଛି । ମହାନଦୀର ଦକ୍ଷିଣ ପାର୍ଶ୍ୱ ଧୋବାସାହି ନିକଟରେ ଥିବା ଡ୍ରେନେଜ ସ୍ଲୁଇସ ଗେଟର ଲିକେଜ ପାଣି ଆସି ଯାତ୍ରାପଦା ତଳ ବଜାରଠାରୁ ପେଟ୍ରୋଲ ପମ୍ପ ଓ ଧୋବାସାହି ରାସ୍ତା ଉପରେ ପ୍ରବାହିତ ହେଉଛି । ଏଥି ସହିତ ପଞ୍ଚାୟତ ପଛପାର୍ଶ୍ୱ ପାହାଡ଼ରୁ ବହି ଆସୁଥିବା ବର୍ଷାଜଳ, ମାଧବଚୌଧୁରୀ ପାଟଣା, କଂସାରୀସାହି ପାଟଣା, ବାପୁଜୀନଗର ଆଦି ଅଞ୍ଚଳର ଡ୍ରେନ ପାଣି ସେହି ପାଣିରେ ମିଶି ରାସ୍ତା ଉପରେ ପ୍ରବାହିତ ହେଉଚି । ମହାନଦୀ ଓ କମେଇ ବନ୍ୟାଜଳ ଶତାଧିକ ଏକର ଚାଷ ଜମିରେ ଲହଡ଼ି ଭାଙ୍ଗୁଛି । ସଂପ୍ରତି ଘଣାଶାଳିଆ, ବାଣପୁର, ଲକ୍ଷ୍ମୀପ୍ରସାଦ, ପଥରଚକଡା ଆଦି ନଦୀକୂଳିଆ ଅଞ୍ଚଳର ଚାଷୀମାନେ ପନି ପରିବା, ମକା ଆଦି ଫସଲ କରିଥିଲେ । ତାହା ଏବେ ବନ୍ୟା ଜଳରେ ବୁଡ଼ି ରହିଛି । ସେହିପରି ସିଧାମୂଳା ସେତୁ ଠାରୁ ଗୋକୁଳାନନ୍ଦ ଜୀଉ ପୀଠକୁ ସଂଯୋଗ କରୁଥିବା ରାସ୍ତା ଉପରେ ବନ୍ୟା ଜଳ ଚାଲିଛି । ବନ୍ୟାଜଳରେ ବହୁ ଏକର ଧାନ, ଆଖୁ,ମକା, ଓ ପନି ପରିବା ଫସଲ ନଷ୍ଟ ହୋଇଥିବା ଅନୁମାନ କରାଯାଉଛି । ଏହି ବନ୍ୟାରେ କୌଣସି ବିପଦ ନ ଥିବା କଣ୍ଟିଲୋ ଜଳ ସମ୍ପଦ ବିଭାଗ ସହକାରୀ ଯନ୍ତ୍ରୀ ରାମ ମୋହନ ବେହେରା ସୂଚନା ଦେଇଛନ୍ତି । ମହାନଦୀ ଦକ୍ଷିଣ ପାର୍ଶ୍ୱ ମାଳବନ୍ଧର ସୁରକ୍ଷାକୁ ନଜରରେ ରଖି ମଙ୍ଗଳବାର ଖଣ୍ଡପଡ଼ା ତହସିଲଦାର ପାର୍ଥ ସାରଥୀ ହାଁସଦା, ନୟାଗଡ଼ ଜଳ ସମ୍ପଦ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଇଂ. ଭଗବାନ ଚନ୍ଦ୍ର ଦାସ, ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ. ପ୍ରାଣକୃଷ୍ଣ ବେହେରା ଓ ସହକାରୀ ଯନ୍ତ୍ରୀ ରାମ ମୋହନ ବେହେରା ପ୍ରମୁଖ କଣ୍ଟିଲୋରେ ରହି ବନ୍ୟା ପରିସ୍ଥିତିର ସ୍ଥିତି ଅନୁଧ୍ୟାନ କରୁଛନ୍ତି ।


ଚାଷ ଜମିରେ ବନ୍ୟାଜଳ ଲହଡ଼ି ମାରୁଛି ।

## ୩ ବ୍ଲକର ୩୩ ସ୍କୁଲ ବନ୍ଦ

### ନୟାଗଡ଼ ଜିଲାରେ ବନ୍ୟା ପରିସ୍ଥିତି

ନୟାଗଡ଼ ଅଫିସ,୧୬।୮

ଉପର ମୁଣ୍ଡରେ ଲାଗଣ ବର୍ଷା ଓ ହୀରାକୁଦ ଗେଟ୍ ଖୋଲିବା ଯୋଗୁ ନୟାଗଡ଼ ଜିଲାର ଗଣିଆ, ଖଣ୍ଡପଡ଼ା ଓ ଭାପୁର ବ୍ଲକରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି । ଏଣୁ ଜିଲାପାଳଙ୍କ ନିର୍ଦ୍ଦେଶରେ ଜିଲା ଶିକ୍ଷା ଅଧିକାରୀ ଅକ୍ରୁର ବାରିକ ଗଣିଆ, ଖଣ୍ଡପଡ଼ା ଓ ଭାପୁର ବ୍ଲକର ୩୩ ସ୍କୁଲକୁ ମଙ୍ଗଳବାର, ବୁଧ ଓ ଗୁରୁବାର ୩ ଦିନ ପାଇଁ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏନେଇ ସ୍ଥାନୀୟ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଅବଗତ କରାଯାଇଛି । ସେହି ସ୍କୁଲଗୁଡ଼ିକ ମଧ୍ୟରେ ଗଣିଆ ବ୍ଲକର ୧୨, ଖଣ୍ଡପଡ଼ା ବ୍ଲକର ୯ ଓ ଭାପୁର ବ୍ଲକର ୧୨ ସ୍କୁଲ ବନ୍ଦ ରହିଛି । ବନ୍ଦ ସ୍କୁଲ ମଧ୍ୟରେ ୨୮ ପ୍ରାଥମିକ ବିଦ୍ୟାଳୟ ଓ ୫ ହାଇସ୍କୁଲ ରହିଛି । ବନ୍ୟା ପରିସ୍ଥିତି ଯୋଗୁ ଜିଲା ପ୍ରଶାସନ ପକ୍ଷରୁ ଏପରି ପଦକ୍ଷେପ ଗ୍ରହଣ କରାଯାଇଛି । ଗୁରୁବାର ଜନ୍ମାଷ୍ଟମୀ ପାଇଁ ସ୍କୁଲ ଛୁଟି ରହିବ ବୋଲି ଜିଲା ଶିକ୍ଷା ଅଧିକାରୀ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

# ‘ସ୍ୱାଧୀନତା ସଂଗ୍ରାମରେ ନୟାଗଡ଼ର ଭୂମିକା କମ୍ ନୁହେଁ’

### ଜିଲାସ୍ତରୀୟ ସ୍ୱାଧୀନତା ଦିବସ ସମାରୋହ

ନୟାଗଡ଼ ଅଫିସ,୧୬।୮

ନୟାଗଡ଼ ପୋଲିସ ଟ୍ରେନିଂ ସ୍କୁଲ (ପିଟିଏସ୍)ପଡ଼ିଆରେ ୭୬ତମ ଜିଲାସ୍ତରୀୟ ସ୍ୱାଧୀନତା ଦିବସ ସୋମବାର ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଉଷା ଦେବୀ ଯୋଗ ଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ମନ୍ତ୍ରୀ ତାଙ୍କ ଉଦ୍‌ବୋଧନରେ ସ୍ୱାଧୀନତା ସଂଗ୍ରାମରେ ନୟାଗଡ଼ ଜିଲାର ଉଲ୍ଲେଖନୀୟ ଅବଦାନର ସ୍ମୃତିକୁ ଅବତାରଣା କରିଥିଲେ । ଜିଲାର ସ୍ୱାଧୀନତା ସଂଗ୍ରାମୀମାନଙ୍କ ଦେଶଭକ୍ତି ଓ ଆତ୍ମ ବଳିଦାନ ଦେଶକୁ ସ୍ୱାଧୀନତା ଆଣିବାରେ ସହାୟକ ହୋଇଥିଲା । ଭାରତର ସ୍ୱାଧୀନତା ଆନ୍ଦୋଳନରେ ନୟାଗଡ଼ର ଅବଦାନ କମ ନ ଥିଲା । ଯେଉଁ ସ୍ୱାଧୀନତା ସଂଗ୍ରାମୀମାନେ ଆଜି ବି ଆମ ଗହଣରେ ଅଛନ୍ତି ମନ୍ତ୍ରୀ ସେମାନଙ୍କ ସୁସ୍ଥ ଦୀର୍ଘଜୀବନ କାମନା କରିଥିଲେ । ନୟାଗଡ଼ର ମାଟି ଯେମିତି ଉର୍ବର ସେମିତି ଉଦାର । ଏ ମାଟି ହେଉଛି କଳା ସଂସ୍କୃତିର ମାଟି । ଏହି ମାଟିରେ ଜନ୍ମ ନେଇଛନ୍ତ ସାମନ୍ତ ଚନ୍ଦ୍ରଶେଖର । ଯାହାଙ୍କ ରଚିତ ସିଦ୍ଧାନ୍ତ ଦର୍ପଣ ବିଶ୍ୱବାସୀଙ୍କ ନିକଟରେ ଏକ ଅମୂଲ୍ୟ ଗ୍ରନ୍ଥ ଭାବେ ପୂଜିତ ହେଉଛି । କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ସାଧନା ପୀଠ ଏହି ମାଟିକୁ ସମୃଦ୍ଧ କରିଛି । ନୟାଗଡ଼ରେ ଜନ୍ମ ନେଇଛନ୍ତି ଉତ୍କଳର ଘଣ୍ଟ କବି ଯଦୁମଣି । ଜିଲାର ପ୍ରସିଦ୍ଧ କଣ୍ଟିଲୋର ନୀଳମାଧବ, ଶରଣକୂଳର ଲଡୁବାବା, ଓଡ଼ଗାଁର ରଘୁନାଥଜୀଉ,ଦଶପଲ୍ଲାର ମହାବୀର କ୍ଷେତ୍ର ଆଦି ଦେବାଦେବୀ ପୀଠ ଓ ସାଂସ୍କୃତିକ କ୍ଷେତ୍ର ଜିଲାକୁ ଗୌରବାନ୍ୱିତ କରିଛି ବୋଲି ମନ୍ତ୍ରୀ କହିଥିଲେ ।

୭୫ବର୍ଷର ସ୍ୱାଧୀନତା ପରେ କରୋନା ଭଳି ଏକ ମହାମାରୀ ଆମ ସମସ୍ତଙ୍କୁ କବଳିତ କରିଥିଲା । ଏହି ମହାମାରୀକୁ ନୟାଗଡ଼ ଜିଲାରୁ ହଟେଇବା ପାଇଁ ଡାକ୍ତର, ଆଶାଦିଦି, ଅଙ୍ଗନୱାଡ଼ି କର୍ମୀ, ପୋଲିସ,ସଫେଇ କର୍ମଚାରୀ ଓ ଜନପ୍ରତିନିଧିମାନଙ୍କ ଅବଦାନ ଅତୁଳନୀୟ । ଏହି ପରିପ୍ରେକ୍ଷୀରେ ଦେଖିଲେ ନୟାଗଡ଼ ଜିଲା ସ୍ୱାସ୍ଥ୍ୟ, ଶିକ୍ଷା ଓ କୃଷି କ୍ଷେତ୍ରରେ ଅଗ୍ରଗତି କରିଛି । କୃଷିର ଉନ୍ନତି ପାଇଁ ଜିଲା ପ୍ରଶାସନର ପ୍ରଚେଷ୍ଟାରୁ ଛତୁଚାଷ, ମାଛ ଚାଷ, କୁକୁଡ଼ା ଚାଷ ଓ ପରିବା ଚାଷରେ ଜିଲା ଅଗ୍ରଗତି କରିଛି । ଶିକ୍ଷାର ମାନ ବୃଦ୍ଧି ପାଇଁ ଜିଲାରେ ୫–ଟି ଅନ୍ତର୍ଗତ ୮୮ ବିଦ୍ୟାଳୟର ରୂପାନ୍ତରୀକରଣ କରାଯାଇଛି। ଜିଲାର ଉଚ୍ଚ ବିଦ୍ୟାଳୟରେ ଖାଲି ପଡ଼ିଥିବା ୨୩୮ଶିକ୍ଷକ ପଦବୀ ଚଳିତ ବର୍ଷ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ନିଯୁକ୍ତି ପତ୍ର ପ୍ରଦାନ କରାଯାଇଛି ବୋଲି ମନ୍ତ୍ରୀ କହିଥିଲେ ।

ଅନ୍ୟମାନଙ୍କ ମଧ୍ୟରେ ଜିଲାପାଳ ଡା. ପୋମ ଟୁଣ୍ଡୁ, ଏସ୍‌ପି ଅଲେଖ ଚନ୍ଦ୍ର ପହି, ଅତିରିକ୍ତ ଜିଲାପାଳ ବିଧାନ ଚନ୍ଦ୍ର ରାୟ, ଉପଜିଲାପାଳ ଲଗ୍ନଜିତ ରାଉତ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରମୁଖ ଜିଲାସ୍ତରୀୟ ସ୍ୱାଧୀନତା ଦିବସରେ ଉପସ୍ଥିତ ଥିଲେ। ମୁଖ୍ୟଅତିଥି ପରେ ବଲାଙ୍ଗୀ ବନ୍ଧକୁ ପରିଦର୍ଶନରେ ଯାଇଥିଲେ । ଭୋର ସାଢ଼େ ୪ଟାରେ ରାମଧୁନ ଗାନ କରାଯାଇଥିଲା । ପୂର୍ବାହ୍ନ ୭ ରୁ ସାଢ଼େ ୭ଟା ମଧ୍ୟରେ ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନରେ ଜାତୀୟ ପତାକା ଉତ୍ତୋଳନ କରାଯାଇଥିଲା । ପରେ ପ୍ରଶାସନ ପକ୍ଷରୁ ତ୍ରିନାଥ ଛକରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟର୍ପଣ କରାଯାଇଥିଲା ।


ମନ୍ତ୍ରୀ ଉଷା ଦେବୀ ଉଦ୍‌ବୋଧନ ଦେଉଛନ୍ତି ।

## ୫ ଦିନ ହେଲା ଜଳ ଯୋଗାଣ ବନ୍ଦ

### ଦାଉ ସାଧୁଛି ବନ୍ୟା

ଖଣ୍ଡପଡ଼ା,୧୬।୮(ସ୍ୱ.ପ୍ର.)

ବନ୍ୟା ପରିସ୍ଥିତି ଯୋଗୁ ଗତ ୫ ଦିନ ହେଲା ଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇ ପାରିନାହିଁ । ଫଳରେ ଖଣ୍ଡପଡା ବ୍ଲକ ଅଧୀନ ୧୦ ହଜାରରୁ ଉର୍ଦ୍ଧ୍ୱ ଜନସଂଖ୍ୟା ବିଶିଷ୍ଟ କଣ୍ଟିଲୋ ପଞ୍ଚାୟତବାସୀ ପାନୀୟ ଜଳ ପାଇଁ ଡ଼ହଳ ବିକଳ ହେଉଛନ୍ତି । ମହାନଦୀରେ ବନ୍ୟା ପରିସ୍ଥିତି ସୃଷ୍ଟି ହେଲେ କଣ୍ଟିଲୋକୁ ପାନୀୟ ଜଳ ଯୋଗାଣରେ ସମସ୍ୟା ସୃଷ୍ଟି କରିଥାଏ । ବନ୍ୟାରେ ଜଳ ବଢ଼ିଲେ ମହାନଦୀରେ ନିର୍ମିତ ପିଣ୍ଡି(ମୋଟର ପମ୍ପ ବସୁଥିବା ସିମେଣ୍ଟ ଚଟାଣ) ବୁଡି ଯାଏ । ଫଳରେ ମୋଟରପମ୍ପକୁ ନିରାପଦସ୍ଥାନକୁ କାଢ଼ି ନିଆଯାଏ । ଏଥିପାଇଁ ଜଳଯୋଗାଣରେ ବ୍ୟାଘାତ ସୃଷ୍ଟି ହୋଇଥାଏ । ସେଥିପାଇଁ ଗତ ୫ ଦିନ ହେବ କଣ୍ଟିଲୋ ଅଞ୍ଚଳ ଲୋକେ ପାଣି ପାଇଁ ଡହଳ ବିକଳ ହେଉଛନ୍ତି ।
















## ଜାତୀୟ ପତାକା ଉତ୍ତୋଳନକୁ ନେଇ ବିବାଦ

### ଅଧ୍ୟକ୍ଷାଙ୍କ ବଦଳରେ ଉପାଧ୍ୟକ୍ଷ ପ୍ରତାକା ଉତ୍ତୋଳନ କଲେ

ଖଣ୍ଡପଡ଼ା,୧୬।୮(ସ୍ୱ.ପ୍ର.)

ସୋମବାର ଖଣ୍ଡପଡ଼ା ଏନଏସି କାର୍ଯ୍ୟାଳୟରେ ଜାତୀୟ ପତାକା ଉତ୍ତୋଳନକୁ ନେଇ ବିବାଦ ସୃଷ୍ଟି ହୋଇଛି । ଏନଏସି ଅଧକ୍ଷା ଶ୍ରୀମତୀ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ କରିବା ପାଇଁ ନିର୍ଦ୍ଧାରିତ ହୋଇଥିଲା । ମାତ୍ର ଅଧକ୍ଷା ଏନଏସି କାର୍ଯ୍ୟାଳୟରେ ଉପସ୍ଥିତ ଥିଲେ ମଧ ଉପାଧକ୍ଷ ମିହିର କୁମାର ମିଶ୍ର ଜାତୀୟ ପତାକା ଉତ୍ତୋଳନ କରିବାକୁ ନେଇ ବିବାଦ ଆରମ୍ଭ ହୋଇଥିଲା । ଏହାକୁ କେନ୍ଦ୍ର କରି ଅଧକ୍ଷା ଓ ଉପାଧକ୍ଷଙ୍କ ଗୋଷ୍ଠୀ ମଧ୍ୟରେ ତିକ୍ତତା ବଢ଼ିଛି । ଏ ସମ୍ପର୍କରେ ଅଧକ୍ଷା ପ୍ରଧାନ କହିଛନ୍ତି, ମୁଁ ଠିକ ସମୟରେ ଏନ୍‌ଏସି କାର୍ଯ୍ୟାଳୟରେ ପହଞ୍ଚି ଥିଲେ ମଧ୍ୟ ଉପାଧକ୍ଷ ଜାତୀୟ ପତାକା ଉତ୍ତୋଳନ କରି ଦେଇଥିଲେ ବୋଲି କହିଛନ୍ତି । ଏ ସମ୍ପର୍କରେ ଉପାଧକ୍ଷ ମିଶ୍ର କହିଛନ୍ତି, ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ନୋଟିସ ଅନୁସାରେ ପୂର୍ବାହ୍ନ ୮ଟାରେ ଅଧକ୍ଷା ଜାତୀୟ ପତାକା ଉତ୍ତୋଳନ କରିବାକୁ ସମୟ ଧାର୍ଯ୍ୟ କରାଯାଇଥିଲା। ଆମେ ସକାଳ ୭.୪୦ରୁ ଜାତୀୟ ପତାକା ଉତ୍ତୋଳନ ପାଇଁ ଅଧ୍ୟକ୍ଷାଙ୍କୁ ଅପେକ୍ଷା କରିଥିଲୁ। ନିର୍ଦ୍ଧାରିତ ସମୟରେ ଅଧକ୍ଷା ନ ଆସିବାରୁ ୮ଟା ୨ ମିନିଟରେ ମୁଁ ଜାତୀୟ ପତାକା ଉତ୍ତୋଳନ କରିଥିଲି ବୋଲି ସେ କହିଛନ୍ତି । ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସଞ୍ଜୀବ କୁମାର ମହାପାତ୍ରଙ୍କ ସୂଚନା ଅନୁଯାୟୀ, ଅଧକ୍ଷା ୧ରୁ୨ ମିନଟ ବିଳମ୍ବରେ ଆସି କାର୍ଯ୍ୟାଳୟରେ ରହି ଜାତୀୟ ପତାକା ଉତ୍ତୋଳନ ପାଇଁ ଯିବା ପୂର୍ବରୁ ଉପାଧ୍ୟକ୍ଷ ମିଶ୍ର ପତାକା ଉତ୍ତୋଳନ କରି ଦେଇଥିଲେ। ସୂଚନାଯୋଗ୍ୟ, ପୌର ନିର୍ବାଚନ ପରେ ଅନୁଷ୍ଠିତ କାଉନସିଲ ପରିଷଦର ପ୍ରଥମ ବୈଠକରେ ଉପାଧକ୍ଷଙ୍କ ଗୋଷ୍ଠୀ ଅନୁପସ୍ଥିତ ରହିଥିଲେ। ଏହି କାରଣରୁ ବୈଠକ ବାତିଲ ହୋଇଥିଲା । ୨ୟ ବୈଠକର ଅବବ୍ୟହିତ ପୂର୍ବରୁ ଜାତୀୟ ପତାକା ଉତ୍ତୋଳନକୁ ନେଇ ଏହି ବିବାଦ ସୃଷ୍ଟି ହୋଇଥିବାରୁ ତାହା ଚର୍ଚ୍ଚାର ବିଷୟ ହୋଇଛି ।

## କୁସୁମୀ ନଦୀ ପାରିହେଉଥିବା ବେଳେ ଚାଷୀ ନିଖୋଜ

ନୟାଗଡ଼ ଅଫିସ,୧୬।୮

ନୟାଗଡ଼ ବ୍ଲକ ଲାଠିପଡାର କୁସୁମୀ ନଦୀ ପାର ହେଉଥିବା ସମୟରେ ନାଗପୁର ପଣ୍ଡାସାହିର ଅପର୍ତ୍ତି ବେହେରା(୭୦) ନାମକ ଜଣେ ଚାଷୀ ବନ୍ୟା ଜଳରେ ମଙ୍ଗଳବାର ଭାସି ଯାଇଛନ୍ତି । ବିଲ କାମ ସାରି ୨ଜଣ ଚାଷୀ ଘରକୁ ଫେରୁଥିବା ସମୟରେ ଏହି ଘଟଣା ଘଟିଛି । ଖବର ପାଇ ନୟାଗଡ଼ ଦମକଳ କେନ୍ଦ୍ରର କର୍ମଚାରୀ ବନ୍ୟାଜଳରେ ଖୋଜାଖୋଜି ଜାରି ରଖିଥିଲେ । ଏହି ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଅପର୍ତ୍ତିଙ୍କୁ ଉଦ୍ଧାର କରାଯାଇ ପାରିନାହିଁ ।




## ମନେ ପଡ଼ନ୍ତି

ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ଲକ୍ଷ୍ମୀପ୍ରିୟା ସୁତାର
ସ୍ୱାମୀ: ୰ନାରାୟଣ ସୁତାର
ଜଗଦଳପୁର, ପାଟକୁରା
ଆବିର୍ଭାବ: ୧୪।୧୨।୧୯୪୮
ତିରୋଧାନ: ୦୬।୦୮।୨୦୨୨
ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ।
ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ ।।
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ଆମର ବିନମ୍ର ପ୍ରାର୍ଥନା ।
–:ଶୋକସନ୍ତପ୍ତ:–
ପରିବାରବର୍ଗ ଓ ଆତ୍ମୀୟସ୍ୱଜନ ।
ଧ–୧୨୭୫

୪ର୍ଥ ଶ୍ରାଦ୍ଧବାର୍ଷିକୀ



୰ସୁବଳ ଚରଣ ବେହେରା
ନୟାଚୌକ, ମଧୁପାଟଣା, କଟକ
ଆବିର୍ଭାବ: ୨୭।୦୫।୧୯୩୫
ତିରୋଧାନ: ୦୧।୦୯।୨୦୧୮
ଚାହୁଁ ଚାହୁଁ ଚାରିବର୍ଷ ବିତିଗଲା । ତୁମର ଅନୁପସ୍ଥିତି ଆମ ସମସ୍ତଙ୍କ ନିକଟରେ ବିରାଟ ଶୂନ୍ୟତା ଭରି ଦେଇଛି । ତୁମେ ସଦାସର୍ବଦା ଆମମାନଙ୍କ ସ୍ମୃତିରେ ରହିଥିବ ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଏତିକି ପ୍ରାର୍ଥନା କରୁଛୁ ।
–:ଶୋକସନ୍ତପ୍ତ:–
ପୁଅ, ବୋହୂ, ଝିଅ, ଜ୍ୱାଇଁ ଓ ନାତି, ନାତୁଣୀ ।
ଧ–୧୨୭୧

ଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଡଃ. ବୃନ୍ଦାବନ ସେନାପତି
ତିଗିରିଆ, କଟକ
ଆବିର୍ଭାବ: ୧୬।୧୧।୧୯୫୪
ତିରୋଧାନ: ୦୮।୦୮।୨୦୨୨
ଆପଣଙ୍କ ଅନୁପସ୍ଥିତି ଆମେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ। ଆପଣଙ୍କ ତ୍ୟାଗ, ନିଷ୍ଠା, ସାଧୁତା, ଧାର୍ମିକ ଚେତନା ଏବଂ ସମସ୍ତଙ୍କ ପ୍ରତି ସ୍ନେହ ଶ୍ରଦ୍ଧାଭାବ ଆମ ପ୍ରେରଣାର ଉତ୍ସ ହେଉ। ଆଜି ଦଶାହରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହିତ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ପ୍ରସନ୍ନମଣୀଙ୍କ ନିକଟରେ ପ୍ରାର୍ଥନା।
ଆତ୍ମୀୟସ୍ୱଜନ, ପରିବାରବର୍ଗ ସହିତ ନାତି: ପୀୟୁଷ, ଝିଅ, ଜ୍ୱାଇଁ ।
ଧ–୧୨୭୪

ଦ୍ୱାଦଶାହ ଉପଲକ୍ଷେ



୰ସୁମିତ୍ରା ବିଶୋଇ
ବଡ଼ଦାଣ୍ଡସାହି, ପୁରୁଣା ଭୁବନେଶ୍ୱର
ଆବିର୍ଭାବ: ତା. ୦୮।୦୯।୧୯୪୨
ତିରୋଧାନ: ତା. ୦୬।୦୮।୨୦୨୨
ତୁମର ସ୍ନେହ, ଶ୍ରଦ୍ଧା ଓ ଦାୟିତ୍ୱବୋଧ ସବୁଦିନ ଆମକୁ ପ୍ରେରଣା ଦେଉଥିବ । ତୁମର ଶୂନ୍ୟସ୍ଥାନ ଚିରଦିନ ଅପୂରଣୀୟ ରହିବ । ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଲିଙ୍ଗରାଜ, ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ବିନମ୍ର ପ୍ରାର୍ଥନା କରୁଛୁ ।
ଶୋକସନ୍ତପ୍ତ: ପୁତ୍ର: ସନ୍ତୋଷ, ସନତ, ପୁତ୍ରବଧୂ: କୁନି, ଶାନ୍ତି, ସ୍ନେହ, ନାତି: ସୋନୁ, ଚିନୁ, ନାତୁଣୀ: ରୋମି, ପ୍ରୀତି, ନାତୁଣୀ ଜ୍ୱାଇଁ: ପିକୁନ୍, ନାତୁଣୀବୋହୂ: ସୁକନ୍ୟା ଓ ପରିବାରବର୍ଗ ।
ଧ–୪୮୭୩୦